ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ବୁଧବାର, ଜୁଲାଇ ୧୬/୨୦୨୫ (୧୪ ପୃଷ୍ଠା) Bhubaneswar, Wednesday, July 16/2025 Page 14 ₹ 7.00 | SAMBALPUR
୫୧ଶ ଭାଗ ୨୩୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 231 ମୂଲ୍ୟ ₹୭/-

## ମହାକାଶରେ ୧୮ ଦିନ

# ଫେରିଲେ ଶୁଭାଂଶୁ

**ୱାଶିଂଟନ/ନୂଆଦିଲ୍ଲୀ, ୧୫।୭**

ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ମିଳିତ ଆକ୍ସିଓମ୍-୪ ମିଶନ ଅନ୍ତର୍ଗତ ୪ ମହାକାଶଚାରୀଙ୍କୁ ଧରି ସ୍ପେସ୍‌ଏକ୍ସ'ର ଡ୍ରାଗନ ମହାକାଶଯାନ ମଙ୍ଗଳବାର ଭାରତୀୟ ସମୟ ଅପରାହ୍ନ ୩.୦୧ରେ ଦକ୍ଷିଣ କାଲିଫର୍ନିଆର ସାନ୍ ଡିଏଗୋ ଉପକୂଳରେ ସଫଳ ଜଳାବତରଣ କରିଛନ୍ତି। ପ୍ରାୟ ସାଢ଼େ ୨୨ ଘଣ୍ଟାର ଯାତ୍ରା ପରେ ଏହି ମିଶନରେ ମିଶନ ପାଇଲଟ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା, ଆମେରିକୀୟ ମହାକାଶଚାରୀ ତଥା ମିଶନ କମାଣ୍ଡର ପେଗୀ ହ୍ୱିଟ୍‌ସନ୍ ଏବଂ ଉଭୟ ମିଶନ ସ୍ପେଶାଲିଷ୍ଟ ପୋଲାଣ୍ଡର ମହାକାଶଚାରୀ ସ୍ଲାଓଜ୍ ଉଜ୍‌ନାନ୍‌ସ୍କୀ ଏବଂ ହଙ୍ଗେରୀର ମହାକାଶଚାରୀ ଟିବୋର କାପୁ ପୃଥିବୀରେ ସୁରକ୍ଷିତ ☞ପୃଷ୍ଠା-୪



# ତେଜିଲା ବିରୋଧୀ ସ୍ୱର, ୧୭ରେ 'ଓଡ଼ିଶା ବନ୍ଦ'

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ବିରୋଧୀ ଦଳଗୁଡ଼ିକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଘେରିବାରେ ଲାଗିଛନ୍ତି। ସୋମବାର ବିଳମ୍ବିତ ରାତିରେ ପୀଡ଼ିତା ଛାତ୍ରୀ ଆଖି ବୁଜି ଦେଇଥିବା ଘୋଷଣା କରାଯିବା ପରଠୁ ଏହି ପ୍ରସଙ୍ଗରେ ରାଜନୀତି ଜୋର ଧରିଛି। ସରକାରୀ ଉଦାସୀନତାର ପ୍ରତିବାଦରେ ଜୁଲାଇ ୧୭ରେ ୧୨ ଘଣ୍ଟିଆ 'ଓଡ଼ିଶା ବନ୍ଦ' ପାଇଁ କଂଗ୍ରେସ ଡାକରା ଦେଇଛି। ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଦର୍ଶାଇ କଂଗ୍ରେସ ନେତୃତ୍ୱରେ ବାମପନ୍ଥୀଙ୍କ ସମେତ ୮ ବିରୋଧୀ ଦଳ ବନ୍ଦରେ ସାମିଲ ହେବେ ବୋଲି ଘୋଷଣା କରିଛନ୍ତି। ବିଜେଡି ପକ୍ଷରୁ ବୁଧବାର ଲୋକସେବା ଭବନ ଘେରାଯିବା ସହ ବାଲେଶ୍ୱରରେ ୮ ଘଣ୍ଟିଆ ବନ୍ଦ ପାଳନ କରାଯିବ। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୀଡ଼ିତାଙ୍କ ମୃତ୍ୟୁ ଭାଜପାର ସିଷ୍ଟମ୍ ଦ୍ୱାରା କରାଯାଇଥିବା ଏକ ସଙ୍ଗଠିତ ହତ୍ୟା ରୂପେ ଅଭିହିତ କରି ପ୍ରଧାନମନ୍ତ୍ରୀଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ଏକ ବିଫଳ ବ୍ୟବସ୍ଥା ଯୋଗୁ ଛାତ୍ରୀଙ୍କ ଜୀବନ ଚାଲିଗଲା। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୀଡ଼ିତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

## ■ ଆଜି ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ

**ଭୁବନେଶ୍ୱର, ୧୫।୭**
(ସୁନିତ୍ ମିଶ୍ର/ରବିନାରାୟଣ ଜେନା)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ବିରୋଧୀ ଦଳଗୁଡ଼ିକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଘେରିବାରେ ଲାଗିଛନ୍ତି। କଲେଜର ଶିକ୍ଷା ବିଭାଗ ମୁଖ୍ୟ ତଥା ଅଧ୍ୟାପକ ସମୀର କୁମାର ସାହୁଙ୍କ ବିରୋଧରେ ପୀଡ଼ିତା ଯୌନ ନିର୍ଯାତନା ଅଭିଯୋଗ ଆଣିଥିବାବେଳେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ☞ପୃଷ୍ଠା-୪

## ଜବାବ ମାଗୁଛି ଦେଶ: ରାହୁଲ

ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'X'ରେ କହିଛନ୍ତି, ଓଡ଼ିଶାରେ ନ୍ୟାୟ ପାଇଁ ଲଢୁଥିବା ଜଣେ ଛାତ୍ରୀଙ୍କ ମୃତ୍ୟୁ ଭାଜପାରୁ ସିଷ୍ଟମ୍ ଦ୍ୱାରା କରାଯାଇଥିବା ଏକ ସଙ୍ଗଠିତ ହତ୍ୟା। ସାହସୀ ଛାତ୍ରୀ ଜଣକ ଯୌନ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। କିନ୍ତୁ ନ୍ୟାୟ ପ୍ରଦାନ ପରିବର୍ତ୍ତେ ତାଙ୍କୁ ଧମକ ଓ ନିର୍ଯାତନା ଦିଆଯାଇଥିଲା। ବାରମ୍ବାର ଅପମାନିତ କରାଯାଇଥିଲା। ଯେଉଁମାନେ ଛାତ୍ରୀଙ୍କୁ ସୁରକ୍ଷା ଦେବା ଆବଶ୍ୟକ ଥିଲା, ସେମାନେ ତାଙ୍କୁ ଭାଙ୍ଗିଚାଲିଥିଲେ। ପ୍ରତିଥର ଭଳି ଏଥର ମଧ ଭାଜପାର ସିଷ୍ଟମ୍ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେଇ ଚାଲିଥିଲା। ଏଥିଯୋଗୁ ଜଣେ ନିରୀହ ନିଜ ଶରୀରରେ ନିଆଁ ଲଗାଇବାକୁ ବାଧ ହେଲେ। ଏହା ଆତ୍ମହତ୍ୟା ନୁହେଁ, ବ୍ୟବସ୍ଥା ଦ୍ୱାରା କରାଯାଇଥିବା ସଙ୍ଗଠିତ ହତ୍ୟା ବୋଲି ରାହୁଲ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ରାହୁଲ କହିଛନ୍ତି, ଓଡ଼ିଶା ମଣିପୁର ପାଲଟିଗଲା। ଦେଶର ଝିଅମାନେ ଜଳି ଭାଙ୍ଗିପଡୁଛନ୍ତି, ଆଖି ବୁଜୁଛନ୍ତି। ଆପଣ ନୀରବ ବସିଛନ୍ତି? ଦେଶକୁ ଆପଣଙ୍କ ନୀରବତା ନୁହେଁ, ଜବାବ ଲୋଡ଼ା। ଦେଶର ଝିଅମାନଙ୍କୁ ସୁରକ୍ଷା ଓ ନ୍ୟାୟ ଲୋଡ଼ା ବୋଲି କଂଗ୍ରେସ ନେତା ରାହୁଲ କହିଛନ୍ତି।

**ଆଜିର ସମ୍ପାଦକୀୟ** ପୋଲ ନ ଭାଙ୍ଗୁ




DSPL - 174


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫

## ୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

**ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ**

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, ବ୍ୟାଙ୍କ ଶାଖା କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

**ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ**

**ପଞ୍ଜିକରଣର ଶେଷ ତାରିଖ**
**୩୧ ଜୁଲାଇ ୨୦୨୫**

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0028/2526

# ପଞ୍ଚଭୂତରେ ବିଲୀନ ହେଲେ ସୌମ୍ୟାଶ୍ରୀ

ଭୋଗରାଇ, ୧୫।୭(ପ୍ରଦୀପ ଦାସ): ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଆତ୍ମାହୁତି ଉଦ୍ୟମ କରିଥିବା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶି ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଆଖି ବୁଜିଛନ୍ତି। ତାଙ୍କ ମୃତଦେହ ମଙ୍ଗଳବାର ନିଜ ଗ୍ରାମ ଭୋଗରାଇ ପଳାସିଆ ଗ୍ରାମରେ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା ଗାଁଦାଣ୍ଡ। ଗାଁ ଶ୍ମଶାନରେ ଶୋକାକୁଳ ପରିବେଶ ମଧ୍ୟରେ ପଞ୍ଚଭୂତରେ ଲୀନ ହୋଇଛି ସୌମ୍ୟାଶ୍ରୀଙ୍କ ମରଶରୀର। ଗେହ୍ଲା ଝିଅକୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ପରିବାର, ଆତ୍ମୀୟ ସ୍ୱଜନ। ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତ ଛାତ୍ରୀଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

ସୋମବାର ବିଳମ୍ବିତ ରାତିରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ୨ୟ ବର୍ଷର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଏମ୍ସ କର୍ତ୍ତୃପକ୍ଷ ମୃତ ଘୋଷଣା କରିଥିଲେ। ଛାତ୍ରୀଙ୍କ ମୃତଦେହକୁ ପୋଲିସ, ପ୍ରଶାସନ କଡ଼ା ସୁରକ୍ଷା ମଧ୍ୟରେ ଭୁବନେଶ୍ୱରରୁ ଭୋଗରାଇ ଜନ୍ମମାଟିକୁ ଆଣିଥିଲା। ମଙ୍ଗଳବାର ସକାଳ ସାଢ଼େ ୮ଟାରେ ମରଶରୀର ଭୋଗରାଇ ଥାନା ଛକଠାରେ ପହଞ୍ଚିଥିଲା। ସେଠାରେ ବହୁ ଲୋକ, ରାଜନେତା, ଛାତ୍ରୀଛାତ୍ର, ମହିଳା ସଙ୍ଗଠନ ମୃତ ଛାତ୍ରୀଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେବା ନିମନ୍ତେ ରୁଣ୍ଡ ହୋଇଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ମୃତଦେହ ଆମ୍ବୁଲାନ୍ସରେ ଭୋଗରାଇ ଥାନା ଛକରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ନ ଅଟକିବାରୁ ବିଧାୟକ ଗୌତମବୁଦ୍ଧ ଦାସ ଏବଂ ବିଜେଡିର ଅନ୍ୟ ନେତାମାନେ ଅଟକାଇବାକୁ ଚେଷ୍ଟା କରିଥିଲେ। ପୋଲିସ ବାଧା ଦେବାରୁ ଏହି ସମୟରେ ଗାଡ଼ି ସମ୍ମୁଖ ଭାଗକୁ ବିଜେଡି ସମର୍ଥକମାନେ ଅଟକାଇବା ସହିତ ବସିପଡ଼ି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଓ ପ୍ରଶାସନ ତରବରିଆଭାବେ ସେଠାରୁ କୌଶଳକ୍ରମେ ଆମ୍ବୁଲାନ୍ସ ନେଇ ମୃତା ଛାତ୍ରୀଙ୍କ ଘର ପଳାସିଆ ଗ୍ରାମରେ ପହଞ୍ଚିଥିଲେ। ପରିବାର ଆତ୍ମୀୟସ୍ୱଜନଙ୍କ କାନ୍ଦବୋବାଳି ସମଗ୍ର ପରିବେଶକୁ ଶୋକାଭିଭୂତ କରିଥିଲା। ଭୋଗରାଇ ବିଧାୟକ ଓ ବିଜେଡି ନେତାମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ୩ ବିଧାୟକ ଓ ଭାଜପା ନେତାମାନେ ମୃତ ଛାତ୍ରୀଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଖୁବ କମ୍ ସମୟ ମଧ୍ୟରେ ଛାତ୍ରୀଙ୍କ ମରଶରୀରକୁ ଗାଁ ଶ୍ମଶାନକୁ ନିଆଯାଇଥିଲା। ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ଭାବବିହ୍ୱଳ ହୋଇ ସୌମ୍ୟାଶ୍ରୀ ଅମର ରହେ ବୋଲି ସ୍ଲୋଗାନ ଦେଇଥିଲେ। ଶ୍ମଶାନରେ ଶବକୁ କଡ଼ା ସୁରକ୍ଷା ମଧ୍ୟରେ କର୍ଡନ କରି ଜୁଇକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଛାତ୍ରୀଙ୍କ ସାନଭାଇ ମୁଖାଗ୍ନି ଦେଇଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ସହକାରୀ ଜିଲା ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାସ, ଉପଜିଲାପାଳ ସୁଧାକର ନାୟକ, ହେମନ୍ତ ସିଂ, ଡ. ମଧୁସ୍ମିତା ସାମନ୍ତରାୟ, ଭୋଗରାଇ ବିଡିଓ, ତହସିଲଦାର, ଥାନାଧିକାରୀଙ୍କ ସହ ସଦର ବିଧାୟକ ମାନସ ଦତ୍ତ, ରେମୁଣା ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, କଂଗ୍ରେସ ନେତ୍ରୀ ମୀନାରାଣୀ ସୁର, ନେତା ସନ୍ତୋଷ କୁମାର ଜେନାଙ୍କ ସହ ମହିଳା ସାଂସ୍କୃତିକ ସଙ୍ଗଠନର ନାରୀନେତ୍ରୀ, ଡିଏସ୍‌ଓ ଛାତ୍ର ସଙ୍ଗଠନର ଛାତ୍ରୀଛାତ୍ର ନେତା, ଶିକ୍ଷକ, ଅଧ୍ୟାପକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।



ଭୋଗରାଇ ପଳାସିଆ ଗ୍ରାମର ସୌମ୍ୟାଶ୍ରୀଙ୍କ ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ନିଆଯାଉଛି।

## ମୃତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୭(ସୁନିତ୍ ମିଶ୍ର)



ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଉକ୍ତ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଛନ୍ତି। ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତକରି ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନକରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ଦିବଂଗତ ଛାତ୍ରୀଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି।

## ବିଫଳ ବ୍ୟବସ୍ଥା ନେଲା ଛାତ୍ରୀଙ୍କ ଜୀବନ: ନବୀନ

ଭୁବନେଶ୍ୱର,୧୫।୭(ସୁନିତ୍ ମିଶ୍ର)



ଏମ୍ସରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଏଫ୍‌ଏମ୍ କଲେଜର ପୀଡ଼ିତା ଛାତ୍ରୀଙ୍କ ମୃତ୍ୟୁକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ଏହି ସମୟରେ ତାଙ୍କ ପରିବାରକୁ ମହାପ୍ରଭୁ ଧୈର୍ଯ୍ୟ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ନବୀନ ସରକାରଙ୍କୁ ଟାର୍ଗେଟକରି କହିଛନ୍ତି, ଏକ ବିଫଳ ବ୍ୟବସ୍ଥା କିପରି ଜଣଙ୍କ ଜୀବନ ନେଇପାରେ ସେକଥା ଅଧିକ ବିଚଳିତ କରିଛି। ସବୁଠାରୁ କଷ୍ଟଦାୟକ ହେଉଛି, ଏହା କୌଣସି ଦୁର୍ଘଟଣା ନୁହେଁ ବରଂ ଏହା ଏପରି ଏକ ବ୍ୟବସ୍ଥାର ଫଳ, ଯାହା ସାହାଯ୍ୟ କରିବା ବଦଳରେ ଚୁପ୍ ରହିଲା। ନ୍ୟାୟ ପାଇବାକୁ ଆଶାକରି ଶେଷରେ ଛାତ୍ରୀ ଜଣକ ଆଖି ବୁଜିଲେ ବୋଲି ନବୀନ କହିଛନ୍ତି।

# ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନକଲା ୟୁଜିସି

ଭୁବନେଶ୍ୱର,୧୫।୭(ସୁଚିସ୍ମିତା ସାହୁ)

ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାକୁ ଗୁରୁତ୍ୱର ସହ ନେଇଛି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)। ତଦନ୍ତ ପାଇଁ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରାଯାଇଛି। ଏନେଇ ମଙ୍ଗଳବାର ୟୁଜିସି ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ପ୍ରଫେସର ରାଜ ମିତ୍ତଲଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଅନ୍ୟ ୩ ଜଣଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଅହମ୍ମଦାବାଦସ୍ଥିତ ଗୁଜରାଟ ବିଶ୍ୱବିଦ୍ୟାଳୟ କୁଳପତି ଡ. ନୀର୍ଜା ଗୁପ୍ତା ଏବଂ ୟୁଜିସିର ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଳା ସଂଯୋଜକ ଅଧିକାରୀ ଭାବେ ରହିଛନ୍ତି। କମିଟି ସଦସ୍ୟମାନେ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରି ୭ଦିନ ଭିତରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ୟୁଜିସି ସଚିବ ସୁଦୀପ ସିଂହ ଜୈନ ଜାରି କରିଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ଯେ, ଛାତ୍ରୀମୃତ୍ୟୁ ଘଟଣାର ସ୍ଥିତି ଅନୁଧ୍ୟାନ, ଘଟଣା ପରିପ୍ରେକ୍ଷୀରେ ଅନୁଷ୍ଠାନର ନୀତି, ଅଭିଯୋଗ ନିରାକରଣ ପ୍ରଣାଳୀ, ଅଭିଯୋଗ ପରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ରହିଥିବା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିବେ। ୟୁଜିସି ନିୟମାବଳୀ (ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ଯୌନ ଶୋଷଣ ନିବାରଣ, ନିଷେଧ ଏବଂ ନିରାକରଣ) ଏବଂ ୟୁଜିସି ଦ୍ୱାରା ଜାରି ଅନ୍ୟାନ୍ୟ ମାର୍ଗଦର୍ଶିକା ଅନୁପାଳନ ସ୍ଥିତିକୁ ମଧ୍ୟ କମିଟି ଯାଞ୍ଚ କରିବ। ନିୟମାବଳୀର ଧାରା ୩ ଅନୁଯାୟୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଦାୟିତ୍ୱ ପାଳନ ସମ୍ପର୍କରେ ଅନୁସନ୍ଧାନ କରାଯିବ। ଅନୁଷ୍ଠାନ ଦ୍ୱାରା ମହିଳା ଛାତ୍ରୀଙ୍କ ସୁରକ୍ଷା ଓ କଲ୍ୟାଣ ନୀତି ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକର ପ୍ରକୃତ କାର୍ଯ୍ୟକାରିତା ଯାଞ୍ଚ କରାଯିବ।


ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ମଙ୍ଗଳବାର ମୃତଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ବିଭିନ୍ନ ସଂଗଠନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

# ବିଦ୍ୟାର୍ଥୀଙ୍କ ଅଭିଯୋଗକୁ ଅଗ୍ରପ୍ରାଧାନ୍ୟ ଦିଆଯାଉ

**ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବି.ଏଡ୍‌ର ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ରାଜ୍ୟ ତଥା ଦେଶରେ ଚହଳ ପକାଇଛି। ଅଧ୍ୟାପକଙ୍କ ବିରୋଧରେ ଆଣିଥିବା ଅଭିଯୋଗ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଣଦେଖା ହେବା ପରେ ସେ ନ୍ୟାୟ ପାଇବା ପାଇଁ ପୋଲିସଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ସୋସିଆଲ ମିଡିଆରେ ଜଣାଇଥିଲେ। ସବୁଥିରୁ ବଞ୍ଚିତ ହେବା ପରେ ସେ ଆତ୍ମାହୁତି ଦେଇଥିଲେ ଓ ୧୪ ଜୁଲାଇରେ ତାଙ୍କର ଭୁବନେଶ୍ୱର ଏମ୍ସରେ ମୃତ୍ୟୁ ଘଟିଯାଇଛି। ଏହି ସାମଗ୍ରିକ ଘଟଣା ପରେ ରାଜ୍ୟର ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟ ଓ ଛାତ୍ର ନେତାମାନଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ସେମାନେ କହନ୍ତି..**

### ଉଚ୍ଚସ୍ତରୀୟ ତଦନ୍ତ କରାଯାଉ



" ବାଲେଶ୍ୱର ଏଫ୍‌ଏମ୍ କଲେଜ ପୀଡ଼ିତାଙ୍କ ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦ। ତାଙ୍କ ଭଳି ପ୍ରତିଟି କଲେଜ ଓ ବିଶ୍ୱବିଦ୍ୟାଳୟରେ କେତେକ ଛାତ୍ରୀଛାତ୍ର ନିର୍ଯାତିତ ହେଉଛନ୍ତି। ସରକାର ଏଭଳି ଅଧ୍ୟାପକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସେମାନେ ବିଦ୍ୟାର୍ଥୀଙ୍କ ଜୀବନ ସହ ଖେଳିବାକୁ ସାହସ କରୁଛନ୍ତି। ତେଣୁ ବାଲେଶ୍ୱର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଘଟଣାରେ ସାମିଲ ଥିବା ସମସ୍ତଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଅଭିଯୁକ୍ତଙ୍କୁ ଚାକିରିରୁ ବହିଷ୍କାର କରାଯାଉ।

-ଅରୂପ କୁମାର ରାୟ, ଛାତ୍ର, ବିଜେବି କଲେଜ, ଭୁବନେଶ୍ୱର

### ଦୋଷୀ ଦଣ୍ଡ ନ ପାଇଲେ ଏଭଳି ଘଟଣା ବଢ଼ିବ



" ଏଫ୍‌ଏମ୍ କଲେଜର ନିର୍ଯାତିତା ଛାତ୍ରୀଙ୍କ ଗୁହାରି କେହି ଶୁଣି ନ ଥିଲେ। ପ୍ରିନ୍ସିପାଲ, କଲେଜ କମିଟି ସଦସ୍ୟଙ୍କଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ବିଭାଗ, ନେତା, ମନ୍ତ୍ରୀ ଓ ପୋଲିସ ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ଦେଇପାରିଲେ ନାହିଁ। ସରକାର ପ୍ରକୃତ ଦୋଷୀକୁ ଉଚିତ ଦଣ୍ଡ ନ ଦେଲେ ଏମିତି ଘଟଣା ଆଗକୁ ବଢ଼ିଚାଲିବ। କଲେଜରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଉ। ଅଧ୍ୟାପକ, ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉ।

-ପୂର୍ଣ୍ଣିମା ସାହୁ , ଛାତ୍ରୀ, ଏକାମ୍ର କଲେଜ, ଭୁବନେଶ୍ୱର

### ବିଦ୍ୟାର୍ଥୀଙ୍କ ଅଭିଯୋଗକୁ ଅଣଦେଖା କରା ନ ଯାଉ



" ଯୁବପିଢ଼ିଙ୍କୁ ଦୃଢ଼ ମାନସିକତାର ଆବଶ୍ୟକ ରହିଛି। କାହା କଥାରେ ପ୍ରେରିତ ହୋଇ ଭୁଲ୍ ନିଷ୍ପତ୍ତି ନେବା ପୂର୍ବରୁ ନିଜ ପରିବାର ଏବଂ ସ୍ୱପ୍ନ କଥା ଭାବିବା ଦରକାର। ସେହିପରି ବିଦ୍ୟାର୍ଥୀମାନେ କରୁଥିବା ଅଭିଯୋଗକୁ ଅଣଦେଖା ନ କରି ତୁରନ୍ତ ସମାଧାନ କରିବାକୁ କଲେଜ ଓ ବିଶ୍ୱବିଦ୍ୟାଳୟର ଇଣ୍ଟରନାଲ କମିଟି ସଦସ୍ୟମାନେ ତତ୍ପରତା ଦେଖାଇବା ଉଚିତ। ଛାତ୍ରୀଙ୍କ ସହ ଅମାନୁଷିକ ଘଟଣା ଘଟାଉଥିବା ଗୁରୁଙ୍କ ଉପରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

-ଶାଶ୍ୱତୀ ପ୍ରିୟଦର୍ଶିନୀ, ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

### ମୃତ୍ୟୁ ଖବର ମର୍ମାହତ କରିଛି, ପୁନରାବୃତ୍ତି ନ ହେଉ



" ଏଫ୍‌ଏମ୍ କଲେଜର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଖବର ଆମ ସମସ୍ତଙ୍କୁ ବହୁତ ମର୍ମାହତ କରିଛି। ଏଥିପାଇଁ ଦାୟୀ କଲେଜ ଅଧ୍ୟକ୍ଷ, ବିଭାଗୀୟ ଏଚ୍‌ଓଡି, ଆଇସିସି କମିଟି ସଦସ୍ୟଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସୌମ୍ୟାଶ୍ରୀଙ୍କୁ ଯେପରି ନ୍ୟାୟ ମିଳିବ ସେଥିପାଇଁ ରାଜ୍ୟ ସରକାର ଧ୍ୟାନ ଦିଅନ୍ତୁ। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହେବ, ସେଥିପାଇଁ କଠୋର ପଦକ୍ଷେପ ନିଆଯିବା ଦରକାର।

-ବିଶ୍ୱଜିତ ସାହୁ, ଛାତ୍ର, ବିଜେବି କଲେଜ, ଭୁବନେଶ୍ୱର

### ପ୍ରତି ମାସରେ ଇଣ୍ଟରନାଲ କମିଟି ବୈଠକ ବସୁ



" ବିଭିନ୍ନ କାରଣରୁ ବିଦ୍ୟାର୍ଥୀମାନେ ଶିକ୍ଷାନୁଷ୍ଠାନଗୁଡିକରେ ଶାରୀରିକ ଓ ମାନସିକ ନିର୍ଯାତନାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ସୁରକ୍ଷା ଓ ଅଭିଯୋଗ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉ। ଯେମିତି ଜଣେ ଛାତ୍ରୀ ହେଉ କି ଛାତ୍ର ନିର୍ଭୟରେ ଘଟଣା ସମ୍ପର୍କରେ ଅଧିକାରୀଙ୍କ ସହିତ ଆଲୋଚନା କରିପାରିବେ। ବାଲେଶ୍ୱର ଘଟଣାରେ ସମସ୍ତ ଅପରାଧୀଙ୍କୁ ଦଣ୍ଡ ପ୍ରଦାନ କରାଯାଉ। ଶିକ୍ଷାନୁଷ୍ଠାନରେ ପ୍ରତିମାସରେ ଇଣ୍ଟନାଲ କମିଟି ବୈଠକ ବସି ବିଦ୍ୟାର୍ଥୀଙ୍କ ସମସ୍ୟାକୁ ସମାଧାନ କରାଯାଉ।

-ବର୍ଷାରାଣୀ ସାହୁ, ଛାତ୍ରୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

### ଦୋଷୀଙ୍କୁ କଠୋର ଦଣ୍ଡ ମିଳିବା ଦରକାର



" ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ଅତ୍ୟନ୍ତ ହୃଦୟ ବିଦାରକ। ଏଭଳି ଘଟଣା ଆଉ କେଉଁଠି ନ ଘଟୁ। ଛାତ୍ରୀ କିମ୍ବା ଛାତ୍ରଙ୍କଠାରୁ ଆସୁଥିବା ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ନେଇ ଶିକ୍ଷାନୁଷ୍ଠାନ ପକ୍ଷରୁ ଏହାର ତ୍ୱରିତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଏଥିସହ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଦୋଷୀଙ୍କୁ କୋଠର ଦଣ୍ଡ ପ୍ରଦାନ କରାଯାଉ।

-ରିତିକା ବେହେରା, ଯୁକ୍ତ ୩ ଛାତ୍ରୀ ଅନୁଗୋଳ କଲେଜ

### ଅଧ୍ୟକ୍ଷ, ଏଚ୍‌ଓଡିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ



" ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ବଡ଼ ଦୁଃଖଦ ଘଟଣା। ସମସ୍ତଙ୍କ ନିକଟରେ ଅଭିଯୋଗ କରି ସେ ନିଜର ସାହସ ଦେଖାଇଥିଲେ। ଏତେ ସାହସ ଦେଖାଇବା ପରେ ପଦକ୍ଷେପ ନିଆ ନ ଯିବାରୁ ସେ ନିଜକୁ ଜାଳିଦେଲେ। ନିଜ ଭବିଷ୍ୟତକୁ ନେଇ ଛାତ୍ରୀ ଜଣକ ଦେଖିଥିବା ସ୍ୱପ୍ନ ଅଧ୍ୟାପକଙ୍କ ନିର୍ଯାତନା ନିଆଁରେ ଜଳିପୋଡ଼ି ପାଉଁଶ ହୋଇଗଲା।

-ଲଭ୍‌ଲି ମହାପାତ୍ର,
ସାଇକୋଲୋଜି ବିଭାଗର ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀ, ଭଦ୍ରକ କଲେଜ

### ଅଭିଯୋଗକୁ ଗୁରୁତ୍ୱ ଦେଇଥିଲେ ମୂଲ୍ୟବାନ ଜୀବନ ବଞ୍ଚିଯାଇଥାନ୍ତା



" ଜଣେ ଛାତ୍ରୀଙ୍କୁ କଲେଜ ଅଧ୍ୟକ୍ଷ, ଇଣ୍ଟରନାଲ କମିଟିଠାରୁ ଆରମ୍ଭ କରି ଏସ୍‌ପି, ବିଧାୟକ, ଏମ୍‌ପି, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ କେହି ଜଣେ ନ୍ୟାୟ ଦେଇପାରିଲେ ନାହିଁ। ଶେଷରେ ନିରାଶ ହୋଇ ସମସ୍ତଙ୍କଠାରୁ ଭରସା ତୁଟିବା ପରେ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ ହେଲେ। ଏବେ ଯେଉଁମାନେ ସମବେଦନା ଜଣାଉଛନ୍ତି, ସେତେବେଳେ ଅଭିଯୋଗକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେଇଥିଲେ ଆଜି ଗୋଟିଏ ମୂଲ୍ୟବାନ ଜୀବନ ବଞ୍ଚି ଯାଇଥାନ୍ତା। ତେବେ କଲେଜ ଭିତରକୁ ପେଟ୍ରୋଲ ଓ ଦିଆସିଲି କେମିତି ଗଲା, ତାହାର ତଦନ୍ତ ଆବଶ୍ୟକ। ସମ୍ପୂର୍ଣ୍ଣ ଘଟଣାରେ ସମସ୍ତ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ। ଭବିଷ୍ୟତରେ କୌଣସି ଛାତ୍ରୀଙ୍କ ସହ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପ୍ରଶାସନ ଓ ସରକାର ସଜାଗ ରୁହନ୍ତୁ।

-ଚିନ୍ମୟ କୁମାର ଦାସ, ଛାତ୍ର ବିଜେଡିର ରାଜ୍ୟ ବରିଷ୍ଠ ଉପସଭାପତି, ଭଦ୍ରକ

### ସହାୟତା ଆଳରେ ଘଟଣାକୁ ଦବାଇବାକୁ ଉଦ୍ୟମ କରାଯାଉଛି



" ଏଫ୍‌ଏମ୍ କଲେଜର ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। କଲେଜ କର୍ତ୍ତୃପକ୍ଷ, ଲୋକ ପ୍ରତିନିଧି, ମନ୍ତ୍ରୀ, ପୋଲିସ ଓ ଜିଲା ପ୍ରଶାସନ କେହି ନ ଶୁଣିବାରୁ ଛାତ୍ରୀ ଜଣଙ୍କ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ ହେଲେ। କେହି ଶୁଣିଥିଲେ ଏଭଳି ଅଘଟଣ ଘଟି ନ ଥାନ୍ତା। ଏବେ ସରକାର ସହାୟତା ଆଳରେ ସମବେଦନା ଦେଖାଇ ଘଟଣାକୁ ଦବାଇବାକୁ ଉଦ୍ୟମ କରୁଛନ୍ତି।

ଅଚ୍ୟୁତାନନ୍ଦ ବେହେରା, ଛାତ୍ର କଂଗ୍ରେସ ନେତା,କେନ୍ଦୁଝର

### ସରକାର ଛାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ



" ଆତ୍ମହତ୍ୟା ପୂର୍ବରୁ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ। ଦୋଷୀଙ୍କୁ ନିଲମ୍ବନ ନୁହେଁ, ବହିଷ୍କାର କରିବା ଉଚିତ। ଭାଜପା ସରକାର ଛାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ। ପରେ ବେଟି ପଢ଼ାଓ-ବେଟି ବଞ୍ଚାଓ ସ୍ଲୋଗାନ ଦିଅନ୍ତୁ।

- ଯତୀନ ବାନରା, ଛାତ୍ର ନେତା, ଏଆଇଡିଏସ୍‌ଓ, ବାରିପଦା, ମୟୂରଭଞ୍ଜ

### ସରକାର ଓ ବିରୋଧୀଙ୍କ ଭୂମିକା ଶୂନ



" ପ୍ରତି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏଭଳି ସମସ୍ୟା ରହିଛି। ହେଲେ କିଛି ଘଟଣା ସାମ୍ନାକୁ ଆସୁଛି ତ କିଛି ଚାପି ଦିଆଯାଉଛି। ଫଳରେ ଛାତ୍ରୀଛାତ୍ରମାନେ ମରଣ ମୁହଁକୁ ଯାଉଛନ୍ତି। ସରକାର ଓ ବିରୋଧୀ ଦଳ ଏ ଦିଗରେ କେବେ ଗୁରୁତ୍ୱ ଦେଇ ନାହାନ୍ତି। ଉଭୟଙ୍କ ଭୂମିକା ଶୂନ ରହିଛି। ଏଭଳି ଘଟଣା ବଖାଣୁଛି ଯେ ପ୍ରତିଟି ମହାବିଦ୍ୟାଳୟରେ ଛାତ୍ର ସଂଘ ରହିବ, ଯଦ୍ୱାରା ସମସ୍ତଙ୍କ ମନରେ ଭୟ ରହିବ।

ଡା. ଚିନ୍ମୟ ପ୍ରଧାନ, ସଭାପତି, ଜୁନିୟର ଡାକ୍ତର ସଂଘ, ଏସ୍‌ସିବି

### ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ



" ଏଭଳି ଘଟଣା ରାଜ୍ୟରେ ପ୍ରଥମ ନୁହେଁ। ସୌମ୍ୟାଶ୍ରୀ ଘଟଣା ଅଧିକ ଚର୍ଚ୍ଚାକୁ ଆସିଛି, ହେଲେ ବହୁ କିଛି ସମସ୍ୟା ପ୍ରତିଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ରହିଛି। ଜଣେ ଛାତ୍ରୀ ନିଜ ସମସ୍ୟା ସମାଧାନ ପାଇଁ ସହାୟତା ମାଗିଥିଲେ, ହେଲେ ଏହାକୁ କେହି ବି ଗୁରୁତ୍ୱର ସହ ଗ୍ରହଣ କରି ନ ଥିଲେ, ବରଂ ସେ ଆତ୍ମାହୁତି ଦେବା ପରେ ସରକାର ନିଜକୁ କ୍ଲିନ୍ ଚିଟ୍ ଦେବା ପାଇଁ ଲୋକଦେଖାଣିଆ ଭାବେ ଘଟଣାକୁ ଗୁରୁତ୍ୱ ଦେଉଛନ୍ତି; ଯାହାକି ସମ୍ପୂର୍ଣ୍ଣ ନିନ୍ଦନୀୟ। ସରକାର ଏଭଳି ପଦକ୍ଷେପ ନିଅନ୍ତୁ, ଯେପରି ଦ୍ୱିତୀୟ ସୌମ୍ୟାଶ୍ରୀ ଏଭଳି ସ୍ଥିତିରେ ଶୀକାର ନ ହେବେ।

- ଶ୍ରେୟା ଦାସ, ଯୁକ୍ତ ୩ କଳା, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

### ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ ଚିହ୍ନଟ କରନ୍ତୁ



" ସାମାନ୍ୟତମ ଅବହେଳାରୁ ଚାଲିଗଲା ଛାତ୍ରୀ ସୌମ୍ୟାଶ୍ରୀଙ୍କ ଜୀବନ। ତାଙ୍କ ଅଭିଯୋଗକୁ ଯଦି ଗୁରୁତ୍ୱର ସହିତ ଗ୍ରହଣ କରାଯାଇଥାନ୍ତା. ତାହାହେଲେ ଆଜି ସେ ଆମ ଗହଣରେ ଥା'ନ୍ତେ। ବେଳେ ବେଳେ ଏଭଳି କିଛି ଘଟଣା ହାଲୁକା ଭାବେ ଗ୍ରହଣ କରିବା ଫଳରେ ବଡ଼ବଡ଼ ଘଟଣା ଘଟିଯାଉଛି। ଏହି ଅଘଟଣକୁ ନେଇ ସରକାର ଶାସନ କଡ଼ାକଡ଼ି କରିବା ସହିତ ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ନ ଘଟିବା ପାଇଁ ସଚେତନ ରହିବାର ଆବଶ୍ୟକତା ରହିଛି। ଏଥିସହିତ କଲେଜଗୁଡ଼ିକରେ ଥିବା ତଦନ୍ତ କମିଟି ସବୁକ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ ନ କରି ନିରପେକ୍ଷ ତଦନ୍ତ କରି ଉପଯୁକ୍ତ ଦୋଷୀଙ୍କୁ ଚିହ୍ନଟ କରନ୍ତୁ।

-ଭରତ ଚନ୍ଦ୍ର ସାହୁ, ବିଜୁ ଛାତ୍ର ଜନତା ଦଳ ସଭାପତି, ଚୌଦ୍ୱାର-କଟକ

### କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରାଯାଉ



" ନିଜ ଉପରେ ହେଉଥିବା ଅତ୍ୟାଚାର ବିଷୟରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଶିକ୍ଷାମନ୍ତ୍ରୀଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଥିଲେ। ଏବିଭିପି ଛାତ୍ର ସଙ୍ଗଠନର ସଦସ୍ୟା ଥାଇ ମଧ ତାଙ୍କୁ ନ୍ୟାୟ ମିଳିପାରିନାହିଁ। ଏଭଳି ପରିସ୍ଥିତିରେ କ୍ୟାମ୍ପସରେ ଛାତ୍ରୀଛାତ୍ରମାନେ ଅସୁରକ୍ଷିତ ମନେକରିବା ସ୍ୱାଭାବିକ। ସରକାର ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ କିପରି ଆସିହୋଇପାରିବ, ସେ ଦିଗରେ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରନ୍ତୁ।

-ସୁପ୍ରିୟା ପଣ୍ଡା, +୩ ତୃତୀୟ ବର୍ଷ, ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର

### କ୍ୟାମ୍ପସ୍‌ରେ ଛାତ୍ରୀଙ୍କୁ ସୁରକ୍ଷା ମିଳୁ



" ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା ରାଜ୍ୟକୁ ଦୋହଲାଇ ଦେଇଛି। ଏହା ଛାତ୍ରୀଛାତ୍ରଙ୍କ ମହଲରେ ଗଭୀର କ୍ଷୋଭ ଭରିଦେଇଛି। କଲେଜ କ୍ୟାମ୍ପସ୍‌ରେ ଛାତ୍ରୀଙ୍କୁ ସୁରକ୍ଷା ଯୋଗାଇବାରେ କିଭଳି ସାଂଘାତିକ ତ୍ରୁଟି ହୋଇଛି ଏହା ପଦାରେ ପଡ଼ିଛି। ଏହି ଘଟଣାର ସମସ୍ତ ଅଭିଯୁକ୍ତ ଓ ଅବହେଳାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛୁ।

-ଚିନ୍ମୟ ବେହେରା, ଜିଲା ଛାତ୍ର କଂଗ୍ରେସ ସଭାପତି, ବଲାଙ୍ଗୀର

# ଭାରତୀୟ ମୂଲ୍ୟବୋଧକୁ ଦୀକ୍ଷା ଭାବେ ଗ୍ରହଣ କର: ରାଷ୍ଟ୍ରପତି

## ରେଭେନ୍ସା ବିଶ୍ୱବିଦ୍ୟାଳୟ ତ୍ରୟୋଦଶ ସମାବର୍ତ୍ତନ ସମାରୋହ

**କଟକ,୧୫।୭(କାର୍ତ୍ତିକ ସାହୁ)**

ସମାବର୍ତ୍ତନ ଉତ୍ସବ ଏକ ପ୍ରାଚୀନ ପରମ୍ପରା। ଶିକ୍ଷା, ଦୀକ୍ଷା ଶେଷରେ ଗୁରୁମାନେ ବିଦ୍ୟାର୍ଥୀମାନଙ୍କ ଉପଦେଶ ଦେଇ କହୁଥିଲେ, ସତ୍ୟ ପ୍ରତି ନିଷ୍ଠା ରଖ। କର୍ତ୍ତବ୍ୟ ପାଳନ କର। ସେମାନଙ୍କ ଉପଦେଶର ମର୍ମ ଥିଲା, ବିଦ୍ୟାର୍ଥୀମାନେ ନିଜେ ବଢ଼ନ୍ତୁ, ତା ସହ ସମାଜକୁ ଗଢ଼ନ୍ତୁ, ଦେଶର ସେବା କରନ୍ତୁ। ତୁମେ ଏହି ଭାରତୀୟ ମୂଲ୍ୟବୋଧକୁ ଜୀବନର ଦୀକ୍ଷା ଭାବେ ଗ୍ରହଣ କର ବୋଲି ବିଦ୍ୟାର୍ଥୀମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ମଙ୍ଗଳବାର ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁର୍ମୁ କହିଲେ, ଆସ୍ଥା, ବିଶ୍ୱାସ, ସ୍ନେହ ଓ ସଂପ୍ରୀତି ବଳରେ ଶିଳା ଶାଳଗ୍ରାମ ପାଲଟିଯାଏ। ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ଶାଳଗ୍ରାମ ପାଲଟି ଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଟା, ପଥରରେ ଗଢ଼ା ଏକ ନିର୍ଜୀବ ଇମାରତ ନୁହେଁ, ଏହା ଓଡ଼ିଶାର ଜୀବନ୍ତ ଇତିହାସ। ଏହାର ପ୍ରାଣସ୍ପନ୍ଦନ ଅଛି। ଏହା କେବଳ ଇତିହାସର ମୂକସାକ୍ଷୀ ନୁହେଁ, ଓଡ଼ିଶା ଓ ଭାରତ ଇତିହାସର ସକ୍ରିୟ ଅଂଶୀଦାର ମଧ୍ୟ। ଏହି ମହାନ୍ ଶିକ୍ଷାନୁଷ୍ଠାନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଆନ୍ଦୋଳନ ଓ ସ୍ୱାଧୀନତା ସହ ଓତପ୍ରୋତ ଭାବେ ଜଡ଼ିତ। ଶିକ୍ଷା ବିକାଶ ଓ ନାରୀ ଜାଗୃତିର ପ୍ରମୁଖ କେନ୍ଦ୍ର ହୋଇ ରହିଆସିଛି।




ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୈଜ୍ଞାନିକ ଡ. ଅଜିତ କୁମାର ମହାନ୍ତିଙ୍କୁ ଡି.ଲିଟ୍. ଉପାଧି ପ୍ରଦାନ କରୁଛନ୍ତି। ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଅଛନ୍ତି।

ଅନେକ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ, ଦାର୍ଶନିକ, ନେତା, ସମାଜ ସଂସ୍କାରକ, ପ୍ରଶାସକ, ବୈଜ୍ଞାନିକ, କଳାକାର ଏଠାରେ ଅଧ୍ୟୟନ କରି ଦେଶବିଦେଶରେ ଖ୍ୟାତି ଅର୍ଜନ କରିଛନ୍ତି ଏବଂ ଦେଶର ଟେକ ରଖିଛନ୍ତି। ଏ ମାଟିର ପୁଅ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ରେଭେନ୍ସା କଲେଜରୁ ଆସି ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ସ୍ୱାଧୀନତା ସଂଗ୍ରାମ ସହ ଯୋଡ଼ିଥିଲେ। ଭାରତ ଛାଡ଼ ଆନ୍ଦୋଳନରେ ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ବ୍ରିଟିଶ ସରକାରଙ୍କ ୟୁନିୟନ ଜ୍ୟାକ ଅବନତ କରିଥିଲେ। ଏଣୁ ଏହି ଐତିହାସିକ ଅନୁଷ୍ଠାନର ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ପୁରାତନ ଅଧ୍ୟାପିକା, ଅଧ୍ୟାପକବୃନ୍ଦ ନିଶ୍ଚିତ ଭାବରେ ସୌଭାଗ୍ୟଶାଳୀ। ଛାତ୍ରୀଛାତ୍ରଗଣ ଆଜିଠାରୁ ତୁମ ଜୀବନର ମୋଡ଼ ବଦଳିବାକୁ ଯାଉଛି। ତୁମେ ଏ ବିଶ୍ୱବିଦ୍ୟାଳୟରୁ ବାହାରି ଜୀବନ ଓ ସମାଜ ନାମକ ଆହୁରି ବିଶାଳ ବିଶ୍ୱବିଦ୍ୟାଳୟରେ ପାଦ ଦେବ। ତୁମର ପରିଶ୍ରମ, ଅଧ୍ୟାପିକା, ଅଧ୍ୟାପକମାନଙ୍କ ମାର୍ଗଦର୍ଶନ ଏବଂ ମାତାପିତାଙ୍କ ଆଶୀର୍ବାଦ ବଳରେ ତୁମେ ଡିଗ୍ରୀଲାଭ କରିଛ। ତୁମେ ଜୀବନରେ ଯାହା ବି ହୁଅ, ଚାକିରି କରିବା ଅପେକ୍ଷା ଚାକିରି ଦେବା ଆହୁରି ବଡ଼ କଥା। ତୁମେ ଚାହିଁଲେ ଶିଳ୍ପୋଦ୍ୟୋଗୀ ହୋଇପାରିବ। ମଧୁବାବୁ ୧୨୦ ବର୍ଷ ତଳେ ଉତ୍କଳ ଟେନେରୀ ପ୍ରତିଷ୍ଠା କରିଥିଲେ। ଶିଳ୍ପ ଜଗତରେ ପ୍ରବେଶ କରିବା ଉଦ୍ୟମ କର। ଉଦ୍‌ଯୋଗୀ ଲୋକ ପାଖକୁ ସଫଳତା ଆପେ ଆପେ ଆସେ।

ସେହିପରି ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟରେ କହିଲେ, ରେଭେନ୍ସା ଏକ ପୁରୁଣା ଶିକ୍ଷାନୁଷ୍ଠାନ, ମାତ୍ର ପୁରୁଣାକାଳିଆ ନୁହେଁ। ଏହା ନିତ୍ୟ ନୂତନ ଶିକ୍ଷାନୁଷ୍ଠାନ। ରେଭେନ୍ସା ବିଶ୍ୱବିଦ୍ୟାଳୟ ସମୟ ସହ ତାଳଦେଇ ଚାଲୁଛି ଜାଣି ଖୁସି ହେଲି। ଆଜିର ସମୟ ପ୍ରଯୁକ୍ତିବିଦ୍ୟାର ସମୟ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଥ୍ରୀଡି ପ୍ରିଣ୍ଟିଂ, କ୍ଲାଉଡ୍ କମ୍ପ୍ୟୁଟିଂ ଆଦି ମଣିଷର ଚିନ୍ତାଚେତନାକୁ ବଦଳାଇ ଦେଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଏସବୁର ବ୍ୟାପକ ଉପଯୋଗ କରୁଛି। ଆହୁରି ବ୍ୟାପକ କରିବ ବୋଲି ଆଶା ପୋଷଣ କରୁଛି। ତେବେ ଏସବୁ ଅତ୍ୟାଧୁନିକ ଜ୍ଞାନ କୌଶଳର ଦୁରୁପଯୋଗ ପ୍ରତି ସତର୍କ ରହିବା ଉଚିତ। ଭାରତକୁ ସୁପର ପାୱାରରେ ପରିଣତ କରିବା ଆମର ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଉଚ୍ଚଶିକ୍ଷା ସଂସ୍ଥାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତ ବିଶ୍ୱର ଜ୍ଞାନକେନ୍ଦ୍ର ଥିଲା। ଭାରତର ଆଚାର୍ଯ୍ୟାମାନେ ଦେଶବିଦେଶରେ ଆଦର ଲାଭ କରୁଥିଲେ। ଗଣିତ, ଜ୍ୟୋତିର୍ବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଆୟୁର୍ବେଦ ଓ ଭେଷଜ ବିଜ୍ଞାନ ଆଦି ଅନେକ କ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଥିଲା। ଆମର ସେହି ସମୃଦ୍ଧ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ପ୍ରତିପାଦନ କରିବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ୍।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ବିଦ୍ୟାର୍ଥୀମାନେ ଚାକିରି ଦେବାର ସୃଜନ କରିବା ଦରକାର। ରେଭେନ୍ସା ଯାହା ଆଜି ଭାବେ ଓଡ଼ିଶା ୧୫ ଦିନ ପରେ ଭାବେ ତାହା ସତ ପ୍ରମାଣିତ କରିବାକୁ ପଡ଼ିବ। ୨୧ତମ ନିଉ ଗ୍ଲୋବାଲ ଆହ୍ୱାନକୁ ଆମ ଅଞ୍ଚଳରେ ବାନ୍ଧି ରଖିବାର ପ୍ରୟୋଗଶାଳା ରେଭେନ୍ସା ହେଉ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ, ମଣିଷଗଢ଼ା ମହତ କାର୍ଯ୍ୟ ପାଇଁ ରେଭେନନ୍ସା ବିଶ୍ୱବିଦ୍ୟାଳୟ ଖ୍ୟାତି ଅର୍ଜନ କରିଛି। ଭାରତର ପ୍ରାଚୀନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ସମସାମୟିକ ହେଉଛି ରେଭେନ୍ସା। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସବୁବେଳେ ଓଡ଼ିଆମାନଙ୍କ ପାଇଁ ରେଭେନ୍ସାର ଅବଦାନ ଅତୁଳନୀୟ।

ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, ଡ. ହରେକୃଷ୍ଣ ମହତାବ, ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ଓଡ଼ିଶାର ତମାମ ବରପୁତ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ପାଠ ପଢ଼ିଛନ୍ତି। ଭିତ୍ତିଭୂମିର ଉନ୍ନତି କରି ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ସର୍ବଦା ପ୍ରସ୍ତୁତ ଅଛନ୍ତି। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଅଧ୍ୟକ୍ଷତା କରିଥିଲେ। କୁଳପତି ଡ. ସଞ୍ଜୟ କୁମାର ନାୟକ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଏବଂ କୁଳସଚିବ କାହ୍ନୁଚରଣ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଆଣବିକ ବୈଜ୍ଞାନିକ ଡ. ଅଜିତ କୁମାର ମହାନ୍ତି, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ପ୍ରସିଦ୍ଧ ପରିବେଶ ସଂରକ୍ଷକ ପଦ୍ମଶ୍ରୀ ସାବରମତୀ ଏବଂ ଓଡ଼ିଶାର ପ୍ରଥମ ବ୍ରେଲ ପ୍ରେସ୍ ପ୍ରତିଷ୍ଠାତା ତଥା ଦୃଷ୍ଟିହୀନ ସାମାଜିକ କର୍ମୀ ବିଜୟ କୁମାର ରଥଙ୍କୁ ସମ୍ମାନଜନକ ଡି.ଲିଟ୍. ଉପାଧି ପ୍ରଦାନ କରାଯାଇଥିଲା। ଏଥିସହ ୨୦୨୩, ୨୦୨୪ ଓ ୨୦୨୫ ବର୍ଷପାଇଁ ବିଶ୍ୱବିଦ୍ୟାଳୟର ମୋଟ ୩୨୯ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ, ସ୍ୱର୍ଣ୍ଣପଦକ ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ୨ ପାରା ଶିକ୍ଷକଙ୍କ ଗଳାକାଟି ହତ୍ୟାକଲେ ମାଓବାଦୀ

## ପୋଲିସ ଇନ୍‌ଫର୍ମର ସନ୍ଦେହ

**ମାଲକାନଗିରି,୧୫।୭ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୁଣି ମାଓବାଦୀଙ୍କ ବର୍ବରକାଣ୍ଡ ଦେଖିବାକୁ ମିଳିଛି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ୨ ପାରା ଶିକ୍ଷକଙ୍କ ଗଳାକାଟି ହତ୍ୟା କରିଛନ୍ତି ମାଓବାଦୀ। ବିଜାପୁର ଜିଲା ପିଲୁରୁ ଗ୍ରାମ ନିକଟରେ ମାଓବାଦୀମାନେ ଜଣେ ଶିକ୍ଷକଙ୍କୁ ହତ୍ୟା କରିଥିବାବେଳେ ଟେକାମେଟା ଗ୍ରାମ ନିକଟରେ ଅନ୍ୟ ଜଣେ ଶିକ୍ଷକଙ୍କ ଗଳାକାଟି ହତ୍ୟା କରିଛନ୍ତି। ମୃତ ଏହି ୨ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କ ନାମ ବିନୋଦ ମାଡେ ବୋଲି ଜଣାପଡ଼ିଛି। ମାଓବାଦୀମାନେ ୨ ଶିକ୍ଷକଙ୍କୁ ସୋମବାର ମଧ୍ୟରାତ୍ରରେ ଘରୁ ଉଠାଇ ନେଇଥିଲେ। ଏହି ୨ଜଣ ପୋଲିସକୁ ସୂଚନା ଦେଉଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ମାଓବାଦୀମାନେ ଏକ ପୋଷ୍ଟରରେ ଲେଖି ମୃତଦେହ ନିକଟରେ ଛାଡ଼ିଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଥିବାବେଳେ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି।




# ଲୋକସେବା ଭବନରୁ ହଟିବ 'ଆଇଡିଲ୍ ଆସେଟ୍'

## ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ୩ ଜଣିଆ କମିଟି

**ଭୁବନେଶ୍ୱର,୧୫।୭ (ରବିନାରାୟଣ ଜେନା)**

ଲୋକସେବା ଭବନର ପ୍ରତ୍ୟେକ ବିଭାଗ ଏବେ ଅଦରକାରୀ ଆସବାବପତ୍ର(ଆଇଡିଲ୍ ଆସେଟ୍)ରେ ଭରି ଗଲାଣି। ପରିସ୍ଥିତି ଏପରି ହେଲାଣି ଯେ, କର୍ମଚାରୀ କଡ଼ ଲେଉଟାଇବା ତଥା କରିଡରରେ ଚାଲିଯିବା ଅଣନିଃଶ୍ୱାସୀ ହୋଇ ପଡୁଛି। ଏହାକୁ ଦୃଷ୍ଟିରେ ରଖି ସବୁ ବିଭାଗରୁ ଅଦରକାରୀ ସମ୍ପତ୍ତିକୁ ତୁରନ୍ତ ହଟାଇବା ଲାଗି ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସଚିବସ୍ତରୀୟ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶକୁ ଆଧାର କରି ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଚଳିତ ମାସ ୪ରେ ସମସ୍ତ ବିଭାଗକୁ ଅବଗତ କରାଯାଇଛି। ବିଭାଗୀୟ ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଡି. କେ. ଜେନା ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ କମିଟି ଗଠନ ପାଇଁ ମୁଖ୍ୟସଚିବ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟିରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସଭ୍ୟ ରହିଛନ୍ତି। ବୈଠକର ନିଷ୍ପତ୍ତି ଅନୁଯାୟୀ, ଅଦରକାରୀ ସମ୍ପତ୍ତିର ଠିକ୍ ଆକଳନ କରିବା ସହିତ ତା'ର ସୁପରିଚାଳନା ଲାଗି ଏକ ସାଧାରଣ ଘରୋଇ ସହଭାଗିତା(ପିପିପି) ସେଲ୍ ଗଠନ ହେବ। ଉକ୍ତ ସେଲ୍‌ର ନାମ ଆସେଟ ମନିଟାଇଜେଶନ ଆଣ୍ଡ ଇନୋଭେଟିଭ ଫାଇନାନ୍ସିଂ ସେଲ୍ ରଖାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହାସହିତ ପ୍ରଶାସନିକ ସଂସ୍କାର କିଭଳି ଆସିବ ତାକୁ ଦୃଷ୍ଟିରେ ରଖି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଭାଜପା ସରକାର କ୍ଷମତାକୁ ଆସିବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଏବେ ନବୀକରଣ କାର୍ଯ୍ୟ ଜୋରଦାର ଚାଲିଛି। କେଉଁଠି ସଚିବଙ୍କ ପ୍ରକୋଷ୍ଠର ନବୀକରଣ ହେଉଛି ତ ଆଉ କେଉଁଠି ବିଭାଗୀୟ ଅଧିକାରୀ ଓ ବିଭିନ୍ନ ସେକ୍ସନ କାର୍ଯ୍ୟ ନବୀକରଣ ହେଉଛି। ଏଥିପାଇଁ ବିଭାଗରେ ଥିବା ବିଭିନ୍ନ ଚେୟାର, ଟେବୁଲ, ଗଡରେଜ୍ ଭଳି ଆସବାବପତ୍ରଗୁଡ଼ିକ ଲୋକସେବା ଭବନର ଚଲାପଥଗୁଡ଼ିକରେ ଠୁଳ କରାଯାଉଛି। ପ୍ରତ୍ୟେକ ବିଭାଗରେ ଏହିଭଳି କାର୍ଯ୍ୟ ହେବା ଯୋଗୁ ରାସ୍ତାରେ ଚଳପ୍ରଚଳ କରିବା ଏକପ୍ରକାର ସମସ୍ୟା ସୃଷ୍ଟି କରୁଛି। ଲୋକସେବା ଭବନର ସୌନ୍ଦର୍ଯ୍ୟକରଣ ଲାଗି ଯେତିକି ଅର୍ଥ ବିନିଯୋଗ ହେଉଛି ତାହା ଯେପରି ଅକୃତକାର୍ଯ୍ୟ ନ ହେବ ସେଥିପାଇଁ ସରକାର ଏହି ସେଲ୍ ଜରିଆରେ ତାହାର ସୁପରିଚାଳନା କରିବେ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।




# ମାଓବାଦୀଙ୍କ ସୂଚନା ଦେବାକୁ ଜାରି ହେବ ଟୋଲ୍ ଫ୍ରି ନମ୍ବର

## ଆଣ୍ଟି ନକ୍ସଲ ଅପରେଶନ ଏଡିଜି ଦାୟିତ୍ୱ ନେଲେ ସଞ୍ଜୀବ ପଣ୍ଡା

**ଭୁବନେଶ୍ୱର,୧୫।୭(ସତ୍ୟଜିତ୍ ରାଉତ)**

ରାଜ୍ୟର ଆଣ୍ଟି ନକ୍ସଲ ଅପରେଶନ ଏଡିଜି ଭାବେ ୧୯୯୪ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ମାଓବାଦୀ ଅପରେଶନ୍ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସଞ୍ଜୀବ କହିଛନ୍ତି, ରାଜ୍ୟରେ ମାଓବାଦୀ ବିରୋଧୀ ଅପରେଶନ ଜୋରଦାର କରାଯିବ। ଆଗକୁ ନୂଆ ରଣନୀତି ସହ ଗୋଇନ୍ଦା ସକ୍ରିୟ ଉପରେ ଧ୍ୟାନ ଦିଆଯିବ। ମାଓବାଦୀ ଉପସ୍ଥିତି ନେଇ ସୂଚନା ଦେବା ଲାଗି ଜନସାଧାରଣଙ୍କ ପାଇଁ ଏକ ଟୋଲଫ୍ରି ନମ୍ବର ଜାରି କରାଯିବ। ସୂଚନାଦାତାଙ୍କ ସମ୍ପୂର୍ଣ୍ଣ ତଥ୍ୟ ଗୋପନୀୟ ରହିବ। ଏଥିପାଇଁ ସୂଚନାଦାତାଙ୍କୁ ପୁରସ୍କାର ମଧ୍ୟ ଦିଆଯିବ। ଏବେ କନ୍ଧମାଳ, ରାୟଗଡା ଓ କଳାହାଣ୍ଡିରେ ମାଓବାଦୀମାନେ ଅଧିକ ସକ୍ରିୟ ରହିଛନ୍ତି। ତେବେ ହିଂସାର ବାଟ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସଞ୍ଜୀବ ମାଓବାଦୀଙ୍କୁ ଆହ୍ୱାନ ଦେଇଛନ୍ତି।

# ଖୋଲିଲା ରେଙ୍ଗାଳି ଡ୍ୟାମ୍ ତୃତୀୟ ଗେଟ୍



**ପବିତ୍ରନଗର,୧୫।୭ (ନିରୋଜ ପ୍ରଧାନ)**

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଜଳଭଣ୍ଡାରସ୍ଥିତ ବ୍ରାହ୍ମଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳ ଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ହୋଇଥିବାବେଳେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସୁଦ୍ଧା ଏଠାରେ ଜଳସ୍ତର ୧୨୦.୯୮ ମିଟର ଛୁଇଁଛି। ଫଳରେ ଡ୍ୟାମ୍ କର୍ତ୍ତୃପକ୍ଷ ପୂର୍ବରୁ ୨ଟି ଗେଟ୍ ଖୋଲିଥିବାବେଳେ ମଙ୍ଗଳବାର ତୃତୀୟ ଗେଟ୍ ଖୋଲି ବନ୍ୟା ଜଳ ନିଷ୍କାସନ କରିଛନ୍ତି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୫୬୪୧.୭୫ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ପାୱାର ହାଉସ ଓ ଖୋଲାଯାଇଥିବା ଗେଟ୍ ମାଧ୍ୟମରେ ମୋଟ ୪୨୦୦.୦୦ ଘନମିଟର ଜଳ ନିଷ୍କାସିତ ହେଉଛି ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜଳ ଭଣ୍ଡାର ତଳମୁଣ୍ଡରେ ଥିବା ଗାଁଗୁଡ଼ିକର ଲୋକଙ୍କୁ ସତର୍କ ସୂଚନା ଦିଆଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ପୂର୍ଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଶା ବନ୍ଦକୁ ସମର୍ଥନ କରି ସିପିଆଇର ଶୋଭାଯାତ୍ରା, ସ୍ଥାନ: ସିଟି ବସ୍‌ଷ୍ଟାଣ୍ଡରୁ ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ନବମ ପରିପୂର୍ଣ୍ଣା ନାୟିକା ନୃତ୍ୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଭଗବାନ ମହାପାତ୍ରଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ମହାପାତ୍ର ହାଇସ୍କୁଲ, ରୂପ୍‌ସା, ବାଲେଶ୍ୱର, ସମୟ:ଅପରାହ୍ନ ୪ଟା।
- ସିଭିଲ୍ ସୋସାଇଟି ପକ୍ଷରୁ ପରିବର୍ଦ୍ଧିତ ବୈଠକ, ସ୍ଥାନ:ଷ୍ଟେସନ କ୍ଲବ, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।

## ଭଦ୍ରକ
- ବିଜେଡି ପକ୍ଷରୁ ଚାରାରୋପଣ, ସ୍ଥାନ: ଦୋବଲ ବେଲମଳା ସ୍କୁଲ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ନାଟକ 'ହେ ମଣିମା ଶୁଣିବା ହେଉ' ମଞ୍ଚସ୍ଥ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ରାଜ୍ୟସ୍ତରୀୟ ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଉଦୟପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ମହାକାଳପଡ଼ା ପଞ୍ଚାୟତ ସମିତି ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ସିଦ୍ଧେଶ୍ୱର ମହାଦେବଙ୍କ ପାର୍ଶ୍ୱ ପରିବର୍ତ୍ତନ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।

## ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ରୋଟାରି କ୍ଲବ୍ ଅଫ ଜୟପୁର ପ୍ରାଇଡର ସମାବେଶ, ସ୍ଥାନ: ବିଜ୍ଞାନ ଇଣ୍ଟର ନ୍ୟାଶନାଲ ପ୍ରାଇମେରି ସ୍କୁଲ, ତାରଣି ଛକ, ଜୟପୁର, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୭ଟା।
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ନିର୍ଗୁଣ ପଡା ବିଦ୍ୟାଳୟ ରାସ୍ତା, ସମୟ : ସକାଳ ୮ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ସାଓଲିନ କୁଙ୍ଗୁ ଉସୁ ଆସୋସିଏଶନ ଆୟୋଜିତ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଲୋଇସିଂହା ନୂଆପଡ଼ା ବସ୍ତି ରାସ୍ତା ରେଳ ଫାଟକ ବନ୍ଦ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଲୋଇସିଂହା ଚାରିଛକ, ସମୟ: ସକାଳ ୯ଟା।

## ରାଉରକେଲା
- ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଲେଜରେ ସାହିତ୍ୟ ଆଲୋଚନା, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।
- ଶିବ ପୁରାଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ୍,ସମୟ: ସକାଳ ୯ଟା।

## କଳାହାଣ୍ଡି
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଶ୍ରୀ ଗୁରୁ ପୂଜନ ଉତ୍ସବ, ସ୍ଥାନ: କେଳାକଟା ଖେଳ ପଡିଆ, ହରଭଙ୍ଗା, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ରିଂ ରୋଡର ଉଭୟ ପାର୍ଶ୍ୱ, ସମୟ: ସକାଳ ୯ଟା।
- କଂଗ୍ରେସ ଦଳ ତରଫରୁ ପ୍ରସ୍ତାବିତ ଓଡ଼ିଶା ବନ୍ଦ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବୀରମହାରାଜପୁର ଅସ୍ଥାୟୀ କଂଗ୍ରେସ କାର୍ଯ୍ୟାଳୟ ଚମ୍ପାପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ଓ ନୂତନ ରାଶନ କାର୍ଡ ପ୍ରଦାନ ସମାରୋହ, ସ୍ଥାନ: ଖରିଆର ରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳ | ଭୂତଳ ଜଳରେ ୧୪ ଗୁଣ ଅଧିକ କ୍ରୋମିୟମ

**ଯାଜପୁର,୧୫।୭(ହର୍ଷବର୍ଦ୍ଧନ ବେହେରା)**

- ସିଜିଡବ୍ଲ୍ୟୁବି ରିପୋର୍ଟରେ ସ୍ପଷ୍ଟ
- ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଏନ୍‌ଜିଟିର ନିର୍ଦ୍ଦେଶ

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳର ଭୂତଳ ଜଳରେ ବିଷାକ୍ତ କ୍ରୋମିୟମ୍ ଅଂଶ ରହିଛି। ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ନିର୍ଦ୍ଦେଶ ଅନୁସାରେ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲ୍ୟୁବି ) ତଦନ୍ତ ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି। ସିଜିଡବ୍ଲ୍ୟୁବି ଟିମ୍ ଏହି ଅଞ୍ଚଳର ବିଭିନ୍ନ ଖଣି ଅଞ୍ଚଳରୁ ୨୩୩ଟି ଭୂତଳ ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରିଥିଲେ। ସେଥିରେ ଅନୁମୋଦନୀୟ ବା ପରମିଶିବୁଲ ଲିମିଟ ଭାବେ ଲିଟର ପ୍ରତି ୦.୦୫ ମିଲିଗ୍ରାମ(ଏମଜି)ଠାରୁ ବର୍ଷା ଋତୁ ପୂର୍ବରୁ ୩୭ଟି ନମୁନା ଏବଂ ବର୍ଷା ଋତୁ ପରେ ୨୮ଟି ନମୁନାରେ ଅଧିକ କ୍ରୋମିୟମ ଥିବା ଜଣାପଡିଛି। ଟିଙ୍ଗୁଡିପାଳଠାରୁ ସଂଗୃହୀତ ନମୁନାରେ ସର୍ବାଧିକ ୦.୭୩୧୩ ମିଲିଗ୍ରାମ ପର୍ଯ୍ୟନ୍ତ କ୍ରୋମିୟମ ରହିଛି, ଯାହାକି ଅନୁମୋଦନୀୟ ରିପୋର୍ଟଠାରୁ ପ୍ରାୟ ୧୪ ଗୁଣ ଅଧିକ। ଏହି ଭୂତଳ ଜଳ ବ୍ୟବହାର କରି ସୁକିନ୍ଦା ଅଞ୍ଚଳବାସୀ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଥିବା ନେଇ ଅଭିଯୋଗକାରୀଙ୍କ ଏନ୍‌ଜିଟି ମାମଲାରେ ଶତପ୍ରତିଶତ ସତ୍ୟତା ଥିବା ପ୍ରମାଣିତ ହୋଇ ସାରିଛି। ଏହି କ୍ରମରେ ଯାଜପୁର ଜିଲାପାଳଙ୍କୁ ଏକ କାର୍ଯ୍ୟାନୁଷ୍ଠାନ ଯୋଜନା ବା ଆକ୍ସନ ପ୍ଲାନ ପ୍ରସ୍ତୁତ କରି ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପ୍ରାୟ ୨୩୦ କୋଟି ଟଙ୍କା ଖର୍ଚ୍ଚ କରି ସୁକିନ୍ଦା ଅଞ୍ଚଳରେ ନିର୍ମାଣ ହୋଇଥିବା ୩ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପରୁ ସମସ୍ତ ଅଞ୍ଚଳବାସୀ ଉପକୃତ ହୋଇ ପାରି ନ ଥିବାରୁ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି।

ସୁକିନ୍ଦା ଭୂତଳ ଜଳରେ କ୍ରୋମିୟମ ଅଂଶ ରହୁଥିବା ନେଇ ପୂର୍ବରୁ ଷ୍ଟେଟ ଆନର୍ଭାମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି(ଏସଇଆଇଏଏ) ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)କୁ ସତର୍କ କରି ଆସୁଥିଲେ ହେଁ ପ୍ରତିକାର ବ୍ୟବସ୍ଥା ନୈରାଶ୍ୟଜନକ ରହିଛି। ତେବେ ଏନ୍‌ଜିଟିରେ ୭୩/୨୦୨୪/ଇଜେଡ ନମ୍ବର ମାମଲାର ନିର୍ଦ୍ଦେଶ ଅନୁସାରେ ହୋଇଥିବା ତଦନ୍ତ ରିପୋର୍ଟରେ ଏହି ସମ୍ବେଦନଶୀଳ ତଥ୍ୟ ଜଣାପଡିଛି। ଖଣି କମ୍ପାନୀଗୁଡିକ ବ୍ରାହ୍ମଣୀ ନଦୀରୁ ଆବଶ୍ୟକତା ମେଣ୍ଟାଇବାକୁ ନିର୍ମଳ ପାଣି ନେଇ ଡମଶାଳା ନାଳକୁ ବିଷାକ୍ତ କରୁଛନ୍ତି। ଫଳରେ ନଦୀନାଳ ସମେତ ବିଭିନ୍ନ ପୋଖରୀ ଏବଂ ଭୂତଳ ଜଳ ଅତି ମାତ୍ରାରେ ପ୍ରଦୂଷିତ ହେଉଛି। ଏହି ବିଷାକ୍ତ ପାଣିକୁ ବ୍ୟବହାର କରି ଅଞ୍ଚଳର ଶତାଧିକ ଲୋକ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି।



ଏନେଇ ହୋଇଥିବା ଅଭିଯୋଗକୁ ଭିତ୍ତି କରି ଏନ୍‌ଜିଟି ଏକ ୪ ଜଣିଆ ସ୍ୱତନ୍ତ୍ର ଦଳ ଗଠନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସିଜିଡବ୍ଲ୍ୟୁବି ରିପୋର୍ଟ ଦାଖଲ କରିବାରେ ବିଳମ୍ବ କରିଥିଲା। ଏନ୍‌ଜିଟି ପକ୍ଷରୁ ସିଜିଡବ୍ଲ୍ୟୁବି କର୍ତ୍ତୃପକ୍ଷଙ୍କୁ ତୁରନ୍ତ ନିର୍ଦ୍ଧାରିତ ସମୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ୪।୭।୨୦୨୪ରେ କଡା ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସିଜିଡବ୍ଲ୍ୟୁବିର ଆଞ୍ଚଳିକ ନିର୍ଦ୍ଦେଶକ ବି.କେ. ସାହୁଙ୍କ ତତ୍ତ୍ୱାବଧାନରେ ବୈଜ୍ଞାନିକ ମୌସୁମୀ ସାହୁ, ବିଭୂତି ଭୂଷଣ ସାହୁ, ସିନୋସ ପି.କେ. ପ୍ରମୁଖ ବୈଜ୍ଞାନିକ ତଦନ୍ତ କରି ଗତ ଜୁନରେ ଏନ୍‌ଜିଟିରେ ରିପୋର୍ଟ ଦାଖଲ କରିଛନ୍ତି। ତେବେ ଭୂତଳ ଜଳ ନମୁନାରେ ୨ ପ୍ରକାର ତଥା ହେକ୍ସାଭେଲେଣ୍ଟ କ୍ରୋମିୟମ ଓ ଟ୍ରାଇଭେଲେଣ୍ଟ କ୍ରୋମିୟମ ଥିବା ଦେଖିବାକୁ ମିଳିଛି। ଏହାପରେ ଉକ୍ତ ରିପୋର୍ଟରେ ସିଜିଡବ୍ଲ୍ୟୁବି ପକ୍ଷରୁ ସୁକିନ୍ଦା ଖଣି ଅଞ୍ଚଳର ପ୍ରତ୍ୟେକ ପରିବାରଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି। ଏହାସହ ଏହି ଅଞ୍ଚଳରେ ଯଦି ନୂତନ ନଳକୂପ ଖନନ ହେଉଛି, ତେବେ ଉକ୍ତ ପାଣି ନମୁନାକୁ ଉପଯୁକ୍ତ ଭାବେ ପରୀକ୍ଷା କରିବା ପରେ ବ୍ୟବହାର କରିବା, ଖଣି ଅଞ୍ଚଳରେ ଏମ୍ଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି)କୁ ସ୍ଥାପନ ଏବଂ ଠିକ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା କଡାକଡି ଭାବେ ନଜର ରଖିବା, ଖଣି ଅଞ୍ଚଳରେ ପ୍ରଭାବିତ ହେଉଥିବା ଡମଶାଳା ନାଳ ପାଣିକୁ ସ୍ୱଚ୍ଛ ରଖିବା ଇତ୍ୟାଦି ପରାମର୍ଶ ଦିଆଯାଇଛି। ଡମଶାଳା ନାଳ ପାଣିରେ ମଧ୍ୟ ବହୁ ଗୁଣ ଅଧିକ କ୍ରୋମିୟମ ରହିଥିବା ପରୀକ୍ଷାରେ ଜଣାପଡିଛି।

ଏଠାରେ ଉଲ୍ଲେଖଯୋଗ୍ୟ, ବିଷାକ୍ତ ପାଣି ଯୋଗୁ ସୁକିନ୍ଦା ବ୍ଲକର କମର୍ଦ୍ଧା, ମଶାସାହି, ହାତୀସାହି, ସରୁଆବିଲ, ଗୁରୁଜଙ୍ଗ, ଓସ୍ତପାଳ, କୁଚିଡାବାଙ୍କ, କୁସୁମଘୁଟ, କଳରଙ୍ଗୀ ଓ ରାମସୋଲ ଏବଂ ଢେଙ୍କାନାଳ ଜିଲା ଭୁବନ ବ୍ଲକର କୃଷ୍ଣପୁର, ଓଡିଶ, ବାରୁଆ, ମଠଖୋକସା, ବାଲିଝାଟି ଆଦି ଗ୍ରାମର ପ୍ରାୟ ୫୦ ହଜାର ଲୋକ ପ୍ରଭାବିତ ହେଉଛନ୍ତି। ତେଣୁ ତୁରନ୍ତ ସିଜିଡବ୍ଲ୍ୟୁବି ରିପୋର୍ଟକୁ ଗୁରୁତ୍ୱ ଦେଇ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲାଉରେ ଲାଉ**
**ଲାଉ ମାଛ କରି ତିଅଣ କରିଛ**
**ମୋ ବନ୍ଧୁ ଗାଧୋଇ ଯାଉ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଲାଉ ମାଛ ବେସର ଦିଆ ତରକାରି ପାଟିକୁ ଭାରି ସୁଆଦିଆ ଲାଗୁଥିବା ବେଳେ ବନ୍ଧୁର ମନ ଜାଣି ଭୋଜନ ପ୍ରସ୍ତୁତ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଲାଭ ଖାଇବାକୁ ମାଧ ମହାନ୍ତି**
**ବୋଝ ବୋହିବାକୁ ଗୋଦରା ତନ୍ତୀ।**

ଜଣେ କଷ୍ଟ କରି କାମ କରେ ଆଉଜଣେ ସେ ଶ୍ରମର ଫଳ ଅନାୟାସରେ ଭୋଗ କରେ। ସମାଜରେ ଏଭଳି ଅନ୍ୟାୟର ଚିତ୍ର ଆଜି ଅନେକ ପରିଣାମରେ ଜୀବନକୁ ଗ୍ରାସ କରି ଚାଲିଛି। ଶାରୀରିକ ସ୍ତରରେ ଅକ୍ଷମ, ଦୁର୍ବଳ ତଥା ଦରିଦ୍ର ଲୋକଙ୍କୁ ପ୍ରୟୋଗ କରି ସବଳ ଲୋକେ ଫାଇଦା ଉଠାଇ ଚାଲୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ଫେରିଲେ ଶୁଭାଂଶୁ...

ପ୍ରଥମ ପୃଷ୍ଠାରୁ...

ମିଶନର ୪ ମହାକାଶଚାରୀ ଜଣେ ପରେ ଜଣେ କରି ମହାକାଶଯାନରୁ ବାହାରିଥିଲେ। ଏହାପରେ ରିକୋଭରି ଜାହାଜ ସାନୋନ୍‌କୁ ସ୍ଥଳଭାଗକୁ ଅଣାଯାଇଥିଲା।

ଅବତରଣ କରିଛନ୍ତି। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରେ ୧୮ ଦିନର ରହଣି ଏବଂ ସମୁଦାୟ ୨୦ ଦିନର ଯାତ୍ରାପରେ ମିଶନର ୪ କ୍ରିଉ ସଦସ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ସୋମବାର ଭାରତୀୟ ସମୟ ଅପରାହ୍ନ ୪.୩୦ରେ ଡ୍ରାଗନ୍ ମହାକାଶଯାନ ଆଇଏସ୍ଏସ୍‌ରୁ ଅଲଗା ହୋଇଥିଲା। ମଙ୍ଗଳବାର ବାୟୁମଣ୍ଡଳରେ ପ୍ରବେଶ ସମୟରେ ଏହାର ବେଗ ଘଣ୍ଟା ପ୍ରତି ୨୭ ହଜାର କି.ମି. ରହିଥିଲା। ବାୟୁମଣ୍ଡଳରେ ପ୍ରବେଶ ପରେ ସୁରକ୍ଷିତ ଜଳାବତରଣ ପାଇଁ ଡ୍ରାଗନ୍ ସ୍ପେସକ୍ରାଫ୍ଟ ନିଜ ଗତିକୁ ଧିମା କରିବା ଉଦ୍ଦେଶ୍ୟରେ ୪ଟି ପାରାଚ୍ୟୁଟ ନିୟୋଜିତ କରିଥିଲା ଏବଂ କାଲିଫର୍ନିଆ ଉପକୂଳରେ ସୁରକ୍ଷିତ ଜଳାବତରଣ କରିଥିଲା। ଏହାପରେ ସ୍ପେସ୍‌ଏକ୍ସ'ର ବୈଷୟିକ ଟିମ୍ ପକ୍ଷରୁ ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟର ଯାଞ୍ଚ୍ କରାଯାଇଥିଲା। ସ୍ପେସ୍‌ଏକ୍ସର ଗ୍ରାଉଣ୍ଡ୍ ଷ୍ଟାଫ୍‌ମାନେ ଡ୍ରାଗନ୍ ମହାକାଶ ଯାନକୁ ରିକୋଭରି ଜାହାଜ ସାନୋନ୍ ଉପରକୁ ଆଣିଥିଲେ। ପରେ ସେମାନେ ସ୍ପେସ୍‌କ୍ରାଫ୍ଟର ହ୍ୟାଚ୍‌କୁ ଖୋଲିଥିଲେ ଏବଂ ଆକ୍ସିଓମ୍-୪

ଆଇଏସ୍ଏସ୍‌ରେ ୧୮ ଦିନର ରହଣି ମଧ୍ୟରେ ମିଶନର ୪ କ୍ରିଉ ସଦସ୍ୟ ମ୍ୟାଟେରିଆଲ୍ସ ସାଇନ୍ସ, ବାୟୋଲୋଜି ଏବଂ ଆର୍ଥ ଅବଜର୍ଭେସନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ସମୁଦାୟ ୬୦ଟି ପରୀକ୍ଷଣ କରିଛନ୍ତି। ସେଥିମଧ୍ୟରୁ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷଣ କରିଛନ୍ତି। ପୂର୍ବ ଯୋଜନା ମୁତାବକ ଶୁଭାଂଶୁ ଆଇଏସ୍ଏସ୍‌ରେ ମେଥି ଏବଂ ମୁଗ ବିହନର ଅଙ୍କୁରୀକରଣ, ସାଇନୋ ବ୍ୟାକ୍ଟେରିଆ, ଭୋଏଜର ପ୍ରଦର୍ଶନ, ଟାର୍ଡିଗ୍ରେଡ୍‌ସ, ମାୟୋଜେନେସିସ୍, ଅଣୁ ଶୈବାଳ ଏବଂ ଫସଲ ବିହନ ଆଦି ଉପରେ ସଫଳତାର ସହ ପରୀକ୍ଷଣ ଶେଷ କରିଥିବା ଇସ୍ରୋ କହିଛି। ଆକ୍ସିଓମ୍-୪ ମିଶନ ଯୋଗେ ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍ଏସ୍‌ରେ ପହଞ୍ଚିଥିଲେ। ସେହିପରି ରାକେଶ ଶର୍ମାଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଭାବେ ମହାକାଶ ଯାତ୍ରା କରିଥିଲେ। ଏହି ମିଶନ ପାଇଁ ଭାରତ ୭୦ ମିଲିୟନ ୟୁଏସ୍ ଡଲାର (ପ୍ରାୟ ୬୦୦ କୋଟି ଟଙ୍କା) ଖର୍ଚ୍ଚ କରିଛି। ନାସା ଏବଂ ଆକ୍ସିଓମ୍ ସ୍ପେସ୍ ଦ୍ୱାରା ମିଳିଥିବା ତାଲିମ, ଲଞ୍ଚ୍ ଲଜିଷ୍ଟିକ୍ସ, ଆଇଏସ୍ଏସ୍‌ରେ ରହଣି ଏବଂ ବିଭିନ୍ନ ଗବେଷଣା ଏବଂ ବୈଜ୍ଞାନିକ ପରୀକ୍ଷଣ ପାଇଁ ଇସ୍ରୋ ଏହି ଖର୍ଚ୍ଚ କରିଥିବା ନେଇ ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି।

## ତେଜିଲା ବିରୋଧୀ...

ନିଆ ନ ଯିବାର ପ୍ରତିବାଦରେ ଜୁଲାଇ ୧୭ ଗୁରୁବାର 'ଓଡ଼ିଶା ବନ୍ଦ' କରିବା ପାଇଁ ବିରୋଧୀ ଡାକରା ଦେଇଛନ୍ତି। କଂଗ୍ରେସ ନେତୃତ୍ୱରେ ବାମପନ୍ଥୀଙ୍କ ସମେତ ୮ ବିରୋଧୀ ଦଳ ଏହି ବନ୍ଦ ପାଳନରେ ସାମିଲ ହେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ଛାତ୍ରୀ ପେଟ୍ରୋଲ ଆଣି ନିଜ ଉପରେ ଢାଳିବା ସହ ଦେହରେ ନିଆଁ ଲଗାଇଦେଲେ ଏବଂ ସମସ୍ତେ ନୀରବଦ୍ରଷ୍ଟା ସାଜିଥିଲେ। କେହି କିଛି କଲେନାହିଁ। ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି ବୋଲି ଭକ୍ତ କହିଛନ୍ତି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜି ଲୋକସେବା ଭବନ ଘେରିବ, ବାଲେଶ୍ୱର ବନ୍ଦ ପାଳନ କରିବ ବିଜେଡି

**ଭୁବନେଶ୍ୱର,୧୫।୭(ସୁନିତ୍ ମିଶ୍ର)**

- କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ସରକାର
- ମାଷ୍ଟରକ୍ୟାଣ୍ଟିନ୍‌ରୁ ରାମମନ୍ଦିର ପର୍ଯ୍ୟନ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳର କ୍ୟାଣ୍ଡେଲ ଶୋଭାଯାତ୍ରା

ଏଫ୍‌ଏମ୍ ସ୍ୱୟଂଶାସିତ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ପୀଡ଼ିତାଙ୍କ ମୃତ୍ୟୁ ପରେ ବିଜେଡି ରାଜ୍ୟ ସରକାରଙ୍କୁ ଦାୟୀକରି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକରିବା ସହ ଉକ୍ତ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରିଛି। ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବି କରି ମଙ୍ଗଳବାର ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ କରାଯାଇଛି। ବୁଧବାର ଲୋକସେବା ଭବନ ଘେରାଉ କରାଯିବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଛାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ଏବଂ ତାଙ୍କୁ ନ୍ୟାୟଦେବା ଦାବିରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ରାମମନ୍ଦିର ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି।

ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି, ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ପୀଡ଼ିତା ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଜଣାଇ ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ମଧ୍ୟ ରାଜ୍ୟ ସରକାର ଅଣଦେଖା କରିବାରୁ ଏପରି ଅଭାବନୀୟ କାଣ୍ଡ ଘଟିଲା। ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଆନ୍ଦୋଳିତ କରିଛି। ପୀଡ଼ିତା ଛାତ୍ରୀ ଦୀର୍ଘ ୬ ମାସ ଧରି ନ୍ୟାୟ ପାଇଁ ସଂଗ୍ରାମକରି ବିଫଳହେବା ପରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟକରି ନ୍ୟାୟ ଭିକ୍ଷା କରିଥିଲେ। ସମସ୍ତ କ୍ଷେତ୍ରରୁ ନ୍ୟାୟ ପାଇବାରେ ବିଫଳହେବା ପରେ ଛାତ୍ରୀ ଜଣକ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଏହା ବିରୋଧରେ ବୁଧବାର ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ପାଳନ କରାଯିବ। ଦାବି ପୂରଣ ହେବା ଯାଏଁ କଲେଜ ଷ୍ଟ୍ରାଇକ୍ ଜାରି ରହିବ ବୋଲି ସେ କହିଛନ୍ତି। ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକ, କଲେଜ ଅଧକ୍ଷଙ୍କ ବ୍ୟତୀତ ମୃତ ଛାତ୍ରୀ ଯେଉଁମାନଙ୍କ ନିକଟରେ ଅଭିଯୋଗ କରିଥିଲେ ସେହି ବ୍ୟକ୍ତିମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ଦରକାର। ଏହାଛଡ଼ା ଏହି ଘଟଣା ଘଟିବା ବେଳକୁ ଯେଉଁମାନେ ଭିଡିଓ କରୁଥିଲେ, ଯେଉଁମାନେ ତାକୁ ଉସ୍‌କାଉଥିଲେ ଓ ଯେଉଁମାନେ କଲେଜ ଦ୍ୱାରା ଗଠିତ ତଦନ୍ତ କମିଟିରେ ରହି ତଦନ୍ତକୁ ବାଟବଣା କରିଥିଲେ, ସେମାନେ ମଧ୍ୟ ଏହି ଘଟଣାରେ ଦାୟୀ। ତେଣୁ ସେମାନେ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଦରକାର। ଏହି ଘଟଣାର ତଦନ୍ତ ଏକ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାରବିଭାଗୀୟ ତଦନ୍ତ କରିବାକୁ ବିଜେଡି ଦାବି କରୁଥିବା ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଯେଉଁ ବନ୍ଧୁ ପାଖ ମାଡୁ ନ ଥିଲେ ଆଜି ନିଜ ତରଫରୁ ମିଶିବାକୁ ଆଗେଇ ଆସିବେ। ଶୁକ୍ର ନକ୍ଷତ୍ରସ୍ଥ ମଙ୍ଗଳଙ୍କ ଯୋଗୁ ସ୍ୱାସ୍ଥ୍ୟରେ ଉନ୍ନତି ସହ ଦୁର୍ବଳତା ଦୂର ହେବ। ପୁରୁଣା କଥାକୁ ନେଇ ସହକର୍ମୀଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ପାରିବାରିକ ସ୍ଥିତି, ବାଣିଜ୍ୟ ବ୍ୟବସାୟ, ଯାତ୍ରା ଏବଂ ସାଂଗଠନିକ ଆଲୋଚନା ମନ୍ଦ ହେବନି।

**ବୃଷ** ମାନସିକ ସ୍ୱାସ୍ଥ୍ୟ ଭଲ ରହିବା ସହ ଦିନଟି ଆନନ୍ଦରେ କଟିବ। ସମ୍ପର୍କୀୟମାନେ ଦୂରେଇ ଯାଉଥିବାରୁ ପର ଲୋକକୁ ଆପଣା କରିବାକୁ ବାଧ ହେବେ। ପାରିବାରିକ କ୍ଷେତ୍ର, ବନ୍ଧୁସମ୍ପର୍କ, ନୂତନ କର୍ମାରମ୍ଭ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କ ନିକଟରୁ ଯଥାସମ୍ଭବ ଦୂରେଇ ରହିବା ଭଲ ହେବ।

**ମିଥୁନ** ରବିଙ୍କ ପ୍ରଭାବରୁ ଅନ୍ତରଙ୍ଗ ବନ୍ଧୁଙ୍କ ସାହାଯ୍ୟ ଲାଭ କରି କାମ ହାସଲ କରିବାରେ ସମର୍ଥ ହେବେ। ଅତୀତରେ ଯାହାର ଉପକାର କରିଥିଲେ ସେ ହିଁ ସମସ୍ୟାର କାରଣ ହେବ। ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ଆଜି ସନ୍ଧ୍ୟାରେ ପାଇବେ। ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**କର୍କଟ** ଦୃଢ଼ ମାନସିକତା ସଙ୍ଗକୁ ଆନୁଷଙ୍ଗିକ ସହଯୋଗ କାର୍ଯ୍ୟକ୍ଷେତ୍ରରେ ସାହାଯ୍ୟ କରିବ। ପରିସ୍ଥିତି ସହ ଟକ୍କର ଦେଇ ଆଗକୁ ବଢ଼ିବାର ଚେଷ୍ଟା ଅବ୍ୟାହତ ରଖିଲେ ସଫଳତା ପାଇବେ। ଆଲୋଚନା ମଝିରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବ। ସଙ୍ଗଠନ, ଗବେଷଣା, ଅଦାଲତ ଏବଂ ନିର୍ମାଣ କ୍ଷେତ୍ରରେ ସଫଳତା ମିଳିବ।

**ସିଂହ** ରାହୁଙ୍କ କୁପ୍ରଭାବରୁ ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିଥିଲେ ମଧ୍ୟ କୌଶଳରେ କାମ ହାସଲ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେଇପାରେ। ନୂତନ ଘର, ଗାଡ଼ି କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଆପଣଙ୍କ କାର୍ଯ୍ୟକଳାପକୁ ଅନ୍ୟମାନେ ନାପସନ୍ଦ କରିବେ।

**କନ୍ୟା** ଧନାଧିପତି ଶନି ଦୃଷ୍ଟିରେ ଥିବା ଯୋଗୁ ଅର୍ଥସମ୍ବନ୍ଧୀୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। କର୍ମକ୍ଷେତ୍ରରେ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ଜଗିରଖି ଆଗକୁ ପାଦ ବଢ଼ାନ୍ତୁ। ବାଣିଜ୍ୟ, ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ରହିବ।

**ତୁଳା** ଶନିଚନ୍ଦ୍ର ସଂଯୋଗରୁ ଦୁଃଖ ଓ ଅଭିମାନକୁ ମନରେ ରଖି କାମ କରିବାକୁ ବାଧ ହେବେ। ଆର୍ଥିକ ସ୍ଥିତି ମଜଭୁତ ରହିବ ଏବଂ କୌଣସି ଯୁବ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଜିନିଷ ଅଦଳବଦଳ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବ।

**ବିଛା** ଗ୍ରହଙ୍କ ପ୍ରତିକୂଳ ସ୍ଥିତି ଶାରୀରିକ ଏବଂ ମାନସିକ କ୍ଷେତ୍ରକୁ ପ୍ରଭାବିତ କରିବ। ସାଧାରଣ କଥାକୁ କେନ୍ଦ୍ର କରି ବନ୍ଧୁଟି ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, ସାମ୍ବାଦିକତା ଓ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପ୍ରତିଯୋଗିତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି।

**ଧନୁ** ଅଷ୍ଟମାଧିପତି ଚତୁର୍ଥସ୍ଥ ହେତୁ ପାରିବାରିକ ସ୍ଥିତି ଭଲ ରହିବ ନାହିଁ ଏବଂ ଲୋକପ୍ରିୟତା ହ୍ରାସ ପାଇବ। ନିଜ ପରିସରରେ ବନ୍ଧୁଙ୍କ ଦ୍ୱାରା ଆଦୃତ ହେବେ। ନୂଆ ଯୋଜନା, ଅବହେଳିତ କାମ, ଆଲୋଚନା, ଆନୁଷ୍ଠାନିକ କାମ ପ୍ରଭୃତିରେ ସଫଳତା ମିଳିବ। ନିଜ ଲୋକ ଦାଉ ସାଧୁଥିବାରୁ ସତର୍କ ରହିବା ଭଲ ହେବ।

**ମକର** ଆଜି ଧନସ୍ଥାନରେ ରାହୁଥିବାରୁ ଯାତ୍ରା ସମୟରେ ସତର୍କତା ରକ୍ଷା ନ କଲେ ଅର୍ଥ କିମ୍ବା ଦରକାରୀ କାଗଜପତ୍ର ହଜିଯାଇପାରେ। ବାଣିଜ୍ୟ, ସଭାସମିତି, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବେ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ।

**କୁମ୍ଭ** ଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ମତାନ୍ତରଜନିତ ମନ ମାନ୍ଦା ରହିବ। ଆର୍ଥିକ ଦୁରବସ୍ଥା ଦୂରେଇ ଯିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ବାଣିଜ୍ୟ ଓ କଳା ସାହିତ୍ୟ, କ୍ରୀଡ଼ା,ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ସଭାସମିତି, ଚୁକ୍ତିପତ୍ର, ପରିବହନ ଓ ନିର୍ମାଣ କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିପାରନ୍ତି।

**ମୀନ** ଆଜି ରାଶିରେ ଶନିଙ୍କ ସହ ଚନ୍ଦ୍ରଙ୍କ ଅବସ୍ଥିତି ହେତୁ ମାନସିକ ଶିଥିଳତା ଯୋଗୁ କାମ ଉତ୍ସାହପ୍ରଦ ନ ହୋଇପାରେ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ବିଶେଷ ଭାବରେ ପିଲାମାନଙ୍କ ଆଚରଣ ଓ କାର୍ଯ୍ୟକଳାପ ଦୁଶ୍ଚିନ୍ତାର କାରଣ ହେବ।

ଆଜି ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି। ନଦୀ ରଜସ୍ୱଳା, ବର୍ଷାଋତୁ ପ୍ରବେଶ, ଶ୍ରୀମନ୍ଦିରରେ ଦକ୍ଷିଣାୟନ ବନ୍ଦାପନା, ଜୁଲାଇ ୧୬ ତାରିଖ, ଶ୍ରାବଣ କୃଷ୍ଣ ଷଷ୍ଠୀ ବୁଧବାର। ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୦ମି. ଗତେ ଘ.୦୭.୦୫ମି. ମଧ୍ୟେ, ଘ.୧୦.୧୪ମି. ଗତେ ଘ.୧୧.୨୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁ କାଳ।

# ୧୯ ଯାଏ ବର୍ଷା, ୬ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର, ୧୫।୭(ଅନୁରାଧା ମହାରଣା)

ସାରା ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଛି। ମଙ୍ଗଳବାର ଜଗତ୍‌ସିଂହପୁରରେ ସର୍ବାଧିକ ୨୯.୨ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଝାରସୁଗୁଡ଼ାରେ ୧୬.୦ ମିମି, ବରଗଡ଼ରେ ୧୫.୬ ମିମି, ଭବାନୀପାଟଣାରେ ୧୧.୮ ମିମି, ସୋନପୁରରେ ୧୧.୬ ମିମି ଓ ନୟାଗଡ଼ରେ ୧୦.୦ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ୧୯ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗିରହିବ। ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ୬ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ନୂଆପଡ଼ା, ବଲାଙ୍ଗୀର, ସୋନପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଆଦି ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

# ଲୋକସେବା ଭବନ ସମେତ ତିନି ଭବନ ସୁରକ୍ଷା କଡ଼ାକଡ଼ି ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୭
(ରବିନାରାୟଣ ଜେନା)

- ବିଜେଡିର ଲୋକସେବା ଭବନ ଘେରାଉ ଡାକରା
- ସକାଳ ୯.୩୦ ସୁଦ୍ଧା କର୍ମଚାରୀ କାର୍ଯ୍ୟାଳୟରେ ପହଞ୍ଚିବାକୁ ତାଗିଦା
- ଭିଜିଟର୍ସଙ୍କ କଟକଣା ବଢ଼ିଲା

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ବିଜେଡି ପକ୍ଷରୁ ବୁଧବାର ଲୋକସେବା ଭବନ ଘେରାଉ ଡାକରା ଦିଆଯାଇଛି। ଏହି ସମୟରେ କାଳେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବ ତାକୁ ଦୃଷ୍ଟିରେ ରଖି ଗୃହ ବିଭାଗ ମଙ୍ଗଳବାର ଏକ ନିର୍ଦ୍ଦେଶନାମା ଜାରି କରିଛି।

ଗୃହବିଭାଗ ସ୍ୱତନ୍ତ୍ର ସଚିବ ଆର. କେ. ଶର୍ମା ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଏଫ୍.ଏମ୍. କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ବୁଧବାର ପୂର୍ବାହ୍ନ ୧୦ଟାରେ ଲୋକସେବା ଭବନ ଘେରାଉ କରିବାକୁ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଲୋକସେବା ଭବନ, ଖାରବେଳ ଭବନ ଏବଂ ରାଜୀବ ଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ ବୁଧବାର ସକାଳ ସାଢ଼େ ୯ଟା ସୁଦ୍ଧା ପହଞ୍ଚିବାକୁ ହେବ। ଲୋକସେବା ଭବନର ୧ ନମ୍ବର ଗେଟ୍ ୯ଟା ୩୦ରେ ବନ୍ଦ ହେବ।

ସ୍ୱତନ୍ତ୍ର ସଚିବ ଉଲ୍ଲେଖ କରିଛନ୍ତି ଯେ, ପ୍ରତ୍ୟେକ ଗେଟ୍‌ରେ କର୍ମଚାରୀଙ୍କ ପରିଚୟପତ୍ର ଠିକଣା ଭାବେ ଯାଞ୍ଚ କରାଯିବା ଆବଶ୍ୟକ। ବିନା ପ୍ରମାଣପତ୍ରରେ କୌଣସି ଗାଡ଼ିକୁ ଲୋକସେବା ଭବନ ଭିତରକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ। ଏହି ସମୟ ମଧ୍ୟରେ ଭିଜିଟର୍ସଙ୍କୁ ପ୍ରବେଶ ଉପରେ କଟକଣା ଲାଗୁ କରାଯିବ। ଯଦି କୌଣସି ଭିଜିଟର୍ସଙ୍କୁ ବିଭାଗ ପକ୍ଷରୁ ପୂର୍ବରୁ ଅନୁମତି ଦିଆଯାଇଥିବ ସେ କ୍ଷେତ୍ରରେ କୋହଳ କରାଯିବ। ସରକାରଙ୍କ ଏହି ନିଷ୍ପତ୍ତିକୁ ଆଧାର କରି କର୍ମଚାରୀ ଓ ଅଧିକାରୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟାଳୟରେ ପହଞ୍ଚିବାକୁ ସେ ଦର୍ଶାଇଛନ୍ତି।

# ଟାଟାର ବିଦ୍ୟୁତ୍ ସେବା: ୧ କୋଟି ଉପଭୋକ୍ତା ଦେବେ ମତ

ଭୁବନେଶ୍ୱର,୧୫।୭(ରବିନାରାୟଣ ଜେନା)

ରାଜ୍ୟରେ ଟାଟାର ବିଦ୍ୟୁତ୍ ସେବାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବାବେଳେ ମଙ୍ଗଳବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ( ଓଇଆର୍‌ସି)ରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଏକ ମାମଲାର ଶୁଣାଣି ବେଳେ ଓଇଆର୍‌ସିର ପୂର୍ବତନ ସଭ୍ୟ ବିଜୟ ଚନ୍ଦ୍ର ଜେନା ଭାଗନେଇ ଟାଟାର ବିଦ୍ୟୁତସେବା ଉପରେ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ଅଧ୍ୟକ୍ଷ ପ୍ରଦୀପ ଜେନା ମଧ୍ୟ କ୍ଷୁବ୍ଧ ହୋଇଥିଲେ। ଏହାକୁ ନେଇ ଅଧ୍ୟକ୍ଷ ରାଜ୍ୟର ୧କୋଟି ଉପଭୋକ୍ତାଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଆସନ୍ତା ଏକମାସ ମଧ୍ୟରେ ଉପଭୋକ୍ତାଙ୍କ ମତାମତ ଆସିବା ପରେ ଟାଟାର ସେବା ଉପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ମଙ୍ଗଳବାର ଓଇଆର୍‌ସି ଜନଶୁଣାଣିରୁ ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଟାଟା ଆବଣ୍ଟନ କମ୍ପାନୀଗୁଡ଼ିକର (ଟିପିସିଓଡିଏଲ, ଟିପିଡବ୍ଲ୍ୟୁଓଡିଏଲ, ଟିପିଏସ୍‌ଓଡିଏଲ ଓ ଟିପିଏନ୍‌ଓଡିଏଲ) ବିଦ୍ୟୁତସେବା ବିରୋଧରେ ଉପଭୋକ୍ତାଙ୍କ ଅସନ୍ତୋଷ ଓ ଅଭିଯୋଗ ପାଇବା ପରେ ଓଇଆରସିର ନିର୍ଦ୍ଦେଶକ (ନିୟାମକ ବ୍ୟାପାର) ଏକ କେସ୍ ୫୧/୨୦୨୫ ପଞ୍ଜୀକରଣ କରି ମାମଲା ଦାୟର କରିଥିଲେ। ଏହି କେସ୍‌ର ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଓଇଆର୍‌ସିର ପୂର୍ବତନ ସଭ୍ୟ ବିଜୟ ଚନ୍ଦ୍ର ଜେନା ଶୁଣାଣିରେ ଭାଗନେଇ ଟାଟାର ବିଦ୍ୟୁତ ସେବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରମାଣ ସ୍ୱରୂପ ୧୦ଟି ଉଦାହରଣ ଆୟୋଗଙ୍କ ସମ୍ମୁଖରେ ଥିବା ଏଲ୍‌ଇଡି ସ୍କ୍ରିନରେ ଦର୍ଶାଇଥିଲେ। ବିଦ୍ୟୁତ ସବ୍‌ଷ୍ଟେଶନ, ଖୁଣ୍ଟ ଓ ତାର ଉପରେ ଗଛ ମାଡିଯିବାରୁ କିଭଳି ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇଛି ତା'ର ଅସଲ ଚିତ୍ର ଦେଖାଇଥିଲେ। ବିଦ୍ୟୁତସେବାର ଏସବୁ ଚିତ୍ର ଶକ୍ତିକ୍ଷେତ୍ରର ବିଧିବ୍ୟବସ୍ଥା ଓ ନୀତିନିୟମର ଘୋର ପରିପନ୍ଥୀ ବୋଲି ସେ କହିଥିଲେ।

ଅଧକ୍ଷ ପ୍ରଦୀପ କୁମାର ଜେନା ଏହି ଅଭିଯୋଗକୁ ଗ୍ରହଣ କରି ଏହା ଉପରେ ଅଧିକରୁ ଅଧିକ ଉପଭୋକ୍ତାଙ୍କ ମତାମତ ଆବଶ୍ୟକ ଥିବା ଅନୁଭବ କରିଥିଲେ ଓ ଏହାକୁ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏନେଇ ଏକ ସାଧାରଣ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ଆୟୋଗଙ୍କ ସଚିବ ପ୍ରିୟବ୍ରତ ପଟ୍ଟନାୟକଙ୍କୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ବିଜ୍ଞପ୍ତି ପ୍ରକାଶ ପାଇବାର ଏକମାସ ମଧ୍ୟରେ ଓଡ଼ିଶାର ଏକ କୋଟି ଉପଭୋକ୍ତା ଟାଟା ବିଦ୍ୟୁତସେବା ଉପରେ ନିଜ ନିଜର ମତାମତ ପ୍ରଦାନ କରିବା ପାଇଁ ସକ୍ଷମ ହେବେ। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୯ ତାରିଖକୁ ଧାର୍ଯ୍ୟ ହୋଇଛି। ଉକ୍ତ ଦିନ ଟାଟାର ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି ଶୁଣାଣିରୁ ଜଣାଯାଇଛି।

# ବେଦାନ୍ତ କମ୍ପାନୀ ନାଁରେ ସିଜିମାଳି ଖଣି ଲିଜ୍‌କୁ ବିରୋଧ




ମାଷ୍ଟରକ୍ୟାଣ୍ଟିନ୍‌ଠାରେ ବିଭିନ୍ନ ଗଣତାନ୍ତ୍ରିକ, ମାନବାଧିକାର ଓ ରାଜନୈତିକ ସଂଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଭୁବନେଶ୍ୱର, ୧୫।୭(ଅନୁରାଧା ମହାରଣା)

**ବାତିଲ ଦାବିରେ ରାଜଧାନୀରେ ଗଣବିକ୍ଷୋଭ**

ବେଦାନ୍ତ କମ୍ପାନୀ ସ୍ୱାର୍ଥରେ କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାର ସିଜିମାଳି ଅଞ୍ଚଳରେ ସରକାରୀ ଦମନ ବନ୍ଦ କରିବା, ବିନା ଗ୍ରାମସଭାରେ ବେଦାନ୍ତକୁ ଦିଆଯାଇଥିବା ଖଣି ଲିଜ୍ ବାତିଲ କରିବା, ପ୍ରକୃତି ଓ ପରିବେଶ ସୁରକ୍ଷା ସହିତ ଆଦିବାସୀ, ଦଳିତ ଓ ଗରିବଙ୍କ ଜୀବନ ଜୀବିକା ବଞ୍ଚାଇବା ଆଦି ଦାବିରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ମଙ୍ଗଳବାର ବିଭିନ୍ନ ଗଣତାନ୍ତ୍ରିକ, ମାନବାଧିକାର ଓ ରାଜନୈତିକ ସଂଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରତିବାଦକାରୀମାନେ ନଦୀ, ଚାଷ ଜମି ଓ ଜଙ୍ଗଲ ଉପରେ ଆଦିବାସୀ ତଥା ସାଧାରଣ ଲୋକଙ୍କୁ ଅଧିକାର ଦେବାକୁ ଦାବି କରିଛନ୍ତି। ସେହିପରି ଗତ କିଛିଦିନ ଧରି ରାଜ୍ୟର ବିଭିନ୍ନ ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ଚାଲିଥିବା ସରକାରୀ ଦମନକୁ ବନ୍ଦ କରିବାକୁ ମଧ୍ୟ ଦାବି ହୋଇଛି। ଏଥିସହିତ ବିଭିନ୍ନ ଆନ୍ଦୋଳନକାରୀଙ୍କ ନାମରେ ହୋଇଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବାକୁ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ନରେନ୍ଦ୍ର ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

ଏହି ଗଣ ପ୍ରତିବାଦରେ ବସ୍ତି ସୁରକ୍ଷା ମଞ୍ଚ, ଚାଷୀମୂଲିଆ ସମିତି, ଜନ ଅଧିକାର ମଞ୍ଚର ଓଡ଼ିଶା ଶାଖା, ଅଖିଳ ଭାରତ ଜନମଞ୍ଚ, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ, ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ, ଲୋକଶକ୍ତି ଅଭିଯାନ, ପୁରୀର ଜୀବନ-ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ, ରାଷ୍ଟ୍ରୀୟ ଯୁବା ସଂଗଠନର ସଦସ୍ୟମାନଙ୍କ ସମେତ ସିପିଆଇଏମଏଲ- ଲିବରେଶନ, ଫରୱାର୍ଡ ବ୍ଲକ, ସିପିଆଇଏମ୍‌ଏଲ(ରେଡ ଷ୍ଟାର୍), ସିପିଆଇଏମ୍‌ଏଲ୍, ସିପିଆଇ ଭଳି ବାମପନ୍ଥୀ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇଥିଲେ। ସେହିପରି କୋରାପୁଟର କାଶୀପୁର ବ୍ଲକ ଏବଂ କଳାହାଣ୍ଡି ଜିଲ୍ଲାର ଥୁଆମୂଳ-ରାମପୁର ବ୍ଲକର 'ମା' ମାଟି ମାଳି ସୁରକ୍ଷା ମଞ୍ଚ'ର ସଦସ୍ୟମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ।

# କାନ୍ଥ ପଡ଼ି ବୃଦ୍ଧା ମୃତ

ଟେନ୍‌ସା, ୧୫।୭
(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲ୍ଲା କୋଇଡା ଥାନା ଅନ୍ତର୍ଗତ କାଲଟା ଫାଣ୍ଡି ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ କାନ୍ଥ ପଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ବୃଦ୍ଧା ହେଲେ କାନ୍ଦେଇ ବାଗ(୭୦)। ଏନେଇ କୋଇଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ କୋଇଡ଼ା ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ପାଣି କାନ୍ଦେଇଙ୍କ ଘରେ ପଶି ଯାଇଥିଲା। ଫଳରେ ସେ ଶୋଇଥିବା ଅବସ୍ଥାରେ ମାଟି କାନ୍ଥ ଭୁଶୁଡି ପଡିଥିଲା। କାନ୍ଥ ତଳେ ଚାପି ହୋଇ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଖବର ପାଇ କାଲଟା ଫାଣ୍ଡି ଅଧିକାରୀ ସି.ଆର୍ ପାଣ୍ଡେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋଇଡା ଡାକ୍ତରଖାନାକୁ ପଠାଇଥିଲେ। ଉଲ୍ଲେଖଯୋଗ୍ୟ,ଗତ କିଛି ଦିନ ତଳେ କାନ୍ଦେଇଙ୍କ ସ୍ୱାମୀ ଜୋନାସ ବାଗଙ୍କ ମୃତ୍ୟୁ ଘଟିଥିଲା। ଏକାକୀ ସେ ସେହି ମାଟି ଘରେ ରହୁଥିଲେ।

# ତାମିଲନାଡୁରେ ଟ୍ରକ ଧକ୍କାରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



ରଘୁନାଥ ନାୟକ ଓରଫ ଦାସିଆ
(ଫାଇଲ ଫଟୋ)।

ଦାରିଙ୍ଗବାଡି,
୧୫ ।୭ (ଅରୁଣ ସାହୁ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଗ୍ରୀନବାଡି ପଞ୍ଚାୟତର ଜଣେ ଯୁବକ ତାମିଲନାଡୁକୁ ରୋଜଗାର ପାଇଁ ଦାଦନ ଖଟିବାକୁ ଯାଇ ଟ୍ରକ ଧକ୍କାରେ ପ୍ରାଣ ହରାଇଛନ୍ତି। ସେ ହେଲେ ଗ୍ରୀନବାଡି ଗ୍ରାମର ରଘୁନାଥ ନାୟକ ଓରଫ ଦାସିଆ (୨୭)। ରଘୁନାଥ ପରିବାର ଚଳାଇବାକୁ ଗତବର୍ଷ ପରିବାର ଧରି ତାମିଲନାଡୁ ଚାଲିଯାଇଥିଲେ। ସେଠାରେ ସେ ତ୍ରିପୁର ଅଞ୍ଚଳରେ ରହି ଏକ କମ୍ପାନୀରେ କାମ କରୁଥିଲେ। ଗତ ସପ୍ତାହରେ ରଘୁନାଥ ବାଇକ୍‌ରେ ଯାଉଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୁଣ୍ଡକୁ ଶକ୍ତ ଧକ୍କା ଲାଗିଥିବାରୁ ସେ କୋମାକୁ ଚାଲିଯାଇଥିଲେ। ପରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଦୁର୍ଘଟଣା ପରେ ସମ୍ପୃକ୍ତ ଟ୍ରକଟି ଫେରାର ହୋଇଯାଇଛି। ବର୍ତ୍ତମାନ ତାମିଲନାଡୁରୁ ନିଜ ଗ୍ରାମକୁ କିଭଳି ମୃତଦେହ ଅଣାଯିବ ସେନେଇ ପରିବାର ଲୋକେ ଚିନ୍ତାରେ ଅଛନ୍ତି। ରଘୁନାଥଙ୍କ ସ୍ତ୍ରୀ ଜନପ୍ରିୟା ଓ ଦୁଇ ବର୍ଷର ପୁତ୍ର ସନ୍ତାନ ଅଛନ୍ତି। ଗାଁରେ ବିଧବା ମା'ଜାନକୀ ପୁଅର ମୃତ୍ୟୁ ଖବର ଶୁଣି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ଗ୍ରାମର ଭୂତପୂର୍ବ ଶୋଭାସୁନ୍ଦର କହିଛନ୍ତି।




## ଅପରାଧ

# ବଡ଼ଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ଗୋଲାମୁଣ୍ଡା/କେଗାଁ, ୧୫।୭(ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି)

**ଜମି ବିବାଦକୁ କେନ୍ଦ୍ରକରି ହତ୍ୟାକାଣ୍ଡ**

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମଙ୍ଗଳବାର କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ସାନଭାଇଙ୍କ ଟାଙ୍ଗିଆ ଚୋଟରେ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋକୁଳ କେତକୀ (୪୫)। ସୂଚନା ଅନୁଯାୟୀ, କେଗାଁ ଥାନା ମହାଲିଙ୍ଗ ଗ୍ରାମର କୋଲିଆପଡାଠାରେ ଥିବା ବିଲରେ ମଙ୍ଗଳବାର ତିନି ଭାଇ ମିଶି ଚାଷ କାର୍ଯ୍ୟ କରୁଥିଲେ। ତିନି ଭାଇଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ପୂର୍ବରୁ ପାଟିତୁଣ୍ଡ ହୋଇଥିଲା। ଚାଷକାର୍ଯ୍ୟ ସମୟରେ ପୁରୁଣା ବିବାଦ ଉଗ୍ରରୂପ ନେଇଥିଲା। ପ୍ରତିଶୋଧ ପରାୟଣ ହୋଇ ସାନଭାଇ ଚିତ୍ରସେନ କେତକୀ ନିଜ ବଡ଼ ଭାଇ ଗୋକୁଳଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଘଟଣା ପରେ ଅଭିଯୁକ୍ତ ଚିତ୍ରସେନ ଥାନାରେ ଆତ୍ମସମର୍ପଣ କରିଥିଲେ। ପରିବାରଠାରୁ ଅଭିଯୋଗ ପାଇ କେଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ତେବେ ମୃତକଙ୍କ ଆଉ ଜଣେ ଭାଇ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ କେଗାଁ ଥାନାଧିକାରୀ ମୁକୁନ୍ଦ ନାୟକଙ୍କୁ ପଚାରିବାରୁ ତଦନ୍ତ ପରେ ସବିଶେଷ ତଥ୍ୟ ଦେଇହେବ ବୋଲି ସୂଚନା ଦେଇଥିଲେ।

# ଲୁଟ୍ ଘଟଣାରେ ୪ ଗିରଫ

ଆଠମଲ୍ଲିକ, ୧୫।୭ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଥାନା ମାନଜୋର ଡ୍ୟାମ୍ ନିକଟରୁ ଗତ ୮ ତାରିଖରେ ରାଜିଙ୍ଗ ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁଙ୍କୁ ମାଡ଼ମାରି ଟଙ୍କା ଲୁଟି ନିଆଯିବା ଘଟଣାରେ ପୋଲିସ ମଙ୍ଗଳବାର ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କିଶୋରନଗର ଥାନା ଅଞ୍ଚଳର ତାରିଣୀ ପ୍ରସାଦ ବିଶ୍ୱାଳ, ବଳରାମ ସାହୁ, ଟୁକୁନା ବେହେରା, ଆକାଶ ନାୟକ।

ପୋଲିସ କହିଛି, ଗୋବିନ୍ଦ କିଶୋରନଗର ଅଞ୍ଚଳର ସିମିର ପ୍ରଧାନଙ୍କଠାରୁ ଆଣିଥିବା ଧାର ଟଙ୍କା ଫେରାଇବା ପାଇଁ ସହଯୋଗୀଙ୍କ ସହ ଯାଉଥିଲେ। ଏହି ସମୟରେ ମାନଜୋର ଡ୍ୟାମ୍ ନିକଟରେ ୪ ଅଭିଯୁକ୍ତ ତାରିଣୀ ପ୍ରସାଦ, ବଳରାମ, ଟୁକୁନା, ଅକାଶ ୨ଟି ବାଇକ୍ ଯୋଗେ ଆସି ଗୋବିନ୍ଦଙ୍କୁ ଅଟକାଇଥିଲେ। ସେମାନେ ଗୋବିନ୍ଦଙ୍କୁ ମାଡ଼ ମାରିବା ସହ ୨୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏଥିସହ ଫୋନ ପେ ମାଧ୍ୟମରେ ୫ ହଜାର ଓ ତାଙ୍କ ସ୍ତ୍ରୀଙ୍କୁ ଫୋନ କରି ଫୋନ ପେ ଜରିଆରେ ୯ ହଜାର ଟଙ୍କା ଅଭିଯୁକ୍ତମାନେ ନେଇଯାଇଥିଲେ। ଏପରି କି ଗୋବିନ୍ଦଙ୍କ ମୋବାଇଲ ଓ ହାତ ଘଣ୍ଟାକୁ ନେଇ ପଳାଇ ଯାଇଥିଲେ। ଏ ନେଇ ଗୋବିନ୍ଦ ଆଠମଲ୍ଲିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୯୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ଏସଆଇ ସତୀଶ କୁମାର ଲେଙ୍କା, ଏସ୍‌ଆଇ କାର୍ତ୍ତିକେଶ୍ୱର ବେହେରା, ଏଏସ୍‌ଆଇ ମନୋଜ କୁମାର ସାହୁ, ଏଏସ୍‌ଆଇ ମିଥୁନ ମଲ୍ଲିକ ପ୍ରମୁଖ ବିଭିନ୍ନ ସ୍ଥାନରେ ଯାଞ୍ଚ କରି ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନଙ୍କ ଠାରୁ ୫ଟି ମୋବାଇଲ, ୧୭୦୦ ଟଙ୍କା, ଗୋଟିଏ ବାଇକ୍, ପୋଲିସ ଜବତ କରିଛି।



ଲୁଟ୍ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ।

# ୩ ବାଘଛାଲ ଜବତ,୭ ଅଟକ

ବାରିପଦା,୧୫।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଓ ଖୁଣ୍ଟା ଥାନା ଅଞ୍ଚଳରେ ସୋମବାର ବନ ବିଭାଗ ଚଢ଼ାଉକରି ୩ଟି କଲରାପତରିଆ ବାଘଛାଲ ଜବତ କରିବା ସହ ୭ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ତଦନ୍ତରେ ବାଧା ଉପୁଜିବା କାରଣରୁ ଅଭିଯୁକ୍ତମାନଙ୍କ ପରିଚୟ ଗୋପନ ରଖାଯାଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି। ସୂଚନାଯୋଗ୍ୟ, ବାଘଛାଲ କାରବାର ହେଉଥିବା ନେଇ ବନ ବିଭାଗର ସ୍ୱତନ୍ତ୍ର ଗୋଇନ୍ଦା ଟିମ୍ ଖବର ପାଇଥିଲା। ବିଭାଗୀୟ କର୍ମଚାରୀମାନେ ଗ୍ରାହକ ସାଜି ମୂଲଚାଲ କରିଥିଲେ। ଯୋଜନା ମୁତାବକ ସୋମବାର ବିଳମ୍ବିତ ରାତିରେ କର୍ମଚାରୀମାନେ ବଡ଼ସାହି ଥାନା ପାଉଁଶିଆ ଗ୍ରାମର ଗୁରୁପ୍ରସାଦ ପାତ୍ରଙ୍କ ଘରେ ଚଢ଼ାଉ କରିଥିଲେ। ତାଙ୍କ ଘରୁ ୨ଟି ବାଘଛାଲ ଜବତ କରିଥିଲେ। ସେହିପରି ଖୁଣ୍ଟା ଥାନା ଅଧୀନ ପଶୁଦା ଗ୍ରାମରେ ଚଢ଼ାଉକରି ଗୋଟିଏ ବାଘଛାଲ ଜବତ କରିଥିଲେ। ଏହି ଦୁଇଟି ଘଟଣାରେ ସମ୍ପୃକ୍ତ ଥିବା ୭ଜଣଙ୍କୁ ଅଟକ ରଖି ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଛି।

DSPL-171



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡେଙ୍ଗୁ ନିରାକରଣ ସଚେତନତା ମାସ
ଜୁଲାଇ ୨୦୨୫

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡେ଼ଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଡେଙ୍ଗୁ ଏକ ଋତୁକାଳୀନ ଭୁତାଣୁ ଜନିତ ରୋଗ। ଏଡ଼ିସ୍ ମଶା କାମୁଡିବା ଦ୍ୱାରା ଏହି ରୋଗ ସଂକ୍ରମିତ ହୋଇଥାଏ।ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ଆଖପାଖରେ ଜମିରହୁଥିବା ସ୍ଥିର ଓ ପରିଷ୍କାର ପାଣିରେ ଏଡିସ୍ ମଶା ଡିମ୍ବ ଦେଇ ବଂଶ ବିସ୍ତାର କରିଥାଏ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେ ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଏଡିସ୍ ମଶା ସାଧାରଣତଃ ଘର ଭିତରେ ସୋଫା, ଖଟ, ଆଲମିରା ଓ ଥାକ ତଳେ ଅନ୍ଧାରୁଆ ସ୍ଥାନରେ ବିଶ୍ରାମ ନେଇଥାଏ
- ଏହି ମଶା ସାଧାରଣତଃ ସକାଳ ଏବଂ ଅପରାହ୍ନ (ଗୋଧୂଳି) ସମୟରେ କାମୁଡ଼ିଥାଏ। ମନୁଷ୍ୟ ଶରୀରର ବାହାର ଅଙ୍ଗ ଯଥା; ଗୋଡ, ହାତ, ମୁହଁ, ନାକ ଏବଂ କାନକୁ ଏହି ମଶା କାମୁଡିଥାଏ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର ସହିତ ଆଣ୍ଠୁ-ଗଣ୍ଠି ବିନ୍ଧା, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ, ଡେଙ୍ଗୁ ରୋଗରୁ ନିଜକୁ ସୁରକ୍ଷିତ ରଖନ୍ତୁ

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

OIPR-10003/13/0234/2526

# ପୋଲ ନ ଭାଙ୍ଗୁ

ଅବ୍ୟବସ୍ଥିତ ଜୀବନଶୈଳୀ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଜୀବନ ପାଇଁ ବିପଦ ପାଲଟିଲାଣି। ଏହାଯୋଗୁ ବିଭିନ୍ନ ପ୍ରକାର ଅଣ-ସଂକ୍ରାମକ ରୋଗ ଯଥା ମଧୁମେହ, ମେଦବହୁଳତା, ଉଚ୍ଚ ରକ୍ତଚାପ, ହୃଦ୍‌ଘାତ ଦ୍ରୁତ ଗତିରେ ବଢ଼ିଚାଲିଛି। ଯେତେ ରୋଗ ଭାରତୀୟମାନଙ୍କୁ ପ୍ରଭାବିତ କରୁଛି ତନ୍ମଧ୍ୟରୁ ୫୬% ଏହିଭଳି ଅସ୍ୱାସ୍ଥ୍ୟକର ଜୀବନଶୈଳୀ ସହ ସମ୍ପୃକ୍ତ ରୋଗ ବୋଲି ଇଣ୍ଡିଆନ କାଉନ୍‌ସିଲ ଫର୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ୨୦୨୪ ରିପୋର୍ଟରୁ ଜଣାପଡ଼ିଛି । ଏହାକୁ ଲକ୍ଷ୍ୟ କରି ନିକଟରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଓ ସାର୍ବଜନୀନ ସ୍ଥାନରେ ପ୍ରସ୍ତୁତ ଖାଦ୍ୟ ଯଥା ସିଙ୍ଗଡ଼ା, କଚୋଡ଼ି, ପିଜା, ବର୍ଗର, ଜିଲାପି ଏବଂ ଗୋଲାପଜାମୁ ଆଦିରେ କେତେ ସୁଗାର ଓ ଫ୍ୟାଟ ରହୁଛି ସେ ସମ୍ପର୍କିତ ବୋର୍ଡ କିମ୍ବା ଡିଜିଟାଲ ପୋଷ୍ଟର ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ପଦକ୍ଷେପର ଲକ୍ଷ୍ୟ ହେଉଛି ଲୋକେ କିଭଳି ସୁସ୍ଥ ଜୀବନଶୈଳୀ ଆପଣାଇବେ ଏବଂ ବିଭିନ୍ନ ପ୍ରକାର ରୋଗରୁ ମୁକ୍ତ ହେବେ। ଏହା ପୂର୍ବରୁ ମଧ୍ୟ ୨୧ ଜୁନ୍‌ରେ କାର୍ଯ୍ୟାଳୟଗୁଡ଼ିକରେ ବ୍ୟବହାର କରାଯାଉଥିବା ଲେଟରହେଡ୍, ଏନ୍‌ଭଲପ ଏବଂ ନୋଟ୍‌ପ୍ୟାଡ୍ ଆଦିରେ ମେଦବହୁଳତା ରୋକିବା ସମ୍ପର୍କିତ ବାର୍ତ୍ତା ଉଲ୍ଲେଖ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଥିଲା। ଏବେ ଆଇସିଏମ୍‌ଆର୍ ଓ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନ୍ୟୁଟ୍ରିଶନ (ଏନ୍‌ଆଇଏନ୍) ତରଫରୁ ପ୍ରସ୍ତୁତ କରାଯାଇଥିବା ମଡେଲ ବୋର୍ଡରେ ଦର୍ଶାଯାଇଛି ଯେ, ଦିନକୁ ଅତିବେଶିରେ ଜଣେ ବ୍ୟକ୍ତି ୨୫ ଗ୍ରାମ୍ ସୁଗାର ଓ ୩୦ଗ୍ରାମ୍ ଫ୍ୟାଟ୍ ଖାଇପାରିବେ। ଏହି ବୋର୍ଡ ସାର୍ବଜନୀନ ସ୍ଥାନରେ ଲଗାଗଲେ ଖାଇବା ପୂର୍ବରୁ ଲୋକେ ଚିନ୍ତା କରିବେ ବୋଲି କୁହାଯାଇଛି। ଆଇସିଏମ୍‌ଆର୍ ବୈଜ୍ଞାନିକଙ୍କ ମତରେ ବୋର୍ଡ ଦେଖିଲେ ତିନୋଟି ସିଙ୍ଗଡ଼ା ଖାଉଥିବା ଜଣେ ଲୋକ ଗୋଟିଏରେ ଅଟକି ଯିବ। କିନ୍ତୁ ଏହି ତାଲିକାରେ ଚିପ୍ସ, କୁର୍‌କୁରେ ଭଳି ପ୍ୟାକେଟରେ ମିଳୁଥିବା ଖାଦ୍ୟକୁ ବାରଣ କରିବା ପାଇଁ ଉପଦେଶ ଦିଆଯାଇ ନାହିଁ। ଅର୍ଥାତ ବଡ଼ କମ୍ପାନୀ ସୁରକ୍ଷିତ ରହି ବିଷାକ୍ତ ଖାଦ୍ୟ ବିକି ପାରିବେ। ଅନ୍ୟ ପଟେ ରାସ୍ତାକଡ଼ର ସିଙ୍ଗଡ଼ା ଏବଂ ଜିଲାପି ବିକୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ସରକାର କଳର ଚଢ଼ାଉ ଆରମ୍ଭ ହେବ।

ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ, ସିଙ୍ଗଡ଼ା ଖାଉଥିବା ଲୋକଙ୍କୁ ସଂଖ୍ୟା ପରିବର୍ତ୍ତେ ଆକାର ବେଶି ପ୍ରଭାବିତ କରିଥାଏ। ଭୋକ ହେଉଥିବାବେଳେ ୫ରୁ ୭ ସିଙ୍ଗଡ଼ା ଖାଇଦେବା କୌଣସି ଗୋଟେ ବଡ଼ କଥା ନୁହେଁ। ଯଦି ସିଙ୍ଗଡ଼ାରେ ଅଧିକ ଲଙ୍କା ପଡ଼ିଥିବ, ତେବେ ସେହି ରାଗ ସମ୍ଭାଳିବା ପାଇଁ ୪/୫ଟି ଜିଲାପି ଖାଇହୁଏ। ଏଠାରେ ମନେପଡ଼େ ବିହାରରୁ ଆସିଥିବା ଏକ ରାଜନୈତିକ ଧ୍ୱନି, ଯାହା ହେଲା ''ଯବ୍‌ତକ୍ ରହେଗା ସମୋସେ (ସିଙ୍ଗଡ଼ା)ମେ ଆଲୁ, ତବ୍‌ତକ୍ ରହେଗା ବିହାର ମେ ଲାଲୁ''। ଏଭଳି ପରିସ୍ଥିତିରେ ସମସ୍ତେ ଜାଣନ୍ତି ଯେ, ଆଳୁରେ ମଧ୍ୟ ସୁଗାର ବା ଚିନି ଅଂଶ ଥାଏ, ଯେଉଁଥିପାଇଁ ମଧୁମେହ ବା ଡାଇବେଟିସ ରୋଗୀଙ୍କୁ ଆଳୁ ଓ ଭାତ ଖାଇବାକୁ ମନା କରାଯାଏ। କେବଳ ସିଙ୍ଗଡ଼ା କିମ୍ବା ଜିଲାପି ଉପରେ ନୋଟିସ ଲଗାଇ ବିକ୍ରି କରିଦେଲେ ଦେଶ ସୁସ୍ଥ ହେବ ନାହିଁ। ଭାରତୀୟ ଯୁବତୀଯୁବକଙ୍କୁ ଦେଖିଲେ ସେମାନଙ୍କ ଶାରୀରିକ ପରିସ୍ଥିତି ଉପରେ ଦୟା ଆସେ। ଅଧିକାଂଶ ପ୍ରକାରର ଖାଦ୍ୟ ହଜମ କରିବାର ଶକ୍ତି ମଣିଷ ଦେହରେ ଅଛି। କିନ୍ତୁ ଶରୀର ପାଇଁ ଅତ୍ୟନ୍ତ ଆବଶ୍ୟକ ହେଉଛି କଠିନ ବ୍ୟାୟାମ। ଖାଦ୍ୟଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଧାରଣ କରୁଛି ଶାରୀରିକ ବ୍ୟାୟାମ। ଏଠାରେ ବ୍ୟାୟାମ କହିବାର ଅର୍ଥ ନୁହେଁ ଜଣେ ଜିମ୍‌କୁ ଯାଇ ଓଜନ ଉଠାଇବ। ନିଜର ସବୁ କାର୍ଯ୍ୟ କରିବା ସହିତ ଯଦି ଘର କାମ ଏବଂ ବାହାର କାମ କରିବା ପାଇଁ ସାଧାରଣରେ ଯୁବଶକ୍ତି ସକ୍ରିୟ ହୋଇପାରିବ, ତେବେ ପେଟ ବାହାରିବ ନାହିଁ କିମ୍ବା ଗେଣ୍ଡା ଭଳିଆ କେହି ଦେଖାଯିବେ ନାହିଁ। ସବୁ ପ୍ରକାର ଖାଦ୍ୟ ଉପରେ କଟକଣା ଲଗାଇ ସେଥିରେ ମିଶୁଥିବା ଅଖାଦ୍ୟ ସମ୍ପର୍କରେ ଲିଖିତ ଭାବେ ଦିଆଗଲେ ମଧ୍ୟ ଅଧିକାଂଶ ନାଗରିକ ସେଗୁଡ଼ିକ ବୁଝିପାରିବେ ନାହିଁ। ସୁପ୍ରିମକୋର୍ଟ ହେଉ କିମ୍ବା ପାର୍ଲାମେଣ୍ଟ ସିଗାରେଟ ଭଳି ଖାଦ୍ୟ ଉପରେ ଅରୁଚିକର ଚିତ୍ର ମାରିଲେ କେହି ଖାଦ୍ୟ ତ୍ୟାଗ କରିପାରିବେ ନାହିଁ। ଜୀବନଶୈଳୀ ଏବଂ ଖାଦ୍ୟ ପସନ୍ଦ କରିବା ହେଉଛି ବ୍ୟକ୍ତିଗତ ବିଷୟ। ଆଜିକାଲି ପିଲାମାନେ ମଧ୍ୟ ଅତ୍ୟଧିକ ମୋଟା ହେବା ପଛରେ ସ୍ୱିଗି ଏବଂ ଜୋମାଟୋ ଭଳି ଘରେ ଆଣି ତେଲିଆ ଖାଦ୍ୟ ଯୋଗାଉଥିବା ବ୍ୟବସ୍ଥା ଦାୟୀ। ସେଥିପାଇଁ ଲିଫ୍ଟ ପରିବର୍ତ୍ତେ ଶିଡ଼ି ଚଢ଼ିବା, ଶୋଷ ହେଲେ ନିଜେ ଉଠିକରି ପାଣି ଗ୍ଲାସ ପିଇବା ଭଳି ସହଜ ଏବଂ ସାଧାରଣ କାର୍ଯ୍ୟ କରିବା ସହିତ ନିଜର ସୁସ୍ଥତା ପାଇଁ ବ୍ୟାୟାମ କରିବା ଅତ୍ୟନ୍ତ ଆବଶ୍ୟକ। ସେଥିରେ ସରକାର କିମ୍ବା ଦେଶର ବ୍ୟବସ୍ଥା ମୁଣ୍ଡ ପୂରାଇବା ପରିବର୍ତ୍ତେ ଜନସାଧାରଣ ନିଜ ତରଫରୁ ସଜାଗ ହୋଇ ପରିଶ୍ରମ କରିବା ଦରକାର। ଏହାଛଡ଼ା ସରକାର ନିଜ କାମକୁ ଯଥା ବ୍ରିଜ ନିର୍ମାଣ, ରାସ୍ତା ତିଆରି ଭଳି କାର୍ଯ୍ୟକୁ ଗୁରୁତ୍ୱ ଦେବା ସହିତ ଦେଶ ଏବଂ ମହିଳାଙ୍କ ସୁରକ୍ଷାକୁ ଅଧିକ ଧ୍ୟାନ ଦେଇ ପାରିଲେ ତାହା ନାଗରିକଙ୍କ ପାଇଁ ମଙ୍ଗଳମୟ ହେବ। ନାଗରିକଙ୍କ ଦୈନନ୍ଦିନ ଜୀବନରୁ ସରକାର ଦୂରେଇ ଯିବା ଅତ୍ୟନ୍ତ ଆବଶ୍ୟକ।

# ସମବାୟ ଓ ଅନ୍ତର୍ଭୁକ୍ତି ବିକାଶ



ପ୍ରତାପ ଚନ୍ଦ୍ର ସାମଲ

ଊନବିଂଶ ଶତାବ୍ଦୀରେ ବ୍ରିଟେନ୍‌ରେ ଦେଖାଦେଇଥିବା ଉଦ୍ୟୋଗିକ ବିପ୍ଳବର ସମାଲୋଚନା ପ୍ରକାଶ ପାଇଥିଲା 'ଅନ୍.ଟୁ.ଦି.ଲାଷ୍ଟ' ପୁସ୍ତକରେ। ଗାନ୍ଧିଜୀ ଏହି ପୁସ୍ତକଟି ପଢ଼ିବାରୁ ତାଙ୍କ ମନରେ ଏହା ଗଭୀରଭାବେ ପ୍ରଭାବ ପକାଇଥିଲା। ଗାନ୍ଧିଜୀ ଉକ୍ତ ପୁସ୍ତକଟି ଅନୁବାଦକରି ନାମ ଦେଇଥିଲେ 'ସର୍ବୋଦୟ'। ଯାହାର ମୁଖ୍ୟ ସାରାଂଶ ଥିଲା ସମସ୍ତଙ୍କ କଲ୍ୟାଣରେ ହିଁ ବ୍ୟକ୍ତିର ମଙ୍ଗଳ ହୁଏ। ଗାନ୍ଧୀ ଏହି ଅନ୍ତର୍ଭୁକ୍ତିକୁ ଠିକ୍ ଭାବରେ ବୁଝିଥିଲେ ଏବଂ ତାହା ହିଁ ତାଙ୍କର 'ସ୍ୱରାଜ୍ୟ'ର ପରିକଳ୍ପନା ଥିଲା।

ଆମେ ବର୍ତ୍ତମାନ ମିଛ ବାହାନାର ସାହାରା ନେଇ 'ଅନ୍ତର୍ଭୁକ୍ତି ବିକାଶ'ର କଥା କହୁଛୁ। କିନ୍ତୁ ବହୁ ଲୋକ ଏହି ଅନ୍ତର୍ଭୁକ୍ତି ବିକାଶର ବହୁ ଦୂରରେ। କାରଣ ସମାଜରେ ଦିନକୁ ଦିନ ଅର୍ଥନୈତିକ ଅସମାନତା ବୃଦ୍ଧି ପାଇବାରେ ଲାଗିଛି। ୪୦ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହିଛନ୍ତି। ମାନବ ବିକାଶ ମାନଦଣ୍ଡରେ ଭାରତୀୟମାନେ ବହୁ ପଛରେ। ଏହା ଗୋଟିଏ ଦେଶର ଗୁଣାତ୍ମକ ମାନକୁ ସୂଚିତ କରୁଛି। ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ ଆମକୁ ଆଗକୁ ଯିବାକୁ ହେବ। କାରଣ ଅନ୍ତର୍ଭୁକ୍ତି ହିଁ ଆମର ଭବିଷ୍ୟତ। ଲୋକମାନଙ୍କ ନିକଟକୁ କ୍ଷମତା ଯିବା ଆମର ଭବିଷ୍ୟତ। ଆମେ ପଞ୍ଚାୟତିରାଜ ଶାସନକୁ ଗ୍ରହଣ କରିଛୁ। ଯଦି ସମ୍ବିଧାନ ସଂଶୋଧନକୁ ୭୦ % ଗରିବ ଓ ଚରମ ଅବହେଳାର ଶିକାର ହେଉଥିବା ଲୋକମାନଙ୍କ ସହ ସମପରିମାଣରେ ଭାଗ କରିପାରିବା, ତେବେ ବିକାଶ ଓ ନ୍ୟାୟ ସେମାନଙ୍କୁ ମିଳିପାରିବ ଏବଂ ସେମାନେ ଅନ୍ତର୍ଭୁକ୍ତି ବିକାଶର ଅଂଶ ହୋଇପାରିବେ। ଅନ୍ତର୍ଭୁକ୍ତି ବିକାଶ କେବଳ ସମ୍ଭବ ସମବାୟ ଆନ୍ଦୋଳନ ମାଧ୍ୟମରେ। ସମବାୟକୁ ଶକ୍ତିଶାଳୀ କରିପାରିଲେ ଏହା ଅର୍ଥନୈତିକ ଅନ୍ତର୍ଭୁକ୍ତି ମାର୍ଗକୁ ଉନ୍ମୋଚିତ ଓ ପ୍ରଶସ୍ତ କରିବ।

ସମବାୟ ଆନ୍ଦୋଳନକୁ ଅର୍ଥନୈତିକ ଜଗତୀକରଣ ସମୟରେ କିପରି ଶକ୍ତିଶାଳୀ କରିପାରିବା ଏହା ଆମ ପାଇଁ ଏକ ଆହ୍ୱାନ। ଏ ଆହ୍ୱାନକୁ ମୁକାବିଲା କରିବା ପାଇଁ ଯେଉଁ ପ୍ରତିଯୋଗିତା ଲୋଡ଼ା ତାହା ସମବାୟ ଦ୍ୱାରା ସମ୍ଭବ କି? ଯଦି ସମ୍ଭବ ତେବେ ତାହା କିପରି କରାଯାଇପାରିବ? କେବଳ ସମ୍ବିଧାନ ସଂଶୋଧନ କରିଦେଲେ କିମ୍ବା ସମ୍ବିଧାନରେ ନୂତନ ବ୍ୟବସ୍ଥା ଯୋଡ଼ିଦେଲେ ଏହା ସଫଳ ହେବନାହିଁ। ତାହା ଯଦି ହୋଇପାରୁଥାନ୍ତା ତେବେ ବାରମ୍ବାର ସମ୍ବିଧାନ ସଂଶୋଧନ ହେଉ ନ ଥାନ୍ତା।

୨୦୧୨ ମସିହାକୁ ମିଳିତ ଜାତିସଂଘ ତରଫରୁ ଭାରତରେ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ପାଳନ କରାଯାଇଥିଲା। ପୁଣି ଚଳିତ ୨୦୨୫କୁ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ଭାରତରେ ପାଳନ କରାଯାଉଛି। ମାତ୍ର ୧୩ ବର୍ଷ ମଧ୍ୟରେ ସମବାୟରେ ବିକାଶ ପରିବର୍ତ୍ତେ ବିନାଶ ହୋଇଛି।



୨୦୧୨ ବର୍ଷକୁ ସଫଳ କରିବା ପାଇଁ ଅନେକ କାଗଜପତ୍ର ପ୍ରସ୍ତୁତ ହେଲା, ସେମିନାର ହେଲା, ପ୍ରଚାର ଓ ପ୍ରସାର ହୋଇ ବହୁ କୋଟି ଟଙ୍କା ଖର୍ଚ୍ଚ ହେଲା, କିନ୍ତୁ ବାସ୍ତବତା କ'ଣ ତାହା ପ୍ରକାଶ ପାଇଲା ନାହିଁ। ପ୍ରଥମ ପ୍ରଶ୍ନ ହେଉଛି ମାନସିକ ସ୍ତରରେ ଏହା ପ୍ରବେଶକଲା କି? ଯଦି ପ୍ରବେଶ କଲାନାହିଁ, ତେବେ କାହିଁକି ପ୍ରବେଶ କଲାନାହିଁ ? ଯଦି ପ୍ରବେଶ କଲା ତେବେ ସମବାୟ ଆନ୍ଦୋଳନରେ ତାହା କିପରି ପରିବର୍ତ୍ତନ ଆଣିଲା ? ଗତ ୧୩ ବର୍ଷ ମଧ୍ୟରେ ଏହାର ତର୍ଜମା ସହ ପ୍ରତିକାର କରିବାର ଥିଲା, କିନ୍ତୁ ତାହା ହେଲା ନାହିଁ। ଆର୍ଥିକ ଅନ୍ତର୍ଭୁକ୍ତି କ୍ଷେତ୍ରରେ ସମବାୟର ଯଥେଷ୍ଟ ଭୂମିକା ରହିଥିଲେ ତାହା ଫଳପ୍ରଦ ହୋଇପାରିଲା ନାହିଁ। କାରଣ କେତେଜଣ ଦୁର୍ନୀତଗ୍ରସ୍ତ ପେସାଦାରମାନଙ୍କ ଦ୍ୱାରା ଯେଉଁ ହାରରେ ସ୍ୱୟଂ ସହାୟକ ସମବାୟ ସଂସ୍ଥାଗୁଡ଼ିକ ଲୋକମାନଙ୍କୁ ଠକି ଅମାପ ଅର୍ଥର ଅଧିକାରୀ ହେଲେ, ତାହା ସମବାୟ ଆନ୍ଦୋଳନ ପ୍ରତି ଏକ ଶକ୍ତ ଧକ୍କା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆନ୍ତର୍ଜାତିକ ସମବାୟ ବର୍ଷରେ ଓଡ଼ିଶାରେ ଏହି ଘଟଣା ଘଟିଲା, ଗରିବ ଲୋକମାନେ ଲୋଭର ବଶବର୍ତ୍ତୀ ହୋଇ ଜମା କରିଥିବା ଅର୍ଥ ହରାଇଲେ। ଫଳରେ ସରକାର ସମବାୟ ଆଇନରେ ପୁନଶ୍ଚ ସଂଶୋଧନ ଆଣିବା ପାଇଁ ବାଧ୍ୟ ହେଲେ।

ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଯୋଜନା କମିଶନ (କୃଷି ଡିଭିଜନ) ଗଠନ କରାଯାଇ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ସମବାୟ ଋଣ ଓ ପରିଚାଳନା ସମ୍ପର୍କରେ ସେମାନଙ୍କ ସୁପାରିସ ପ୍ରଦାନ କରିଥିଲେ। ଏହାର ସାରମର୍ମ ଥିଲା ସମବାୟ ସମ୍ପର୍କିତ ଋଣ ଦେବାର କୌଶଳ କୃଷିର ବିକାଶ କୌଶଳକୁ ଦୃଷ୍ଟିରେ ରଖି ସଂଖ୍ୟାତ୍ମକ ଋଣ ପ୍ରବାହର ଲକ୍ଷ୍ୟ ପୂରଣ ହେବା ଦରକାର। ଯଦିଓ ଏହା ଅନ୍ତର୍ଭୁକ୍ତି ବିକାଶ ପାଇଁ ପର୍ଯ୍ୟାପ୍ତ ନ ଥିଲା। ଏଥିପାଇଁ ଏଥିରେ ପ୍ରାଥମିକ କୃଷିଋଣ ସମବାୟ ସମିତିଠାରୁ ରାଜ୍ୟ ସମବାୟ ବ୍ୟାଙ୍କ ପର୍ଯ୍ୟନ୍ତ କେବଳ କୃଷିକ୍ଷେତ୍ରକୁ ଋଣ ନ ଦେଇ ଗ୍ରାମୀଣ ଜୀବନ ଜୀବିକା ପାଇଁ ଋଣଦେବା ଉପରେ ଗୁରୁତ୍ୱାରୋପ କରାଯିବାର ଥିଲା, ତାହା ମଧ୍ୟ ହୋଇପାରିଲା ନାହିଁ।

ପ୍ରାଥମିକ ସମବାୟ ସଂସ୍ଥାଗୁଡ଼ିକରେ ସଭ୍ୟ ସଂଖ୍ୟା ତୁଳନାରେ ଋଣ ଅତ୍ୟନ୍ତ ନ୍ୟୂନ, ଯଦିଓ ଏ ଦିଗରେ ବୈଦ୍ୟନାଥନ୍ କମିଟି ବହୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲେ। ଏହାର ଅର୍ଥ ଥିଲା ସବା ତଳସ୍ତରରେ ଥିବା ପ୍ରାଥମିକ ସମବାୟ ସଂସ୍ଥାଗୁଡ଼ିକ ପ୍ରତି ଗ୍ରାମାଞ୍ଚଳର ଗରିବ ଓ କୋଣଠେସା ହେଉଥିବା ଲୋକଙ୍କୁ ଆକୃଷ୍ଟକରି ସଭ୍ୟ ସଂଖ୍ୟା ବୃଦ୍ଧି ସହ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି କରିବା। ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ, ସମବାୟ ଏକ ସଶକ୍ତ ଆନ୍ଦୋଳନ ଭାବେ ନିଜର ପରିଚୟ ସୃଷ୍ଟି କରିପାରିନାହିଁ। ବର୍ତ୍ତମାନ ଏହା ସରକାରଙ୍କ ଏକ ବିଭାଗରେ ପରିଣତ ହୋଇଯାଇଛି ଯେଉଁଠି ଫାଇଲ୍ କଥା କହୁଛି, ମଣିଷ କଥା କହୁନାହିଁ। 'ଅନ୍ତର୍ଭୁକ୍ତି ବିକାଶ' ପାଇଁ ସମବାୟ ଏକ ଆନ୍ଦୋଳନ ହେବା ଅପରିହାର୍ଯ୍ୟ। ଆନ୍ଦୋଳନ ମଧ୍ୟକୁ ସବୁ ଶ୍ରେଣୀ ଓ ସବୁ ବର୍ଗର ଲୋକମାନେ ପ୍ରବେଶ କରିବାର ଆବଶ୍ୟକତା ଅଛି। ସେମାନେ ସେମାନଙ୍କ ଶକ୍ତିମତେ ଶାରୀରିକ, ମାନସିକ ଓ ଆର୍ଥିକ ସହଯୋଗ ଯୋଗାଇଦେଲେ ଆନ୍ଦୋଳନ ଶକ୍ତିଶାଳୀ ହେବ।

ବର୍ତ୍ତମାନ ଦେଶର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅବସ୍ଥାକୁ ଦୃଷ୍ଟିରେ ରଖି ସମବାୟ ଆନ୍ଦୋଳନକୁ ପରିଚାଳନା କରିବା ଦରକାର। ଜଗତୀକରଣର ବଜାରୀକରଣରୁ ମୁକ୍ତି ପାଇବାର ବାଟ ହେଉଛି ସମବାୟ। କିନ୍ତୁ ସମବାୟ ତା' ବାଟରେ ଠିକ୍ ରୂପେ ନ ଯାଇପାରି ମଝିରେ ମଝିରେ ଝୁଣ୍ଟୁଛି। ଫଳରେ ସମ୍ବିଧାନ ସଂଶୋଧନ, ବିଭିନ୍ନ କମିଟି ଗଠନ ଓ ରିପୋର୍ଟ ପ୍ରଦାନ, କମିଟିଗୁଡ଼ିକର ସୁପାରିସ ଇତ୍ୟାଦିରେ ସମୟ ଓ ଶ୍ରମଶକ୍ତି ଅପଚୟ ହେଉଛି। ଆମେ ଯେତେ ଜୋର୍‌ରେ ରଡ଼ି ଛାଡୁଥିଲେ ମଧ୍ୟ ମିଳିତଭାବେ ସଂଘବଦ୍ଧ ପ୍ରଚେଷ୍ଟାର ଅଭାବ ଦେଖାଦେଇଛି। ବହୁକ୍ଷେତ୍ରରେ କେତେଜଣ ନ୍ୟସ୍ତସ୍ୱାର୍ଥ ରାଜନୈତିକ ବ୍ୟକ୍ତି ସମବାୟର ଅର୍ଥ ନ ବୁଝି ବହୁ କ୍ଷେତ୍ରରେ ଆତ୍ମାସ୍ଥଳୀ ଜମାଇ ଏହାକୁ କରାୟତ୍ତ କରିପାରିଛନ୍ତି। ସ୍ୱାର୍ଥକୁ ଆଖି ଆଗରେ ରଖି ଖଣ୍ଡ ବିଖଣ୍ଡିତ ନିୟମକାନୁନ ପ୍ରଣୟନକରି ସମବାୟକୁ ପରିଚାଳନା କରାଯାଇପାରେନା।

ଅନ୍ତର୍ଭୁକ୍ତି ବିକାଶ ପାଇଁ ଲୋଡ଼ା ଅନ୍ତର୍ଭୁକ୍ତି ଚିନ୍ତନ ଓ କାର୍ଯ୍ୟ ପ୍ରଣାଳୀ। ଏ ଦିଗରେ ସବା ତଳସ୍ତରର ଲୋକମାନଙ୍କ ସହ ଅଧିକ ଆଲୋଚନା, ପର୍ଯ୍ୟାଲୋଚନା, ଗ୍ରାମ୍ୟ ସ୍ତରରେ ସେମାନଙ୍କଠାରୁ ତଥ୍ୟ ସଂଗ୍ରହକରି ଠିକ୍ ସିଦ୍ଧାନ୍ତ ଗ୍ରହଣ କରିପାରିଲେ ସମବାୟ ସଫଳ ହେବ ଏବଂ ଅନ୍ତର୍ଭୁକ୍ତି ବିକାଶର ମାର୍ଗ ସୁଗମ ହେବ। କେବଳ ବ୍ୟାଙ୍କଗୁଡ଼ିକରେ ଜମାଖାତା ବା ଋଣ ଖାତା ଖୋଲିବାରେ ସୀମିତ ନ ରହି ଦେଶ ତଥା ରାଜ୍ୟର ପ୍ରତ୍ୟେକ ପରିବାର ଆର୍ଥିକ ଉନ୍ନତିରେ ଅନ୍ତର୍ଭୁକ୍ତି ମିଶନ ମାଧ୍ୟମରେ ଦେଶର ସମସ୍ତ ଲୋକ ଯେପରି ବ୍ୟାଙ୍କ ସେବା ସୁରୁଖୁରୁରେ ପାଇପାରିବେ ସେ ବ୍ୟବସ୍ଥା ଠିକ୍ ରୂପେ କଲେ ଏହାର ସୁଫଳ ଉପଲବ୍ଧି ହୋଇପାରିବ।

ଦୁର୍ନୀତିଖୋର କର୍ମଚାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଦୀର୍ଘଦିନ ଧରି ବିଭିନ୍ନ ସମବାୟ ସମିତିର ପରିଚାଳନା ପରିଷଦରେ ସାମିଲ ଥିବା ସଚ୍ଚୋଟ ବ୍ୟକ୍ତିବିଶେଷଙ୍କୁ ବିଶ୍ୱାସକୁ ନେଇ ବିଭିନ୍ନ ସମବାୟ ଅନୁଷ୍ଠାନର ପରିଚାଳନାରେ ସାମିଲ କରିପାରିଲେ ସମବାୟର ବିକାଶ ଧାରା ଆପେ ଆପେ ଆଗେଇପାରିବ।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଦୁର୍ନୀତିର ଚେର



ପୁଷ୍ପାରାଣୀ ମିଶ୍ର

ଚାରିଆଡେ ଖାଲି ଦୁର୍ନୀତିର ଗନ୍ଧ, ଭିଜିଲାନ୍ସର ଚଢ଼ଉ, ପୁଳାପୁଳା ଟଙ୍କା। ପରବର୍ତ୍ତୀ ପିଢି ଉପରେ ଏହାର ପ୍ରଭାବ ସୁଦୂରପ୍ରସାରୀ। ଅଧୁନା ହାଇସ୍କୁଲରେ ଭଲ ନମ୍ବର ରଖି ପାସ୍ କରିଥିବା ମେଧାବୀ ପିଲାଏ ଭବିଷ୍ୟତରେ ଇଞ୍ଜିନିୟର କି ଭାରତୀୟ ପ୍ରଶାସନିକ ସେବାରେ ଭର୍ତ୍ତିହେବାକୁ ଆଶା ରଖିଲେଣି। କୁହାଯାଏ ଯେତିକି ଧରାପଡୁଛନ୍ତି ତା'ଠାରୁ କୁଆଡେ ଅନେକ ସଂଖ୍ୟାରେ ବଡ଼ମାଛ ଖସି ଯାଉଛନ୍ତି। ତେଣୁ ପ୍ରଶ୍ନ ଉଠେ, ଏତେ ଚଢ଼ାଉ, ଗିରଫ ସତ୍ତ୍ୱେ ପୁଣି କେମିତି ଧରା ପଡୁଛନ୍ତି ? କାରଣ ଧଣ୍ଡସାପ ବେଙ୍ଗ ଗିଳିଲା ପରି ପଞ୍ଝାଏ ଦୁର୍ନୀତିଗ୍ରସ୍ତ ଏମିତି ପେଟ ଭରିଛନ୍ତି ଯେ ନା ହଜମ କରି ପାରୁଛନ୍ତି ନା ବାନ୍ତି କରିପାରୁଛନ୍ତି। ଚାକିରି ଜୀବନର ଶେଷ ସମୟକୁ ବିଡ଼ା ବିଡା ଟଙ୍କା ପଡୋଶୀଙ୍କ ଛାତକୁ ଫୋପାଡିବା ହିଁ ସାର ହେଉଛି। ଆଉ ପଞ୍ଝାଏ ଏହାକୁ ଦେଖି ଚାକିରି ଆରମ୍ଭରୁ ହିଁ ଲାଞ୍ଚମିଛରେ ଏମିତି ମାତି ଯାଉଛନ୍ତି ସତେ ଅବା ଏ ବାବଦରେ ସ୍ୱତନ୍ତ୍ର ତାଲିମ ନେଇ ଆସିଛନ୍ତି, କମ୍ ଦିନ ଭିତରେ ଲକ୍ଷ୍ୟ ହାସଲ କରିନେବା ପାଇଁ। ଏଣୁ ଯଦି କି ନୂଆ କି ପୁରୁଣା ସମସ୍ତେ ଲାଞ୍ଚଖୋରିରେ ମାତିବେ ତେବେ ବିକାଶ ପାଇଁ ଆସୁଥିବା ଅର୍ଥରାଶି ବାଟମାରଣା ହୋଇ ଗୁପ୍ତରେ ସ୍ୱିସ୍ ବ୍ୟାଙ୍କମାନଙ୍କୁ ହିଁ ଯିବ। ଏଥିକୁ ଦୋଷ ବା ଦେବା କାହାକୁ?

କାଁ ଭାଁ ଦୁର୍ନୀତିଗ୍ରସ୍ତଙ୍କୁ ଧରି ପକାଇଲେ ଦୁର୍ନୀତିର ମୂଳୋତ୍ପାଟନ ହୋଇ ପାରିବ କି? ଏଥିପାଇଁ ବ୍ୟବସ୍ଥାକୁ ସଜାଡିବା ଆବଶ୍ୟକତା ନାହିଁ କି? ଲାଞ୍ଚଗ୍ରହୀତାଙ୍କ ପରି ଲାଞ୍ଚ ଦାତାମାନେ ତ ସମପରିମାଣରେ ଦୋଷୀ, କିନ୍ତୁ ଧରା ହେଉଛନ୍ତି କେତେଜଣ? ଆଇନ ବ୍ୟବସ୍ଥାକୁ ମୋଡିମକଚି ପେଞ୍ଚୁଆ ଅଧିକାରୀମାନେ ଯେତେବେଳେ ଦୁର୍ନୀତିକୁ ନୀତିରେ ପରିଣତ କରି ସ୍ୱଚ୍ଛ ଦିବାଲୋକରେ ଆଇନକୁ ଆଖିଠାର ମାରି ଲୁଟୁଛନ୍ତି, ସେତେବେଳେ ଏଥିରେ ଲାଞ୍ଚଦାତା ଏବଂ ଅନୁଗୃହୀତ ହେଉଥିବା ବ୍ୟକ୍ତିଙ୍କର ଅବାଧ ସହଭାଗିତା ରହୁଛି। ଉଦାହରଣସ୍ୱରୂପ ଥରେ ମାଛ ବିକ୍ରି କରି ପେଟ ପୋଷୁଥିବା ବ୍ୟକ୍ତିଟିଏ ପ୍ରତିଦିନ ପରି ସକାଳୁ ତା'ର ମାଛଧରା ଯନ୍ତ୍ର ପାଖକୁ ଯାଇ ଦେଖେ ଗୋଟିଏ ଧଣ୍ଡସାପ ଭିତରେ ପଶି ମାଛ ଯାକ ଖାଇ ଦେଇଥିବାରୁ ଆଉ ବାହାରି ନ ପାରି ଛଟପଟ ହେଉଛି। ତା'ର ସେଦିନର ରୋଜଗାର ହେରେଇଥିବା ରାଗରେ ଲୋକଟି ଧଣ୍ଡ ସାପର ମୁଣ୍ଡକୁ ଧରି ବୁଲାଇ ବୁଲାଇ ଦୂରକୁ ଫିଙ୍ଗିଦିଏ। ସାପଟି ନିକଟସ୍ଥ ଏକ ବୁଦା ପାଖରେ ପଡି କଷ୍ଟରେ ଆର୍ତ୍ତଚିତ୍କାର କରିବାରୁ ପାଖ ଗାତରେ ରହୁଥିବା ନାଗସାପଟିଏ ଘଟଣା କ'ଣ ଜାଣିବାକୁ ବାହାରକୁ ମୁଣ୍ଡକାଢ଼େ। ବିଚରା ଜଖମି ଧଣ୍ଡସାପଠାରୁ ସମସ୍ତ ବୃତ୍ତାନ୍ତ ଶୁଣିସାରି ତାକୁ ନିଜ ଗାତରେ



ସାଷ୍ଟାମହେବା ପାଇଁ ଉପଦେଶ ଦେଇ ପ୍ରତିଶୋଧ ଆଶାରେ ମାଛଧରା ଯନ୍ତ୍ର ପାଖକୁ ବୀରଦର୍ପରେ ଯାଇ ମାଛ ଖାଏ। ପରଦିନ ସକାଳେ ବ୍ୟକ୍ତିଟି ଆସି ପୁନଶ୍ଚ ସାପଟିଏ ଦେଖି ରାଗରେ ଧରିବାକୁ ଉଦ୍ୟତ ହୁଅନ୍ତେ ନାଗସାପଟି ଫଣା ଟେକି ଗର୍ଜନ କରେ। ତହୁଁ ବ୍ୟକ୍ତିଟି ହାତରେ ଗାମୁଛାକୁ ଗୁଡାଇ ପାଟିରେ ଗଦ ଜାକି ନାଗର ମୁଣ୍ଡକୁ ଧରିନେଇ ଘେରାଏ ବୁଲାଇ ଫିଙ୍ଗିଦିଏ। ସାପଟି ସେଇ ବୁଦା ପାଖରେ ଭୁସ କରି ପଡି ବିକଳରେ ଚିତ୍କାର କରନ୍ତେ, ପୂର୍ବରୁ ବିଶ୍ରାମ ନେଉଥିବା ଧଣ୍ଡସାପଟି ପଦାକୁ ବାହାରି କାରଣ ପଚାରେ। ନାଗସାପଟି ମନ୍ତବ୍ୟ ରଖେ, ନାଇଁ ଭାଇ, ଏହା ସେ ଯନ୍ତ୍ର କରାମତି, ତା' ଭିତରକୁ ଧଣ୍ଡ ଯାଉ କି ନାଗ ସମସ୍ତଙ୍କର ଏହି ସମ ଅବସ୍ଥା ହିଁ ହେବ। ଅତଏବ ଆମ ବ୍ୟବସ୍ଥାରେ ଭଲ ଛାତ୍ର ଆସନ୍ତୁ କି ଖରାପ ଛାତ୍ର ଏକା ପ୍ରକାରେ ଦୁନୀତିରେ ହିଁ ଲିପ୍ତ ହେବେ। ତେଣୁ ବ୍ୟବସ୍ଥାରେ ପରିବର୍ତ୍ତନ ଆଜି ଜରୁରୀ ହୋଇପଡିଛି। ପ୍ରବେଶିକା ପରୀକ୍ଷା ହେଉ କି ଚାକିରି ପାଇଁ ଲିଖିତ ପରୀକ୍ଷା ପ୍ରତିଟିରେ ପାସ୍ କରାଇ ନେବା ପାଇଁ ଦଲାଲ ଗୋଷ୍ଠୀ ଜାଲ ବିଛାଉଛନ୍ତି। ସରକାର କାଁ ଭାଁ ଦଲାଲଙ୍କୁ ଧରି ବାହାଦୁରି ନେଲାବେଳେ ଲାଞ୍ଚଦାତାମାନଙ୍କୁ ଧରିବା ନଜିରରେ ଆସୁନାହିଁ। ଏତେ ଘଟଣା ସତ୍ତ୍ୱେ ଆଜି ବି ଲୋକେ ଚାକିରି କରାଇବା ପାଇଁ ଲାଞ୍ଚର ଆଶ୍ରୟ ନେଇ ଠକେଇ ହେଲେ ଥାନାକୁ ଦୌଡୁଛନ୍ତି।

ଲାଞ୍ଚ ଦେବା କ'ଣ ଅପରାଧ ନୁହେଁ, ଆମେ ପଇସା ଦେଇ ଯଦି ଚାକିରିଟି ହାତେଇ ନେବା ତେବେ ବର୍ଷବର୍ଷ ଧରି ପରିଶ୍ରମ କରୁଥିବା ଗରିବ ମେଧାବୀ ପିଲାଏ ଯିବେ କୁଆଡ଼େ? ସରକାରଙ୍କ ଅନେକ ସଞ୍ଚୟ ଯୋଜନାକୁ ଅଣଦେଖା କରି ଯେଉଁମାନେ ରାତାରାତି କୋଟିପତି ହେବା ଆଶାରେ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରେ କଷ୍ଟଲବ୍ଧ ଅର୍ଥ ଜମାରଖି ଠକେଇ ହେବା ବେଳକୁ ଯାଇ ଚିତ୍କାର କରୁଛନ୍ତି, ସେମାନେ କ'ଣ ଦେଶ ଭକ୍ତ? ଆୟକରରୁ ବଞ୍ଚିବା ପାଇଁ ବ୍ୟବସ୍ଥାର ଆଶ୍ରୟ ନେଉନାହାନ୍ତି ତ? ଅତଏବ ଦୁର୍ନୀତିର ମୂଳଉତ୍ସଗୁଡିକୁ ଚିହ୍ନଟ କରି ଯଦି ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇପାରନ୍ତା ତେବେ କେଜାଣି ଏହା କେତେକାଂଶ କମିପାରନ୍ତା। ନଚେତ୍ ଯେତେଦିନ ଯାଏ ଲାଞ୍ଚ ଦେଇ କାମ କରାଇ ନେବାର ମନୋବୃତ୍ତି ଆମ ପାଖରେ ଥିବ ସେତେଦିନ ଯାଏ ପିଢି ପରେ ପିଢି ଲାଞ୍ଚ ଗ୍ରହୀତାମାନେ ଜନ୍ମ ନେଉଥିବେ ଏବଂ ଏହି ଧାରା ସୁବ୍ୟବସ୍ଥିତ ଢଙ୍ଗରେ ଚାଲୁଥିବ। ଏହି ଲାଞ୍ଚଦାତାମାନଙ୍କର ମାନସିକ ପରିବର୍ତ୍ତନ ଘଟିଲେ ଯାଇ ସମାଜରୁ ଦୁର୍ନୀତି ଧୀରେ ଧୀରେ ଲୋପପାଇବ, ଯାହା ସମୟ ସାପେକ୍ଷ।

**ଭକ୍ତମଧୁନଗର, ଗଣ୍ଡମୁଣ୍ଡା, ଭୁବନେଶ୍ୱର**
**ମୋ:୬୩୭୧୯୪୭୧୧୭**

## ଏଇ ଭାରତରେ

ଗୁଜରାଟର ୨୭ ବର୍ଷୀୟ ନିଷ୍ଠା ଚୌହାଣ 'କାଫେ ଆରମ୍ଭ' ନାମକ ବର୍ଜ୍ୟବିହୀନ କାଫେରୁ ମାସକୁ ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏଠାରେ ମାଣ୍ଡିଆ ଓ ବାଜରା ଜାତୀୟ ଶସ୍ୟରୁ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ନିଷ୍ଠା ଇଞ୍ଜିନିୟରିଂ ପରେ ଅଜିସ୍ତ ଏରୋସ୍ପେଶରେ କାମ କରୁଥିଲେ। ୨୦୨୧ରେ ଚାକିରି ଛାଡ଼ି ପିଲାଙ୍କ ଖାଦ୍ୟଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ଅହମ୍ମଦାବାଦର ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟ ଏଜୁକେଶନ (ସିଇଇ) କ୍ୟାମ୍ପସରେ କାଫେ ଖୋଲିଥିଲେ। କାଫେରେ ମାଣ୍ଡିଆ ଦୋସା, ବାଜରା ଓ ଯଅ ମୋମୋ, ପାଉରୁଟି ଆଦି ୧୨ ପ୍ରକାର ଖାଦ୍ୟ ପରଷୁଛନ୍ତି। ଏଠାରେ ଗୁଆ ପତ୍ରରୁ ତିଆରି ପ୍ଲେଟ୍, ଗିନା, ଗ୍ଲାସ ବ୍ୟବହାର କରାଯାଉଛି। ସେ କାଫେ ମାଧ୍ୟମରେ କର୍ମଶାଳା ଆୟୋଜନ କରି ସ୍କୁଲପିଲା ଓ ଯୁବକଙ୍କୁ ମିଲେଟ ପ୍ରସ୍ତୁତ ଖାଦ୍ୟ ତଥା ବର୍ଜ୍ୟ ପରିଚାଳନା ସମ୍ପର୍କରେ ସଚେତନ କରୁଛନ୍ତି। ଏଯାବତ୍ ସେ ୨୦୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଶିକ୍ଷା ଦେଇସାରିଲେଣି। ସିଇଇ କ୍ୟାମ୍ପସ ବ୍ୟତୀତ ଭଗବତ ବିଦ୍ୟାପୀଠ ମନ୍ଦିରରେ ସେ ଦ୍ୱିତୀୟ କାଫେ ଖୋଲିଛନ୍ତି। ନିଷ୍ଠା କୁହନ୍ତି, ଏସବୁ କାଫେ ଏବେସୁଦ୍ଧା ୧.୭ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ଦୂର କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୬ ଜୁଲାଇ ୧୯୭୬

- ବାଲେଶ୍ୱର ମହିଳା କଲେଜକୁ କୁନ୍ତଳା କୁମାରୀଙ୍କ ନାମରେ ନାମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଶିକ୍ଷା ବିଭାଗ ଉର୍ଦ୍ଧ୍ୱତନପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।
- ରାଷ୍ଟ୍ର ବିରୋଧୀ ଷଡ଼ଯନ୍ତ୍ର ଓ ଦୁର୍ନୀତି ଅଭିଯୋଗରେ ଦୁଇ ଜଣ ଉଚ୍ଚପଦସ୍ଥ ସାମରିକ ଅଫିସରଙ୍କ ସମେତ ଇଥିଓପିଆର ମୋଟ ୧୯ ଜଣ ଲୋକଙ୍କୁ ଫାଶୀ ଦଣ୍ଡ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | 9 | 7 | 8 | | |
| | | 7 | 3 | | | | | 4 |
| | | 2 | | | | | | |
| 4 | | 1 | | | | | | 7 |
| | 5 | | | | | | 3 | |
| | 8 | | | 4 | 5 | 2 | | |
| | | | | 1 | | | | |
| | 7 | | | | 6 | | 9 | |
| | | | 9 | | 8 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 1 | 7 | 2 | 9 | 4 | 8 | 5 |
| 8 | 2 | 9 | 6 | 5 | 4 | 7 | 1 | 3 |
| 4 | 7 | 5 | 8 | 3 | 1 | 2 | 6 | 9 |
| 1 | 4 | 7 | 9 | 6 | 3 | 5 | 2 | 8 |
| 5 | 6 | 2 | 1 | 7 | 8 | 9 | 3 | 4 |
| 3 | 9 | 8 | 5 | 4 | 2 | 6 | 7 | 1 |
| 9 | 1 | 4 | 2 | 8 | 6 | 3 | 5 | 7 |
| 7 | 8 | 6 | 3 | 9 | 5 | 1 | 4 | 2 |
| 2 | 5 | 3 | 4 | 1 | 7 | 8 | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧର୍ମଘଟ ଡାକରା ପୂର୍ବରୁ ସରକାରଙ୍କୁ ସୂଚିତ କରାଯାଉ

ମହାଶୟ,
ଧର୍ମଘଟ ଡାକରା ଦେଉଥିବା ବିଭିନ୍ନ ଦଳ ବା ସଂସ୍ଥା ପକ୍ଷରୁ ସେମାନଙ୍କ ବିଭିନ୍ନ ଦଫା ସମ୍ବଳିତ ଦାବି ପୂରଣ କରିବାକୁ ନେଇ ସରକାରଙ୍କୁ ଆଗୁଆ ସୂଚିତ କରାଇବା ଉଚିତ। ଏହାଦ୍ୱାରା ସରକାର ନିଜ ତରଫରୁ ସତର୍କତାମୂଳକ ପଦକ୍ଷେପ ନେବା ପୂର୍ବକ ସନ୍ତୋଷଜନକ ଆଲୋଚନା ମାଧ୍ୟମରେ ସେମାନଙ୍କ ଦାବିକୁ ସମୀକ୍ଷା କରି ବିଚାରକୁ ନେବାରେ ଅଗ୍ରାଧିକାର ଦେଲେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ବା ଦୈନନ୍ଦିନ ଚଳଣି ପ୍ରଭାବିତ ହୁଅନ୍ତା ନାହିଁ। ଗଣତନ୍ତ୍ର ରାଷ୍ଟ୍ରର ସାମ୍ବିଧାନିକ ମର୍ଯ୍ୟାଦା ଭିତରେ ଧର୍ମଘଟ କରିବାରେ ସ୍ୱତନ୍ତ୍ର ସ୍ଥାନ ଅଛି। ଧର୍ମଘଟ ଜରିଆରେ ଦାବି ଉପସ୍ଥାପନ କରିବା ଯଦିଓ ଯଥାର୍ଥ, ତାହା ପୁଣି ଏପରିହେବା ଉଚିତ ଯେ, ଯେପରି ଭାରତର ସମସ୍ତ ନାଗରିକ ଦୈନନ୍ଦିନ ଚଳଣିରେ ଦୁଃଖ ଯନ୍ତ୍ରଣା ଭୋଗିବେ ନାହିଁ। ଯେଉଁ ଆନ୍ଦୋଳନ,ବିକ୍ଷୋଭ କିମ୍ବା ଧର୍ମଘଟ ନ୍ୟାୟୋଚିତ ନୁହେଁ ଏବଂ ସମଗ୍ର ରାଜ୍ୟ ବା ଦେଶର ସାଧାରଣ ଲୋକଙ୍କ ଜୀବନକୁ ଘୋର ସଙ୍କଟ ଭିତରକୁ ଟାଣିନେଇଥାଏ ସେ ଧର୍ମଘଟର ସଂଜ୍ଞାର ଅର୍ଥ କିଛି ନୁହେଁ। ଦେଶକୁ ଅସ୍ଥିର ମୁଖରୁ ବଞ୍ଚାଇବା ନିମନ୍ତେ ସରକାର ଏଥିପାଇଁ ନୀତିସୁଧାରକ ହେବା ଆବଶ୍ୟକ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ଲବଣ ଜୁଆର ଯେବେ ପେଶଇ ସାଗର
ବକ୍ଷ ତୋର ଯଉବନେ ହୁଏ ଜର ଜର,
ମରମ ହୁଏ ଆକୁଳ
ସେ ଯୌବନରାଶି ତୁ ଲୋ
ନିବେଦନ କରୁ କାହା ଚରଣତଳର ?
-(ଚିତ୍ରୋତ୍ପଳା)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପରିବେଶ ସହଯୋଗୀ

### 'ସମ୍ମାନ କର, ଭୟ କରନାହିଁ : ପ୍ରକୃତିର ନୀରବ ମୁରବିଙ୍କୁ ସୁରକ୍ଷା ଦିଅ'

ସାପ କେବଳ ଅନିଷ୍ଟକାରୀ ନୁହେଁ ପରିବେଶର ବନ୍ଧୁ ଆଉ ମଣିଷ ସମାଜ ପାଇଁ ଏହାର ଭୂମିକା ବି ଗୁରୁତ୍ୱପୂର୍ଣ୍ଣ। ତେଣୁ ଏମାନଙ୍କ ସୁରକ୍ଷା ତଥା ସମୁଚିତ ପରିଚାଳନା ସମ୍ପର୍କରେ ଜାଣିବା ଜରୁରୀ। ସାପ ସମ୍ପର୍କିତ ସଚେତନତା ପାଇଁ ଜୁଲାଇ ୧୬ରେ ପାଳିତ ହୋଇଆସୁଛି 'ବିଶ୍ୱ ସର୍ପ ଦିବସ'। ତେବେ ଚଳିତ ବର୍ଷ ଏହି ଦିବସର ବିଷୟ ବସ୍ତୁ ରହିଛି 'ସମ୍ମାନ କର, ଭୟ କରନାହିଁ : ପ୍ରକୃତିର ନୀରବ ମୁରବିଙ୍କୁ ସୁରକ୍ଷା ଦିଅ'।



ମାନବସମାଜପ୍ରତିସାପକେତେକାଂଶରେ ବିପଦ ସାଜୁଥିଲେ ହେଁ ସେମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ପରିବେଶ ସନ୍ତୁଳନ ରକ୍ଷା କରିବାରେ ସେମାନଙ୍କର ଭୂମିକା ଉଲ୍ଲେଖନୀୟ। ସେହିପରି ସାପ ବିଷରୁ ଅନେକ ଔଷଧ ମଧ୍ୟ ତିଆରି ହେଉଛି। କିନ୍ତୁ ସାପ ନାଁ ଶୁଣିଲେ ଲୋକଙ୍କ ମନରେ ଛନକା ପଶିଯାଏ। ସାଧାରଣତଃ ସାପ ବିଷଧର ହୋଇଥିବାରୁ ଏହାକୁ ନେଇ ଆବଶ୍ୟକତାଠାରୁ ଅଧିକ ଭୟ ରହିଆସିଛି। ତେଣୁ ସଚେତନତା ମାଧ୍ୟମରେ ଲୋକଙ୍କ ମଧ୍ୟରେ ଭୟ, ଅନ୍ଧବିଶ୍ୱାସ ଏବଂ ଭ୍ରାନ୍ତଧାରଣାକୁ ଦୂରେଇବା ପାଇଁ ଜୁଲାଇ ୧୬ ତାରିଖରେ 'ବିଶ୍ୱ ସର୍ପ ଦିବସ' ପାଳନ କରାଯାଇଆସୁଛି। ସାପଙ୍କୁ ନେଇ ଲୋକଙ୍କ ମନରେ କାହିଁ କେଉଁ କାଳରୁ ଅନେକ ଅନ୍ଧବିଶ୍ୱାସ ରହିଆସିଛି। ସାପ କାମୁଡ଼ାର ଚିକିତ୍ସା କ୍ଷେତ୍ରରେ ହେଉ ଅବା ସାପକୁ ନେଇ ହେଉ ଭିନ୍ନ ଲୋକଙ୍କର ଭିନ୍ନ ମତ। ଯାହାକି ଧୀରେଧୀରେ ଭ୍ରାନ୍ତଧାରଣା ଜନ୍ମାଉଛି। ଫଳରେ କେତେକ ସ୍ଥାନରେ ଲୋକଙ୍କର ଜୀବନହାନି ହେଉଥିବାବେଳେ ଆଉ କେତେକ ସ୍ଥଳରେ ସାପମାନଙ୍କୁ ମାରି ଦିଆଯାଉଛି। ବିଶେଷକରି ଘରୁ କିମ୍ବା ଆଖପାଖରୁ ସାପଟିଏ ବାହାରିଲେ ତାକୁ ଲୋକେ ବାଡେଇ ବାଡେଇ ମାରି ଦେଉଛନ୍ତି। ତାହା ବିଷଧର ସାପ କି ନୁହେଁ ସେଇଟା ମଧ୍ୟ ଦେଖୁ ନାହାନ୍ତି। ତେଣୁ ସାପକୁ ସୁରକ୍ଷିତ ଭାବେ ଧରିବା ଏବଂ ତାକୁ ନେଇ ସେମାନଙ୍କର ବାସସ୍ଥଳୀରେ ଛାଡିବା ଏକ ମହାନ୍ କାର୍ଯ୍ୟ। ବିଶ୍ୱ ସର୍ପ ଦିବସ ଅବସରରେ ସାପକୁ ଉଦ୍ଧାର କରିବା ତଥା ସେମାନଙ୍କ ସୁରକ୍ଷା ପାଇଁ କାମ କରୁଥିବା କିଛି ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନର କାର୍ଯ୍ୟଧାରାକୁ ନେଇ ଧରିତ୍ରୀର ବିଶେଷ ଉପସ୍ଥାପନା।

### ଓଡ଼ିଶାରେ ଦେଖାଯାଉଥିବା ସାପ

ଓଡ଼ିଶାରେ ସାଧାରଣତଃ ଦେଖାଯାଉଥିବା ସାପଙ୍କ ମଧ୍ୟରେ ନାଗ, ତମ୍ପ, ଚିତି, ରଣା, ଚନ୍ଦନ ବୋଡ଼ା (ରସଲ ଭାଇପର୍), ଧୂଳିଆ ବୋଡ଼ା (ସ' ସ୍କେଲ୍ଡ ଭାଇପର୍), ତାଳୁଆ ବୋଡ଼ା (ବାମ୍ବୋ ପିଟ୍ ଭାଇପର୍), ଅହିରାଜ (କିଙ୍ଗ୍‌କୋବ୍ରା)ଆଦି ବିଷଧର ଅଟନ୍ତି। ସେହିପରି ବିଷହୀନ ସାପଙ୍କ ମଧ୍ୟରେ ଧଣ୍ଡ, ଢମଣା, ମାଟି ବିରାଡ଼ି, ଅଜଗର, କାଣ୍ଡନାଳ, ବାଲିବୋଡ଼ା, ଦୋମୁଣ୍ଡିଆ ଆଦି ରହିଛନ୍ତି। ଏମାନଙ୍କ ବ୍ୟତୀତ ଲାଉ ଡଙ୍କିଆ, ତାଳି ଆଦି କିଛି ସାପ ସ୍ୱଳ୍ପ ବିଷଧାରୀ। ଏମାନେ ଏଣ୍ଡୁଅ, ଝିଟିପିଟି ଏବଂ ଛୋଟଛୋଟ ପକ୍ଷୀମାନଙ୍କ ପାଇଁ ବିଷଧର ଥିବାବେଳେ ମଣିଷଙ୍କ କ୍ଷେତ୍ରରେ ସେତେଟା ବିଷାକ୍ତ ନୁହନ୍ତି।

### ସାପଙ୍କ ସାଥୀ 'ସାଥୀ ପରିବାର'

ସାପଙ୍କ ସୁରକ୍ଷା ପାଇଁ ୨୦୧୮ରୁ କାମ କରି ଆସୁଛି 'ସାଥୀ ପରିବାର'। ଅନୁଗୋଳ ଜିଲାରେ ସାପକାମୁଡ଼ା ମୃତ୍ୟୁ ସଂଖ୍ୟାକୁ ହ୍ରାସ କରିବା ଲାଗି ସ୍ନେକ ବାଇଟ୍ ଡେଥ୍ ଫ୍ରି ଡିଷ୍ଟ୍ରିକ୍ଟ ଅନୁଗୋଳ ନାମରେ ଏକ ସଚେତନତା କ୍ୟାମ୍ପେନ ଆରମ୍ଭ କରାଯାଇଥିଲା। ଏବେସୁଦ୍ଧା ୨୦୦ରୁ ଅଧିକ ଗ୍ରାମ, ସ୍କୁଲ ଓ କଲେଜରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବା ସହ ଏମାନେ ସାପଙ୍କ ସାଥୀ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ମଧ୍ୟରୁ ୩୦% କେବଳ ସାପକାମୁଡ଼ାରେ ଜୀବନ ଯାଉଛି। ସରକାରୀ ରିପୋର୍ଟ ଅନୁସାରେ ଗତ ୧୦ବର୍ଷ ମଧ୍ୟରେ ଓଡ଼ିଶାରୁ ୯୪୧୯ଜଣ ଲୋକ ସାପକାମୁଡ଼ାରେ ପ୍ରାଣ ହରାଇଛନ୍ତି। ଡାକ୍ତରୀ ଚିକିତ୍ସାରେ ବିଶ୍ୱାସ ନକରି ଗୁଣିଗାରେଡ଼ି ଓ ଝଡ଼ାଫୁଙ୍କା ଭଳି ଅନ୍ଧବିଶ୍ୱାସ ଉପରେ ବିଶ୍ୱାସ କରିବା ଫଳରେ ଏତେ ସଂଖ୍ୟାରେ ସାପକାମୁଡ଼ାରେ ମୃତ୍ୟୁବରଣ କରୁଛନ୍ତି ବୋଲି ଅନୁଷ୍ଠାନର ସଭାପତି ସିଦ୍ଧାର୍ଥ ପ୍ରଧାନ କହିଛନ୍ତି। ଓଡ଼ିଶାରେ ବିଶେଷକରି ଚିତି ଓ ନାଗ ସାପ କାମୁଡ଼ାରେ ଅଧିକ ଲୋକ ମୃତ୍ୟୁବରଣ କରୁଛନ୍ତି। ଅଧିକାଂଶ ଲୋକଙ୍କୁ ରାତିରେ ଶୋଇବା ଅବସ୍ଥାରେ ଏହି ସାପ କାମୁଡ଼ିଥାନ୍ତି। ଫଳରେ ଶରୀରରେ ବିଷକ୍ରିୟା ଯୋଗୁ ଲୋକର ଜୀବନ ଚାଲିଯାଇଥାଏ। ତେଣୁ ସାପଙ୍କ ପ୍ରତି ସତର୍କ ରହିବା ଆବଶ୍ୟକ। ବିଶେଷକରି ସାପ କାମୁଡ଼ିବା ଜାଣିବା ମାତ୍ରେ ଭୟଭୀତ ନ ହୋଇ ଏବଂ ଆଦୌ ସମୟ ନଷ୍ଟ ନ କରି ଡାକ୍ତରଙ୍କଖାନାକୁ ଯିବା ଆବଶ୍ୟକ। ସେହିପରି ପରିବେଶ ତଥା ଚିକିତ୍ସା ବିଜ୍ଞାନ ପାଇଁ ସାପଙ୍କ ସୁରକ୍ଷା ନିହାତି ଜରୁରୀ। ଏହାକୁ ଗୁରୁତ୍ୱ ଦେଇ ରାଜ୍ୟର ଅନେକ ସ୍ୱେଚ୍ଛାସେବୀ ସର୍ପ ଉଦ୍ଧାର କରିବାକୁ ଆଗେଇ ଆସୁଛନ୍ତି। ତେବେ ଅନେକ ଲୋକ ସାପଙ୍କୁ ଉଦ୍ଧାର କରିବା ନାମରେ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସାପ ଓ ସାପ ବିଷ ଚୋରା ଚାଲାଣ କରିବା, ସାପ ସହ ଷ୍ଟଣ୍ଟ୍ କରିବା ଏବଂ ସେଗୁଡ଼ିକର ଭିଡିଓ ଅପ୍‌ଲୋଡ୍ କରି ସୋସିଆଲ ମିଡିଆ ଜରିଆରେ ଅର୍ଥ ଉପାର୍ଜନ କରୁଛନ୍ତି। ତେଣୁ ଏସବୁ କାର୍ଯ୍ୟରୁ ନିବୃତ୍ତ ରହିବା ଆବଶ୍ୟକ। ସେହିପରି ସରକାର ଓ ବନବିଭାଗ ପ୍ରକୃତ ସର୍ପ ଉଦ୍ଧାରକାରୀଙ୍କୁ ଯଥାସମ୍ଭବ ସହଯୋଗ ସହିତ ସେମାନଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ଆବଶ୍ୟକ ବୋଲି ସିଦ୍ଧାର୍ଥ କହିଛନ୍ତି।



ସିଦ୍ଧାର୍ଥ ପ୍ରଧାନ



## ସାପ ଉଦ୍ଧାରରେ ମହିଳା



ସ୍ନେହାଶ୍ରୀ ସୋରେନ୍

ସାଧାରଣତଃ ପୁରୁଷମାନେ ସାପ ଧରିବା କାମ କରୁଥିବାବେଳେ ଏବେ ମହିଳାମାନେ ମଧ୍ୟ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ୨୦୧୧ରେ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବାଳିକା ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଯୋଗଦେଇଥିଲେ ସ୍ନେହାଶ୍ରୀ ସୋରେନ୍। ଗ୍ରାମାଞ୍ଚଳ ହୋଇଥିବାରୁ ସ୍କୁଲର ଆଖପାଖ ଅଞ୍ଚଳରେ ଅଧିକାଂଶ ସମୟରେ ସାପ ବାହାରିଥାନ୍ତି। କାମୁଡ଼ିବା ଭୟରେ ପିଲା ତଥା ଅନ୍ୟମାନେ ସାପକୁ ବାଡ଼େଇ ବାଡ଼େଇ ମାରି ଦେଉଥିଲେ। ଯାହାକୁ ଦେଖି ସ୍ନେହାଶ୍ରୀଙ୍କ ମନ ଆନ୍ଦୋଳିତ ହୋଇଥିଲା। ଏହାପରେ ସେ କୌଣସି ତାଲିମ୍ ନ ନେଇ ମଧ୍ୟ ସାପ ଧରିବା କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ପାଣି ସାପ, ବିଷ ନ ଥିବା ସାପ ଧରିଥିଲେ। ପରେ ୟୁଟ୍ୟୁବ୍ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ଦେଖି ସାପ ଧରିବା କୌଶଳ ଶିଖିଥିଲେ। ଏବେସୁଦ୍ଧା ସେ ୩ହଜାର ସାପ ଧରି ସାରିଲେଣି। ନାଗଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସାପ ଧରିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କୁ କୌଣସି ସାପ କାମୁଡ଼ି ନାହାନ୍ତି ବୋଲି ସ୍ନେହାଶ୍ରୀ କହିଛନ୍ତି। ସେହିପରି ଆଉଜଣେ ମହିଳା ସାପ ଉଦ୍ଧାରକାରୀ ହେଉଛନ୍ତି ନୀହାରିକା ମହାପାତ୍ର। ଗ୍ରାଜୁଏଶନ୍ ପଢିବା ସମୟରୁ ସେ ସାପ ଧରିବା ଆରମ୍ଭ କରିଥିଲେ। ୯ମ ଶ୍ରେଣୀରେ ପଢ଼ିବା ସମୟରେ ଏକ ବିଷହୀନ ସାପ ତାଙ୍କ ଘରେ ପଶିଥିଲା। ସାପକୁ ଦେଖି ତାଙ୍କ ମା' ତାକୁ ବାଡ଼େଇ ମାରି ଦେଇଥିଲେ। ଏହାକୁ ଦେଖି ନୀହାରିକା ସେତେବେଳେ ବଡ଼ ହେଲେ ସାପଙ୍କ ସୁରକ୍ଷା ପାଇଁ କାମ କରିବେ ବୋଲି ମନସ୍ଥ କରିଥିଲେ। ଏବେସୁଦ୍ଧା ସେ ଶହେରୁ ଊର୍ଦ୍ଧ୍ୱ ସାପଙ୍କୁ ଉଦ୍ଧାର କରି ସାରିଛନ୍ତି। ସେହିପରି ସାପଙ୍କୁ ନେଇ ବିଭିନ୍ନ ସଚେତନ କାର୍ଯ୍ୟ କରୁଥିବା ନୀହାରିକା କହିଛନ୍ତି।



ନୀହାରିକା ମହାପାତ୍ର

ରିପୋର୍ଟ-ବନ୍ଦନା ସେଠୀ

**ରାଜ୍ୟ ଖବର**

## ବିଦ୍ୟୁତ୍ ଆଘାତରେ ମାମୁ, ଭଣଜା ମୃତ

### ମାଙ୍କଡ଼ ଗୋଡ଼ାଇବା ହେଲା କାଳ

ଭଦ୍ରକ,୧୫।୭
(ସନାତନ ରାଉତ)

ମାଙ୍କଡ଼ ଗୋଡ଼ାଇବା ହେଲା କାଳ। ମାଙ୍କଡ଼କୁ ଗୋଡ଼ାଉଥିବା ବେଳେ ତଳେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ ଭଣଜା। ତାଙ୍କୁ ବଞ୍ଚାଇବାକୁ ଯାଇଥିଲେ ମାମୁ। ବିଦ୍ୟୁତ୍ ତାର ଲାଗି ମାମୁ ଭଣଜାଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଅପରାହ୍ନ ୫ଟା ବେଳେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଦୈସିଂ ଆଦିବାସୀ ସାହିରେ। ମୃତକ ହେଲେ ନିଧି ମୁଣ୍ଡା(୩୫) ଓ ତାଙ୍କ ଭଣଜା ନବ ମୁଣ୍ଡା(୧୦)।ସୂଚନା ଅନୁଯାୟୀ, ନବ ଗାଁ ମୁଣ୍ଡରେ ଏକ ମାଙ୍କଡ଼କୁ ଗୋଡ଼ାଉଥିବା ବେଳେ ତଳେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସଂଜ୍ଞାହୀନ ହୋଇ ତଳେ ପଡ଼ି ଯାଇଥିଲେ। ଏହା ଦେଖି ନିଧି ଭଣଜାଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିବା ବେଳେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଗ୍ରାମବାସୀ ବିଦ୍ୟୁତ୍ ସଂଯୋଗ କାଟି ଉଭୟଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୋଡ଼ାଇବା ବେଳେ ମାଙ୍କଡ଼ଟି ଡିଆଁ ମାରିବାରୁ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥାଇପାରେ ବୋଲି କୁହାଯାଉଛି। ତେବେ ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହ କ୍ଷତିପୂରଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବଜ୍ରପାତରେ ଚାଷୀ ମୃତ

ସୁନ୍ଦରଗଡ,୧୫।୭
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତଳସରା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀହେଲେ ଭଜମନ କାଲୋ(୫୦)। ତଳସରା ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ମଧ୍ୟାହ୍ନ ପ୍ରାୟ ୧୨ଟାରେ ଭଜମନ ଚାଷ କାମ ସାରି ତାଙ୍କ ସାଥୀମାନଙ୍କ ସହ ବିଲରେ ଗୋରୁ ଚରାଉଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ସେଠାରେ ସେ ଟଳି ପଡିଥିଲେ। ଅନ୍ୟମାନେ ଏଥିରୁ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଭଜମନଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଅସହାୟ ହୋଇପଡିଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIREMENT**
MARKETING EXECUTIVE with Motor Cycle. Any Graduate in Bhubaneswar. One OFFICE ASSISTANT with Computer Knowledge BCA, PGDCA in Bhubaneswar.
Mob.: 9338205137, 9861404151

**REQUIRED**
We need for our Real Estate Company
1. RECEPTIONIST : +3 above + Comp. (Ladies)
2. TELECALLER : +2 above + Comp. (Ladies)
3. MARKETING EXECUTIVE : +2 above + Experience
4. PEON-CUM-COOK : 10th above.
Office: Sundarpada, Bhubaneswar - 02
Send your Bio-data @ 9777969014, 9861433014

**ଧରିତ୍ରୀ** DHARITRI Oriya daily
ଧରିତ୍ରୀ 51 Years
**WANTED**

| POSITION | ELIGIBILITY | LOCATION |
|---|---|---|
| ସହସମ୍ପାଦକ | ▸ ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ▸ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ▸ ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। | ଭୁବନେଶ୍ୱର |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

**WANTED**
Marketing Staff for a Reputed Real Estate Company on the Basis of Monthly Salary of Rs.10,000/- per Month. Kindly Contact- At: SPPL, N1/200, IRC Village, Nayapalli, Bhubaneswar-15, Cell: 9937605789

**WANTED**
Honest, Responsible, Home Worker for house. Salary as per Experience. Free Room Utilities, must speak Hindi, English and Odia. Immediate joining in Bhubaneswar.
Send Biodata To : 9438128790

**JAWAHARLAL NEHRU HIGHER SECONDARY SCHOOL, BALIANTA, KHORDHA**
E-mail: jawaharlal93384@gmail.com, Ph. No.: 7008726788
**WALK-IN-INTERVIEW**
Candidates having minimum 55% marks in P.G. can Walk-in-Interview for Lecturer in Odia and History (One Post for each subject) on Dt.30.07.2025, Wednesday from 10.30 A.M. onwards.
Sd./- Principal-cum-Secretary

**DISTRICT PROJECT OFFICE**
**SAMAGRA SIKSHYA, SUNDARGARH, ODISHA**
Infront of B.S. High School, At/Po/Dist.Sundargarh, Pin-770001
Email-dpcsndgssa.opepa@nic.in Phone No.-06622-273718
No.2143/GE/Date 15.07.25
**NOTIFICATION**
It is hereby informed to all concerned that in pursuance to the advertisement no. 1757 Dated 11.06.2025 Published in "The Sambad" and "The Samaja" the Draft merit list of all candidates and rejected list who had applied for engagement of staff in different KGBVs of Sundargarh District has been uploaded in the Sundargarh website **http://www.sundargarh.odisha.gov.in.** The objection if any, the last date of filling of objection is on or before 22.07.2025 in the office of Samagra Shikshya, District Project Office, Sundargarh through DPC Office mail **dpcsndgssa.opepa@nic.in** or by hand. The objection will not be accepted after 22.07.2025.
Sd./- DEO-cum-DPC, SS,Sundargarh

**DISTRICT PROJECT OFFICE**
**SAMAGRA SIKSHYA, SUNDARGARH**
Email Id: dpcsngssa@nic.in
No.2154/IED/2025 Dated.15.07.2025
**NOTICE INVITING TENDER**
Sealed tender under two bid systems are invited from reputed agency/suppliers/manufacturer having valid PAN, GST & IT clearance alongwith registration of firm etc. for supply of equipment for saksham Resource centre of PM Shri Schools. The detailed bid documents can be downloaded from district website i.e. www.sundargarh.odisha.gov.in and OSEPA website i.e. www.osepa.odisha.gov.in. The interested and eligible agency/suppliers/manufacturer may download bid document from the above website and apply accordingly on or before 01.08.25 by 5 PM through regd/speed post only. The tender will be opened on dt.02.08.25 at 10.30 at Collectorate Sundargarh. Corrigendum/addendum if required will be uploaded in the above website. Hence, the potential bidders are requested go through the above website for any updates. The authority reserves all the rights to reject/ modify or cancel part or whole tender without assigning any reason thereof.
By Order of Collector-cum-Chairperson SS, Sundargarh
Sd./- DEO & DPC, SS, Sundargarh

**ଦ.ପୂ. ରେଳପଥ – ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଏସ୍-ବିଏନ୍‌ଡିଏମ୍-୦୨-୨୦୨୫-୨୬, ତାରିଖ: ୧୪।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଟିଆର୍‌ଏସ୍), ବଣ୍ଡମୁଣ୍ଡା, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଟେଣ୍ଡର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ବର୍ଣ୍ଣନା:** ତିନି ଫେଜ୍ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ରେ କ୍ୟାବ୍‌ଗୁଡ଼ିକର ଥର୍ମାଲ୍ ଇନ୍‌ସୁଲେସନ୍‌ର ବ୍ୟବସ୍ଥା ସହ କ୍ୟାବ୍‌ଗୁଡ଼ିକରେ ଏୟାର କଣ୍ଡିସନିଂର ରେଟ୍ରୋ ଫିଟ୍‌ମେଣ୍ଟ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୧,୨୭,୦୫,୮୭୦/-। **ଅମାନତ ରାଶି:** ₹୨,୧୩,୬୦୦/-। **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୬।୦୮।୨୦୨୫ରିଖ ୧୭.୦୦ ଘଟିକାରେ । **ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ: http://www.ireps.gov.in** । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟରେ ଉପଲବ୍ଧ ହେବ । (PR-397)

**OFFICE OF THE PRINCIPAL**
**PARJANG MAHAVIDYALAYA, PARJANG**
DIST-DHENKANAL-759120
Email ID-parjangmahavidyalaya@yahoo.com
Website: parjangmahavidyalaya.org
**QUOTATION CALL NOTICE**
Sealed quotations are invited from reputed firms/suppliers/ authorized dealers having valid GST registration and PAN/TIN for supply and installation of IT equipments at the College premises as per Letter No. HE-IT-UC-0001-2025: 12655 Dt. 05.03.2025 of FA cum Special Secretary to Govt. Department of Higher Education, Govt. of Odisha, Bhubaneswar. Interested parties are requested to submit their quotations to the undersigned on or before 22/07/2025 by 05 PM positively. The quotation will be opened on 24/07/2025 in the College office at 11.00 A.M. The details specification is available in the College website.
The authority reserves the right to reject/cancel the quotation without assigning any reason thereof.
Sd/-Principal, Parjang Mahavidyalaya, Parjang

**JHARKHAND BIJLI VITRAN NIGAM LIMITED**
**(CIN: U40108JH2013SGC001702)**
Regd. Office:- Engineering Building, HEC, Dhurwa, Ranchi–834004.
fax # 0651-2400483 e-mail : cesp.jseb@rediffmail.com/gmsp.jbvnl@rediffmail.com
**Notice inviting tender for procurement through rate contract**
JBVNL invites online e-tender from reputed, technically experienced and financially sound manufacturers/ authorized supplier only for supply of following Material through rate contract :-

| Sr | NIT/Tender notice No. and description of item | Tender fee | Date of publication of tender on website | Document download start date & time | Online Bid Submission start date | Online Bid Submission end date | Technical bid opening date and time |
|---|---|---|---|---|---|---|---|
| 1 | 103/PR/JBVNL/2025-26 ISI marked Three phase PVC insulated copper service cable 4C x 16 sq.mm armoured | Rs 10000/- + GST | 16/07/2025 from 13:00 Hrs. | 16/07/2025 from 13:10 Hrs. | 16/07/2025 from 13:20 Hrs. | 06/08/2025 upto 18:00 Hrs. | 07/08/2025 at 18: 00 Hrs. |
| 2 | 104/PR/JBVNL/2025-26 ISI marked, Al. Power cable XLPE insulated 1C x 240 sq.mm (un-armoured), 1C x 120 sq.mm (un-armoured) for DT meter and 1C x 400 sq.mm XLPE insulated Al. cable (un-armoured) | Rs 10000/- + GST | 16/07/2025 from 13:00 Hrs. | 16/07/2025 from 13:10 Hrs. | 16/07/2025 from 13:20 Hrs. | 06/08/2025 upto 18:00 Hrs. | 07/08/2025 at 18: 00 Hrs. |
| 3 | 105/PR/JBVNL/2025-26 33 KV Metering unit of different ratio | Rs 10000/- + GST | 16/07/2025 from 13:00 Hrs. | 16/07/2025 from 13:10 Hrs. | 16/07/2025 from 13:20 Hrs. | 06/08/2025 upto 18:00 Hrs. | 07/08/2025 at 18: 00 Hrs. |

NOTE:-(i) Only e-tenders will be accepted. Further details can be seen on website http:jharkhandtenders.gov.in and may be contacted on Mobile No. 9431135523/ 9430348596, NIC help line No. 0651-2400178
(ii) Tender fee & EMD must be paid through online mode.
(iii) Tender fee is non-refundable.
स्वहित एवं राष्ट्रहित में ऊर्जा बचावें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।
Sd/- Dy. General Manager (P) JBVNL
PR.NO.357373 Jharkhand Bijlee Vitran Nigam Ltd(25-26):D

**URGENTLY REQUIRED FOR OUR VACANT POSITIONS**
WE ARE ONE OF THE LEADING OUTDOOR ADVERTISING AGENCY IN ODISHA REQUIRE EXPERIENCE PERSONS AS PER THE FOLLOWINGS FOR BHUBANESWAR LOCATION, INTERESTED CANDIDATES MAY APPLY/SEND THEIR CV "TEAMINHOUSE2022@GMAIL.COM" MAXIMUM WITHIN 7 DAYS FROM THE DATE OF ADVERTISEMENT.
FOR ANY QUERIES CONTACT - 7327932208

**1. SR. MARKETING EXECUTIVE - (1 No.)**
GRADUATE/ MBA, MINIMUM 5-7 YRS. EXPERIENCE IN OUTDOOR ADVERTISING INDUSTRY OR ANY OTHER INDUSTRY WITH COMPUTER SKILL. (BOTH MALE AND FEMALE CANDIDATE CAN APPLY). OWN CONVEYANCE MUST.
- SALARY- 18,000 - 20,000 (FUEL & MOBILE COST EXTRA) .
- SALARY CAN BE ENHANCED MARGINALLY IF FOUND EXCEPTIONAL
- EXTRA SALES INCENTIVE WILL BE GIVEN ON PRO RATA BASIS ON ACHIEVEMENT OF 100% MONTHLY SALES TARGET.

**2. MARKETING EXECUTIVE - (3 Nos.)**
GRADUATE, MINIMUM 3-4 YRS. EXPERIENCE IN OUTDOOR ADVERTISING INDUSTRY OR ANY OTHER INDUSTRY WITH COMPUTER SKILL. (BOTH MALE & FEMALE CANDIDATES CAN APPLY) OWN CONVEYANCE MUST.
- SALARY- 12,000 -15,000 (FUEL & MOBILE COST EXTRA)
- EXTRA SALES INCENTIVE WILL BE GIVEN ON PRO RATA BASIS ON ACHIEVEMENT OF 100% MONTHLY SALES TARGET.

**3. FIELD SUPERVISOR - (3 Nos.)**
GRADUATE, MINIMUM 5 YRS. EXPERIENCE, PREFERABLY OUTDOOR FIELD WITH COMPUTER KNOWLEDGE, OWN CONVEYANCE MUST. ONLY MALE CANDIDATES CAN APPLY.
SALARY- 11,000 - 13,000 (FUEL & MOBILE COST EXTRA).

**4. FIELD ELECTRICIAN - (3 Nos.)**
MATRIC/ ITI, 2-3 YRS. EXPERIENCE, PREFERABLY OUTDOOR FIELD AND OWN CONVEYANCE MUST. PREFERABLY MALE CANDIDATES.
SALARY- 10,000 - 12,000 PM.

"SALARY SLIGHTLY NEGOTIABLE IN CASE OF EXPERIENCE CANDIDATURE"

**TEAM ADMARK PVT. LTD.**
99/A, SAHID NAGAR, OPP INCOME TAX OFFICE, 1ST LANE, FACING NH, BHUBANESWAR - 751007 || Call/Whats App- 7327932208

**ଆମରଣ ଅନଶନରୁ ଓହରିଲେ ଜନପ୍ରତିନିଧି**

ପାଟଣାଗଡ଼,(ସଚ୍ଚିଦାନନ୍ଦ ମହାକୁର): ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସରକାରୀ କଳର ଉଦାସୀନତା ପ୍ରତିବାଦରେ ପାଟଣାଗଡ ବ୍ଲକରେ ସମିତିସଭ୍ୟସଭ୍ୟା ଏବଂ ଏନଏସିରେ କାଉନସିଲରମାନେ ୧୫ ଦିନ ହେଲା ଧାରଣା ଦେଇ ଆସୁଥିଲେ। ତେବେ ସମାଧାନର କୌଣସି ସୂତ୍ର ନ ବାହାରିବାରୁ ସୋମବାରଠାରୁ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ୪ ଜଣ ସମିତିସଭ୍ୟା ଆମରଣ ଅନଶନରେ ବସିଥିଲେ। ଖବରପାଇ ମଙ୍ଗଳବାର ଅପରାହ୍ନରେ ଅନଶନସ୍ଥଳକୁ ଆରଡିଏ ପିଡି ପ୍ରଭାତ କୁମାର ଦାସ, ଉପଜିଲାପାଳ ସୁନୀଲ ମେହେର, ବିଡ଼ିଓ ସୁମନ ମିଞ୍ଜ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ଠାରୁ ଦାବି ପୂରଣର ପ୍ରତିଶ୍ରୁତି ପାଇଲା ପରେ ଅନଶନକାରୀମାନେ ଅନଶନରୁ ଓହରି ଯାଇଥିଲେ।

# ପୁଣି ଏସ୍‌ପି ଅଫିସ ଆସିଲେ ଭଇଁଷା ଗ୍ରାମବାସୀ

■ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
■ଜୁନ୍ ୧୪ରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା ମୃତଦେହ

**ବଲାଙ୍ଗୀର,୧୫।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ ଭଇଁଷା ଗାଁର ବହୁ ମହିଳା ଓ ପୁରୁଷ ମଙ୍ଗଳବାର ଏସ୍‌ପି ଅଫିସକୁ ଆସି ଶିଶୁକନ୍ୟା ମୃତ୍ୟୁ ଘଟଣା ନେଇ ନ୍ୟାୟ ଭିକ୍ଷା କରିଥିଲେ। ଗତ ୪ ତାରିଖ ଦିନ ଭଇଁଷା ଗ୍ରାମବାସୀ ଏସ୍‌ପି ଅଫିସକୁ ଆସି ଫେରାଦ ହୋଇ ଫେରିଥିଲେ। ଆଜି ପୁଣି ଥରେ ଏସ୍‌ପି ଅଫିସକୁ ଆସି ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଗତମାସ ୧୪ ତାରିଖ ରାତିରେ ଭଇଁଷା ଗାଁର ଶିଶୁକନ୍ୟା ଭୂମିସୁତା ବର୍ଗେ (୧୦)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ଜବତ ହୋଇଥିଲା। ଘରେ ନ ଥିବାରୁ ତାଙ୍କୁ କେହି ହତ୍ୟା କରି ଝୁଲାଇ ଦେଇଥିବା ପିତା ମଧୁସୂଦନ ବର୍ଗେ ଥାନାରେ ଅଭିଯୋଗ କରିଥିଲେ। ଘଟଣା ଘଟିବାର ୨୦ ଦିନ ପରେ ମଧ ପାଟଣାଗଡ ଥାନା ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ମୃତ ଶିଶୁକନ୍ୟାର ମାତାପିତା, ଗାଁର ବହୁ ମହିଳା ଓ ପୁରୁଷ ଗତ ୪ ତାରିଖ ଦିନ ବଲାଙ୍ଗୀର ଏସ୍‌ପି ଅଫିସକୁ ଆସି ଫେରାଦ ହୋଇଥିଲେ। ଘଟଣାର ନିରପେକ୍ଷ ତଦନ୍ତ ହେବା ନେଇ ପ୍ରତିଶ୍ରୁତି ପାଇବା ପରେ ଗାଁ ଲୋକେ ଫେରିଥିଲେ। ତେବେ ପ୍ରତିଶ୍ରୁତି ପରେ ମଧ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ କରି ମଙ୍ଗଳବାର ଗାଁ ଲୋକେ ପୁଣି ଥରେ ଏସ୍‌ପି ଅଫିସକୁ ଆସି ଭେଟିଥିଲେ। ଏସ୍‌ପିଙ୍କୁ ଘଟଣାର ଉପଯୁକ୍ତ ତଦନ୍ତ ହେଉ ନ ଥିବା ଅଭିଯୋଗ କରିଥିଲେ। ପାଟଣାଗଡ ଥାନା ପୋଲିସ ତିନିଜଣ ଅଭିଯୁକ୍ତଙ୍କୁ ନେଇ ପଚରାଉଚରା କରି ଛାଡି ଦେଇଥିବା ଅଭିଯୋଗ କରିଥିଲେ। ସେହିପରି ବ୍ୟବଚ୍ଛେଦ ରିପୋର୍ଟରେ ଭୁଲ ତଥ୍ୟ ଦିଆଯାଇଥିବା ଅଭିଯୋଗ କରିଥିଲେ। ଏସ୍‌ପିଙ୍କୁ ମୃତା ଶିଶୁକନ୍ୟାର ମାତାପିତା ଭେଟି ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ଏସ୍‌ପି ଏହି ଘଟଣାର ତଦନ୍ତ ହୋଇଛି ଓ ଆଗକୁ ମଧ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଗାଁ ଲୋକ ଫେରିଥିବା ଜଣାପଡିଛି।



ଏସ୍‌ପି ଅଫିସ ସମ୍ମୁଖରେ ଭଇଁଷା ଗାଁର ପୀଡିତ ପରିବାର ସହ ଗ୍ରାମବାସୀ।

# ଏଆଇଡିଏସଓ ପକ୍ଷରୁ ଶ୍ରଦ୍ଧାଞ୍ଜଳି



ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ପ୍ରତିବାଦ କରାଯାଉଛି।

**ବଲାଙ୍ଗୀର,୧୫।୭(ବୀରେନ୍ଦ୍ର କୁମାର ଝାଙ୍କର)**

ଏଆଇଡିଏସଓ ରାଜ୍ୟ କମିଟି ଆହ୍ୱାନକ୍ରମେ ମଙ୍ଗଳବାର ରାଜ୍ୟବ୍ୟାପୀ ଶୋକ ଦିବସ ପାଳନ ଲାଗି ଏଆଇଡିଏସଓ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅକାଳ ବିୟୋଗରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଫଏମ୍ କଲେଜର ମୃତ ଛାତ୍ରୀଙ୍କୁ ସେହି କଲେଜର ଜଣେ ଅଧ୍ୟାପକ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା, ଅଶ୍ଳୀଳ ଇଙ୍ଗିତ କରିବା ଏବଂ ଏହି ଘଟଣା ସମ୍ପର୍କରେ ଛାତ୍ରୀ ଜଣକ କଲେଜ କର୍ତ୍ତୃପକ୍ଷ, ପୋଲିସ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଅଭିଯୁକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାକୁ କଡା ସମାଲୋଚନା କରାଯାଇଥିଲା। ରାଜ୍ୟରେ ଆଜି ଛାତ୍ରୀ ନିରାପତ୍ତା ନାହିଁ ଏବଂ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ସମ୍ପୃକ୍ତ ଛାତ୍ରୀଙ୍କୁ ଆତ୍ମାହୁତି କରିବା ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷରେ ବାଧ କରିଥିବା ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବାକୁ ଦାବି କରାଯାଇଛି। ଏହାସହ ମୃତ ଛାତ୍ରୀଙ୍କ ପରିବାରବର୍ଗଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ଓ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଏଆଇଡିଏସଓ ପକ୍ଷରୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଜିର ପ୍ରତିବାଦ ସଭାରେ ଏଆଇଡିଏସଓ ରାଜ୍ୟ ଉପସଭାପତି ସୁନୀଲ ଭୋଇ, ଜିଲା ସଭାପତି ମଧୁସୂଦନ ବାଗ, ଜିଲା ସମ୍ପାଦିକା ଗୌରୀ ରାଉତ, ଜିଲା ଉପସଭାନେତ୍ରୀ ଅହଲ୍ୟା ସାହୁଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଚନ୍ଦନଭାଟିରେ ବିହନ, ତୈଳବୀଜ କ୍ରୟକେନ୍ଦ୍ର ଉଦ୍‌ଘାଟିତ

**ବଲାଙ୍ଗୀର,୧୫।୭(ବୀରେନ୍ଦ୍ର କୁମାର ଝାଙ୍କର)**

ଓଡିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ଲିମିଟେଡ ଏବଂ ବଲାଙ୍ଗୀର ମାର୍କଫେଡ୍ ପକ୍ଷରୁ ମଙ୍ଗଳବାର ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟିଠାରେ ପ୍ରଥମ ଥର ଲାଗି ଉପଯୁକ୍ତ ମାନର ବିହନ କରୁଥିବା ତୈଳ ଜାତୀୟ ବୀଜ କ୍ରୟକେନ୍ଦ୍ର (ପାକ୍ସ)ର ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ପବିତ୍ର କୁମାର ବେହେରା ଯୋଗଦେଇ ଏହି ପାକ୍ସ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲା କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଡିଆରସିଏସ ପ୍ରମୋଦ କୁମାର ବରିହା, ଏଆରସିଏସ୍ ଜାଭିୟର ସରେନ, ମାର୍କଫେଡ୍ ଏରିଆ ମ୍ୟାନେଜେର ରାଜେଶ କୁମାର ପଣ୍ଡା, ଚନ୍ଦନଭାଟି ସମିତି ସଭ୍ୟା ସଙ୍ଗୀତା ପାଣିଗ୍ରାହୀ, ସରପଞ୍ଚ ପଙ୍କଜିନୀ ସାହୁ ମଞ୍ଚାସୀନ ଥିଲେ। ବଲାଙ୍ଗୀର ଜିଲାର ୨୯ଟି ପାକ୍ସ ମାଧ୍ୟମରେ ଜିଲାରେ ୩୧୮୦ କୁଇଣ୍ଟାଲ ମୁଗ, ୪୧ କୁଇଣ୍ଟାଲ ବିରି, ୨୩୪ କୁଇଣ୍ଟାଲ ଚିନାବାଦାମ କ୍ରୟ ପାଇଁ ପଞ୍ଜୀକରଣ କରାଯାଇଛି। ଆଜି ଚନ୍ଦନଭାଟି ପାକ୍ସ ଜରିଆରେ ୧୯୯ କୁଇଣ୍ଟାଲ ମୁଗ କ୍ରୟ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଜନା ଅଧିକାରୀ ସୁଧାକର ନନ୍ଦ, ବ୍ଲକ କୃଷି ଅଧିକାରୀ ବିଶ୍ୱଜିତ ପାଟଯୋଶୀ, ସହାୟକ କୃଷି ଅଧିକାରୀ ସୁଜାତା ଛତ୍ରିଆ ତଥା ଚନ୍ଦନଭାଟି ଗ୍ରାମବାସୀ, ପାକ୍ସ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପାକ୍ସ ଜରିଆରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଏବଂ ଅମଳକ୍ଷମ ତୈଳବୀଜ ଓ ତାଲିକାଭୁକ୍ତ ଖାଦ୍ୟ ଶସ୍ୟ ବିକ୍ରି କରି ନିର୍ଦ୍ଧାରିତ ମୂଲ୍ୟ ପାଇପାରିବେ ବୋଲି କୁହାଯାଇଛି।



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ବିଜେଡି ପକ୍ଷରୁ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି

**ବଲାଙ୍ଗୀର,୧୫।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଛାତ୍ର ବିଜେଡି ପକ୍ଷରୁ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ସନ୍ଧ୍ୟାରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି (୨୦)ଙ୍କ ମୃତ୍ୟୁରେ ଗଭୀର ଶୋକବ୍ୟକ୍ତ କରାଯିବା ସହ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର ବିଜେଡି ନେତା ସୁମନ ନନ୍ଦ, ପୌରାଧ୍ୟକ୍ଷା ଲିକା ସାହୁ, ଜିଲା ବିଜେଡି ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ, କାଉନସିଲର ନନ୍ଦନୀ ପୋଢ଼, ଶତ୍ରୁଘ୍ନ ବାଗ, ଗଙ୍ଗାଧର ଚାନ୍ଦ, ବନମାଳୀ ବାଗ, ବୁଲୁ ବେହେରା, ବିଧୁଭୂଷଣ ତ୍ରିପାଠୀ, ଶିବ ବେହେରାଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ରହି ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କଲେଜ ପରିସରରେ ଛାତ୍ରୀଙ୍କୁ ନିର୍ଯାତନା ଦେବା ଏବଂ ଅଭିଯୋଗ ସତ୍ତ୍ୱେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେଇ ତାଙ୍କୁ ଆତ୍ମାହୁତି ପାଇଁ ବାଧ କରିବାରୁ ଏଭଳି ଘଟଣା ଘଟିଲା ବୋଲି ଅଭିଯୋଗ କରାଯାଇଥିଲା। ଭାଜପା ସରକାର ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି ବୋଲି ଅଭିଯୋଗ କରାଯିବା ସହ ତୁରନ୍ତ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

# ସଟ୍ଟା ଆଡ୍ଡା ଉପରେ ଚଢ଼ାଉ: ୪ ଗିରଫ

**ଲୋଇସିଂହା,୧୫।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ପକ୍ଷରୁ ଲୋଇସିଂହାର ୩ଟି ସ୍ଥାନରେ ଚାଲିଥିବା ସଟ୍ଟା ଆଡ୍ଡା ଉପରେ ସୋମବାର ଚଢାଉ କରାଯାଇଥିଲା। ସେହି ୩ଟି ସଟ୍ଟା ଆଡ୍ଡା ସ୍ଥଳରୁ କାରବାର ଚଳାଇଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଲୋଇସିଂହାର ଆଶିଷ କୁମାର ଅଗ୍ରୱାଲ(ବିକି), କୁଟେନପାଲି ଗ୍ରାମର ସହଦେବ ତାଣ୍ଡି(୪୩), ଲୋଇସିଂହା ମିର୍ଦ୍ଧାପଡାର କପିଳେଶ୍ୱର ମିର୍ଦ୍ଧା(୪୩) ଓ ଅମାମୁଣ୍ଡା ଗାଁର ଇସମାଇଲ ନନ୍ଦ(୪୦)। ମଙ୍ଗଳବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହଜାତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନିକଟରୁ ସଟ୍ଟା କାଗଜ ପତ୍ର,୧୭ ହଜାର ୬୦ ଟଙ୍କା, ୪ଟି ମୋବାଇଲ ଓ ଗୋଟିଏ ବାଇକ୍‌କୁ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ଯାଜ୍ଞସିନୀ ନାଏକ କହିଛନ୍ତି।

ସୂଚନାଯୋଗ୍ୟ, ପୋଲିସକୁ ଚାଲେଞ୍ଜ କରି ବାଳିକା ହାଇସ୍କୁଲ ସମ୍ମୁଖ ୨୬ ନଂ ଜାତୀୟ ରାଜପଥ ନିକଟରେ ବେଧଡକ ଭାବେ ସଟ୍ଟା ଖେଳ ଚାଲିଥିଲା। ଏହାବାଦ ଲୋଇସିଂହାର ବିଭିନ୍ନ ସ୍ଥାନରେ ଏହି କାରବାର ଚାଲିଥିଲା। ଲୋଇସିଂହାରେ ସଟ୍ଟା କାରବାର ସକ୍ରିୟ ଯୋଗୁ ଯୁବପିଢି ତଳିତଳାନ୍ତ ହେଉଥିବା ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ପକ୍ଷରୁ ବାଳିକା ହାଇସ୍କୁଲ ସଟ୍ଟା ଆଡ୍ଡା ସମେତ ୩ ଟି ସ୍ଥାନରେ ଚଢାଉ କରାଯାଇଥିଲା। ଏବେ ବି ବୁର୍ଡା ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱ ସମେତ ଲୋଇସିଂହାର ବିଭିନ୍ନ ସ୍ଥାନରେ ଏହି କାରବାର ମୋବାଇଲ ଯୋଗେ ହେଉଥିବା ଅଭିଯୋଗ ହେଉଛି।


ପୋଲିସ ପକ୍ଷରୁ ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

# ବିଶ୍ୱ ଯୁବ ଜ୍ଞାନ କୌଶଳ ଦିବସ ପାଳିତ



ସଭାରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

**ଦେଓଗାଁ,୧୫।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଡୁର୍ଲା ପଞ୍ଚାୟତ ଅଧୀନ ଧ୍ରୁବା ଆନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବିଶ୍ୱ ଯୁବ ଜ୍ଞାନ କୌଶଳ ଦିବସ ପାଳିତ ହୋଇଯାଇଛି। ମେରା ଯୁବ ଭାରତ ବଲାଙ୍ଗୀର ଶାଖା ଏବଂ କୁଡୁର୍ଲାର କୋଶଳୀ ଲୋକନୃତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ବିଶ୍ୱ ଯୁବଜ୍ଞାନ କୌଶଳ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରମୋଦ ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିପିଏମ ସବ୍ୟାରାଣୀ ମହାଲିଙ୍ଗ ଯୋଗଦେଇ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଯୁବଶକ୍ତିର ସାମର୍ଥ୍ୟ ଓ ଏହାର ବିକାଶ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କୋଶଳୀ ଲୋକନୃତ୍ୟ ଏକାଡେମୀର ସଂପାଦକ ଧରଣୀଧର ନାୟକ, ଅଧ୍ୟାପକ ବଳରାମ ପଧାନ, ହେମନ୍ତ କୁମାର ସାହୁ, ମଙ୍ଗଳ ସାହୁ, କ୍ରୀଡା ଶିକ୍ଷକ ସରୋଜ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପରିଶେଷରେ ଇତିହାସ ଅଧ୍ୟାପକ ବିଜୟ କୁମାର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ ଶିକ୍ଷଣ ସଂସ୍ଥା ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ

**ବଲାଙ୍ଗୀର,୧୫।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜନ ଶିକ୍ଷଣ ସଂସ୍ଥା ପକ୍ଷରୁ ମଙ୍ଗଳବାର ଯାଦବ ଭବନଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ହସ୍ତତନ୍ତ ବିଭାଗ ଅଧିକାରୀ ଦେବାଶିଷ ମିଶ୍ର, ଜିଲା ଶିଳ୍ପ ତାଲିମ କେନ୍ଦ୍ରର କ୍ଷୀରାବତୀ ଡୁଙ୍ଗଡୁଙ୍ଗ୍, ରାଜ୍ୟ ପରାମର୍ଶଦାତା ଅଶୋକ ମେହେର, ଦୀପକ କୁମାର ସାମଲ ଓ ଜନ ଶିକ୍ଷଣ ସଂସ୍ଥାର ଡାଇରେକ୍ଟର ସଂଘମିତ୍ରା ଜେନା ମଞ୍ଚାସୀନ ଥିଲେ। ଅତିଥିମାନେ ଯୁବବର୍ଗର ଦକ୍ଷତା ବିକାଶ ଏବଂ ଅର୍ଥନୈତିକ ଉନ୍ନତି ସହ ସାମାଜିକ ଉତ୍ତରଦାୟିତ୍ୱ ଉପରେ କହିଥିଲେ। ସଭାରେ ବିଭିନ୍ନ ବର୍ଗରେ ତାଲିମ ଗ୍ରହଣ କରିଥିବା ଯୁବତୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଯୁବ ପ୍ରତିଭା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଜନ ଶିକ୍ଷର ସଂସ୍ଥାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ

**ଲୋଇସିଂହା,୧୫।୭(ସୁଶାନ୍ତ ବାରିକ)**

ବାଇକ୍ ଚୋରି ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପୁଇଁତଲା ଥାନା ଅନ୍ତର୍ଗତ କୁରୁଲ ଗ୍ରାମର ଗୋବିନ୍ଦା ବାରିକ(୨୮)। ଅଭିଯୁକ୍ତ ଗୋବିନ୍ଦାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଲୋଇସିଂହା ଥାନା ଅନ୍ତର୍ଗତ ଫାସଡ ଗ୍ରାମର ଅଶ୍ୱିନୀ ମଲ୍ଲିକ ଗତ ୧୨ ତାରିଖ ଦିନ ଫାସଡସ୍ଥିତ ସୁକତେଲ ନଦୀରେ ଗାଧୋଇବା ପାଇଁ ବାଇକ୍ (ନଂ ଓଡି୦୩ଏନ ୪୩୮୮) ଧରି ଯାଇଥିଲେ। ସୁକତେଲ ପୋଲ ଉପରେ ବାଇକ୍ ରଖି ନଦୀରେ ଗାଧୋଇ ସାରି ଫେରିଲା ପରେ ସେଠାରେ ତାଙ୍କ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ଅଶ୍ୱିନୀ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ଗୋବିନ୍ଦାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଅଶ୍ୱିନୀଙ୍କ ବାଇକ୍ ସହ ଆଉ ଏକ ଚୋରି ଏକ୍ଟିଭା ସ୍କୁଟିକୁ ଜବତ କରିଥିଲା।

# ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଶୋକସଭା

**ମୁରିବାହାଲ,୧୫।୭(ଶ୍ରୀବତ୍ସ ବେହେରା)**

ଫକୀର ମୋହନ ସ୍ୱୟଂଶାସିତ କଲେଜ ଛାତ୍ରୀଙ୍କ ଅକାଳ ବିୟୋଗରେ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ଦିନ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ଅନୁଷ୍ଠିତ ସଚେତନତା ସଭାରେ ଭବିଷ୍ୟତରେ ଯେଭଳି ଏଭଳି ଘଟଣାର ପୁନରାବୃତ୍ତି ନ ଘଟେ ସେଥିପାଇଁ ସମସ୍ତେ ଯତ୍ନଶୀଳ ହେବା ଦରକାର ବୋଲି ମତ ପ୍ରକାଶ ପାଇଥିଲା। କଲେଜ ଅଧ୍ୟକ୍ଷ ସରୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ନାରୀ ନିର୍ଯାତନା ସୁରକ୍ଷା କମିଟି ଗଠନ କରାଯାଇଛି। ଅଧ୍ୟାପିକା ଶୈଳିକା ନାଏକ, ସରିତା ରଣା, ସୁନୀତା ବଘାର, ପଙ୍କଜିନୀ ମିଶ୍ର ଉକ୍ତ କମିଟିରେ ସଦସ୍ୟ ଅଛନ୍ତି। ସଭାରେ ଅଧ୍ୟାପକ ଦିଲିପ ପଶାୟତ, ଭି. ରଣା, ଫାଲଗୁନୀ ଦାସ, ପ୍ରେମଚାନ୍ଦ ତାଣ୍ଡି, ବାବୁଲା ନାୟକ, ଶରତ ଚନ୍ଦ୍ର ପଧାନ ପ୍ରମୁଖ ଉପସ୍ଥିତ ଥିଲେ।



ସଭାରେ ଯୋଗ ଦେଇଥିବା କଲେଜ କର୍ମଚାରୀ ଓ ଅନ୍ୟମାନେ।

# ୨ ଲୁଟେରାଙ୍କୁ କାବୁ କଲା ପୋଲିସ

**୧୬,୨୦୦ ଟଙ୍କା ଜବତ**

**ଟିଟିଲାଗଡ,୧୫।୭(ଶରତ ମିଶ୍ର)**

ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟି ନେବା ଅଭିଯୋଗରେ ସ୍ଥାନୀୟ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବୋଲହରି ବାଗ ଓ ଅଭିଷେକ ନାଗ। ସେମାନଙ୍କଠାରୁ ଲୁଟ ଟଙ୍କା ମଧ୍ୟରୁ ୧୬,୨୦୦ ଟଙ୍କା ଜବତ ହୋଇଛି। ଅନ୍ୟ ଜଣେ ଲୁଟେରା ଫେରାର ଥିବା ଡିଏସପି ଯଶୋବନ୍ତ ପ୍ରଧାନୀ ଓ ଆଇଆଇସି କଲ୍ୟାଣୀ ବେହେରା ମଙ୍ଗଳବାର ଟିଟିଲାଗଡ ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ୧୩ ତାରିଖରେ କୈଳାଶ କନ୍ଧପାଣି ନାମକ ଜଣେ ବ୍ୟକ୍ତି ସପୁରୀ ବିକ୍ରି କରି ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ଛତିଶଗଡର ବିଲାସପୁରରୁ ଟ୍ରେନ ଯୋଗେ ଟିଟିଲାଗଡ ସହରକୁ ଫେରିଥିଲେ। ସନ୍ଧ୍ୟା ସମୟରେ ବିଷମକଟକ ଯିବା ପାଇଁ କୌଣସି ଟ୍ରେନ ନ ଥିବାରୁ ପାଖରେ କେଉଁଠି ବସଷ୍ଟାଣ୍ଡ ଅଛି ବୋଲି ୩ ଜଣଙ୍କୁ ପଚାରି ଥିଲେ। ସେମାନେ ଭୁଲ ରାସ୍ତା କହିଥିଲେ। କୈଳାଶ ଓ ତାଙ୍କ ସମ୍ପର୍କୀୟ ସେହି ବାଟରେ ଯିବା ବେଳେ ସମ୍ପୃକ୍ତ ବ୍ୟକ୍ତିମାନେ ସେମାନଙ୍କୁ ପିଛା କରିବା ସହ ମାଡ ମାରି କୈଳାଶଙ୍କ ପାଖରେ ଥିବା ୫୦ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଲୁଟି ନେଇଥିଲେ। ଏ ନେଇ କୈଳାଶ ଟିଟିଲାଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସି ଟିଭିକୁ ଆଧାର କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଡେପୁଟି ଏସ୍‌ପି କେ. ବେହେରା, ଏସ୍‌ଆଇ କିରଣ ଯାନୀ, ଏସ୍‌ଆଇ କେ.ଏସ. ମାଝୀ, ଏଏସଆଇ ଏମ.କେ. ବିଶି, ସୁରଜ ଦୀପ ଓ ନେତ୍ର ବାଗ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ଘଟଣାରେ ପୋଲିସ ନଂ ୨୩୭/୨୫ ୩୦୯(୬) ବିଏନଏସରେ ମାମଲା ରୁଜୁ କରିଛି।



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

# ଜମିବାଡ଼ି ବିବାଦ, ଠିକାକାମରୁ ହତ୍ୟାକାଣ୍ଡ

## ପ୍ରାକ୍ତନ ସରପଞ୍ଚଙ୍କୁ ହତ୍ୟା ଘଟଣାରେ ୪ ଗିରଫ

ସୋନପୁର/ଡୁଙ୍ଗୁରିପାଲି,୧୫।୭ (ମୃତ୍ୟୁଞ୍ଜୟ ଶତପଥୀ/ଦୀନବନ୍ଧୁ ସୁନା)



ରାମପୁର ଥାନା ସମ୍ମୁଖରେ ଗିରଫ ୪ ଅଭିଯୁକ୍ତ।

ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଗଜବନ୍ଧ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ବର୍ତ୍ତମାନର ସରପଞ୍ଚ ବାସନ୍ତୀ କ୍ଷେତୀଙ୍କ ସ୍ୱାମୀ ବଲ୍ଲଭ କ୍ଷେତୀ(୪୫)ଙ୍କୁ ହତ୍ୟା ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାମପୁର ଥାନା ବ୍ରାହ୍ମଣୀପାଲି ଗ୍ରାମର ଯୋଗେଶ୍ୱର ଭୁଏ(୪୨), ପଣ୍ଡରାପାଲି ଗ୍ରାମର ଗୋବିନ୍ଦ ବେହେରା(୨୬), ଗଜବନ୍ଧ ଗ୍ରାମର ଧନଞ୍ଜୟ ପଶାୟତ(୪୦) ଓ ହୃଷୀକେଶ ବଗର୍ତ୍ତି(୫୪)। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର ରାମପୁର ଜେଏମ୍ଏଫସି କୋର୍ଟରେ ହାଜର କରାଯାଇଥିଲା। ବିଚାରପତି ଜାମିନ ନାମଞ୍ଜୁର କରିବାରୁ ସେମାନଙ୍କୁ ସୋନପୁର ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

ପ୍ରାକ୍ତନ ସରପଞ୍ଚ ବଲ୍ଲଭଙ୍କ ସହିତ ବ୍ରାହ୍ମଣୀପାଲିରେ ୪ଏକର ଜମିକୁ ନେଇ ମୁଖ୍ୟ ଅଭିଯୁକ୍ତ ଯୋଗେଶ୍ୱରଙ୍କ ବିବାଦ ଥିଲା। ସେହିପରି ଗ୍ରାମ ପଞ୍ଚାୟତ ଫଣ୍ଡର ଠିକା କାମକୁ ନେଇ ଅନ୍ୟ ଅଭିଯୁକ୍ତଙ୍କ ସହିତ ବଲ୍ଲଭଙ୍କ ପୂର୍ବ ଶତ୍ରୁତା ରହିଥିଲା। ଏହି ସବୁ କାରଣକୁ ନେଇ ବିଭତ୍ସ ହତ୍ୟାକାଣ୍ଡ ଘଟିଥିବା ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତଦନ୍ତ ଜାରି ରହିଛି ଆବଶ୍ୟକ ପଡିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି କହିଛନ୍ତି।

ସୂଚନା ଅନୁଯାୟୀ ୧୦ ତାରିଖ ଗୁରୁବାର ରାତି ୧୦ଟାରେ ବଲ୍ଲଭ ବାଇକ୍‌ରେ କେନ୍ଦୁପାଲିସ୍ଥିତ ଘରକୁ ଫେରୁଥିଲେ। ଗଜବନ୍ଧରୁ ୨କିଲୋମିଟର ଦୂର ରାସ୍ତାରେ ପୂର୍ବରୁ ଛକି ରହିଥିବା ଅଭିଯୁକ୍ତମାନେ ବଲ୍ଲଭଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଖଣ୍ଡାଚୋଟରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଯାଇଥିଲେ। ପରିବାର ଲୋକେ ଏହି ଖବର ପାଇବା ପରେ ତାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନା ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ସକାଳେ ବଲ୍ଲଭଙ୍କ ସାନ ଭାଇ ଲବ(୩୫) ରାମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ରାମପୁର ଆଇଆଇସି ପଦ୍ମାସିନି ମେହେର ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ଟିମ୍ ସହ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ମାମଲାର ତଦାରଖ କରୁଥିଲେ। ତେବେ ପୋଲିସ ମୁଖ୍ୟ ଅଭିଯୁକ୍ତ ଯୋଗେଶ୍ୱରଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହେବା ସହ ଅଭିଯୁକ୍ତ ଧନଞ୍ଜୟଙ୍କ ବାଇକ୍ ନଂ ଓଡି୩୧ଏଫ-୮୦୭୬କୁ ଜବତ କରିଛି। ଅଭିଯୁକ୍ତମାନେ ପୋଲିସ ନିକଟରେ ନିଜର ଦୋଷ ସ୍ୱୀକାର କରିଥିବା ଏସ୍‌ପି କହିଛନ୍ତି।

## ସିମେଲିକଟା ଗ୍ରାମ ରାସ୍ତା ଶୋଚନୀୟ



ଖାଲଖମା ହୋଇପଡିଥିବା ଗ୍ରାମ ରାସ୍ତା।

ପଲସାଗୋରା,୧୫।୭(ଅଶ୍ୱିନୀ କୁମାର ନନ୍ଦ)

କନ୍ଧମାଳ ବ୍ଲକ୍ ସିମେଲିକଟା ଗ୍ରାମ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ଗ୍ରାମରେ ପ୍ରାୟ ୧୫୦ ପରିବାର ରହୁଥିବାବେଳେ ରାସ୍ତା ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଉକ୍ତ ରାସ୍ତାରେ ଦୈନନ୍ଦିନ ବହୁ ଗାଡ଼ି ମୋଟର ଯାତାୟାତ କରୁଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇଯାଉଛି। ଫଳରେ ଗାଡ଼ି ତ ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସାହାଜବାହାଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବିଁନିକା,୧୫।୭(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିଁନିକା ବ୍ଲକ ପୂଜାରୀ ସାହାଜବାହାଲ ଗ୍ରାମରେ ନିର୍ମାଣାଧୀନ ଗୋଶାଳା ଚତୁଃପାର୍ଶ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାନନ୍ଦମୟୀ ଏଲେଜମେଣ୍ଟ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଁନିକା ଫରେଷ୍ଟର ବନମାଳୀ ପାଣ୍ଡେ ଯୋଗଦେଇ ବୃକ୍ଷ ହିଁ ଜୀବନ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଫରେଷ୍ଟଗାର୍ଡ ରାମଶଙ୍କର ମେହେର, ଟ୍ରଷ୍ଟ କୋଅର୍ଡ଼ିନେଟର ବୈଶମ୍ପାୟନ ପଣ୍ଡା, ମୁକେଶ ବଗର୍ତ୍ତୀ ଯୋଗଦେଇ ଚାରାରୋପଣ କରିଥିଲେ। ଗୋଶାଳା ତଦାରଖ କର୍ତ୍ତା ତ୍ରିବିକ୍ରମ ପୂଜାରୀ କାର୍ଯ୍ୟକ୍ରମ ଓ ଶ୍ରୀତମ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଲ ପରିସରରୁ ଜବରଦଖଲ ଉଚ୍ଛେଦ



ଜବରଦଖଲ ଉଚ୍ଛେଦ କରାଯାଉଛି।

ଉଲୁଣ୍ଡା,୧୫। ୭(ଗୌରଚନ୍ଦ୍ର ପରିଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଇରାଝୁଲି ୟୁପିସ୍କୁଲ ପରିସରରୁ ମଙ୍ଗଳବାର ଅପରାହ୍ନରେ ଜବରଦଖଲ ଉଚ୍ଛେଦ କରାଯାଇଛି। ତହସିଲଦାର ମମତା ମେହେର, ଅତିରିକ୍ତ ତହସିଲଦାର ସୋମନାଥ ବେହେରା, ସୁପରଭାଇଜର ଶାଶ୍ୱତ ମିଶ୍ର, ଆରଆଇ ଶିଖାରାଣୀ ସାହୁ ଏବଂ ପୋଲିସ ଫୋର୍ସ ଉପସ୍ଥିତିରେ ଜବର ଦଖଲ ଉଛେଦ କରାଯାଇଥିଲା। ସୂଚନା ଅନୁସାରେ ବିଦ୍ୟାଳୟ ପରିସରରେ ଥିବା ସରକାରୀ ଜମିକୁ କେତେକ ଖଳ ପ୍ରକୃତିର ଲୋକ ଜବରଦଖଲ କରି ରଖିଥିଲେ। ଫଳରେ ବିଦ୍ୟାଳୟର ସୁରକ୍ଷା ବାଡ଼ ନିର୍ମାଣରେ ବ୍ୟାଘାତ ସୃଷ୍ଟି ହେଉଥିଲା । ଏନେଇ ପରିଚାଳନା କମିଟି ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିଲେ। ତେବେ ବିଦ୍ୟାଳୟ ପରିସରରୁ ଜବର ଦଖଲ ଉଚ୍ଛେଦ ନକଲେ ବିଦ୍ୟାଳୟରେ ତାଲା ପକାଇବୁ ବୋଲି ପରିଚାଳନା କମିଟି ତଥା ଅଭିଭାବକମାନେ ପ୍ରଶାସନକୁ ଲିଖିତ ଜଣାଇଥିଲେ।

## ଟ୍ରକ୍‌କୁ ପିଟିଲା ପିକ୍‌ଅପ୍, ୫ ବୋଲବମ୍ ଯାତ୍ରୀ ଆହତ

ବାଉଁଶୁଣୀ,୧୫।୭(ଦେବାଶିଷ ନେପାକ)



ଟ୍ରକ୍‌କୁ ପିଟିଥିବା ପିକ୍‌ଅପ୍ ଭ୍ୟାନ୍।

ବୌଦ୍ଧ ଜିଲା ଜାତୀୟ ରାଜପଥ ନଂ. ୫୭ର ବାଉଁଶୁଣୀ ଦମକଳ କେନ୍ଦ୍ର ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକ୍ ପଛକୁ ମଙ୍ଗଳବାର ଭୋର ୪ଟା ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେବାରୁ ୫ଜଣ ବୋଲବମ୍ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ କଟକ ଜିଲା ନରସିଂହପୁର ଅଞ୍ଚଳର ଦୀନବନ୍ଧୁ ସାହୁ, ସୁମନ୍ତ କୁମାର୍ ସାହୁ, ନାଲୁ ପ୍ରଧାନ, ବଳଭଦ୍ର ସାହୁ ଓ ଡ୍ରାଇଭର ସୂର୍ଯ୍ୟମଣି ଜେନା । ବୋଲବମ୍ ଯାତ୍ରୀମାନେ ନୂଆପଡା ଅଞ୍ଚଳର କୌଣସି ଶୈବ ପୀଠରେ ପାଣି ଢାଳି ଏକ ପିକ୍‌ଅପ୍ ଭ୍ୟାନ୍ (ଓଡ଼ି୦୫ବିୱାଇ/୨୫୭୭) ଯୋଗେ ଫେରୁଥିବା ବେଳେ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକ୍ (ନଂ.ଓଡି୧୭ଏସି/୨୦୪୫)କୁ ଧକ୍କା ଦେଇଥିଲା। ବାଉଁଶୁଣୀ ଅଗ୍ନିଶମ ବାହିନୀ ସମସ୍ତ ଆହତଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ବର୍ତ୍ତମାନ ସମସ୍ତ ଯାତ୍ରୀ ସୁସ୍ଥ ଥିବା ଜଣାପଡ଼ିଛି।

## ଅଭିଜିତ ପୂଜାହାରୀ ସ୍ମୃତି କମିଟିର ବୈଠକ

ବିଁନିକା,୧୫।୭(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିଁନିକାରେ ମଙ୍ଗଳବାର ସନ୍ଧ୍ୟାରେ ଅଭିଜିତ ପୂଜାହାରୀ ସ୍ମୃତି କମିଟି କାର୍ଯ୍ୟାଳୟ ପରିସରରେ କମିଟି ସମ୍ପାଦକ ପ୍ରିୟରଞ୍ଜନ ହୋତାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦୨୪ ମସିହାରେ ହୋଇଥିବା ମେଗା ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ପରୀକ୍ଷା ଶିବିର, ରକ୍ତଦାନ ଶିବିର ଓ ରାଜ୍ୟସ୍ତରୀୟ କବିତା ଆସର ତଥା ସ୍ମୃତି ସଭା ଉପରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ହେବାକୁ ଥିବା କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ପ୍ରସ୍ତାବ ହୋଇଥିଲା। ଏକ କୋର କମିଟି ସର୍ବସମ୍ମତି କ୍ରମେ ଗଠନ ହୋଇଥିଲା । କୋର କମିଟି ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କୁ ରଖାଯାଇଛି। ଅଚ୍ୟୁତ ଛତ୍ର, ଅଶ୍ୱିନି ପଣ୍ଡା, ଗଜେନ୍ଦ୍ର ମିଶ୍ର, ଧୀରେନ୍ଦ୍ର ନାୟକ, ଗୌତମ ମିଶ୍ର, ସୂର୍ଯ୍ୟନାରାୟଣ ସାହୁ, ଘନଶ୍ୟାମ ମେହେର, ଶ୍ରୀକାନ୍ତ ସାହୁ, ବାଳଗୋପାଳ ପଣ୍ଡା ସଭ୍ୟ ମନୋନୀତ ହୋଇଥିଲେ। ଚଳିତବର୍ଷ ହେବାକୁ ଥିବା ଅଭିଜିତ ପୂଜାହାରୀ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀରେ ପୂର୍ବ ବର୍ଷରେ ହୋଇଥିବା ଜନ ହିତକର କାର୍ଯ୍ୟକ୍ରମ ଚଳିତ ବର୍ଷ ମଧ କରିବାପାଇଁ ପ୍ରସ୍ତାବ ଗ୍ରହଣ କରା ଯାଇଥିଲା। ବିନୋଦ ବିହାରୀ ନାଏକ ଧନ୍ୟବାଦ ଦେଇଥିଲେ। ବୈଠକରେ ଏନଏସି ଉପଧ୍ୟକ୍ଷା ତପସ୍ୱିନୀ ମେହେର, ଅଭିଜିତ ପୂଜାହାରୀ ସାହିତ୍ୟ ସଂସଦ ସମ୍ପାଦିକା ତନ୍ମୟୀ ଅଗସ୍ତି, ଇଂ. କିଶୋର କୁମାର ପଣ୍ଡା, ଭୁବନେଶ୍ୱର ସାହୁ, ଅନନ୍ତରାମ ଷାଣ୍ଡ, ମହେନ୍ଦ୍ର ସୁନା, ସୀତାରାମ ଦାସ, ଦେବରାଜ ସାହୁ, ନିରଞ୍ଜନ ପଣ୍ଡା, ସୁବ୍ରତ ପତି, ସିନ୍ନିବାସ ବାବୁ,କାଉନସିଲର ପ୍ରଦିପ ବାଘ, କାଉନସିଲର ବିଜୟ ବରାଇ, ବୃଷଭ ମାହାଣା, ଗଣ୍ଡାରାମ ମାହାଣା, ଘାସିରାମ ପଣ୍ଡା, ସଞ୍ଜୟ ସାହୁ, ସିଦ୍ଧାର୍ଥ ବାବୁ, କୈଳାସ ଗଣ୍ଡ, ଅଶୋକ ପାଣ୍ଡେ, ନିଳମଣୀ ସାହୁ, କାହ୍ନୁ କର୍ଣ୍ଣ, ଚୈତନ୍ୟ ବେହେରା, ଗୀତାଞ୍ଜଳି ପୂଜାହାରୀ, ଅକ୍ଷୟ ପୂଜାହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

ବୀରମହାରାଜପୁର,୧୫।୭(ଯୁଗଳ କିଶୋର ମିଶ୍ର)

ଜୀବନ ଯୁଦ୍ଧରେ ହାରିଯାଇଥିବା ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଂଗ୍ରେସ କମିଟି ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଥିଲା। ଶୋଭାଯାତ୍ରା ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ପହଞ୍ଚିବା ପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ବ୍ଲକ କଂଗ୍ରେସ କମିଟି ସଭାପତି ବସନ୍ତ କୁମାର ମହାକୁଡ଼, ସୋନପୁର ବିଧାନ ସଭାର କଂଗ୍ରେସ ପ୍ରାର୍ଥୀ ହୋଇଥିବା ପ୍ରିୟବ୍ରତ ସାହୁ, ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଦ୍ଦିଆ, ବିକାଶ ପଣ୍ଡା, ରାଜୁ ବାଦି, ସନ୍ତୋଷ ସମର୍ଥ, ବିବେକାନନ୍ଦ ସାହୁ, ସୁନିଲ ପ୍ରଧାନ, ପଦ୍ମନାଭ ପ୍ରଧାନ, ଆଦିତ୍ୟ ସାହୁ, ରଞ୍ଜନ ଅମାତ ପ୍ରମୁଖ ସାମିଲ ହୋଇଥିଲେ।

## କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା




ବିଁନିକାରେ କ୍ୟାଣ୍ଡେଲ ଶୋଭାଯାତ୍ରାରେ କଂଗ୍ରେସ ନେତୃବର୍ଗ।

ବିଁନିକା ୧୫।୭ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲାବିଁନିକା ସହରରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଜନିତ ମୃତ୍ୟୁକୁ ନେଇ ବିଁନିକା ନଗର କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାରେ ବ୍ଲକ ଓ ସହରାଞ୍ଚଳର ଶତାଧିକ କର୍ମୀ ତହସିଲ ଅଫିସରୁ ବାହାରି ଆମ୍ବେଦକର ଛକ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରି ସରକାର ବିରୋଧୀ ନାରା ଦେଇଥିଲେ।

## ପଶ୍ଚିମ ଓଡ଼ିଶା କନ୍‌ଷ୍ଟ୍ରକ୍‌ଶନ କର୍ମଚାରୀ ସଂଘ ବୈଠକ

ସୋନପୁର,୧୫।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମେଟାକାନିଠାରେ ପଶ୍ଚିମ ଓଡ଼ିଶା କନଷ୍ଟ୍ରକଶନ କର୍ମଚାରୀ ସଂଘର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୀଳାଚଳ ପ୍ରଧାନ ପୌରୋହିତ୍ୟ କରିଥିଲେ। ଏଥିରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ସଂଘରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଅଧିକରୁ ଅଧିକ କର୍ମଚାରୀଙ୍କୁ ସାମିଲ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସଂଘର ସଦସ୍ୟ ରାଜ କୁମାର ମେଣ୍ଡିଲି, ଭରଦ୍ୱାଜ ସାମନ୍ତରା, ରାଜ କୁମାର ଭୋଇ,ଅଜିତ କୁମାର ସାହୁ, ଘନଶ୍ୟାମ ଓ ରୁପେନ କର୍ଣ୍ଣ ପ୍ରମୁଖ ସଂଘର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ସୁବାସ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସୁପ୍ରେଶର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସଦସ୍ୟମାନେ ଯୋଗ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ସଂଘର ସଦସ୍ୟମାନେ।

## ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଉପରେ ଗୁରୁତ୍ୱ

### ସୁବର୍ଣ୍ଣପୁରରେ ଦିଶା ବୈଠକ

ସୋନପୁର,୧୫।୭(ମୃତ୍ୟୁଞ୍ଜୟ ଶତପଥୀ)




ବୈଠକରେ ଏମ୍‌ପି, ବିଧାୟକ ଓ ଜିଲାପାଳ ପ୍ରମୁଖ ଉପସ୍ଥିତ ଅଛନ୍ତି।

ସୁବର୍ଣ୍ଣପୁର ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି(ଦିଶା)ର ଦ୍ୱିତୀୟ ତ୍ରୈମାସିକ ବୈଠକ କମିଟି ଅଧକ୍ଷା ତଥା ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ତଥା ଦିଶାର ମେମ୍ବର ସେକ୍ରେଟାରୀ ଅନ୍ୟା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

ଏମ୍‌ପି ସିଂହଦେଓ ନିଜର ବକ୍ତବ୍ୟରେ ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ତୃଣମୂଳସ୍ତରରେ ନୂତନ ବିକାଶ କାର୍ଯ୍ୟ ଆରମ୍ଭ, ପର୍ଯ୍ୟାଲୋଚନା ଓ ସମସ୍ତ ପ୍ରକଳ୍ପର ସଫଳ ରୂପାୟନ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳଯୋଗାଣକୁ ଅଧିକ ଗୁରୁତ୍ୱ ଦିଆଯିବା ଉପରେ ଆଲୋଚନା ହୋଇଥିଲା। ଏମ୍‌ପି ସିଂହଦେଓ କହିଥିଲେ, ସିଏସ୍ଆର ଅନୁଦାନରୁ କିଭଳି ଜିଲାର ପ୍ରାଥମିକ ସ୍କୁଲ ଗୁଡିକୁ ଉନ୍ନତ କରାଯିବ ସେ ଦିଗରେ ଦୃଷ୍ଟି ଦିଆଯିବ। ବିଦ୍ୟାଳୟଗୁଡିକର ଭିତ୍ତିଭୂମିରେ ଉନ୍ନତି, ରୋଷେଇ ଘର ନିର୍ମାଣ, ଶିକ୍ଷକ ନିଯୁକ୍ତି, ପାନୀୟ ଜଳର ସୁବ୍ୟବସ୍ଥା, ଶୌଚାଳୟ ଓ ଖେଳପଡିଆ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ଜିଲାର ପ୍ରାୟ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଡାକ୍ତର ଓ ନର୍ସ ପଦବୀ ଖାଲି ପଡିଛି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଚିକିତ୍ସା ଉପକରଣ ବ୍ୟବହାର କରାଯାଉନି। ଆନୁଷଙ୍ଗିକ ଅବ୍ୟବସ୍ଥା ଲାଗିରହିଛି। ସେ ସବୁର ଏକ ତାଲିକା ପ୍ରସ୍ତୁତ କରିବାକୁ ଏମ୍‌ପି ସିଂଦେଓ ସିଡିଏମ୍ଓଙ୍କୁ କହିଥିଲେ। ସିଏଚ୍‌ସିଗୁଡିକରେ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ଉପରେ ଏମ୍‌ପି ଗୁରୁତ୍ୱ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ପିଏଚ୍‌ସି ଓ ସିଏଚ୍‌ସି କୋଠା ନିର୍ମାଣ ପାଇଁ ଅନୁଦାନ ଆସିଥିଲା। ସେ କାମର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନୂତନ ରାସ୍ତା ନିର୍ମାଣ, ଡୁଙ୍ଗୁରିପାଲି ଓ ବିଁନିକା ବ୍ଲକରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ କରିବା ଏବଂ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଜିଲାର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱାରୋପ କରିବା ସହ ସମସ୍ତଙ୍କ ପ୍ରୟାସରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ। ସମଗ୍ର ଶିକ୍ଷା, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ(ମଧ୍ୟାହ୍ନ ଭୋଜନ) କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ଜଳ ଜୀବନ ମିଶନ, କୃଷି, ଶକ୍ତି ବିଭାଗର ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା, ସାଂସଦ ହାତ ପାଣ୍ଠି, ଯୋଗାଣ, ରାଜସ୍ୱ, ବୃହତ ଉଠା ଜଳସେଚନ, ଉଠା ଜଳସେଚନ, ପାନୀୟ ଜଳ, ବିଦ୍ୟୁତ୍, ସମବାୟ ଓ ଗମନାଗମନ ବ୍ୟବସ୍ଥା ଉପରେ ସମୀକ୍ଷା ହୋଇଥିଲା।

ଏହି ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଲା ପରିଷଦ ପଲ୍ଲବୀ ରାଣୀ ରାଜ, ସୋନପୁର ଉପଜିଲାପାଳ ଡ. ସୌମ୍ୟାରୂପା ରଥ, ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ସରପଞ୍ଚ ନର୍ମଦା ମିଶ୍ର, ଅଶୋକ ପୃଷ୍ଟି, ପଟୁଆରୀ ପଧାନଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଗତ ବର୍ଷ ମାନଙ୍କ ଭଳି ଜିଲା ପରିଷଦ ଅଧକ୍ଷା, ଉପାଧକ୍ଷ, ବ୍ଲକ ଅଧକ୍ଷ ଓ ଉପାଧକ୍ଷ ଅନୁପସ୍ଥିତ ଥିବା ପରିଲକ୍ଷିତ ହୋଇଥିଲା।

# ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

**କୁଆଁରମୁଣ୍ଡା,୧୫।୭(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନା ଅଧୀନ କୁଆଁରମୁଣ୍ଡା ଫାଣ୍ଡି ନିକଟରୁ ୨ଶହ ମିଟର ଦୂରରେ ଥିବା ଏକ ପୁରୁଣା କୁକୁଡ଼ା ଫାର୍ମରୁ ମଙ୍ଗଳବାର ସକାଳେ ଜଣେ ନାବାଳିକାଙ୍କ ମୃତଦେହ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ହାତିବାରି ଥାନା ବନେଇଲତା ଗ୍ରାମର ଦିଲ୍ଲୀପ ଡୁଙ୍ଗଡୁଙ୍ଗ ଉକ୍ତ ଫାର୍ମରେ ପରିବାର ସହ ରୁହନ୍ତି। ମଙ୍ଗଳବାର ସକାଳେ ତାଙ୍କର ୧୭ ବର୍ଷୀୟା ନାବାଳିକା ଝିଅ ବେକରେ ଚୁନି ଲଗାଇ ଘରର ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ଏ ନେଇ ଦିଲ୍ଲୀପ କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ.୩୧/୨୫) ରୁଜୁ କରିଥିଲା। କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ହେଲେ ଆତ୍ମହତ୍ୟାର କାରଣ ଜଣାପଡି ନାହିଁ। ପୋଲିସ ତଦନ୍ତ ଜାରି ରଖିଛି।

# ପୋଲ ନିର୍ମାଣ ହେଉନି, ଅସୁବିଧା ଭୋଗୁଛନ୍ତି ପଡ଼ାବାସୀ

- ବର୍ଷା ଦିନେ ୪ ପଡ଼ା ବିଚ୍ଛିନ୍ନ
- ଡାଙ୍ଗବାନ୍ଧି ନାଳ ଉପରେ ପୋଲ ନିର୍ମାଣ ଦାବି

**ବାଲିଶଙ୍କରା,୧୫।୭( ସତ ସେଠ୍)**

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ତଳସରା ପଞ୍ଚାୟତ ଡାଙ୍ଗବାନ୍ଧି ନାଳ ଉପରେ ପୋଲ ନିର୍ମାଣ ପାଇଁ ପଡାବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହେଉ ଆସୁଛି। ପୋଲ ନିର୍ମାଣ ହୋଇ ନ ପାରିବାରୁ ବର୍ଷାଦିନେ ପଡାବାସୀ ଅସୁବିଧା ଭୋଗୁଛନ୍ତି। ଏହି ପୋଲ ନିର୍ମାଣ ପାଇଁ ପଡାବାସୀ ଗତ ୪ ବର୍ଷ ହେଲା ଜିଲାପାଳ, ସ୍ଥାନୀୟ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀରେ ମଧ୍ୟ ଜଣାଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରି ନ ଥିବାରୁ ପଡାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମଙ୍ଗଳବାର ପଡାବାସୀ ବାଇକ୍‌କୁ ଟେକି ଟେକି ନାଳ ପାରି କରୁଥିବା ଦେଖିବାକୁ ମିଳିଥିଲା।



ନାଳ ପାର କରି ବାଇକ୍‌କୁ ନେଉଛନ୍ତି।

ସୂଚନା ଅନୁଯାୟୀ, ତଳସରା ପଞ୍ଚାୟତର କୁହୁଡାଫାଳ, ତୁରେଲଢୁଡା, ରାଏପଡା, ପୁରୁନାପାଏନ ପଡାକୁ ସଂଯୋଗ କରୁଥିବା ରାସ୍ତାରେ ଡାଙ୍ଗବାନ୍ଧି ନାଳ ରହିଛି। ବର୍ଷା ଦିନେ ନାଳରେ ପାଣି ଭର୍ତ୍ତି ହୋଇଯିବାରୁ ତଳସରା, ରାଉଳଡେଗା, ଟିଂକିଲିପଡା, ପୁରୁନାପାଏନକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ଅତ୍ୟାବଶ୍ୟକ କାମ ଥିଲେ ଭରା ନାଳ ପାର ହେବାକୁ ପଡିଥାଏ। ପୋଲ ନିର୍ମାଣ ହେଉ ନ ଥିବାରୁ ଅସୁବିଧା ଭୋଗୁଥିବା ପୂର୍ବତନ ନାଏବ ସରପଞ୍ଚ ସୁମିତ୍ରା ପ୍ରଧାନ, ସିର ନିବାସ ରାଏ, ନୂଆସ ତିର୍କୀ, ମୋହନ ରାଏ, ମଦନ ବାରୁଆ, ସୁମତି ମାଝୀ, ରାଜୁ ବାରୁଆ, ଟିବୁରୁ ଏକ୍କା, ସମାର ଲୁହୁରା, ଗଣପତି ମାଝୀ, ଲୁଥୁ ଲୁହୁରା, ଯୋଗେଶ୍ୱର ଏକ୍କା, ସଞ୍ଜୀବ ଟପ୍ପୋ, ଫ୍ରାନ୍ସିସ ଟପ୍ପୋ, ବୁଧନୀ ଏକ୍କା, ବିରଜୁ ଲୁହୁରା, ରୁଦ୍ଧନୀ ଏକ୍କା ପ୍ରମୁଖ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ, ପୋଲ ନିର୍ମାଣ ପାଇଁ ଜିଲାପାଳଙ୍କୁ ଅବଗତ କରାଇଛି ବୋଲି କହିଥିଲେ। ତୁରନ୍ତ ଜିଲାପାଳ ଏଥିପ୍ରତି ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବା ପାଇଁ କୁହୁଡାଫାଳ, ତୁରେଲଢୁଡା, ରାଏପଡା ଓ ପୁରୁନାପାଏନ ପଡାବାସୀ ଦାବି କରିଛନ୍ତି।

# ରେଳପଥ ଅଣ୍ଡରପାସ୍ ବ୍ରିଜ୍ ନିର୍ମାଣ ପାଇଁ ଅଭିଯାନ ଆରମ୍ଭ

**ବନ୍ଧମୁଣ୍ଡା,୧୫।୭(ସୁବ୍ରତ ଦେ)**

ବିଶ୍ରା ବ୍ଲକ୍‌ର କପାଟମୁଣ୍ଡା ଗ୍ରାମରେ ରେଳବାଇ ଦ୍ୱାରା ପ୍ରସ୍ତାବିତ ଅଣ୍ଡରପାସ୍ ବ୍ରିଜ୍ ନିର୍ମାଣ କାର୍ଯ୍ୟ ପାଇଁ ମଙ୍ଗଳବାର ରେଲୱେ ଏକ ମିଳିତ ଯାଞ୍ଚ ଅଭିଯାନ ଚଳାଇଥିଲା। ଓଡଗା-ଡୁମରାତା ରେଳଲାଇନର କିଲୋମିଟର ନଂ. ୫୭୯/୨୦ ନିକଟରେ ନିର୍ମାଣ ହେବାକୁ ଥିବା ରେଳପଥ ଅଣ୍ଡରପାସ୍ ବ୍ରିଜ୍ ସମ୍ପର୍କରେ ଏହି ତଦନ୍ତ ଅଭିଯାନ କରାଯାଇଥିଲା। ରେଳପଥର ଇଞ୍ଜିନିୟର, ରାଜସ୍ୱ ବିଭାଗର ଅଧିକାରୀ, ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି ଯାଞ୍ଚ ଅଭିଯାନ ସମ୍ପନ୍ନ ହୋଇଥିଲା। ଉକ୍ତ ମିଳିତ ଯାଞ୍ଚ ଅଭିଯାନରେ ପ୍ରସ୍ତାବିତ ସ୍ଥାନର ଭୌଗୋଳିକ ସ୍ଥିତି, ଜମିର ଉପଲବ୍ଧତା, ଟ୍ରାଫିକ୍ ଚାପ ଏବଂ ବୈଷୟିକ ଦିଗ ଗୁଡ଼ିକର ବିଷୟରେ ଚର୍ଚ୍ଚା ହୋଇଥିଲା। ଉଲ୍ଲେଖଯୋଗ୍ୟ, ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଏକ ଅଣ୍ଡରପାସ୍ ବ୍ରିଜ୍ ନିର୍ମାଣ ପାଇଁ ଦାବି କରିଆସୁଛନ୍ତି। ଏହି ବ୍ରିଜ୍ ନିର୍ମାଣ ହେବା ପରେ ରେଳ ଫାଟକରେ ଟ୍ରାଫିକ୍ ଜାମ ସମସ୍ୟା ଶେଷ ହେବା ସହ ସଡ଼କ ଦୁର୍ଘଟଣା ମଧ୍ୟ କମିବ। ବହୁ ଶୀଘ୍ର ରେଳପଥ ପ୍ରଶାସନ ନିର୍ମାଣ କାର୍ଯ୍ୟ ସମାପ୍ତ କରିବା ପାଇଁ ଜମି ଅଧିଗ୍ରହଣ କରିବ ବୋଲି ସୂଚନା ମିଳିଛି।

# କାଦୁଅ ପଚ ପଚ ଚିତାମୁଣ୍ଡା- ଡୁମାଯୋର ରାସ୍ତା



କାଦୁଅ ପଚପଚ ରାସ୍ତା।

**ହେମଗିର,୧୫।୭(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ କେନ୍ଦୁଡିହି ପଞ୍ଚାୟତ ଚିତାମୁଣ୍ଡା ଠାରୁ ଡୁମାଯୋର ପର୍ଯ୍ୟନ୍ତ ୩କିଲୋମିଟର ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାଦେଇ ଯୋରଡିପା, ସୁରୁଲତା ଓ ଚିତାମୁଣ୍ଡାର ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। କାଦୁଅ ପଚ ପଚ ରାସ୍ତା ଦେଇ ନିକଟସ୍ଥ ଚିତାମୁଣ୍ଡା ବିଦ୍ୟାଳୟକୁ ଛାତ୍ରୀଛାତ୍ର ପାଠ ପଢିବାକୁ ଆସୁଛନ୍ତି। ଫଳରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ପ୍ରଶାସନ ଦୃଷ୍ଟି ଦେବା ସହିତ ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାଶନ ସାମଗ୍ରୀ ଦୋକାନରୁ ଚୋରି

**ବନ୍ଧମୁଣ୍ଡା,୧୫।୭(ସୁବ୍ରତ ଦେ)**

ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବନ୍ଧମୁଣ୍ଡା ସି-ସେକ୍ଟର ରେଳବାଇ କଲୋନିରେ ଥିବା ଏକ ରାଶନ ଦୋକାନର ଛାତ ଭାଙ୍ଗି ଭିତରେ ପଶି ପ୍ରାୟ ୬୦ ହଜାର ଟଙ୍କାର ରାଶନ ଚୋରି କରି ନେଇଛି। ସକାଳେ ମାଲିକ କୁଞ୍ଜା ସନ୍ତୋଷ କୁମାର ଦୋକାନ ଖୋଲିବା ପରେ ଛାତ ଭଙ୍ଗା ଅବସ୍ଥାରେ ରହିଥିବା ଏବଂ ରାଶନ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଦୋକାନ ମାଲିକ ଘଟଣା ବିଷୟରେ ବନ୍ଧମୁଣ୍ଡା ପୋଲିସକୁ ସୂଚନା ଦେଇଥିଲେ। ବନ୍ଧମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଫିଙ୍ଗରପ୍ରିଣ୍ଟ ବିଶେଷଜ୍ଞ ଏବଂ ଡଗ୍ ସ୍କ୍ୱାଡ ଘଟଣାସ୍ଥଳକୁ ପହଞ୍ଚି ପ୍ରମାଣ ସଂଗ୍ରହ କରିବାକୁ ଚେଷ୍ଟା ଚଳାଇଛି।



ଛାତ୍ରୀଛାତ୍ର ଏବଂ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ୨ ସଫଳ ଛାତ୍ରୀଛାତ୍ର, ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

**ବଡ଼ଗାଁ,୧୫।୭(ଅଶୋକ ଷଡଙ୍ଗୀ)**

ଚଳିତବର୍ଷ ଡାକ୍ତରୀ ପରୀକ୍ଷାରେ ସଫଳ ହୋଇଥିବା ୨ ଛାତ୍ରୀଛାତ୍ରଙ୍କୁ ସୋମବାର ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ଘରୋଇ ନର୍ସିଂ କଲେଜ ପରିସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସର୍ବଭାରତୀୟ ସ୍ତରରେ ୧୧୩୧୪ ର୍‍ୟାଙ୍କରେ ସଫଳ ହୋଇଥିବା ବଡ଼ଗାଁର ଅନୁସୟା ବେଉରାଙ୍କ ପୁଅ ମଳୟ ରଞ୍ଜନ ବେଉରା ଓ ୨୩୨୪୩ ର୍‍ୟାଙ୍କରେ ସଫଳତା ହାସଲ କରିଥିବା ସିଙ୍ଗାରମୁଣ୍ଡା ଗ୍ରାମର ସୁଜାତା ଖୁଣ୍ଟିଆଙ୍କ ଝିଅ ସୁଶ୍ରୀ ସରପଟିଆଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବଡ଼ଗାଁ ଆଇଟିଆଇର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ବରିଷ୍ଠ ଗ୍ରାମବାସୀ ପରମାନନ୍ଦ ପାଣିଗ୍ରାହୀ, ସତ୍ୟନାରାୟଣ ନାୟକ, ଅର୍ଜୁନ ନାୟକ, ବିଏନସି ପ୍ରିନ୍ସିପାଲ ସମାପିକା ରାଉତ, ବିଏନସି ନିର୍ଦ୍ଦେଶକ ସୁବ୍ରତ ବିଶାଳ ପ୍ରମୁଖ ଯୋଗଦେଇଥିଲେ। ବିଏନସି ଚେୟାରମେନ ଡ.ଅରୁଣ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ବର୍ଦ୍ଧନା ସଭାରେ ବିଏସସି ନର୍ସିଂ, ଏଏନଏମ, ଜିଏନଏମ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବଡ଼ଗାଁ ସ୍ନାତକ ମହାବିଦ୍ୟାଳୟରେ ନୂତନ ଭାବେ ପ୍ରିନ୍ସିପାଲ ଦାୟିତ୍ୱ ଗ୍ରହଣ କରିଥିବା ହେମନ୍ତ କୁମାର ପଣ୍ଡାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଡାଲମିଆ ଭାରତର ଯୁବ ଦକ୍ଷତା ଦିବସ ପାଳନ

**ରାଜଗାଙ୍ଗପୁର,୧୫।୭(ଅଶୋକ ପାଣି)**



ଡାଲମିଆ ଭାରତ ଲିମିଟେଡ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ) ତା'ର ପ୍ରମୁଖ ଦକ୍ଷତା ବିକାଶ ପ୍ରୟାସ ଦୀକ୍ଷା (ଡାଲମିଆ ଇନ୍‌ଷ୍ଟିଚ୍ୟୁଟ ଅଫ ନଲେଜ ଆଣ୍ଡ ସ୍କିଲ ହାର୍ନେସିଂ) ଜରିଆରେ ଭାରତର ଗ୍ରାମାଞ୍ଚଳରେ ଜୀବନରେ ରୂପାନ୍ତରଣ ଆଣୁଛି। ରାଜଗାଙ୍ଗପୁର କେନ୍ଦ୍ରରେ ଦୀକ୍ଷା ସ୍ଥାନୀୟ ଯୁବବର୍ଗଙ୍କୁ ଶିଳ୍ପ ଉପଯୋଗୀ ଦକ୍ଷତାରେ ସଶକ୍ତ କରିବା ସହିତ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ଏବଂ ସ୍ୱାବଲମ୍ବୀ ଭାବେ ଜୀବନ ନିର୍ବାହ କରିବାର ସୁଯୋଗ ଲାଭ କରିବାରେ ସହାୟତା କରୁଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ସୁନ୍ଦରଗଡର ୧୯ ବର୍ଷ ବୟସ୍କା ଦୀପ୍ତି ଲାକ୍ରା। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ କଲେଜରୁ ଅଧାରୁ ପାଠ ଛାଡିଥିଲେ। ଯାହା ତାଙ୍କ ଭବିଷ୍ୟତକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଥିଲା। ଦୀପ୍ତି ରାଜଗାଙ୍ଗପୁରସ୍ଥିତ ଦୀକ୍ଷା କେନ୍ଦ୍ରର ଜେନେରାଲ ଡିଉଟି ଆସିଷ୍ଟାଣ୍ଟ ପାଠ୍ୟକ୍ରମରେ ଯୋଗଦେଇ ସେଠାରେ କ୍ଷେତ୍ରସ୍ତରରେ ତାଲିମ ନେବା ସହିତ ଶିଳ୍ପ କ୍ଷେତ୍ର ସହିତ ସଂସ୍ପର୍ଶରେ ଆସିଲେ ଏବଂ ତାଙ୍କୁ ସେଠାରେ ନିଯୁକ୍ତି ନିମନ୍ତେ ସମର୍ଥନ ମିଳିଲା। ଆଜି ସେ ବର୍ଷକୁ ୨.୬୪ ଲକ୍ଷ ଟଙ୍କା ଦରମାରେ ହାଇଦ୍ରାବାଦରେ ଚାକିରି କରୁଛନ୍ତି ଏବଂ ପରିବାର ପ୍ରତିପୋଷଣ କରୁଛନ୍ତି। ଏଥିସହିତ ସେ ଗ୍ରାମର ଯୁବତୀମାନଙ୍କୁ ସେମାନଙ୍କର ଭବିଷ୍ୟତ ଗଢିତୋଳିବା ନିମନ୍ତେ ପ୍ରେରଣା ଦେଉଛନ୍ତି। ଡାଲମିଆ ଭାରତ ବର୍ତ୍ତମାନ ପର୍ଯ୍ୟନ୍ତ ନିଜର ରାଜଗାଙ୍ଗପୁର କେନ୍ଦ୍ରରେ ୧୮୮୦ରୁ ଅଧିକ ଯୁବବର୍ଗଙ୍କୁ ସ୍ୱାସ୍ଥ୍ୟସେବା, ବୈଦ୍ୟୁତିକ, ସିଲେଇ ମେଶିନ ଅପରେଟର, ଗ୍ରାହକ ସମ୍ପର୍କ ପରିଚାଳନା ଆଦି ବିଭାଗରେ ତାଲିମ ପ୍ରଦାନ କରିସାରିଛି। ଡାଲମିଆ ଭାରତ ଫାଉଣ୍ଡେଶନର ସିଇଓ ଅଶୋକ କୁମାର ଗୁପ୍ତା କହିଥିଲେ, ବିଶ୍ୱ ଯୁବ ଦକ୍ଷତା ଦିବସରେ ଆମେ ଏହା ସ୍ମରଣ କରୁଛୁ ଯେ, ଠିକ ଦକ୍ଷତା ସହିତ ତୃଣମୂଳ ସ୍ତରରୁ ଆମର ଯୁବବର୍ଗଙ୍କୁ ସଶକ୍ତ କରାଯିବା ସହିତ ଆତ୍ମ ନିର୍ଭର ଭାରତ ନିର୍ମାଣ ଆରମ୍ଭ ହେଉଛି। ଡାଲମିଆ ଭାରତରେ ଆମେ ଏକ ସୁଦୃଢ଼ ଏବଂ ଅଧିକ ସ୍ୱାବଲମ୍ବୀ ରାଷ୍ଟ୍ର ନିର୍ମାଣ ନିମନ୍ତେ ପ୍ରାକ୍ଟିକାଲ ତାଲିମ ଜରିଆରେ ବାସ୍ତବ ସୁଯୋଗ ସୃଷ୍ଟି କରିବାକୁ ପ୍ରତିବଦ୍ଧ । ଦୀକ୍ଷାର ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଏହାର ପୂର୍ଣ୍ଣାଙ୍ଗ ଆଭିମୁଖ୍ୟ ପାଇଁ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ପ୍ରତିଷ୍ଠା ଲାଭ କରିଛି ; ଯେଉଁଥିରେ ପ୍ରାକ୍ଟିକାଲ ତାଲିମ, କ୍ୟାରିୟର କାଉନସେଲିଂ ଏବଂ ନିଯୁକ୍ତି ନିମନ୍ତେ ସମର୍ଥନ ଆଦିର ସମ୍ମିଶ୍ରଣ ରହିଛି। ୨୦୨୫ ଆର୍ଥିକ ବର୍ଷରେ କେବଳ ୨୦ଟି କେନ୍ଦ୍ରରେ ୬୯୨୫ ଜଣ ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ଅନେକ ତିନିମାସ ମଧ୍ୟରେ ନିଯୁକ୍ତି ହାସଲ ଅଥବା ବ୍ୟବସାୟ ଆରମ୍ଭ କରିଛନ୍ତି। ଶିକ୍ଷାନବୀଶଙ୍କ ମଧ୍ୟରେ ୫୦ ପ୍ରତିଶତରୁ ଅଧିକ ମହିଳା ଅଛନ୍ତି ଏବଂ ଦୀକ୍ଷା ଅର୍ଥନୈତିକ ସଶକ୍ତୀକରଣ ଜରିଆରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଜାରି ରଖିଛି। ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ କରୁଥିବାବେଳେ ଡାଲମିଆ ଭାରତ ଫାଉଣ୍ଡେଶନ ଦକ୍ଷତା ନିର୍ମାଣ, ରଣକୌଶଳାତ୍ମକ ସହଭାଗିତା ଏବଂ ସମାବେଶୀ ବିକାଶ ଜରିଆରେ ଭାରତର ପରବର୍ତ୍ତୀ ପିଢ଼ିକୁ ସଶକ୍ତ କରିବା ନିମନ୍ତେ ପୁନଃପ୍ରତିବଦ୍ଧତା ପ୍ରକାଶ କରୁଛି ।

# ପଞ୍ଚରା-ଟେଙ୍ଗରାବାହାଲ ରାସ୍ତା ଧସିଲା



ଧସି ଯାଇଥିବା ରାସ୍ତା।

**କୁତ୍ରା,୧୫।୭(ଦେବାଶିଷ ସାହୁ)**

ସୋମବାର ଲଗାଣ ବର୍ଷା ଯୋଗୁ କୁତ୍ରା ବ୍ଲକ ପଞ୍ଚରା-ଟେଙ୍ଗରାବାହାଲ ନିକଟରେ ଉଭୟ ପାର୍ଶ୍ୱ ରାସ୍ତା ଧୋଇ ହୋଇଯାଇଛି। ଏହି ରାସ୍ତାକୁ ଶୀଘ୍ର ମରାମତି ନ କଲେ ଆଉ ଗୋଟିଏ ବର୍ଷା ହେଲେ ରାସ୍ତାଟି ୨ ଭାଗ ହୋଇଯିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱ ଧସି ଯିବାରୁ ଲୋକେ ରାସ୍ତାରେ ଯିବା ପାଇଁ ଭୟ କରୁଛନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଖାଲଖମା ହୋଇଥିବାରୁ ଯା'ଆସରେ ସମସ୍ୟା ହେଉଛି। ରାସ୍ତା ଧୋଇ ଯିବାରୁ ଗାଡିଗୁଡିକ ବିଲକୁ ଖସିଯିବାର ସମ୍ଭାବନା ଦେଖା ଦେଇଛି। ବିଭାଗୀୟ ଉଚ୍ଚ ଅଧିକାରୀ ଏହାକୁ ଦୃଷ୍ଟି ଦେଇ ଯଥାଶୀଘ୍ର ଏହି ରାସ୍ତା ମରାମତି ପାଇଁ ସାଧାରଣରେ ଦାବି କରାଯାଉଛି।

# ଲଗାଣ ବର୍ଷାରେ ବୁଡ଼ିଲା ନଳକୂପ



**ବଡ଼ଗାଁ,୧୫।୭( ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ପଞ୍ଚାୟତ ବାଗବୁଡ ପଡ଼ାରେ ଥିବା ଏକ ନଳକୂଅ ଲଗାଣ ବର୍ଷାରେ ବୁଡ଼ିଯାଇଛି। ଫଳରେ ସ୍ଥାନୀୟ ଗ୍ରାମବାସୀ ପାନୀୟ ଜଳ ସମସ୍ୟାରେ ଥିବା କହିଛନ୍ତି। ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଉଲ୍ଲେଖ ଯୋଗ୍ୟ, ଲଗାଣ ବର୍ଷା ଯୋଗୁ ଚାଷ କାମ ଆଗେଇ ପାରୁନାହିଁ। ଶତାଧିକ ଲୋକଙ୍କ ମାଟି ଘର ଧସି ପଡିଛି।

# ଯକ୍ଷ୍ମାରୋଗୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**ଲହୁଣୀପଡା,୧୫।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ାସ୍ଥିତ କଲ୍ୟାଣ ମଣ୍ଡପଠାରେ ସୋମବାର ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ମିଳିତ ଭାବେ ଯକ୍ଷ୍ମାମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇଥିବା ବେଳେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ବଣେଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ଲହୁଣୀପଡ଼ା ବିଡିଓ ଅନୁରାଗ ମିଶ୍ର, ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ କୁମାର, ଜିନ୍ଦଲ ୟୁନିଟ୍‌ର ମୁଖ୍ୟ ଆର୍.ଏସ୍. ରଘୁବଂଶୀ ମଞ୍ଚାସୀନ ଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିପିସି କ୍ଷୀରୋଦ କୁମାର ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ସୁନ୍ଦରଗଡ଼ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁରେଶ ଚନ୍ଦ୍ର ମହାନ୍ତି ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ସମ୍ପର୍କରେ ବକ୍ତବ୍ୟ ଦେବା ସହ ଯକ୍ଷ୍ମାରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ଯକ୍ଷ୍ମାରୋଗୀଙ୍କୁ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଶୁଖିଲା ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଇଥିଲା। ରାଜ କୁମାର ଦେହେରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିନ୍ଦଲର ଡେପୁଟି ମ୍ୟାନେଜର ରାଜେଶ କୁମାର ଲେଙ୍କା ଓ କର୍ମଚାରୀଙ୍କ ସମେତ ଏସ୍‌ଟିଏସ୍,ବିପିଏମ୍, ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି।

# ନୂତନ ଧାଡ଼ିରୁଆ ମଞ୍ଜି, ସାରବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

**ସୁନ୍ଦରଗଡ,୧୫।୭(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲିଠାରେ କିରେଇ ସ୍ଥିତ ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ ଉପକେନ୍ଦ୍ର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ସହଯୋଗରେ ସୋମବାର ଟ୍ରାକ୍ଟରଚାଳିତ ନଅ ଧାଡିଆ ପୁଷ୍ଟି ଶସ୍ୟ ମଞ୍ଜି ଓ ସାରବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଇକ୍ରିସାଟ୍, ହାଇଦ୍ରାବାଦର ମିଳିତ ଉଦ୍ୟମରେ ପରିଚାଳିତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରକଳ୍ପ 'ଓଡ଼ିଶାର ଢିପ ଜମିରେ ପୁଷ୍ଟିଶସ୍ୟ ଚାଷର ବିକାଶ' ଅଧୀନରେ ରାଜ୍ୟର ୫ ଜିଲା (କେନ୍ଦୁଝର, ସୁନ୍ଦରଗଡ଼, ନୂଆପଡା, ନବରଙ୍ଗପୁର ଓ କୋରାପୁଟ)ରେ ପୁଷ୍ଟି ଶସ୍ୟ ଚାଷର ବିକାଶ ନିମନ୍ତେ ଓୟୁଏଟି ଅଧୀନ ଆଞ୍ଚଳିକ ଗବେଷଣା କେନ୍ଦ୍ର ଓ ଇକ୍ରିସାଟ୍‌ର ଗବେଷକଙ୍କ ଦ୍ୱାରା ନୂତନ ପୁଷ୍ଟିଶସ୍ୟ କିସମର ଆବିଷ୍କାର, ଫସଲର ଅମଳ ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ଗବେଷଣା ଚାଲୁଅଛି। ସେହିଭଳି ଓୟୁଏଟି ଅଧୀନ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ଦ୍ୱାରା ପୁଷ୍ଟିଶସ୍ୟ ଚାଷ ନିମନ୍ତେ ବିକଶିତ ବିବିଧ କୃଷି ଯନ୍ତ୍ରପାତିର ଗବେଷଣା ଓ ସମ୍ପ୍ରସାରଣ ଦିଗରେ ମଧ୍ୟ କାର୍ଯ୍ୟ ଚାଲୁଅଛି। ଏହି କାର୍ଯ୍ୟକ୍ରମରେ



କ୍ଷେତ୍ର ପ୍ରଦର୍ଶନ କରାଯାଉଛି।

ବିଭାଗର ବୈଷୟିକ ଅଧିକାରୀମାନେ ଯୋଗଦେଇ ଉକ୍ତ ଟ୍ରାକ୍ଟରର ଉପକାରିତା ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଯନ୍ତ୍ର ସାହାଯ୍ୟରେ ଧାଡ଼ିକୁ ଧାଡ଼ି ୨୦-୨୨ ସେ.ମି. ଏବଂ ମଞ୍ଜିକୁ ମଞ୍ଜି ୧-୨ ସେ.ମି. ବ୍ୟବଧାନରେ ୧ ଘଣ୍ଟାରେ ୧ ଏକର ଜମିରେ ଏକରକୁ ୪ କେଜି ମଞ୍ଜି ହିସାବରେ ଠିକ୍‌ଭାବେ ବୁଣାଯାଇପାରିବ। ଏହାଦ୍ୱାରା ଫସଲର ଅମଳ ବୃଦ୍ଧି ହେବା ସହ ଚାଷକାର୍ଯ୍ୟ ମଧ୍ୟ ଅଳ୍ପ ସମୟରେ, ଅଳ୍ପ ଖର୍ଚ୍ଚରେ, କମ୍ ପରିଶ୍ରମରେ ହୋଇପାରିବ। କାର୍ଯ୍ୟକ୍ରମରେ ଓୟୁଏଟିର ପୂର୍ବତନ ଗବେଷଣା ମୁଖ୍ୟ ତଥା ଇକ୍ରିସାଟ୍‌ର କୃଷି ଯାନ୍ତ୍ରୀକରଣ ପରାମର୍ଶଦାତା ଡା. ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ ଚାଷୀଙ୍କ ପୁଷ୍ଟିଶସ୍ୟ ଚାଷଜନିତ ପ୍ରଶ୍ନର ଉତ୍ତର ରଖିଥିଲେ ଓ ଯନ୍ତ୍ର କ୍ରୟ କରିବାର ପ୍ରକ୍ରିୟା ଓ ସରକାରୀ ରିହାତି ବିଷୟରେ ଆଲୋକପାତ କରିଥିଲେ। ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ ଉପକେନ୍ଦ୍ରର ବୈଜ୍ଞାନିକ ଡା. ସଜିବ କୁମାର ବିଶାସି, କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼ର ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, କ୍ଷେତ୍ର ବିଜ୍ଞାନ ବୈଜ୍ଞାନିକ ଡା. ଦିବ୍ୟେନ୍ଦୁ ମଣ୍ଡଳ, ବିଶ୍ୱବିଦ୍ୟାଳୟର ଗବେଷଣା ସହାୟକ ଇଂ ଋଷିକେଶ ସାହୁ, ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗମ୍ବର ଉପାଧ୍ୟାୟ, କୃଷି ପରାମର୍ଶଦାତା ଉଦିତ କୁମାର ନାଏକ, ବ୍ଲକ୍ ଅଧିକାରୀ ଅମିୟ ରଞ୍ଜନ ଲେଙ୍କା, ସହକାରୀ ବ୍ଲକ୍ ଅଧିକାରୀ ବର୍ଷା ସାହୁ, ସିଆର୍‌ପି ସୁଜାତା ପଟେଲ, କୃଷକ ଉତ୍ପାଦକ ସଂଘର ଅମିତ କୁମାର ନାଏକ ଓ ସ୍ଥାନୀୟ ଚାଷୀ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ମହିଳା ଆହତ

ନାକଟିଦେଉଳ,(ବୈକୁଣ୍ଠନାଥ ସାହୁ): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଗଁପଞ୍ଚାୟତ ଅନ୍ତର୍ଗତ ହିତସରା ଗ୍ରାମରେ ମଙ୍ଗଳବାର ସକାଳେ ଜଣେ ମହିଳା ଏକଦନ୍ତା ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ଆହତ ମହିଳା ବାସନ୍ତୀ ଦେହୁରୀ(୫୦) ବୋଲି ଜଣାପଡିଛି। ହିତସରା ବଉଳପଡା ସାହିର ବାସନ୍ତୀ ମଙ୍ଗଳବାର ସକାଳ ପ୍ରାୟ ୫ଟାରେ ଗାଁମୁଣ୍ଡ ପଡିଆକୁ ଶୌଚପାଇଁ ଯାଉଥିବାବେଳେ ହାତୀ ହାବୁଡ଼ରେ ପଡିଥିଲେ। ହାତୀ ତାଙ୍କୁ ଆକ୍ରମଣ କରିବାରୁ ସେ ତଳେ ପଡିଯାଇ ଖଣ୍ଡିଆଖାବରା ହୋଇଥିଲେ। ତାଙ୍କ ପାଟିଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବାରୁ ହାତୀ ଚାଲିଯାଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନାକଟିଦେଉଳ ଡାକ୍ତରଖାନା ଆଣିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରେଢ଼ାଖୋଲ ସ୍ଥାନାନ୍ତର କରାଯାଇଛି।

# ବିସ୍ଥାପିତଙ୍କୁ ପୁନଃ ବିସ୍ଥାପନ ନୋଟିସ୍

ସମ୍ବଲପୁର,୧୫।୭(ପ୍ରମୋଦ ବହିଦାର)

ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇ ଦୀର୍ଘ ୭ ଦଶନ୍ଧିଧରି ଅନ୍ୟଏକ ଗ୍ରାମରେ ବସତି ସ୍ଥାପନ କରି ଚାଷବାସ କରି ଜୀବିକା ନିର୍ବାହ କରୁଥିଲେ। ମାତ୍ର ଇତିମଧ୍ୟରେ ସେମାନଙ୍କୁ ପୁଣିଥରେ ଉକ୍ତସ୍ଥାନରୁ ବିସ୍ଥାପନ ପାଇଁ ସରକାରଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଛି। ଯାହାକୁ ସେମାନେ ବିରୋଧ କରି ମଙ୍ଗଳବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦ୍ୱାରସ୍ଥ ହୋଇଥିଲେ। ଧନକଉଡା ବ୍ଲକ କିଲାସମା ଓ ତାଲବ ପଞ୍ଚାୟତ ଅଞ୍ଚଳର ଶତାଧିକ ସଂଖ୍ୟାରେ ଲୋକେ ସେମାନଙ୍କୁ ଏଠାରୁ ବିସ୍ଥାପିତ ନ କରି ବିକଳ୍ପ ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ୧୯୫୦ଦଶକରେ ହୀରାକୁଦ ନଦୀବନ୍ଧ ଯୋଜନାରେ ଜଳବୁଡ଼ି ଅଞ୍ଚଳରୁ ବିସ୍ଥାପିତ ହୋଇ ପ୍ରାୟ ୧୫୦ରୁ ଅଧିକ ପରିବାର ପରବର୍ତ୍ତୀକାଳରେ ଧନକଉଡା ବ୍ଲକର କିଲାସମା ଓ ତାଲବ ପଞ୍ଚାୟତ ଅନ୍ତର୍ଗତ ବୁଡ଼ିପଧାନପାଲି, ଗୁଁଡଚାମାଲ, ବଲବସପୁର ଆଦି ଗ୍ରାମରେ ରହି ଆସୁଥିଲେ। ଏହାସହ ଏଠାରେ ଥିବା ଚାଷଜମିରେ ଚାଷ କରି ଜୀବିକା ନିର୍ବାହ କରୁଥିଲେ। ମାତ୍ର ପର୍ଯ୍ୟଟନ ପ୍ରକଳ୍ପ ସକାଶେ ସେମାନେ ଚାଷ କରୁଥିବା ଓ ରହୁଥିବା ଖାତା ନମ୍ବର ୩୨୪ର ୧୨ଟି ପ୍ଲଟର ପ୍ରାୟ ୨୭.୪୪ ଏକର ପରିମିତ ସମ୍ପୂର୍ଣ୍ଣ ଜମିକୁ ଅଧିଗ୍ରହଣ ପାଇଁ ସଦର ତହସିଲଦାରଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଗତ ଜୁନ ୩୦ ତାରିଖରେ ଏକ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ସମ୍ବଲପୁର ସଦର ତହସିଲଦାର ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ ସକାଶେ ଉକ୍ତ ଜମି ଅଧିଗ୍ରହଣ କରି ଇଡ୍କୋ ଭୁବନେଶ୍ୱରଙ୍କୁ ହସ୍ତାନ୍ତର କରିବାକୁ ନୋଟିସ୍‌ରେ ଉଲ୍ଲେଖ କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟରେ ବିସ୍ଥାପନ ପାଇଁ ନୋଟିସ ପାଇଥିବା ଗ୍ରାମବାସୀ।

ଉକ୍ତ ଜମିରେ ଦୀର୍ଘ ୭୦ବର୍ଷରୁ ଅଧିକ ହେଲା ପୁରୁଷାନୁକ୍ରମେ ରହି ଆସୁଥିବା ଅଧିବାସୀମାନେ ସରକାରଙ୍କ ଏତାଦୃଶ ପଦକ୍ଷେପକୁ ଗରିବ ମାରଣ ଓ ଜନସ୍ୱାର୍ଥ ବିରୋଧୀ ନୀତି ବୋଲି ଅଭିଯୋଗ କରିଛନ୍ତି। ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ ନାମରେ ଉକ୍ତ ଗ୍ରାମର ଅଧିବାସୀଙ୍କ ଜୀବନ ଜୀବିକାକୁ ଗୁରୁତ୍ୱ ଦେବା ବଦଳରେ ଏଭଳି ମୂଲ୍ୟବାନ

■ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

■ଜମି ଛାଡ଼ିବୁ ନାହିଁ, ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଲଢ଼େଇ କରିବୁ

ଜମିମକୁ ପୁଞ୍ଜିପତିଙ୍କ ହାତକୁ ସାଗମାଛ ଦରରେ ଟେକି ଦେବାକୁ ସରକାରଙ୍କ ଏକ ହୀନ ଚକ୍ରାନ୍ତ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତେବେ ନିଜ ଜୀବନ ଜୀବିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ଏହି ଜମି ଅଧିଗ୍ରହଣକୁ ତୀବ୍ର ବିରୋଧ କରାଯିବ। ଜମିକୁ ଆଦୌ ଛାଡ଼ିବୁ ନାହିଁ। ଏଥିପାଇଁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ବୋନ୍ଦରଙ୍କୁ ପଚାରିବାରୁ ସରକାରଙ୍କ ନିୟମ ଅନୁପାଳନ କରାଯିବ। ଉକ୍ତ ପ୍ରକଳ୍ପ ପାଇଁ ଜବରଦଖଲ ହୋଇଥିବା ଚିହ୍ନଟ ସରକାରୀ ଜମିରୁ ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

# କ୍ୟାମ୍ପସ୍‌ରେ ବଢ଼ାଯାଉ ସୁରକ୍ଷା

## ମୁଖ୍ୟମନ୍ତ୍ରୀଙ୍କୁ ନବମ ଶ୍ରେଣୀ ଛାତ୍ରୀଙ୍କ ଚିଠି

ନାକଟିଦେଉଳ,୧୫।୭(ବୈକୁଣ୍ଠନାଥ ସାହୁ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ ବିଏଡ୍ ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ଉଦ୍‌ବେଗଜନକ। ଏହି ଘଟଣାରେ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏଥିସହିତ କଲେଜ କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ। ସମ୍ବଲପୁର ଜିଲା ରେଢ଼ାଖୋଲ ସରସ୍ୱତୀ ଶିଶୁ ମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ରାଉତ ମଙ୍ଗଳବାର ଏହି ମର୍ମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

ଆଦ୍ୟାଶା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ବଡ଼ଭଉଣୀ ତୁଲ୍ୟ ସୌମ୍ୟାଶ୍ରୀଙ୍କର ଦୁର୍ଭାଗ୍ୟଜନକ ପରିସ୍ଥିତିରେ ମୃତ୍ୟୁ ତାଙ୍କୁ ବ୍ୟଥିତ କରିଛି। ଏହି ଘଟଣା ପରେ ତାଙ୍କ ପରି ଲକ୍ଷ ଲକ୍ଷ ଛାତ୍ରୀ ଶିକ୍ଷାନୁଷ୍ଠାନରେ ନିରାପଦରେ କିପରି ଶିକ୍ଷାଲାଭ କରିପାରିବେ ଏବଂ ମା'ବାପା ଅଚିନ୍ତାରେ ରହିପାରିବେ କି ବୋଲି ପ୍ରଶ୍ନ କରିଛନ୍ତି। ଶେଷରେ ସେ


ଆଦ୍ୟାଶା ପ୍ରିୟଦର୍ଶିନୀ ରାଉତ।

### ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା

ଲେଖିଛନ୍ତି ଆପଣଙ୍କୁ ବିନୀତ ଅନୁରୋଧ ଶିକ୍ଷାନୁଷ୍ଠାନରେ ଶିକ୍ଷାର୍ଥୀ ବିଶେଷ କରି ଛାତ୍ରୀମାନଙ୍କୁ କିପରି ସୁରକ୍ଷା ଦିଆ ଯାଇପାରିବ ସେ ଦିଗରେ ପଦକ୍ଷେପ ନିଅନ୍ତୁ। ମଙ୍ଗଳବାର ଉଭୟ ମେଲ୍ ଏବଂ ଡାକ ଯୋଗେ ଚିଠି ଲେଖି ଆଦ୍ୟାଶା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଲଜ୍‌ରୁ ଯୁବକଙ୍କ ମୃତଦେହ ଜବତ

ସମ୍ବଲପୁର,୧୫।୭(ପ୍ରମୋଦ ବହିଦାର)

ସମ୍ବଲପୁରର କ୍ଷେତରାଜପୁର ଥାନା ଅନ୍ତର୍ଗତ ବାଲାଜୀ କଲୋନୀଠାରେ ଥିବା ଏକ ଲଜରୁ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ଜଗତସିଂହପୁର ଜିଲା ପାରାଦୀପ ନିବାସୀ କୃଷ୍ଣ ପ୍ରସାଦ ନନ୍ଦି(୨୯) ବୋଲି ଜଣାପଡିଛି। ପୋଲିସର ସୂଚନା ଅନୁଯାୟୀ, ଯୁବକ ଜଣକ ଗତ ୧୩ ତାରିଖ ସନ୍ଧ୍ୟାରେ ସମ୍ବଲପୁର ଆସି ଉକ୍ତ ଲଜରେ ରହିଥିଲେ। ସୋମବାର ଦିନତମାମ ସେ ଲଜରୁ ବାହାରି ନ ଥିଲେ। ମଙ୍ଗଳବାର ମଧ୍ୟ ଲଜରେ ସେ ରହୁଥିବା କୋଠରି ଭିତର ପଟୁ ବନ୍ଦ ରହିଥିଲା। ଲଜ କର୍ମଚାରୀମାନେ କବାଟ ବାଡ଼େଇ ତାଙ୍କୁ ଡାକିଥିଲେ। ମାତ୍ର ଭିତରୁ କୌଣସି ଉତ୍ତର ନ ମିଳିବାରୁ କର୍ମଚାରୀମାନେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳର ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭାଙ୍ଗିଥିଲା। କୋଠରିରେ ଥିବା ପଙ୍ଖାରେ କୃଷ୍ଣ ପ୍ରସାଦ ଝୁଲୁଥିବା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ପରିବାରବର୍ଗଙ୍କୁ ଖବର ଦେଇଥିଲା। ତେବେ ସେ କାହିଁକି ଆତ୍ମହତ୍ୟା କରିଛନ୍ତି ତାର କାରଣ ଜଣା ପଡ଼ି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣା ପଡ଼ିବ ବୋଲି ପୋଲିସ କହିଛି। କ୍ଷେତରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଯୌନ ନିର୍ଯାତନା ନିରାକରଣ ସଚେତନତା କାର୍ଯ୍ୟକ୍ରମ



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ନାକଟିଦେଉଳ,୧୫।୭(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ନାରୀମାନଙ୍କ ଉପରେ ଯୌନ ନିର୍ଯାତନାର କାରଣ ଏବଂ ନିରାକରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ, ଅଧ୍ୟାପିକା ଡ଼ ଆର୍ ପୁଷ୍ପାଞ୍ଜଳି, ଲିଟିନା ପ୍ରିୟଦର୍ଶନୀ, ଗିରିଶବାଳା ନାୟକ ଓ ଗ୍ରନ୍ଥାଗାରିକ ବିଭୂତି ଭୂଷଣ ସାହୁ ଯୋଗଦେଇ ଯୌନ ନିର୍ଯାତନାର ଆଧାର, ଆଇନଗତ ବ୍ୟବସ୍ଥା ଓ ମହିଳା କମିଶନର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ଓଡ଼ିଶାର ବିଭିନ୍ନ କ୍ୟାମ୍ପସ ତଥା ହଷ୍ଟେଲରେ ଘଟୁଥିବା ଛାତ୍ରୀ ଯୌନ ନିର୍ଯାତନା ଘଟଣା ଓ ଏଥିରେ ଅଧ୍ୟାପକମାନଙ୍କର ସମ୍ପୃକ୍ତି ପାଇଁ ଉଦ୍‌ବେଗ ପ୍ରକାଶ ପାଇଥିଲା। ସଭା ପୂର୍ବରୁ ନିର୍ଯାତନାର ଶିକାର ହୋଇ ମୃତ୍ୟୁବରଣ କରିଥିବା ବାଲେଶ୍ୱର ଫକିର ମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରୀ ରଚନା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟଣା, ଅଭିଯୁକ୍ତ ଗିରଫ

ନାକଟିଦେଉଳ,୧୫।୭(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ସରାପାଲି ଫରେଷ୍ଟ ବିଟ୍‌ର ଟିକିଲିପଡ଼ା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଆଘାତରେ ଏକ ମାଇହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅଭିଯୁକ୍ତ ଟିକିଲିପଡ଼ାର ଅମର କୁମାର ପ୍ରଧାନ(୫୫)ଙ୍କୁ ନାକଟିଦେଉଳ ବନ ବିଭାଗ ଗିରଫ କରିଛି। ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅମର ହାତୀ ଉପଦ୍ରବରୁ ଧାନ କ୍ଷେତକୁ ସୁରକ୍ଷା ଦେବାକୁ ନିଜ ଜମିର ଚତୁଃପାର୍ଶ୍ୱରେ ସୋଲାର ଫେନସିଂ ତାର ଟାଣିଥିଲେ । ତେବେ ଘଟଣା ଦିନ ଏକ ୯ ଟିକିଆ ହାତୀପଲ ଗ୍ରାମକୁ ଆସିଥିବା


ଗିରଫ ଅଭିଯୁକ୍ତ।

ବେଳେ ଗ୍ରାମବାସୀ ଏବଂ ବନ ବିଭାଗ କର୍ମଚାରୀ ହାତୀପଲ ଘଉଡ଼ାଇଥିଲେ। ହାତୀପଲ ଗ୍ରାମରୁ ଜଙ୍ଗଲ ମଧ୍ୟକୁ ଚାଲିଯାଉଥିବା ବେଳେ ଅମରଙ୍କ ଧାନ ଜମି ରାସ୍ତା ଦେଇ ଯାଉଥିବା ବେଳେ ଏକ ୬ ବର୍ଷର ମାଇ ହାତୀ ସେହି ତାରରେ ଲାଗିଯାଇଥିଲା। ଅମରଙ୍କୁ ସୋଲାର ଫେନସିଂ ତାର ଟାଣିବାକୁ ଅନୁମତି ଦିଆ ଯାଇଥିଲେ ମଧ୍ୟ ଉକ୍ତ ଦିନ ସେ ବିଦ୍ୟୁତ ହୁକ ପକାଇ ସୋଲାର ଫେନସିଂ ତାରରେ ସଂଯୋଗ କରିଥିଲେ। ଫଳରେ ଏହି ତାରରେ ଲାଗି ଉକ୍ତ ମାଇ ହାତୀର ମୃତ୍ୟୁ ଘଟିଥିଲା। ବନ୍ୟପ୍ରାଣୀ ସୁରକ୍ଷା ଆଇନ ଧାରା ୯ ଅନୁସାରେ ଅଭିଯୁକ୍ତ ଅମର କୁମାର ପ୍ରଧାନଙ୍କ ନାମରେ ଆପରାଧିକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଥିବା ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା କହିଛନ୍ତି।

# ଅଙ୍ଗନୱାଡି ସହାୟିକାଙ୍କ ମୃତ୍ୟୁ ଘଟଣା, ସ୍ୱାମୀ ଗିରଫ

ରେଢାଖୋଲ,୧୫।୭(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଥାନା ତ୍ରିବଣପୁର ପଞ୍ଚାୟତ ଚୁବକାଦାଦର ଗ୍ରାମର ଅଙ୍ଗନବାଡି ସହାୟିକା ଯଜ୍ଞେଶ୍ୱରୀ ପାତ୍ର (୩୦)ଙ୍କ ୮ ତାରିଖ ସନ୍ଦେହଜନକ ମୃତ୍ୟୁ ଘଟିଥିଲା।ତାଙ୍କ ମୃତଦେହ ଘର ବାଡିପଟେ ଥିବା ଏକ ମହୁଲଗଛରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ତେବେ ଏ ଘଟଣାରେ ପୋଲିସ ସ୍ୱାମୀ ବୀରେନ ନାଏକଙ୍କୁ ଘଟଣାର ୮ ଦିନ ପରେ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ମୃତ ଯଜ୍ଞେଶ୍ୱରୀଙ୍କ ଭାଇ ଚିତ୍ରସେନ ପାତ୍ର ଗତ ୯ ତାରିଖ ତାଙ୍କ ଭଉଣୀଙ୍କୁ ଯୌତୁକଜନିତ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ନେଇ ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନା ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଥିଲା। ତଦନ୍ତରେ ସ୍ୱାମୀଙ୍କ ବିରୁଦ୍ଧରେ ଅପାତତଃ ପ୍ରମାଣ ମିଳିବା ପରେ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଚିତ୍ତରଞ୍ଜନ ମେହେର ସୂଚନା ଦେଇଛନ୍ତି। ସୂଚନାମତେ ୭ବର୍ଷ ତଳେ ବୌଦ୍ଧ ଜିଲା ରାୟପୁର ଗ୍ରାମରେ ବୀରେନ ବିବାହ କରିଥିଲେ। ତାଙ୍କର ୫ବର୍ଷ ଓ ୩ ବର୍ଷର ୨ ପୁଅ ଅଛନ୍ତି। ଯଜ୍ଞେଶ୍ୱରୀ ଚୁବୁକାଦାଦର ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ଭାବେ କାର୍ଯ୍ୟ କରୁଥିଲେ।

# କୁଟୁରାଚୁଆଁ କଲେଜରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି


କୁଟୁରାଚୁଆଁ କଲେଜରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

କୁଚିଣ୍ଡା,୧୫।୭(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଜୁନିୟର କଲେଜରେ ମଙ୍ଗଳବାର ସୌମ୍ୟାଶ୍ରୀ ବିଶିଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ବାଲେଶ୍ୱର ଫକିରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅକାଳ ବିୟୋଗରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ହିମାଂଶୁ କୁମାର ମହାପାତ୍ର, ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ, ଅଧ୍ୟାପକ ସତ୍ୟନାରାରଣ ପଟେଲ, ସୁଧିର କୁମାର ନାଏକ, ଅଧ୍ୟାପିକା ଭାବନା ପାଣ୍ଡେ, ଅଧା ନାଏକ, ଶିକ୍ଷା ଡେମୋନଷ୍ଟେଟର ପ୍ରତିମା କୁମାରୀ ନାଏକ, ଡିଇଓ ସମିନ ରଞ୍ଜନ ନାଏକ, କର୍ମଚାରୀ ଜୟଦେବ ରାଉତଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ସୌମ୍ୟାଶ୍ରୀଙ୍କ ସ୍ମୃତିଚାରଣ କରିଥିଲେ।

# ସୌମ୍ୟାଶ୍ରୀଙ୍କୁ ପ୍ରାୟୋଜିତ ହତ୍ୟା କରାଯାଇଛି

ସମ୍ବଲପୁର,୧୫।୭(ବି.ଶଙ୍କର)

ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟାଜନିତ ମୃତ୍ୟୁ ଘଟଣାରେ ବିଜୁ ଯୁବ ଜନତା ଦଳର ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ସଞ୍ଜିତ ମହାନ୍ତି ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏଥିସହ ସରକାରୀ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଦାୟୀ କରିଛନ୍ତି। ସୌମ୍ୟଶ୍ରୀ ନ୍ୟାୟ ପାଇବା ପାଇଁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ନ୍ୟାୟ ନ ପାଇ ହତାଶ ହୋଇ ଆତ୍ମାହୁତି କରିଛନ୍ତି। ତେଣୁ ତାଙ୍କ ମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀ ସମ୍ପୂର୍ଣ୍ଣ ଦାୟି। ଏହି ଚରମ ଦାୟିତ୍ୱହୀନତାର ସେ ନିନ୍ଦା କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ କ୍ଷମା ମାଗିବା ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ପ୍ରକୃତ ପକ୍ଷେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଆତ୍ମହତ୍ୟା ନୁହେଁ, ବଂର ତାଙ୍କୁ ପ୍ରୟୋଜିତ ଭାବେ ହତ୍ୟା କରାଯାଇଛି ବୋଲି ମହାନ୍ତି ମଙ୍ଗଳବାର ଏକ ପ୍ରେସ ବିବୃତିରେ ଅଭିଯୋଗ କରିଛନ୍ତି ।

# ଛାତ୍ର ବିଜେଡିର ପ୍ରତିବାଦ ସଭା

ସମ୍ବଲପୁର,୧୫।୭(ଭବାନୀ ଶଙ୍କର ଭୋଇ)

ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମଙ୍ଗଳବାର ଫକୀର ମୋହନ ମହାବିଦ୍ୟାଳୟ ବିଏଡ୍ ଦିତୀୟ ବର୍ଷର ଛାତ୍ରୀ ସୋମ୍ୟଶ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ସମ୍ବଲପୁରର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହ ଆତ୍ମହତ୍ୟା ନୁହେଁ ବରଂ ହତ୍ୟା ବୋଲି ଛାତ୍ର ବିଜେଡ଼ି ପକ୍ଷରୁ ଅଭିଯୋଗ କରାଯାଇଛି । ଜଣେ ଛାତ୍ରୀ ନିଜ ସହିତ ହେଉଥିବା ଅନ୍ୟାୟ ବିରୋଧରେ ପ୍ରତିବାଦ କରିବା ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡିଜିଟାଲ ଇଣ୍ଡିଆ ନାରା ଦେଉଥିବା ସରକାର ଡିଜିଟାଲ ମାଧ୍ୟମରେ ଅନୁରୋଧକୁ ଅଣଦେଖା କରିଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟ ମନ୍ତ୍ରୀଗଣ ତତ୍ପରତା ଦେଖେଇ ଥିଲେ ଦୁଃଖଦ ଘଟଣାକୁ ରୋକା ଯାଇପାରିଥାନ୍ତା ବୋଲି ଅଭିଯୋଗ କରାଯାଇଥିଲା। ସଭାରେ ବିଜେଡ଼ି କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ସହ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ପୂର୍ବାହ୍ନରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଗେଟ ସମ୍ମୁଖରେ ଜୋନ

### ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣା

### ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

ସଭାପତି ମିଳନ ହୋତାଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ସଭାରେ ବିଜେଡ଼ିର ବରିଷ୍ଠ ନେତା ଗୋକୁଳ ମେହେର, ପୂର୍ବତନ ଜିଲା ସମ୍ପାଦକ ମହମ୍ମଦ ସନୱାଲା, ପୂର୍ବତନ ଜିଲା ଉପ ସଭାପତି ଦୂର୍ଯ୍ୟ ମହାନ୍ତି, ଧିରେନ ଦେବତା, ଜିଲା ପୂର୍ବତନ ସମ୍ପାଦକ ଜୟନ୍ତ ପଟ୍ଟନାୟକ, ଯୁବ ବିଜେଡ଼ି ଉପସଭାପତି ସୁମିତ ପଟେଲ, ଯୁବ ବିଜେଡ଼ି ସମ୍ପାଦକ ବିକାଶ ସାହୁ, ଛାତ୍ର ବିଜେଡ଼ି ଜୋନ ଉପ ସଭାପତି ଦେବଜ୍ୟୋତି ପଟ୍ଟନାୟକ, ଛାତ୍ର ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ଚୁମନ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରାହ୍ନରେ ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ତତ୍ତ୍ୱାବଧାନରେ ପ୍ରତିବାଦ ସଭା ହୋଇଥିଲା। ଗେଟ ସମ୍ମୁଖରେ ମୃତ ଛାତ୍ରୀଙ୍କ ପ୍ରତି ସମବେଦନା ଜଣାଇବା ପାଇଁ କ୍ୟାଣ୍ଡେଲ ଜଳାଇ ଏବଂ ସରକାର ବିରୋଧି ବିଭିନ୍ନ ନାରା ଦିଆଯାଇଥିଲା। ଏହାପୂର୍ବରୁ ଏନଏସସିବି ମହାବିଦ୍ୟାଳୟରେ ମଧ୍ୟ ପ୍ରତିବାଦ ସଭା ହୋଇଥିଲା । ଛାତ୍ରନେତା ଅନମୋଲ ଦାସଙ୍କ ନେତୃତ୍ୱରେ ସୋମ ପ୍ରକାଶ ବେହେରା, ରୋହନ ନାଏକ, ଗୋକୁଳ ବାରିକ, ଅବିନାଶ ବେହେରା, ଉଦିତ ଶର୍ମା, ଓମ ପ୍ରଧାନ, ମାସୁଦ ଆଲମଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରତିବାଦ ସଭାରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଭାଜପା ଶାସନ କ୍ଷମତାକୁ ଆସିବାର ଏକ ବର୍ଷ ପୂର୍ତ୍ତି କରିସାରିଥିଲେ ମଧ୍ୟ ମହିଳା ଏବଂ ଛାତ୍ରୀ ରାଜ୍ୟରେ ସୁରକ୍ଷିତ ନ ଥିବା କହିଥିଲେ। ପ୍ରତିବାଦ ସଭାରେ ଗଙ୍ଗାଧର ମେହେର ବିଶ୍ୱଦ୍ୟାଳୟରେ ଛାତ୍ରନେତା ଜିଲା ଛାତ୍ର ସଭାପତି ଶୁଭ୍ରାଂଶୁ ଶେଖର ପାଢ଼ୀ, ଦିପ୍ତିରଞ୍ଜନ ମଲ୍ଲିକ, ସଦାନନ୍ଦ ଦାସ, ଗୌତମ ବେହେରା ଉପସ୍ଥିତ ଥଲେ। କାର୍ଯ୍ୟକ୍ରମରେ ସୁରୁବାବୁ ମେହେର, ଆନନ୍ଦ ବଡ଼ଗାୟାଁ, ଏମ ଡି ସନାଉଲା, ବେଣୁଧର ଦାସ, ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ଉଷା ପ୍ରଧାନ, ଜୋନ ସଭାନେତ୍ରୀ ସିପ୍ରା ମହାନ୍ତି, ଜିଲା ଉପ ସଭାନେତ୍ରୀ ସଙ୍ଗୀତା ସ୍ୱାଇଁ, ମହାନଗର ସଭାନେତ୍ରୀ ଡ. ସଂଯୁକ୍ତା ମେହେର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବିଜେଡି ପୀଡିତାଙ୍କୁ ନ୍ୟାୟ ଦେବାକୁ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ ମଧ୍ୟ ଏକଜୁଟ ନ ହେବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

# ବିକାଶରେ ଏନ୍‌ଏସ୍‌ଏସ୍ ସମୀକ୍ଷା, ପ୍ରଶିକ୍ଷଣ ଶିବିର

ସମ୍ବଲପୁର,୧୫।୭(ବି.ଶଙ୍କର)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ସମୀକ୍ଷା ବୈଠକ ଏବଂ ପ୍ରଶିକ୍ଷଣ ଶିବିର ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ସମ୍ବଲପୁର ସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହେଇଯାଇଛି। ଏଥିରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବରଗଡ, ଝାରସୁଗୁଡା, ନୂଆପଡା, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ଦେବଗଡ଼ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ ଶାଖାର କାର୍ଯ୍ୟକାରୀ ସଂଯୋଜକ ଏବଂ ଜିଲା ସଂଯୋଜକ ଯୋଗ ଦେଇଛନ୍ତି। ବିଦ୍ୟା ବିକାଶ ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଚେୟାରମ୍ୟାନ ମୃଣାଳକାନ୍ତି ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତ୍ୟକ୍ଷଭାବେ ପ୍ରତ୍ୟେକ ସଂଯୋଜକଙ୍କ ସହିତ ତାଙ୍କ ଶାଖାର ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋଚନା କରିଥିଲେ। ଆଗାମୀ


ଶିବିରରେ ଯୋଗଦେଇଥିବା ପ୍ରତିନିଧି ଏବଂ ଅତିଥିମାନେ।

### ଯୋଗଦେଲେ ୯ ଜିଲାର ପ୍ରତିନିଧି

ଦିନରେ ଏନଏସଏସ କିପରି ଆହୁରି ଲୋକାଭିମୁଖୀ ହେବ ସେ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। କ୍ୟାମ୍ପସରୁ ବାହାରି ଗୋଷ୍ଠୀ ସେବା ପାଇଁ ଉତ୍ସର୍ଗୀକୃତ ହେବା ହିଁ ପ୍ରକୃତ ସ୍ୱେଚ୍ଛାସେବୀର ପରିଚୟ ବୋଲି ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ମତବ୍ୟକ୍ତ କରିଥିଲେ। ଏନ୍‌ଏସ୍‌ଏସ୍ ଯୁବ ଅଧିକାରୀ ଅଜିତ କୁମାର ଓ ବରିଷ୍ଠ ଜିଲା ସଂଯୋଜକ ପ୍ରତାପଚନ୍ଦ୍ର ଦାସ ପ୍ରଶିକ୍ଷକ ଭାବେ ଯୋଗଦେଇ ଥିଲେ। ସେ ମାଏ ଭାରତରେ ପଞ୍ଜିକରଣ ଓ ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ଶିବିରରେ ବିଦ୍ୟାବିକାଶ ସମୂହର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ, ନିର୍ଦ୍ଦେଶକ ଜି ରାମକ୍ରିଷ୍ଣା, ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡ.ପୁଷ୍ପିତା ପଣ୍ଡା ସମ୍ମାନୀତ ଅତିଥି ଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏନ୍‌ଏସ୍‌ଏସ ରାଜ୍ୟ ସଂଯୋଜକ ଡ. ବିଶ୍ୱ ମୋହନ ଜେନା ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଯୋଜକ ମନୋରଞ୍ଜନ ମିଶ୍ର। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ନୂଆପଡ଼ା, ୧୫।୭ (ମକାରୁ ବେମାଲ):** ନୂଆପଡ଼ା ସଦର ବ୍ଲକ ସାହିପଲା ଗାଁ ବହଳଡିହି ପଡାରେ ମଙ୍ଗଳବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭାରତ ଲୁହାର (୨୪)। ସୂଚନା ମୁତାବକ ଭାରତ ଅପରାହ୍ନ ୩ଟା ସମୟରେ ନିଜ କ୍ଷେତକୁ ଯାଇଥିଲେ। ସେହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସେ ଅଚେତ ହୋଇପଡିଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ଯୋଗେ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୂଆପଡା ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଭାରତଙ୍କ ସ୍ତ୍ରୀ ଶୁଶିଳା ଲୁହାର (୨୩), ଦୁଇ ଝିଅ ସହ ସାନ ଭଉଣୀ ଓ ବୃଦ୍ଧା ମା' ଏବେ ବେସାହାରା ହୋଇ ଦୁଃଖରେ ଭାଙ୍ଗି ପଡିଛନ୍ତି ।

### କଙ୍ଗାରୁ କୋର୍ଟ: ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼

**କଳମପୁର, ୧୫।୭ (ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଳମପୁର ବ୍ଲକ ଅଞ୍ଚଳରେ ପ୍ରଥମଥର ପାଇଁ କଙ୍ଗାରୁ କୋର୍ଟ ଦେଖିବାକୁ ମିଳିଛି। ରିଲ୍ ବନାଇବା ନିଶା ସମସ୍ତଙ୍କୁ ଘାରିଛି। ବିଶେଷ କରି ଯୁବପିଢି ଏହାକୁ ବହୁଳ ଭାବେ ଆଦରି ନେଉଛନ୍ତି। ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କକୁ ନେଇ ସୋମବାର କଳମପୁର ପଣ୍ଡିଗାଁଠାରେ କଙ୍ଗାରୁ କୋର୍ଟ ବସିଥିଲା। କେତେଜଣ ଯୁବତୀଯୁବକ ତେନ୍ତୁଳିଖୁଣ୍ଟି ଗ୍ରାମର ଜଣେ ଯୁବକଙ୍କୁ ଏଥିପାଇଁ ଦାୟୀକରି କଙ୍ଗାରୁ କୋର୍ଟରେ ଦୋଷୀ ସାବ୍ୟସ୍ତ କରିଥିଲେ। ପରେ ସେମାନେ ଯୁବକ ଜଣଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଏହି ସମୟର ଦୃଶ୍ୟକୁ ସେମାନେ ମୋବାଇଲରେ ରେକର୍ଡିଂ କରିଥିଲେ। ଏବେ ସୋସିଆଲ ମିଡିଆରେ ଏହା ଭାଇରାଲ ହେବାରେ ଲାଗିଛି।

### ବିଶ୍ୱ ଯୁବ କୌଶଳ ଦିବସ

**ଭବାନୀପାଟଣା, ୧୫।୭ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ସମ୍ପ୍ରସାରଣ ତାଲିମ କେନ୍ଦ୍ରଠାରେ ମଙ୍ଗଳବାର ବିଶ୍ୱ ଯୁବ କୌଶଳ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଯୁବ ପିଢିକୁ ବୃତ୍ତିମୂଳକ କୌଶଳ ମାଧ୍ୟମରେ ସ୍ୱାବଲମ୍ବୀ ଓ ନିଜ ଭବିଷ୍ୟତ ଗଢିବା ପାଇଁ ପ୍ରୋତ୍ସାହନ ଦେବା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇଥିଲେ। ଯୁବକମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଯଦି ଠିକ ପ୍ରଶିକ୍ଷଣ ଓ ଅବସର ମିଳିଥାଏ ତେବେ ସେମାନେ ଜୀବନରେ ଆଗକୁ ବଢ଼ିପାରିବେ ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ସିଆରପିଏଫ୍ ୬୪ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ସୁବ୍ରତ କୁମାର ତ୍ରିପାଠୀ ଓ ମାଇ ଭାରତର ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ ଶହେ ଯୁବ ଲାଭାନ୍ୱିତଙ୍କୁ ତାଲିମ ପରେ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆର୍ଯ୍ୟା ନାୟକ ପରିଚାଳନା କରିଥିବାବେଳେ କ୍ଷୀରମଣୀ କୁମ୍ଭାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### କୋମନାରେ ଯୁଗ୍ମ ଅଭିଯୋଗ ଶୁଣାଣି

**ନୂଆପଡ଼ା, ୧୫।୭ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡି ରାଘବେନ୍ଦ୍ର ଯୋଗଦେଇ ହିତାଧିକାରୀଙ୍କ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଯେଉଁ ଅଭିଯୋଗ ରହିଯାଇଛି ତା'ର ଶୀଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୫୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ୪୮ ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ରହିଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଛାତ୍ର ସଙ୍ଗଠନ ପକ୍ଷରୁ ବିକ୍ଷୋଭ

**ଭବାନୀପାଟଣା, ୧୫।୭ (ଉତ୍ତମ କୁମାର ଦାଶ)**

ନୂଆ-ଓ ଛାତ୍ରବୃତ୍ତି ପୁଣିଥରେ ଆରମ୍ଭ କରିବା ଦାବିରେ ମଙ୍ଗଳବାର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଗଠନ, କଳାହାଣ୍ଡି ଛାତ୍ରସଂଘ ଏବଂ କଳାହାଣ୍ଡି ଓ ନୂଆପଡ଼ା ଜିଲାର ଅନୁବନ୍ଧିତ କଲେଜ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡ଼ିଶାରେ ଉଚ୍ଚଶିକ୍ଷା ରୂପାନ୍ତରଣ, ମାନବୃଦ୍ଧି ଓ ଛାତ୍ରୀଛାତ୍ରଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ନୂଆ-ଓ ଛାତ୍ରବୃତ୍ତି' ଆରମ୍ଭ କରିଥିଲେ। ଏହି ଯୋଜନାରେ

**ନୂଆ-ଓ ଛାତ୍ରବୃତ୍ତି ବନ୍ଦର ପ୍ରତିବାଦ**

ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ବିଶେଷ କରି ସାମ୍ସ ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଇଥିବା ବେସରକାରୀ କଲେଜରେ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରୀଛାତ୍ର ଛାତ୍ର ବୃତ୍ତି ପାଉଥିଲେ। ଓଡ଼ିଶାର ୫ଲକ୍ଷ ୮୦ ହଜାର ଛାତ୍ରୀଛାତ୍ର ନୂଆ-ଓ ସ୍କଲାର୍ଶିପ ଜରିଆରେ ଆର୍ଥିକ ସହାୟତା ପାଉଥିଲେ। ଛାତ୍ର ୧୦ହଜାର ଓ ଛାତ୍ରୀ ୧୧ ହଜାର ଟଙ୍କା ପାଉଥିଲେ। ଏହାଦ୍ୱାରା ଗରିବ ଓ ମଧ୍ୟବିତ୍ତ ପରିବାରର ଛାତ୍ରୀଛାତ୍ର ଅନେକାଂଶରେ ଉପକୃତ ହୋଇପାରୁଥିଲେ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଛାତ୍ରୀଛାତ୍ରମାନେ ଦାବିପତ୍ର ପ୍ରଦାନ କରିଥିଲେ। ଉଚ୍ଚ ଶିକ୍ଷା କ୍ଷେତ୍ରକୁ ଆହୁରି ସଶକ୍ତ କରିବା ପାଇଁ ନୂଆ-ଓ ଛାତ୍ରବୃତ୍ତି କିମ୍ବା ନୂତନ ଯୋଜନା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ଏହା ସହିତ ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାର ଛାତ୍ରବୃତ୍ତି ଦେବା ପାଇଁ ନିଷ୍ପତ୍ତି ନେଲେ ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ଆର୍ଥିକ ପ୍ରତିବନ୍ଧକକୁ ଅନେକାଂଶରେ ଏଡାଇହେବେ ବୋଲି ଛାତ୍ର ନେତାମାନେ କହିଛନ୍ତି। ଆସନ୍ତା ଏକମାସ ଭିତରେ ଦାବି ପୂରଣ ନ ହେଲେ ଆମରଣ ଅନଶନ କରିବା ପାଇଁ ବାଧ୍ୟ ହେବେ ବୋଲି ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ର ନେତା ଉମାକାନ୍ତ ନିଆଲ, ପୂର୍ବତନ ଛାତ୍ରସଂସଦ ସଭାପତି ଅଜିତ ସାହୁ, ଚୈତନ୍ୟ ବାଗ, ଲିଙ୍କନ ବାଗ, ଆଶୁତୋଷ ପୂଜାରୀ, ମାନସ ରଞ୍ଜନ ସିନ୍ଦୂର, ସୌରଭ ମିଶ୍ର, ଲକ୍ଷ୍ମୀ କାନ୍ତ ସରାଫ, ଅଭିନବ ପଟ୍ଟନାୟକ, ଲୋକେଶ ବିଶି, ଆକାଶ ପଟ୍ଟନାୟକ, ରୋହନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



ଭବାନୀପାଟଣାରେ ବିଜେଡି ପକ୍ଷରୁ ବିକ୍ଷୋଭ କରାଯାଉଛି।

## ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣା: ବିଜେଡିର ବିକ୍ଷୋଭ

**ଭବାନୀପାଟଣା, ୧୫।୭ (ଉତ୍ତମ କୁମାର ଦାଶ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନ୍ୟାୟ ନ ପାଇ ଆତ୍ମାହୁତି ଉଦ୍ୟମ କରିଥିବା ପୀଡିତା ଛାତ୍ରୀଙ୍କ ଏମ୍ସଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହାର ପ୍ରତିବାଦରେ ମଙ୍ଗଳବାର କଳାହାଣ୍ଡି ଜିଲା ବିଜୁ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଭବାନୀପାଟଣା ସହରର ପିପଲନାଳ ବ୍ରିଜ୍ ୨୬ନଂ. ଜାତୀୟ ରାଜପଥ ଉପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୋଲିସର ହସ୍ତକ୍ଷେପରେ ଘଣ୍ଟାଏ ପରେ କର୍ମକର୍ତ୍ତା ପୋଲ ଉପରୁ ଉଠିଥିଲେ। ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ଓ ଅପାରଗତା ଯୋଗୁ ଜଣେ ନୀରିହ ଛାତ୍ରୀଙ୍କ ପ୍ରାଣ ଗଲା। ସରକାର ତାଙ୍କୁ ନ୍ୟାୟ ଦେଇପାରିଲେ ନାହିଁ ବୋଲି କହି ବିଜେଡି ନେତା ଗର୍ଜିଥିଲେ। ଏହି ସମାବେଶରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଭାରପ୍ରାପ୍ତ ନଗରପାଳ ବିଷ୍ଣୁ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ, ଜିଲା ମହିଳା ସଭାନେତ୍ରୀ ଲଳିତା ନାଏକ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ତ୍ରିଲୋଚନ ପାଣିଗ୍ରାହୀ, ଜିଲା ଛାତ୍ର ବିଜେଡି ସଭାପତି ଅଜିତ ସାହୁ, ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର, ପୂର୍ବତନ ପୌରାଧ୍ୟକ୍ଷା ସଞ୍ଜୁକ୍ତା ବେହେରା, ସବିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ ଶିବିର

**ଖଡ଼ିଆଳ, ୧୫।୭ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷଜ୍ଞ ଡାକ୍ତର ଯୋଗଦେଇ ପ୍ରମାଣପତ୍ର ପାଇଁ ଆବେଦନ କରିଥିବା ଦିବ୍ୟାଙ୍ଗଙ୍କ କାଗଜପତ୍ର ଯାଞ୍ଚ କରିଛନ୍ତି। ବିଶେଷକରି ଅସ୍ଥିଶଲ୍ୟ, ଚକ୍ଷୁ, ଶ୍ରବଣ ବାଧିତ, ବାକ୍‌ଶକ୍ତି ବାଧିତ ଓ ଦୃଷ୍ଟିଶକ୍ତି ବାଧିତ ଦିବ୍ୟାଙ୍ଗ ପ୍ରମାଣପତ୍ର ଆବେଦନକୁ ଡାକ୍ତରୀ ଦଳ ପରୀକ୍ଷା ନିରୀକ୍ଷା କରିଛନ୍ତି। ପ୍ରମାଣପତ୍ର ପାଇବା ପରେ ଦିବ୍ୟାଙ୍ଗମାନେ ସରକାରୀ ଯୋଜନାର ସୁବିଧା ପାଇପାରିବେ। ଏହି ଉପଖଣ୍ଡସ୍ତରୀୟ ଶିବିର ପ୍ରତ୍ୟେକ ମାସର ତୃତୀୟ ମଙ୍ଗଳବାର ଅନୁଷ୍ଠିତ ହୋଇଥାଏ। ଶିବିରରେ ଖଡିଆଳ ସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜିତ ରାଉତ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ବିପୁଳ ଗର୍ଗ, ଚକ୍ଷୁ ବିଶେଷଜ୍ଞ ଲାଲିଶ୍ରୀ ଭୋଇ, ଶିଶୁ ବିଶେଷଜ୍ଞ ମହେନ୍ଦ୍ର କୁମାର ମାଝୀ, ଆୟୋଜକ ଘନଶ୍ୟାମ ସାହୁ, ଫିଜିଓଥେରାପିଷ୍ଟ ଦୀପତିଶ ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ।

## ରଜନା-ଚିନ୍ଦାପଡ଼ା ରାସ୍ତା କର୍ଦ୍ଦମାକ୍ତ

**ନୂଆପଡ଼ା, ୧୫।୭ (ମକାରୁ ବେମାଲ)**

ଗମନାଗମନ ସୁବିଧା ପାଇଁ ସରକାର ବିଭିନ୍ନ ରାସ୍ତାର ଉନ୍ନତୀକରଣ କରୁଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଏମିତି ଅନେକ ରାସ୍ତା ରହିଛି ଯାହା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କୋମନା ବ୍ଲକ ରଜନା ପଞ୍ଚାୟତ ଚିନ୍ଦାପଡ଼ାରେ। ରଜନା ଗାଁ ଯଜ୍ଞବେଦୀଠାରୁ ଚିନ୍ଦାପଡା ପର୍ଯ୍ୟନ୍ତ ଲମ୍ବିଥିବା ମାଟିରାସ୍ତା ବର୍ଷା


କାଦୁଅ ରାସ୍ତାରେ ଲୋକେ ଯା'ଆସ କରୁଛନ୍ତି।

ଯୋଗୁ କର୍ଦ୍ଦମାକ୍ତ ହୋଇପଡିଛି। ଫଳରେ ପଡାବାସୀଙ୍କ ପାଇଁ ଯାତାୟାତରେ ବହୁତ ଅସୁବିଧା ହେଉଛି। କାଦୁଅ ରାସ୍ତାରେ କୁନି ପିଲାମାନେ ଅଙ୍ଗନୱାଡି କେନ୍ଦ୍ର ଯାଇପାରୁ ନ ଥିବା ବେଳେ ସ୍କୁଲ ଛାତ୍ରୀଛାତ୍ର ବହୁତ କଷ୍ଟରେ ଯାଇ ପାଠ ପଢୁଛନ୍ତି । ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ପଞ୍ଚାୟତକୁ ଭତ୍ତା ଟଙ୍କା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଯାଇପାରୁ ନାହାନ୍ତି। କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ପଡାବାସୀ ଅନେକ ଥର ସରପଞ୍ଚଠାରୁ ବିଡିଓ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହା ଅଞ୍ଚଳବାସୀଙ୍କ ପାଇଁ ମୁଖ୍ୟରାସ୍ତା ହୋଇଥିବାରୁ ମରାମତି କରିବା ଅତି ଆବଶ୍ୟକ ବୋଲି ପଡାବାସୀ ପ୍ରକାଶ କରିଛନ୍ତି। ଜୁଲାଇ ୩୦ ଭିତରେ ରାସ୍ତା କାମ ନ ହେଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ୱାର୍ଡ ସଭ୍ୟା ସୁମିତ୍ରା ଚିନ୍ଦା, ପଦ୍ମେ ଚିନ୍ଦା, କୁମନ୍ତି ଚିନ୍ଦା, ସାବେତ୍ରୀ ଚିନ୍ଦା, ସେମନି ଚିନ୍ଦା, ପୀର ଚିନ୍ଦା, ମାନସିଂ ଚିନ୍ଦା, ଭୂଜବଳ ଚିନ୍ଦା, ଜଗତ ରାମ ଶଗରିଆ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓ ବିନୟ ଭୋଇଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା ।

## ଖବର ପ୍ରକାଶ ପରେ ପ୍ରଶାସନର ତଦନ୍ତ ଆରମ୍ଭ

**କର୍ଲାମୁଣ୍ଡା, ୧୫।୭ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡ଼ବରା ପଞ୍ଚାୟତ କୁସୁର୍ଲା କଲୋନିପଡାରେ ଦୀର୍ଘ ୪୦ ବର୍ଷ ଧରି ୪୦ ପରିବାର ବସବାସ କରି ଆସୁଥିଲେ ହେଁ ସ୍ଥାୟୀ ଘର ଡିହ ପାଇପାରୁ ନ ଥିବା ସମ୍ପର୍କରେ ମଙ୍ଗଳବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜୋରାଡ଼ବରା ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ର କାନ୍ତ ଭୋଇ ମଙ୍ଗଳବାର କଲୋନିପଡାରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭୋଇଙ୍କୁ ପଚାରିବାରୁ ତଦନ୍ତ ପରେ ଲୋକଙ୍କ ପାଖରେ ସ୍ଥାୟୀ ପଟ୍ଟା ନ ଥିବା ଜାଣିବାକୁ ପାଇଛି। ମାଟି ଘରେ ରହୁଥିବା ପରିବାରକୁ ଚିହ୍ନଟ କରାଯାଇଛି। ଏ ସମ୍ବନ୍ଧରେ ଏକ ରିପୋର୍ଟ ବିଡ଼ିଓଙ୍କଠାରେ ଦାଖଲ କରବି ବୋଲି କହିଛନ୍ତି।


କଲୋନିପଡାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତଦନ୍ତ କରୁଛନ୍ତି।

## ରାସ୍ତା ଶୋଚନୀୟ, ଅଟକିଲା ସରକାରୀ ବସ୍

**ଥୁଆମୂଳ ରାମପୁର, ୧୫।୭ (ଦୁର୍ଗା କୀର୍ତ୍ତି)**

ରାସ୍ତା ଶୋଚନୀୟ ଯୋଗୁ ଏକ ସରକାରୀ ବସ୍ ଆଗକୁ ଯାଇ ନ ପାରି ଦୀର୍ଘ ସମୟ ଅଟକିରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଭଳି ଏକ ଘଟଣା ସୋମବାର ଅପରାହ୍ନରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ବ୍ଲକ୍‌ର ଡୁମେରପଦର ମୁଖ୍ୟ ରାସ୍ତା ଭବାନୀପାଟଣା, ଥୁଆମୂଳ ରାମପୁର, ଅଡ୍ରି, ଗୋପୀନଥପୁର, ମାଳିଗାଁ ସମେତ ରାୟଗଡ଼ା ଜିଲାର କାଶୀପୁରକୁ ସଂଯୋଗ କରୁଛି। ଏହି ରାସ୍ତାରେ ଦିନତମାମ ଭାରିଯାନ ସହ ଯାତ୍ରୀବାହୀ ବସ୍ ଚଳାଚଳ କରିଥାଏ। କିନ୍ତୁ ଡୁମେରପଦର


ରାସ୍ତା ଶୋଚନୀୟ ଯୋଗୁ ସରକାରୀ ବସ୍ ଅଟକିରହିଛି।

ଗ୍ରାମ ଶେଷ ମୁଣ୍ଡରେ ନବୀକରଣ କାମ ଅଟକିରହିଥିବାରୁ ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ସୋମବାର ଭବାନୀପାଟଣାଠାରୁ ଗୋପୀନାଥପୁର ଯାଉଥିବା ସରକାରୀ ବସ୍ ଫସିରହିଥିଲା। ଜେସିବି ସାହାଯ୍ୟରେ ଏହାକୁ ଉଠାଇ ଭଲ ରାସ୍ତାକୁ ଅଣାଯିବା ପରେ ବସ୍‌ଟି ଗନ୍ତବ୍ୟସ୍ଥଳକୁ ଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି, ମୁଖ୍ୟ ରାସ୍ତାର ଦୁଇପାର୍ଶ୍ୱରେ କିଛି ସ୍ଥାନୀୟ ବ୍ୟକ୍ତିଙ୍କର ନିଜସ୍ୱ ଜାଗା ରହିଛି। ଏଥିଯୋଗୁ ନବୀକରଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ପୂର୍ତ୍ତ ବିଭାଗ ଅଧିକାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ବୁଝାମଣା କରାଯାଇ ରାସ୍ତାକାମ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମିନିକେତନ କାର୍ଜିଙ୍କୁ ପଚାରିବାରୁ ମାଲିକ ଜାଗା ଛାଡୁ ନ ଥିବାରୁ ସମସ୍ୟା ଦେଖାଦେଇଛି। ପୂର୍ବରୁ ଆମେ ଡ୍ରେନ୍ ଓ ଅନ୍ୟାନ୍ୟ କାମ କରିବା ସହ ମ୍ୟାଟେରିଆଲ ମଧ୍ୟ ପକାଇଥିଲୁ। ହେଲେ ଜମି ମାଲିକ ଅଧିକାରୀଙ୍କ ସହ ପାଟିତୁଣ୍ଡ କଲେ। ପରେ ଆମେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଓ ତହସିଲଦାରଙ୍କୁ ସେ ସ୍ଥାନକୁ ନେଇ ଜମି ମାଲିକଙ୍କ ସହ ଆଲୋଚନା କରିଥିଲୁ। ହେଲେ ସୁଫଳ ମିଳିପାରି ନାହିଁ। ପୁଣି ଆପୋସ ବୁଝାମଣା ପାଇଁ ଜମି ମାଲିକଙ୍କ ସହ ଆଲୋଚନା କରିବୁ ବୋଲି କହିଛନ୍ତି।

## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଭବାନୀପାଟଣା, ୧୫।୭ (ଉତ୍ତମ କୁମାର ଦାଶ)**

ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କଳାହାଣ୍ଡି ଶାଖା ପକ୍ଷରୁ ୫ଦଫା ଦାବି ନେଇ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସଂଘର ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ, ଉପସଭାପତି ମନୋଜ କୁମାର ପାଣିଗ୍ରାହୀ ଓ ସୁଧିର କୁମାର ରଥ ଦାବି ପତ୍ର ଉପରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଚିକିତ୍ସା ଭତ୍ତା, କମ୍ୟୁଟେଶନ ଦେୟର ଅବଧି ୧୫ ବର୍ଷ ପରିବର୍ତ୍ତେ ୧୦ ବର୍ଷ ୮ ମାସକୁ ହ୍ରାସ, ୬୫, ୭୦, ୭୫ ବର୍ଷର ପେନ୍‌ସନର୍ସଙ୍କୁ ଅତିରିକ୍ତ ପେନ୍‌ସନ୍ ଲାଗୁ, ୨୦୨୦ ଜାନୁଆରୀରୁ ହରାଇଥିବା ୩ କିସ୍ତି ମହଙ୍ଗା ଭତ୍ତା ପ୍ରଦାନ ଆଦି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କାର୍ଯ୍ୟକାରୀ ସଭାପତି ସବିତା ପଟ୍ଟନାୟକ, ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ସମ୍ପାଦକ ମହେନ୍ଦ୍ର କୁମାର ପଣ୍ଡା, ସୁବାସ ଚନ୍ଦ୍ର ପଣ୍ଡା, ମଦନ ବରାଡ, ଉମା ଶଙ୍କର ମୁଣ୍ଡ, ଶୁକ୍ଳ ରାଠୋର, ଅଜିଜ ଖାଁ, ଲବକାନ୍ତ ରଣା, ହର ପ୍ରସାଦ ସେଠୀ, ରାଜେନ୍ଦ୍ର ପଟ୍ଟନାୟକ, ଚକ୍ରଧର ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀ ମୃତ୍ୟୁକୁ ନେଇ କଂଗ୍ରେସର ବିକ୍ଷୋଭ

**ନୂଆପଡ଼ା, ୧୫।୭ (ମକାରୁ ବେମାଲ)**

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ମଙ୍ଗଳବାର ନୂଆପଡ଼ା ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ ବରିଷ୍ଠ ନେତା ଘାସିରାମ ମାଝିଙ୍କ ନେତୃତ୍ୱରେ ଯୁବ ଓ ଛାତ୍ର କଂଗ୍ରେସ କର୍ମକର୍ତ୍ତା ସ୍ଥାନୀୟ ନ୍ୟାଶନାଲ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରି ଉଚ୍ଚ ଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି ସମୟରେ ଜିଲା କଂଗ୍ରେସ ବରିଷ୍ଠ ନେତା ମାଝିଙ୍କ ସମେତ ମୋତି ରାୱାଲ, ଭରତ ଲାଲ ରାଉତ, ଅମିତ କୁମାର ଅହିର, ଶାହରୁଖ ଖାନ, ଜୁନେଦ ଖାନ, ହରି ସିଂ ମାଝି, ଦେବଦତ୍ତ ଦୀକ୍ଷିତ, ଲଳିତ ନାଏକ, ଫାରୁକ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦାବିପତ୍ର



ଦାବିପତ୍ର ଦେବାକୁ ଯାଉଥିବା ସଂଘ କର୍ମକର୍ତ୍ତା।

**ଧର୍ମଗଡ଼, ୧୫।୭ (ଘାସିରାମ ଜଗତ)**

ବିଭିନ୍ନ ସମସ୍ୟା ନେଇ ଧର୍ମଗଡ଼ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ୬୦ ବର୍ଷ ବୟସରୁ ଅଧିକ ନାଗରିକଙ୍କୁ କେନ୍ଦ୍ର ସରକାରଙ୍କ ହିସାବରେ ମେଡିକାଲ ସୁବିଧା, ସରକାରୀ ଓ ବେସରକାରୀ ବସ୍‌ରେ ରିହାତି ପାସ୍ ବ୍ୟବସ୍ଥା, ଅଷ୍ଟମ ବେତନ କମିଶନ ହିସାବରେ ପେନ୍‌ସନ ପ୍ରଦାନ, ରାଜଧାନୀ ଭୁବନେଶ୍ୱରରେ ରାଜ୍ୟ କର୍ମଚାରୀ ଫେଡେରେଶନ ଗଠନକରି ସେଠାରେ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କ ରହିବା ସୁବିଧା ଆଦି ୯ଦଫା ଦାବି ନେଇ ସମସ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କର୍ମକର୍ତ୍ତା ଶୋଭାଯାତ୍ରାରେ ଧର୍ମଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସଂଘ ସଭାପତି ସୁନୀଲ କୁମାର ପାତ୍ର, ସମ୍ପାଦକ ରଘୁନାଥ ପଣ୍ଡା, ରାଜ୍ୟ ପରିଚାଳନା କମିଟି ସଦସ୍ୟ ବାସୁଦେବ ସାହୁ, ଉପ ସଭାପତି ନିରଞ୍ଜନ ମହାପାତ୍ର, ଲୋକନାଥ ବେହେରା, ଫୁଲେଶ୍ୱର ସେନାପତି, ଲବରାମ ସରାଫ, ଅଜିତ କୁମାର ପଣ୍ଡା ପ୍ରମୁଖ ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଚୋଡଗଙ୍ଗ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଛାତ୍ରୀ ମୃତ୍ୟୁକୁ ନେଇ ଛାତ୍ର କଂଗ୍ରେସର ବିକ୍ଷୋଭ

**କେସିଙ୍ଗା, ୧୫।୭ (ତୁମେଶ୍ୱର ସାହୁ)**

ବାଲେଶ୍ୱର ଏଫ୍‌ଏମ୍ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ମଙ୍ଗଳବାର କେସିଙ୍ଗା ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ମହାବିଦ୍ୟାଳୟ ମୁଖ୍ୟ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆପାରଗତାକୁ ଦାୟୀକରି ଛାତ୍ର କଂଗ୍ରେସ କର୍ମକର୍ତ୍ତା ତାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ପ୍ରାୟ ଏକଘଣ୍ଟା କାଳ ମହାବିଦ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଏଥିରେ ଜିଲା ଯୁବ କଂଗ୍ରେସ ସଭାପତି ଏମ୍‌ଡ଼ି ସହେବ, ଶୁଭମ ବାରିକଙ୍କ ସମେତ ବିଜୟ ଦୀପ, କାଉନସିଲର ରୋହିତ ଜୈନ, ପୂର୍ବତନ ନଗରପାଳ ରାମଜୀ ମାତଖଣ୍ଡିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଲାଲ ସୁନାନୀ ପ୍ରମୁଖ ସାମିଲ ଥିଲେ ।


କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ରରେ ନିଆଁ ଲଗାଉଛନ୍ତି।

## ସଂକ୍ଷେପରେ

### ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

**ଝାରବନ୍ଧ,୧୫।୭(ଦେବେନ୍ଦ୍ର ସାହୁ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବଲିଡ଼ିପା, ଝାରବନ୍ଧରେ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ସ୍କୁଲର ଅଧକ୍ଷ ଜିତେନ୍ଦ୍ରୀୟ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ପ୍ରଧାନ ଯୋଗଦାନ କରିଥିଲେ। ଶିକ୍ଷକ ବିପିନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚାରାରୋପଣର ଉପାଦେୟତା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଯାଇଥିଲା। ଏହି ଅବସରରେ ସ୍କୁଲ ପରିସରରେ ଛାତ୍ରୀଛାତ୍ର ଓ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା।

### ଝିଅଙ୍କ ମାସିକ ଧର୍ମ ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ,୧୫।୭(ବଡ଼ ଶତପଥୀ):** ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରେକ୍ଷାଳୟରେ ମହାଶକ୍ତି ଫାଉଣ୍ଡେଶନ ପକ୍ଷରୁ ପ୍ରଧାନ ଶିକ୍ଷକ ଡ.ଦାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଝିଅମାନଙ୍କ ମାସିକ ଧର୍ମ ସଚେତନତା ଓ ଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇସ୍କୁଲ ଏବଂ ଟିଓୟୁପିସ୍କୁଲର ୯୧ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ପେଡ୍ ଗାର୍ଲ ପାୟଲ ପଟେଲ ଯୋଗଦାନ କରି ମାସିକ ଧର୍ମ ସମ୍ପର୍କରେ ଥିବା ଅନ୍ଧବିଶ୍ୱାସ ଦୂରକରି, ସେ ସମୟରେ ସ୍ୱାସ୍ଥ୍ୟର ଯତ୍ନ ସହ ଅତ୍ୟାବଶ୍ୟକ ଜାଣିବା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ପ୍ରଜ୍ଞା ବାରିକ ଛାତ୍ରୀମାନଙ୍କୁ ଏହି ଶିକ୍ଷଣରେ ସାମିଲହୋଇ ସମାଜର ଅନ୍ୟମାନଙ୍କ ପାଇଁ ବାର୍ତ୍ତାବହ ହେବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ୍ ସଂଯୋଜକ ମିତ୍ରଭାନୁ ସାହୁଏହାକୁପରିଚାଳନା କରିଥିବାବେଳେ ତ୍ରିଲୋଚନ ନାୟକ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

### ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

**ବାଉଁଶୁଣୀ,୧୫।୭(ଦେବାଶିଷ ନେପାକ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ବହିରା ଓ ଗୋଟିଏ ପାଚେରି ଭିତରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମଙ୍ଗଳବାର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ, ପଞ୍ଚସଖା ଶିକ୍ଷାସେତୁର ଦେବାଶିଷ ଦାରୀ ଓ ପେଡାଗୋଜି ବିଭାଗର ଶିବଶଙ୍କର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଦର୍ଶନ ବେଳେ ସମସ୍ତେ ଛାତ୍ରୀଛାତ୍ରଙ୍କ ସହ ପ୍ରାର୍ଥନା ସଭାରେ ଯୋଗ ଦେଇଥିଲେ। ହାଇସ୍କୁଲରେ ଉପସ୍ଥିତ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ସୁରମା ତ୍ରିପାଠୀ, କଲ୍ୟାଣୀ ବେହେରା, ସସ୍ମିତା ଜେନା, ଧରିତ୍ରୀ ତ୍ରିପାଠୀ, ପ୍ରଦୀପ ମିଶ୍ର ଓ ଦେଶବନ୍ଧୁ ମହାକୁଳଙ୍କ ସହ ଆଲୋଚନା କରି ପାଚେରି ଭିତରେ ଥିବା ଉଭୟ ବିଦ୍ୟାଳୟ ଏକାଠି ପ୍ରାର୍ଥନା କରିବା, ମିଳାମିଶା ହୋଇ ଉଭୟ ବିଦ୍ୟାଳୟରେ ଶିକ୍ଷାଦାନ କରିବା ନେଇ ପରାମର୍ଶ ଦେଇଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣ୍ଡାରାମ ସାହୁ, ଶିକ୍ଷକ ପ୍ରମୋଦ ବେହେରା ଓ ହିମାଂଶୁଶେଖର ବିଶିଙ୍କୁ ମଧ୍ୟ ଶିକ୍ଷାଦାନ ସୁଚାରୁ ରୂପେ କରିବା ନେଇ ପରାମର୍ଶ ଦେଇଥିଲେ।

# ସବୁଠି ଏଫ୍ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ତାତି

**ବରଗଡ଼,୧୫।୭(ପ୍ରେମାନନ୍ଦ ଖମାରୀ)**

ବାଲେଶ୍ୱର ଫକୀର ମୋହନ(ଏଫଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି। ସୋମବାର ବିଳମ୍ବିତ ରାତିରେ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ମଙ୍ଗଳବାର ସବୁଠି ଆନ୍ଦୋଳନ ତେଜି ଉଠିଛି। ବିରୋଧୀ ବିଜେଡି, କଂଗ୍ରେସ ସମେତ ବିଭିନ୍ନ ଅନୁଷ୍ଠାନ ଏହି ଘଟଣାରେ ଶାସକ ଭାଜପା ସରକାରଙ୍କ ଉପରେ ବର୍ଷିଛନ୍ତି। ଶାସକ ଦଳର ଦାୟିତ୍ୱହୀନତା ଏବଂ ଅପାରଗତା ଯୋଗୁ ସୌମ୍ୟାଶ୍ରୀଙ୍କ ଜୀବନ ଚାଲିଯାଇଥିବାରୁ ଭାଜପା ଶାସନରେ ରହିବାର ନୈତିକତା ହରାଇଛି ବୋଲି ଉଭୟ ବିଜେଡି ଓ କଂଗ୍ରେସ ଅଭିଯୋଗ କରିଛନ୍ତି। ଏହି କ୍ରମରେ ବରଗଡ଼ରେ ମଙ୍ଗଳବାର ବିଜେଡି ଏବଂ ଛାତ୍ର କଂଗ୍ରେସ ପୃଥକ୍ ଭାବେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଜିଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର ଏବଂ ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ସ୍ଥାନୀୟ ଗାନ୍ଧିଛକରେ ସମବେତ ହୋଇ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ଶାସକ ଭାଜପା ସରକାର ବିରୋଧରେ ନାରାବାଜି କରିଥିଲେ। ତେବେ ସେମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ



ବରଗଡ଼ ଗାନ୍ଧିଛକରେ ବିଜେଡି କାର୍ଯ୍ୟକର୍ତ୍ତା ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

ମାଝି ଏବଂ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶ ପୁତ୍ତଳିକା ଦାହ କରିବାକୁ ଯାଉଥିବା ବେଳେ ସେଠାରେ ଉପସ୍ଥିତ ପୋଲିସ ତାହା ଛଡ଼ାଇ ନେଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ତୀବ୍ର ହୋଇଥିଲା। କିଛି ସମୟ ଧରି ବିଜେଡ଼ି ଏବଂ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ବିଜେଡି କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ପୌରାଧକ୍ଷା କଳ୍ପନା ମାଝୀ, ପୌର ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ଛାତ୍ରନେତା କରନ ସିକନ୍ଦର, ଉମାଚରଣ ରାଉତ, ପିଙ୍କୁନ ମହାନ୍ତି, ଅକ୍ରୁର ବାରିକ, ସୁନୀତି ପଣ୍ଡା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ସେହିପରି ଛାତ୍ର କଂଗ୍ରେସ ପକ୍ଷରୁ ଗାନ୍ଧିଛକରେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ମୃତଛାତ୍ରୀ ତାଙ୍କ ଅଭିଯୋଗ ନେଇ କଲେଜ କର୍ତ୍ତୃପକ୍ଷ, ଜିଲା ପ୍ରଶାସନଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କେହି ବି ଜଣେ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନଥିଲେ ଏବଂ ଶେଷରେ ହତାଶ ହୋଇ ସେ ଆତ୍ମାହୁତି ଦେବାକୁ ବାଧ ହୋଇଥିଲେ ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ଏହି ଦୃଷ୍ଟିରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ସହିତ ମୃତଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଛାତ୍ର କଂଗ୍ରେସ ଉପସଭାପତି ଗୌରବ ପତି ଆଜାଦଙ୍କ ନେତୃତ୍ୱରେ ଅନେକ ସଦସ୍ୟ ଏଥିରେ ସାମିଲ ଥିଲେ। ସନ୍ଧ୍ୟାରେ ସ୍ଥାନୀୟ କଚେରୀ ଛକରୁ ଗାନ୍ଧିଛକ ପର୍ଯ୍ୟନ୍ତ କଂଗ୍ରେସର ମହମବତୀ ଶୋଭାଯାତ୍ରା ହୋଇଥିଲା ଏବଂ ମୃତଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ବରଗଡ଼ ମହିଳା ସମିତି ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ଏକ ହତ୍ୟା ଘଟଣା ବୋଲି ଅଭିଯୋଗ କରି ଜଣେ ସିଟିଂ ଜଜ୍ଙ୍କ ଦ୍ୱାରା ଏହାର ବିଚାର ବିଭାଗୀୟ ତଦନ୍ତ କରିବାକୁ ଦାବି କରିଛି। ଏହି କ୍ରମରେ ସମିତିର ବରିଷ୍ଠ ସଦସ୍ୟା ଗୀତା ମିଶ୍ର ଏବଂ ସମ୍ପାଦିକା ସୁଧାଂଶୁବାଳା ଦାଶଙ୍କ ପରିଚାଳନାରେ ଏକ ବୈଠକ ହୋଇଥିଲା। ବୈଠକରେ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ମୃତଛାତ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଅନ୍ୟପଟେ ମଙ୍ଗଳବାର ଏଲଡ଼ିଏ ନାମକ ଏକ ଅନୁଷ୍ଠାନର ସଦସ୍ୟମାନେ ସୌମ୍ୟାଶ୍ରୀଙ୍କ ଫଟୋ ରହିଥିବା ପ୍ଲାକାର୍ଡ଼ ଧରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବରପାଲିର ଏକ ନିର୍ଦ୍ଦିଷ୍ଟ କଲେଜ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଥିଲେ ଏବଂ ଏହାର ତଦନ୍ତ ଦାବି କରିଥିଲେ। ଏଲଡ଼ିଏ ଅନୁଷ୍ଠାନର ଲବ ସୁନାଙ୍କ ନେତୃତ୍ୱରେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସହ ଉଭୟ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ଅତାବିରାରେ ମୁଖ୍ୟମନ୍ତ୍ରୀଙ୍କ ସହ ଉଭୟ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**ଅତାବିରା,୧୫।୭(ଯୁଧିଷ୍ଠିର ମହାପାତ୍ର)**

**ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ବଢ଼ିବାରେ ଲାଗିଛି। ମଙ୍ଗଳବାର ମଧ୍ୟାହ୍ନରେ ଅତାବିରା କଲେଜ ଫାଟକରେ ଛାତ୍ରୀଛାତ୍ରଙ୍କ ସହ ବିଜେଡି ନେତୃମଣ୍ଡଳୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବରଗଡ଼– ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥ ଉପରେ ଅତାବିରା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଅତାବିରା ଏନ୍ଏସି ଚେୟାରମ୍ୟାନ ବନମାଳୀ ବରିହା, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ସିଦ୍ଧାର୍ଥ ଶଙ୍କର ପଣ୍ଡା, ଗଣେଶ ସାହୁ, ସୁଶାନ୍ତ ମିଶ୍ର, ପ୍ରଶାନ୍ତ ମିଶ୍ର, ଜିତେନ୍ଦ୍ର ଦାଶ, ନାରାୟଣ ସାହୁଙ୍କ ସମେତ ସମସ୍ତ ବିଜେଡି କାଉସିଲର ଓ କର୍ମୀମାନେ ଉପସ୍ଥିତ ଥିଲେ। ଅଘଟଣାକୁ ଏଡ଼ାଇବା ପାଇଁ ଅତାବିରା ଥାନା ଆଇଆଇସି ପ୍ରକାଶ କର୍ଣ୍ଣ ଘଟଣାସ୍ଥଳରେ ପୋଲିସ ଫୋର୍ସ ସହ ଉପସ୍ଥିତ ଥିଲେ।

**ବରପାଲି,୧୫।୭( ଚିତ୍ତରଞ୍ଜନ ସାହୁ):** ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ରୀତା ସାହୁଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ରାଜ୍ୟ ଭାଜପା ସରକାରଙ୍କ ବିରୋଧରେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ବରପାଲିର ମୁଖ୍ୟ ଛକ ଗାନ୍ଧୀ ଛକଠାରେ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରି ତାଙ୍କ ଇସ୍ତଫା ଦାବି କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ରୀତା ସାହୁଙ୍କ ସମେତ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଗୌରହରୀ ମିଶ୍ର, ଲାଲ ବିକ୍ରମ ସିଂହ ଦେଓ, ସୌରଭ ସାହୁ, ଟିକାୟତ ମହତ୍ତମ, ବିଜନ ଦାଶ, ତରଣି ଦେବତା,ମହେନ୍ଦ୍ର ମେହେର,ପିଙ୍କୁ ବେହେରା, ସୁରେଶ ମେହେର,ଝରଣା ମେହେର, ଦେବାନନ୍ଦ ମେହେର, ସୁବ୍ରତ ସାହୁ, ମସ୍ତ ନାୟକଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

**ପଦ୍ମପୁର(ପ୍ରଦୀପ୍ତ ଦାଶ):** ପଦ୍ମପୁର ଭେଡ଼ିଉରିଆ ଛକଠାରେ ମଧ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ କୁଶ ପୁତ୍ତଳିକା ଦାହ କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ । ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ପରେ ବିଶାଳ ଶୋଭାଯାତ୍ରାରେ ବାହାରି ଯୁବନେତା ଭୋଜରାଜ ସିଂ ବରିହାଙ୍କ ନେତୃତ୍ୱରେ ବରିଷ୍ଠ ନେତା ପ୍ରଶାନ୍ତ ମହାନ୍ତି, ଟାଉନ ସଭାପତି ନବ କିଶୋର ସାହୁ, ଭରତ ପଣ୍ଡା, ସରଜୁ ପଟ୍ଟନାୟକ, ସୌମ୍ୟ ହୋତା, ନବୁ ଅଗ୍ରୱାଲ, ଅଚ୍ୟୁତାନନ୍ଦ ସେଠ, ଠାକୁର ପଣ୍ଡା, ବୀର୍ ଶର୍ମାଙ୍କ ସହ ବିଜେଡି କର୍ମୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ଇସ୍ତଫା ଦାବି କରିଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥି ଓ ମୁହୁରୀ କଳାକାର।

# ମୁହୁରୀ ଉତ୍ସବରେ କଳାକାରଙ୍କୁ ପ୍ରଶଂସା ପତ୍ର ପ୍ରଦାନ

**ପଦ୍ମପୁର,୧୫।୭ (ପ୍ରଦୀପ୍ତ ଦାଶ)**

**ହଜିଯାଉଥିବା ମୁହୁରୀର ସଂରକ୍ଷଣ ଓ ପ୍ରସାରଣ ପାଇଁ ସରକାରୀ ସ୍ତରରେ ପଦକ୍ଷେପ ଆବଶ୍ୟକ**

ସ୍ଥାନୀୟ ଟାଉନ ହଲରେ, ସଙ୍ଗୀତ ସମିତି ପଦ୍ମପୁର ଆନୁକୂଲ୍ୟରେ ୫ମ ବୋଡ଼ାସମ୍ବର ମୁହୁରୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୋଡା ସମ୍ବରର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକ କଳାକାରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ଆୟୋଜିତ ସଭାରେ ପ୍ରଫେସର କେଶରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୌହାନ ମୁଖ୍ୟଅତିଥି ଭାବେ ଯୋଗଦେଇ, ମା' ସମଲେଇଙ୍କ ପ୍ରତିକୃତିରେ ପୂଜାର୍ଚ୍ଚନା ପୂର୍ବକ, ଉତ୍ସବକୁ ଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ନାଟ୍ୟକାର ଅଶୋକ ବହିଦାର, ନୃତ୍ୟଗୁରୁ ସୁରେନ୍ଦ୍ର ସାହୁ, ଅଭିନେତା ବିଶ୍ରାମ ମେହେର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ମୁହୁରୀ ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। ହଜି ଯାଉଥିବା ମୁହୁରୀର ସଂରକ୍ଷଣ ଓ ପ୍ରସାରଣ ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନେବାପାଇଁ ମତ ପ୍ରକାଶ ପାଇଥିଲା। ସମ୍ପାଦକ ରମେଶ ଗୁର୍ଲାଙ୍କ ସଂଯୋଜନାରେ ସମସ୍ତ ଲୋକ କଳାକାରମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ସଭାପତି ରାଜେଶ ଗୁର୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଳାକାରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ପରିଚାଳନାରେ ଗୋପବନ୍ଧୁ ଶିକା, ଅଶ୍ୱିନୀ ପଟେଲ, ଆଶିଷ କନ୍ଧେର, ବୁଲୁ ବଇକାର, ଦିବ୍ୟ କିଶୋର ବରିହା, ଦିନବନ୍ଧୁ ବାରିକ, ଅଜିତ ବିଶ୍ୱାସ, ଟେନେସ ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ଅବାଧରେ ବିକ୍ରି ହେଉଛି ନିଶାଦ୍ରବ୍ୟ, ଏସ୍‌ପିଙ୍କୁ ଫେରାଦ

**ବରଗଡ଼,୧୫।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ନିଶା କାରବାର ସାଧାରଣରେ ପରିଣତ ହୋଇଯାଇଛି। ସହରର ଗଳିକନ୍ଦିଠାରୁ ଆରମ୍ଭ କରି ରାସ୍ତାପାର୍ଶ୍ୱ ବିଭିନ୍ନ ଠେଲା ଦୋକାନରେ ଦେଶୀ, ବିଦେଶୀ ମଦ, କଫ୍ ସିରପ୍, ଗଞ୍ଜେଇ ଆଦି ନିଶାଦ୍ରବ୍ୟ ଅବାଧରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏପରିକି ନିଶା କାରବାର ଯୋଗୁ ସହରରେ ଅପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଗତ କିଛିଦିନ ତଳେ ସ୍ଥାନୀୟ ହାଟପଦାରେ ଜଣେ ନିଶାଖୋର୍ ଯୁବକଙ୍କ ଛୁରାମାଡ଼ରେ ଅନ୍ୟଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ତେବେ କେବଳ ଏହି ଘଟଣା ନୁହେଁ, ପ୍ରତିଦିନ ଏଭଳି ଅପରାଧିକ କାର୍ଯ୍ୟକଳାପ ଚାଲିଛି ଏବଂ ସ୍ଥାନୀୟ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହି କ୍ରମରେ ମଙ୍ଗଳବାର ହାଟପଦାବାସୀ ବରଗଡ଼ ଏସ୍‌ପି ପି.ଏସ୍ ମୀନାଙ୍କୁ ଫେରାଦ ହୋଇଥିଲେ। ପଡ଼ାରେ ଅବାଧରେ ଚାଲିଥିବା ନିଶା କାରବାର ତୁରନ୍ତ ବନ୍ଦ କରିବା ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ପଡ଼ାର ଅନେକ ମହିଳା, ପୁରୁଷ ଉପସ୍ଥିତ ଥିଲେ।

# ଛାତ୍ରୀଙ୍କ ଆତ୍ମହତ୍ୟା ପ୍ରତିବାଦରେ କ୍ୟାଣ୍ଡେଲ ଶୋଭାଯାତ୍ରା




ବୌଦ୍ଧରେ ଛାତ୍ର କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା।

**ବୌଦ୍ଧ,୧୫।୭(ଅଜିତ କୁମାର ବାରିକ)**

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ମହାବିଦ୍ୟାଳୟର ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତନାର ଶୀକାର ହେବା ପରେ ଆତ୍ମହତ୍ୟା କରି ମୃତ୍ୟୁବରଣ ଘଟିଛି। ଏହାର ପ୍ରତିବାଦରେ ମଙ୍ଗଳବାର ସନ୍ଧ୍ୟାରେ ବୌଦ୍ଧ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସହରର ଏନ୍ଏସି ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର କଂଗ୍ରେସର ସଦସ୍ୟମାନେ ଏକ ଘଟଣାରେ ରାଜ୍ୟ ସରକାରଙ୍କୁ ଦାୟୀ କରି ବିଭିନ୍ନ ସରକାରୀ ବିରୋଧି ସ୍ଲୋଗାନ ଦେବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହା ତୁରନ୍ତ ଇସ୍ତଫା ଦାବି କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସ ସଭାପତି ପ୍ରତ୍ୟୁଷ ମହାନନ୍ଦ, ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର, ମୁଖ୍ୟ ପ୍ରବକ୍ତା ଶାନ୍ତାନୁ କୁମାର ମହାପାତ୍ର, ପଙ୍କଜ କର୍ଣ୍ଣ, ବୁଦ୍ଧ ଦେବ ପ୍ରଧାନ, ବେଣୁଧର ମେହେର,ପୌଲସ୍ତି ପ୍ରଧାନ, ରୋହିତାଶ୍ୱ ବେହେରା, ପ୍ରଦୀପ ମହାନନ୍ଦ, ସୁଧାଂଶୁ କହଁର, ଶିବ ବେହେରା, ମାନସରଞ୍ଜନ କୁମ୍ଭାର, ଆକାଶ ବେହେରା, ଆଶିଷ ଜେନା, ଅଭିଳାଷ ବେହେରା ଓ ବହୁ କଂଗ୍ରେସ କର୍ମୀ ସାମିଲ ଥିଲେ।

# ବିଶ୍ୱ ଯୁବ ଦକ୍ଷତା ବିକାଶ ଦିବସ

**ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ପ୍ରଦର୍ଶିତ**

**ବୌଦ୍ଧ,୧୫।୭(ଅଜିତ କୁମାର ବାରିକ)**

ବୌଦ୍ଧରେ ବିଶ୍ୱ ଯୁବ ଦକ୍ଷତା ବିକାଶ ଦିବସ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ବଘିଆପଡାଠାରେ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ଜିଲା ପ୍ରଶାସନର ସହାୟତାରେ ଏବଂ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରୀ ଶିଳ୍ପ ତାଲିମ ତଥା ବହୁବୃତ୍ତି ଅନୁଷ୍ଠାନର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରି ବଘିଆପଡା ଅଞ୍ଚଳର ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ ଯୁବ ଦକ୍ଷତା ଦିବସ ପାଳନ ନେଇ ସଚେତନ କରାଯାଇଥିଲା। ପରେ ଶିଳ୍ପ ତାଲିମ ଅନୁଷ୍ଠାନର ସମ୍ମିଳନୀ




ବିଶ୍ୱ ଯୁବ ଦକ୍ଷତା ବିକାଶ ଦିବସରେ ଶୋଭାଯାତ୍ରା।

କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ଯୋଗଦେଇ ସମସ୍ତ ଅତିଥିଙ୍କ ସହିତ ଦକ୍ଷତା ପ୍ରଦର୍ଶନୀ କକ୍ଷ ବୁଲି ଦେଖିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଗୁଡ଼ିକ ପ୍ରଦର୍ଶିତ କରାଯିବା ସହିତ ତାହାର ଉପଯୋଗ ଓ ଉପକାରୀତା ସଂପର୍କରେ ଅତିଥିମାନଙ୍କୁ ଅବଗତ କରାଇଥିଲେ। ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ ଶ୍ରେଷ୍ଠ ତିନିଗୋଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ଦକ୍ଷତା ଭିତ୍ତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ସମାରୋହରେ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜୟ କୁମାର ଦାଶ ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଓ ବହୁବୃତ୍ତି ଅନୁଷ୍ଠାନର ଅଧ୍ୟକ୍ଷମାନେ ଯୋଗଦେଇ ପାଳନ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସହକାରୀ ପ୍ରଶିକ୍ଷଣ ଅଧିକାରୀ ସୁମିତ୍ରା ଜେନା ସଭା ପରିଚାଳନା କରିଥିଲେ। ଶେଷରେ ପ୍ରଶିକ୍ଷଣ ଅଧିକାରୀ ସନ୍ତୋଷିନୀ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜନଶୁଣାଣିରେ କୃଷକ ସଙ୍ଗଠନର ଦାବିପତ୍ର

**ପଦ୍ମପୁର,୧୫।୭ (ପ୍ରଦୀପ୍ତ ଦାଶ)**

ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ସଦସ୍ୟ ମଣ୍ଡଳୀ ପଦ୍ମପୁରଠାରେ ସୋମବାର ଚାଲିଥିବା ବ୍ଲକ ସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମରେ ଫସଲ ବୀମା ସମସ୍ୟାର ସମାଧାନ ପାଇଁ ଲିଖିତ ଭାବେ ଉପସ୍ଥାପନା କରିଛନ୍ତି। ଚଳିତ ଖରିଫ ଋତୁରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଂଗଠନର ଅଭିଯୋଗ ପରେ ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସରକାର ବିଜ୍ଞାପନ ଦେଇଥିଲେ ମଧ୍ୟ ପୋଟାଲ ଖୋଲୁନଥିବା ବେଳେ କେନ୍ଦ୍ର ସରକାର ଯୋଜନାରେ ସଂଶୋଧନ କରି ଏଗ୍ରିଷ୍ଟେକ ଆଇଡିରେ କୃଷକ ରେଜିଷ୍ଟ୍ରି ହୋଇନଥିଲେ ଅଣ ଋଣୀ ବା ଭାଗ ଚାଷୀମାନେ ବୀମା ଭୁକ୍ତ ହୋଇପାରିବେ ନାହିଁ ବୋଲି ନିଷ୍ପତ୍ତିକୁ ଦୃଢ ବିରୋଧ କରିଥିଲେ। ତୁରନ୍ତ ସମସ୍ତ ଯୋଗ୍ୟ ଚାଷୀମାନଙ୍କୁ ବୀମା ଭୁକ୍ତ କରିବାର ଅଧିକାର ଦିଆଯାଉ ନ ହେଲେ ଚାଷ କରିଥିବା ଚାଷୀମାନଙ୍କର କ୍ଷୟକ୍ଷତି ହେଲେ ସରକାର ଏବଂ ପ୍ରଶାସନ ଦାୟୀ ରହିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଉଥିବା ବେଳେ ଏହି ପରି ନିଷ୍ପତ୍ତି ଓଡ଼ିଶାର ଚାଷୀମାନଙ୍କୁ ନିରାଶ କରିଛି। ଓଡିଶା ପରିପ୍ରେକ୍ଷୀରେ ବିଚାର କଲେ ଏଗ୍ରିଷ୍ଟେକରେ ସାମିଲ ହେବାକୁ ହେଲେ ଜମିମାଲିକାନା ସତ୍ତ୍ୱ ଥିବା ଜରୁରୀ ଅଟେ ଯଦି ବଂଶୀୟ ହକଦାର ମାନେ ଏଗ୍ରିଷ୍ଟେକ ରେ ପଞ୍ଜିକରଣ କରିବାକୁ ଚାହିଁଲେ ମଧ ତାହା ହେଉନାହିଁ ଏଣୁ ଏଗ୍ରିଷ୍ଟେକ ର ନିୟମାବଳୀ ପରିବର୍ତ୍ତନ କରାଯାଉ ନ ହେଲେ ବଂଶୀୟ ଅଧିକାରୀ ମାନଙ୍କୁ ମଧ କେମିତି ସାମିଲ ହେବେ ସେଦିଗରେ ପଦକ୍ଷେପ ନେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଜନଶୁଣାଣିରେ ପଦ୍ମପୁର, ବିଜେପୁର, ଗାଇସିଲେଟ, ସୋହେଲା, ଝାରବନ୍ଧ, ପାଇକମାଲ ଏବଂ ଏନ୍ଏସ୍‌ସି,ପଦ୍ମପୁର ବ୍ଲକର ପ୍ରତିନିଧି ମଣ୍ଡଳୀର ଲିଙ୍ଗରାଜ ପଧାନ, ସୁବାସ ସାମନ୍ତରାୟ, ମୁରଲୀ ଭୋଇ, ବିଭୁଦତ୍ତ ସାହୁ, କ୍ଷୀରୋଦ୍ର ପଧାନ, ମହେନ୍ଦ୍ର ପଧାନ, କୈଳାଶ ବାରିକ, ଆନନ୍ଦ ପଧାନ, ସରୋଜ ସାହୁ ଦେବରାଜ ସାହୁ ଏବଂ ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର ଯୋଗଦେଇଥିଲେ।

# ସାର ସଙ୍କଟ, ସିଡିଏଓଙ୍କୁ ଭେଟିଲେ

**ବରଗଡ଼,୧୫।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଖରିଫ ଚାଷକାର୍ଯ୍ୟ ଜୋର୍ ଧରିଛି। ଏହି ସମୟରେ ଜିଲାରେ ସାର କଳାବଜାର ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଗ୍ରୋମୋର ଏବଂ ଡିଏପି ସାର ଠିକ୍‌ଭାବେ ଉପଲବ୍ଧ ହେଉ ନଥିବାବେଳେ ତାହା କଳାବଜାରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ସଂଯୁକ୍ତ କୃଷକ ସଂଗଠନ ମୁଖ୍ୟ ଜିଲା କୃଷି ଅଧିକାରୀ(ସିଡିଏଓ) ଲୋଚନ ଚନ୍ଦ୍ର ମାଝିଙ୍କୁ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଜିଲାରେ ଖରିଫ୍‌ରେ ୨ଲକ୍ଷ ୩୦ହଜାର ହେକ୍ଟର ଧାନ ଏବଂ



ବରଗଡ଼ ସିଡିଏଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

୧ଲକ୍ଷ ୨୦ହେକ୍ଟର ଅନ୍ୟ ଅଣଧାନ ଚାଷ ହୋଇଥାଏ। ଏହି ଦୃଷ୍ଟିରୁ ଜିଲାରେ ସାରର ଯଥେଷ୍ଟ ଆବଶ୍ୟକତା ରହିଥାଏ। କିନ୍ତୁ ଖରିଫ ଚାଷକାର୍ଯ୍ୟ ଆରମ୍ଭରୁ ଜିଲାରେ ଗ୍ରୋମୋର ଏବଂ ଡିଏପି ସାର ସଙ୍କଟ ଦେଖାଯାଇଛି। ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଗୁଡ଼ିକରେ ବିଭାଗୀୟ କର୍ମଚାରୀ ଡିଏପି ସାର ନଥିବା କହୁଥିବା ବେଳେ ବାହାରେ କଳାବଜାରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଡିଏପି ସାରର ଦର ପକେଟ୍ ପ୍ରତି ୧୩୫୦ ଟଙ୍କା ରହିଥିବା ବେଳେ ତାକୁ ୧୬୦୦ ଟଙ୍କାରୁ ୧୭୦୦ ଟଙ୍କା ଯାଏ ଦରରେ ବିକ୍ରି କରାଯାଉଛି ବୋଲି ଅଭିଯୋଗ ହୋଇଛି। ଏହା ସହିତ ଡିଏପି ସାର କିଣିଲେ ନାନୋ ସାରକୁ ଅତିରିକ୍ତ ଭାବେ ଦିଆଯାଉଛି ଏବଂ ଚାଷୀ ଉପରେ ଅଧିକ ଆର୍ଥିକ ବୋଝ ପଡୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ସାର କଳାବଜାର କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଡିଲରଙ୍କ ଦୋକାନ ସମ୍ମୁଖରେ ଷ୍ଟକ୍ ଏବଂ ସାରଦର ତାଲିକା ସାର୍ବଜନୀନ କରିବାପାଇଁ ଦାବି କରାଯାଇଛି। ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ସୁରେଶ ନେକାଣ୍ଟି ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର




ରାଉରକେଲା,୧୫।୭(ଦିନେଶ ମିଶ୍ର): ବାସନ୍ତୀ କଲୋନିସ୍ଥିତ ତ୍ରିନାଥ ମନ୍ଦିର ପରିସରରେ 'ଗୁଣ୍ଡିଚି' ଅନୁଷ୍ଠାନ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅମ୍ଳଜାନ ଚିକିତ୍ସା ପଦ୍ଧତି ମାଧ୍ୟମରେ କିପରି ମଧୁମେହ, ଉଚ୍ଚ ରକ୍ତଚାପ, ଥାଇରଏଡ୍, ଆଣ୍ଠୁଗଣ୍ଠି ବାତ ଓ ଅନ୍ୟାନ୍ୟ ସ୍ନାୟୁ ଜନିତ ରୋଗରୁ ମୁକ୍ତି ମିଳିପାରିବ ସେ ନେଇ ସ୍ନାୟୁ ଚିକିତ୍ସକ ଡାକ୍ତର ଅଜିତ କୁମାର ମିଶ୍ର ପରୀକ୍ଷା ମୂଳକ ଭାବେ ପ୍ରମାଣ କରିଥିଲେ। ଶିବିରରେ ବହୁ ବରିଷ୍ଠ ନାଗରିକ ଯୋଗଦେଇ ନିଜର ଚିକିତ୍ସା କରାଇଥିଲେ। ସ୍ନାୟୁଜନିତ ସମସ୍ୟାର ସମାଧାନ ପାଇଁ ଏହି ଚିକିତ୍ସା ପଦ୍ଧତିକୁ ଗୁଣ୍ଡିଚି ପକ୍ଷରୁ ବହୁଳ ଭାବେ ଆୟୋଜନ କରିବାକୁ ସଭାପତି ଭଗବାନ ରାଉତ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ କୁମୁଦ ମହାନ୍ତି, ଉପସଭାପତି ଅନୀଲ ଦାସ, ଗଗନ ରାଉତ, ସତ୍ୟଜିତ ସୂତାର, ଅମୂଲ୍ୟ ମିଶ୍ର, ଯୁଧିଷ୍ଠିର ପଣ୍ଡା, ସଞ୍ଜୟ ଜେନା ସହଯୋଗ କରିଥିଲେ।

# ବିଶ୍ୱକର୍ମା ବିହାର ଜଳବନ୍ଦୀ, ଏଡିଏମ୍‌ଙ୍କୁ ଫେରାଦ

ରାଉରକେଲା,୧୫।୭(ବିପ୍ଳବ ରଞ୍ଜନ ଦାଶ)

ଚଳିତ ବର୍ଷ ମୌସୁମୀ ପ୍ରବାହ ଆରମ୍ଭରୁ ରାଉରକେଲା ସମେତ ସୁନ୍ଦରଗଡ଼ ଜିଲାରେ ବର୍ଷା ହେଉଛି। ଗତ ୧୩ ତାରିଖ ରାତିରେ ଘଡଘଡି ସହ ପ୍ରବଳ ବର୍ଷା ହେବାରୁ ରାଉରକେଲା ରେଳଷ୍ଟେଶନ ସମେତ ଦଣ୍ଡିଆପାଲିର କେତେକ ଅଞ୍ଚଳ ଜଳମଗ୍ନ ହୋଇଥିଲା। ସେଥିମଧ୍ୟରୁ ବିଶ୍ୱକର୍ମା ବିହାର ଏବେ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ରହିଛି। ଏଭଳି ପରିସ୍ଥିତିରେ ବିଶ୍ୱକର୍ମା ବିହାର ବାସିନ୍ଦା ଏହି ସମସ୍ୟାର ସମାଧାନ ପାଇଁ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ମଙ୍ଗଳବାର ଫେରାଦ ହୋଇଛନ୍ତି। ତୁରନ୍ତ ଜଳବନ୍ଦୀ ଅବସ୍ଥା ଦୂର କରିବା ପାଇଁ କଲୋନିର ମମତା ବାରିକ, ଉତ୍ପଳ ଭକତ, ପଦ୍ମା ଜଗଦଲା, ସୁନୈରା ଦେବୀ, ନୀଲମ ଶର୍ମା, ସୁମନ୍ତ କୁମାର ପ୍ରଧାନ, ଅନୀଲ ଶର୍ମା, ରାଜୁ ବିଶ୍ୱକର୍ମା, ଆନନ୍ଦ ଜଗଦଲା, ପ୍ରଦୀପ ଶର୍ମା, ପ୍ରବୀଣ କୁମାର ଶର୍ମା ପ୍ରମୁଖ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

କଲୋନିବାସୀ ଅଭିଯୋଗ କରିଛନ୍ତି, ଲଗାଣ ବର୍ଷା ଯୋଗୁ ବିଶ୍ୱକର୍ମା ବିହାର କଲୋନିକୁ ପ୍ରଭାବିତ କରିଛି। ଗତ ୧୩ ତାରିଖ ରାତିରେ ପ୍ରବଳ ବର୍ଷା ହେବା ଯୋଗୁ ସେମାନଙ୍କ ଘର ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ସେହିପରି ଲୋକମାନଙ୍କ ଘରେ ପାଣି ପଶିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବେଦବ୍ୟାସ ଓ ସିଂଟୋଲା ଅଞ୍ଚଳରୁ କଲଭର୍ଟ ଦେଇ ଆସୁଥିବା ବର୍ଷାପାଣି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି। ଏହି କଲଭର୍ଟ ଜେପି ହସ୍ପିଟାଲର ଅପର ପାର୍ଶ୍ୱରେ ରହିଛି। ଫଳରେ ସବୁ ବର୍ଷାଜଳ ସିଧାସଳଖ ବିଶ୍ୱକର୍ମା ବିହାର କଲୋନି ଭିତରକୁ ପ୍ରବେଶ କରୁଛି ଏବଂ ବାହାରକୁ ନିଷ୍କାସନ ହୋଇପାରୁନାହିଁ। ଗତ ୩ ବର୍ଷ ଧରି ଏ ବିଷୟରେ ବିଶ୍ୱକର୍ମା ବିହାର ବାସିନ୍ଦା ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ସେମାନେ ଏହି ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଏଥର ପୁଣି କଲୋନିରେ ପାଣି ପଶିଥିବାରୁ ଏହି ସମସ୍ୟାର ସମାଧାନ ପାଇଁ ସେମାନେ ଅତିରିକ୍ତ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଏହାର ସମାଧାନ ପାଇଁ କଲୋନି ବାସିନ୍ଦା ଦୁଇଟି ପ୍ରସ୍ତାବ ଦେଇଛନ୍ତି। ଟିସିଆଇ ଛକରୁ ପାନପୋଷ ଛକ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାର କଲଭର୍ଟକୁ ଅବରୋଧ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ କଲୋନି ଦେଇ ଏକ ବିକଳ୍ପ ରାସ୍ତାରେ ଏହି ଜଳକୁ ଛାଡିବା ଏବଂ ସେହି କଲୋନି ଅଞ୍ଚଳରେ ଡ୍ରେନେଜ୍ ସିଷ୍ଟମ କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସେମାନେ ଉଲ୍ଲେଖ କରିଛନ୍ତି।


ଏଡିଏମ୍‌ଙ୍କୁ ଫେରାଦ ହୋଇଥିବା କଲୋନିବାସୀ।

## କର୍ମବୀରଙ୍କ ଜୟନ୍ତୀ, ଓଡ଼ିଆ ପତ୍ରପତ୍ରିକା ଦିବସ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା, ୧୫।୭(ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୩ ସ୍ଥିତ ବାଜିରାଉତ ଶିକ୍ଷାନିକେତନ ଓ ଓଡ଼ିଆ ଭାଷା ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ମୁଦୁଲିଙ୍କ ସଭାପତିତ୍ୱରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ଏବଂ ଓଡ଼ିଆ ପତ୍ରପତ୍ରିକା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ସଭାରେ ଓଡ଼ିଆ ଭାଷା ବିକାଶ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ନିଜର ବକ୍ତବ୍ୟରେ କହିଲେ, ଗୌରୀଶଙ୍କରଙ୍କୁ ଓଡ଼ିଶାରେ କର୍ମବୀର ଭାବେ ସମସ୍ତେ ଜାଣନ୍ତି। ସେ ଓଡ଼ିଶାର ସାମାଜିକ, ସାରସ୍ୱତ ତଥା ସାଂସ୍କୃତିକ ଜୀବନରେ ଏକ ନୂତନ ଯୁଗର ସୂତ୍ରପାତ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ଦିଗରେ ତାଙ୍କର ଅବଦାନ ଅତୁଳନୀୟ। ସେ କେବଳ ଜଣେ ସାହିତ୍ୟ ସ୍ରଷ୍ଟା ନ ଥିଲେ, ସାହିତ୍ୟ ସ୍ରଷ୍ଟାଙ୍କର ସ୍ରଷ୍ଟା ଥିଲେ। ତେଣୁ ତାଙ୍କୁ କର୍ମବୀର ସହିତ ସାହିତ୍ୟବୀର କହିଲେ ଅତ୍ୟୁକ୍ତି ହେବନାହିଁ। ଉତ୍କଳର କୃତି ସନ୍ତାନ ଗୌରୀଶଙ୍କର ରାୟ ଓଡ଼ିଶାର ପାଣି ପବନରେ ନିଜର ସ୍ୱତନ୍ତ୍ର ଛାପ ଛାଡିଯାଇଛନ୍ତି ବୋଲି ମହାପାତ୍ର କହିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ରାୟ ତାଙ୍କ ବକ୍ତବ୍ୟରେ କହିଲେ, ଚାକିରି ଜୀବନ ବ୍ୟତୀତ ତାଙ୍କର ବିଶେଷ ଆଗ୍ରହ ଓ ଅନୁରାଗ ଥିଲା ଦେଶପ୍ରେମ ଓ ସାହିତ୍ୟ ସେବାରେ। ତାଙ୍କ ସମ୍ପାଦନାର ଉତ୍କଳ ଦୀପିକା ପ୍ରକାଶ ପାଇଲା। ଓଡ଼ିଆ ଭାଷା ଆନ୍ଦୋଳନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ବୋଲି ରାୟ କହିଥିଲେ। ଓଡ଼ିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧି ସାଧନ ପାଇଁ ସେ ଯତ୍ନଶୀଳ ଥିଲେ ଓ ଓଡ଼ିଶାରେ ପ୍ରଥମ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ବୋଲି ସଭାପତି ସୁଶ୍ରୀ ସୌଦାମିନୀ ମୁଦୁଲି ମତ ଦେଇଥିଲେ। ଶିକ୍ଷୟିତ୍ରୀ ସୁଜାତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବିପିନ ବିହାରୀ ସାମନ୍ତ ସିଂହାର ଓ ତରୁଣ କୁମାର ସାହୁ ସହଯୋଗ କରିଥିଲେ।

## ୩୩ କେଭି ଫିଡର ଲାଇନ ପ୍ରକଳ୍ପ କାର୍ଯ୍ୟକ୍ଷମ

ରାଉରକେଲା,୧୫।୭(ବିପ୍ଳବ ରଞ୍ଜନ ଦାଶ)

**ସୁନ୍ଦରଗଡ଼ ଜିଲା**

ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ସୁନ୍ଦରଗଡ଼ ଜିଲାର ଗ୍ରାମୀଣ ଏବଂ ଶିଳ୍ପାଞ୍ଚଳରେ ବିଦ୍ୟୁତ୍ ଶକ୍ତିର ନିର୍ଭରଯୋଗ୍ୟତା ଏବଂ ଭିତ୍ତିଭୂମି ସୁଦୃଢ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷପ ଗ୍ରହଣ କରିଛି। ଏହି କ୍ରମରେ ସୁନ୍ଦରଗଡ଼ ଜିଲାର ସବଡେଗା ଏବଂ ହାତିବାରିଠାରେ ୭.୨ କୋଟି ଟଙ୍କା ବ୍ୟୟ ଅଟକଳରେ ୨ଟି ପ୍ରମୁଖ ୩୩ କେ.ଭି. ଫିଡର ଲାଇନ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଛି। ସୁନ୍ଦରଗଡ଼ ବିଦ୍ୟୁତ୍ ବିଭାଗର ସବଡେଗା ସେକ୍ସନ ଅଧୀନରେ ୪.୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପ ହେଉଛି ୩୩ କେ.ଭି. ସବଡେଗା ଫିଡର ଲାଇନ୍ ପ୍ରକଳ୍ପ। ଏହା କରମଡିହି ପାୱାର ସବ୍‌ଷ୍ଟେଶନରୁ ସବ୍‌ଡେଗା ପାୱାର ସବଷ୍ଟେଶନକୁ ସଂଯୋଗ କରୁଛି। ଏହି ପ୍ରକଳ୍ପରେ ୨୩୨ ବର୍ଗମିଟର ଅଲ୍ ଆଲୁମିନିୟମ୍ ଆଲୟ କଣ୍ଡକ୍ଟର ଏବଂ ୧୩-ମିଟର ଆ୍ଏସ୍ ଜୋଇଷ୍ଟ ପୋଲ ଏବଂ ଏକ ନୂତନ ୧୬ ସର୍କିଟ୍-କିଲୋମିଟର ଲାଇନ ନିର୍ମାଣ କରାଯିବା ସହ ପୁରୁଣା ଫିଡର ସେକ୍ସନର ୨ କିଲୋମିଟରର ଉନ୍ନତୀକରଣ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଯୋଗୁ ଓଭରଲୋଡିଂ ଏବଂ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ସମସ୍ୟା କମ୍ ହେବା ସମ୍ଭାବନା ରହିଛି। ଏହି ପ୍ରକଳ୍ପ ଦ୍ୱାରା ଘରୋଇ, କୃଷି ତଥା କ୍ଷୁଦ୍ର ଶିଳ୍ପ ଗ୍ରାହକଙ୍କ ପରି ପ୍ରାୟ ୨୦ହଜାର ଗ୍ରାହକଙ୍କୁ ସ୍ଥିର ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଯାଇପାରିବ। ସେହିପରି ରାଜଗାଙ୍ଗପୁର ଇଲେକ୍ଟ୍ରିକାଲ୍ ଡିଭିଜନ ଅନ୍ତର୍ଗତ ହାତୀବାରି ସେକ୍ସନ ଅଧୀନରେ ୨.୬ କୋଟି ଟଙ୍କା ନିବେଶରେ ନିର୍ମିତ ଦ୍ୱିତୀୟ ପ୍ରକଳ୍ପ ହେଉଛି ଲିଣ୍ଡ୍ରା ପାୱାର ସବଷ୍ଟେଶନରୁ ନୂଆଗାଁ ମେଗାଲିଫ୍ଟ ପଏଣ୍ଟକୁ ସଂଯୋଗ କରୁଥିବା ନୂତନ ୯ ସର୍କିଟ୍-କିଲୋମିଟରର ଏକ ନୂତନ ୩୩ କେ.ଭି ଫିଡର ଲାଇନ୍ । ଏହା କୋଏଲ ନଗର, ଲିଣ୍ଡ୍ରା ଏବଂ ନୂଆଗାଁରେ ଥିବା ୩୩/୧୧ କେ.ଭି. ପାୱାର ସବ୍‌ଷ୍ଟେଶନକୁ ଏକ ରିଂ ସିଷ୍ଟମ୍ ମାଧ୍ୟମରେ ସଂଯୋଗ କରୁଛି। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨୦୦ ଉଠାଜଳସେଚନ ପ୍ରକଳ୍ପ ଏବଂ ୧୫ ହଜାରରୁ ଅଧିକ ଘରୋଇ ଏବଂ ବ୍ୟବସାୟିକ ଉପଭୋକ୍ତା ଉପକୃତ ହେବେ। ଏ ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କୁହନ୍ତି, ନୂତନ ବିଦ୍ୟୁତ୍ ଭିତ୍ତିଭୂମି ଏହି ଅଞ୍ଚଳରେ ଆଗାମୀ ଦିନରେ ହେବାକୁ ଥିବା ଶିଳ୍ପ ପାର୍କକୁ ସମର୍ଥନ କରିବ। ଏହି ଦୁଇଟି ପ୍ରକଳ୍ପ ଗ୍ରାମୀଣ ଏବଂ ଶିଳ୍ପ କ୍ଷେତ୍ରରେ ବିଦ୍ୟୁତ୍ ଶକ୍ତି ଆବଶ୍ୟକତା ପାଇଁ ସ୍ଥିର ଏବଂ ଭବିଷ୍ୟତ ଭିତ୍ତିଭୂମି ନିର୍ମାଣ ଦିଗରେ ପ୍ରମୁଖ ପଦକ୍ଷେପ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ଓଡ଼ିଆ ସାହିତ୍ୟରେ ମଧୁସୂଦନ ରାଓ ଶୀର୍ଷକ ଆଲୋଚନାଚକ୍ର



ସାରସ୍ୱତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା, ୧୫।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ଭକ୍ତକବି ମଧୁସୂଦନଙ୍କ ସ୍ମୃତିଚାରଣ ଓ ସାରସ୍ୱତ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ 'ଓଡ଼ିଆ ସାହିତ୍ୟରେ ମଧୁସୂଦନ ରାଓ' ଶୀର୍ଷକ ଏକ ଆଲୋଚନାଚକ୍ର ସଂସଦର ସେକ୍ଟର-୭ ସ୍ଥିତ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଶିକ୍ଷାବିତ୍ ତଥା ଗବେଷକ ଡ. ଉମାକାନ୍ତ ପଣ୍ଡା ମୁଖ୍ୟ ଅତିଥି ଏବଂ ଚିନ୍ମୟ ଇଂଲିଶ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଓଡ଼ିଆ ସାହିତ୍ୟକୁ ମଧୁସୂଦନ ରାଓଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ବିଶେଷ କରି ଭକ୍ତି ଗୀତ ଓ କବିତା ସମ୍ପର୍କରେ ଡ. ପଣ୍ଡା ଆଲୋକପାତ କରିଥିଲେ। ସେହିଭଳି କବି ଶତପଥି ତତ୍କାଳୀନ ଓଡ଼ିଶାରେ ଓଡ଼ିଆ ଭାଷା ଶିକ୍ଷା କରିବା ପାଇଁ ବର୍ଣ୍ଣବୋଧ ଓ ଶିଶୁବୋଧ ଭଳି ପୁସ୍ତକର ରଚନା ଓ ଏହାର ଆବଶ୍ୟକତା ଏବଂ ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ସଂସଦ ସଦସ୍ୟ ବିଭୁ ପ୍ରସାଦ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ରଶ୍ମିବାଳା ରାଉତରାୟ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ସଂସଦର ସାଧାରଣ ସମ୍ପାଦକ ମନୋଜ ନନ୍ଦ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ତତ୍କାଳୀନ ବିଖଣ୍ଡିତ ଓଡ଼ିଶାରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଭକ୍ତକବିଙ୍କ ଅବଦାନ ସମ୍ପର୍କରେ ନନ୍ଦ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠ କାର୍ଯ୍ୟକ୍ରମ ହୋଇଥିଲା। କବି ସବିତା ବସ୍ତିଆ ଏବଂ ସୁଚିତ୍ରା ଲେଙ୍କାଙ୍କ ସଂଯୋଜନାରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କବି ଉପେନ୍ଦ୍ର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ନବୀକରଣ ହେଲା ସେଲ୍ ମେଡିକ୍ଲେମ ଯୋଜନା

ରାଉରକେଲା,୧୫।୭(ବିପ୍ଳବ ରଞ୍ଜନ ଦାଶ)

ସେଲ୍ ମେଡିକ୍ଲେମ ଯୋଜନା ୨୦୨୫-୨୬ ବର୍ଷ ପାଇଁ ମେସର୍ସ ନ୍ୟୁ ଇଣ୍ଡିଆ କମ୍ପାନୀ ଲିମିଟେଡ ସହିତ ୨୦୨୫ ଜୁଲାଇ ୧୧ରୁ ୨୦୨୬ ଜୁଲାଇ ୧୦ତାରିଖ ପର୍ଯ୍ୟନ୍ତ ଏକ ବର୍ଷ ସକାଶେ ନବୀକୃତ ହୋଇଛି। ୭୦ ବର୍ଷରୁ କମ୍ ବୟସ ସଦସ୍ୟଙ୍କ ସଦସ୍ୟତା ନବୀକରଣ କିସ୍ତି ଭାବେ ସଦସ୍ୟ ପିଛା ୧୦ହଜାର ୧୧ଟଙ୍କା ଦେବାକୁ ହେବ। ସେହିଭଳି ୭୦ରୁ ୮୦ବର୍ଷ ବୟସ ବର୍ଗର ସଦସ୍ୟଙ୍କୁ ୧ଶହ ଟଙ୍କା ନବୀକରଣ ଦେୟ ଦେବାକୁ ହେବ। ୨୦୨୫-୨୬ ବର୍ଷରେ ନବୀକରଣ ଓ ସଦ୍ୟତମ ପଞ୍ଜୀକରଣ ସହ ବ୍ୟବଧାନ କେସ୍ ଯଥା ପୂର୍ବରୁ ନବୀକରଣ କରି ନ ଥିବା ପୂର୍ବତନ କର୍ମଚାରୀ କିମ୍ବା ସେଲ୍‌ରୁ ଅବସର ଗ୍ରହଣ ପରେ ସେଲ ମେଡିକ୍ଲେମ ଯୋଜନାରେ ନିଜ ନାଁ ପଞ୍ଜୀକରଣ କରି ନ ଥିବା ପୂର୍ବତନ କର୍ମଚାରୀ ଅଥବା ସେଲ୍ ମେଡିକ୍ଲେମ ଯୋଜନା ୨୦୨୫-୨୬ ପ୍ରାବଧାନ ଅନୁଯାୟୀ ଯୋଗ୍ୟ ପୂର୍ବତନ କର୍ମଚାରୀ ବୟସ ଅନୁଯାୟୀ ଧାର୍ଯ୍ୟ କିସ୍ତି ପ୍ରଦାନ କରି ସେମାନଙ୍କ ନାମ ପଞ୍ଜୀକରଣ କରି ପାରିବେ। ୭୦ ବର୍ଷରୁ କମ୍ ବୟସର ସଦସ୍ୟଙ୍କ ପାଇଁ ଦେୟ ପ୍ରିମିୟମ ସଦସ୍ୟ ପିଛା ୨୦,୦୨୨ଟଙ୍କା ରହିଥିବା ବେଳେ ୭୦-୮୦ ବର୍ଷ ବୟସର ସଦସ୍ୟଙ୍କ ପାଇଁ ଦେୟ ପ୍ରିମିୟମ ୧୩,୭୨୨ଟଙ୍କା ରହିଛି। ସେହିପରି ୮୦ ବର୍ଷ ଏବଂ ତଦୂର୍ଦ୍ଧ୍ୱ ବୟସର ସଦସ୍ୟମାନଙ୍କୁ କେବଳ ୧୦୦ଟଙ୍କା ପ୍ରିମିୟମ ଦେବାକୁ ପଡିବ। ୨୦୨୫-୨୬ ବର୍ଷରେ ଅବସର ଗ୍ରହଣ କରୁଥିବା କର୍ମଚାରୀ ଏବଂ ସେମାନଙ୍କ ଜୀବନସାଥୀ ସେଲ୍ ମେଡିକ୍ଲେମ ଯୋଜନାରେ ପ୍ରୋ-ରାଟା ଅନୁଯାୟୀ ଦେୟ ପ୍ରଦାନ କଲେ ସେମାନଙ୍କୁ ଏହି ଯୋଜନା ଅନ୍ତର୍ଗତ ସୁବିଧା ପ୍ରଦାନ କରାଯିବ। ଏଥିସହ ଆଗ୍ରହୀ ପୂର୍ବତନ କର୍ମଚାରୀଙ୍କ ନିମନ୍ତେ ଉପଲବ୍ଧ ନିୟମ ଓ ସର୍ତ୍ତାବଳୀ ଅନୁସାରେ ସମ୍ପୂର୍ଣ୍ଣ ପ୍ରିମିୟମ ପୈଠରେ ସୁପର ଟପ୍ ଅପ୍ ସୁବିଧା ମଧ୍ୟ ରହିଛି। ୨୦୨୪-୨୫ ସେଲ୍ ମେଡିକ୍ଲେମ ଯୋଜନାର ସବିଶେଷ ବିବରଣୀ ସମ୍ପର୍କ ୱେବସାଇଟ ଏବଂ ସେଲ୍ ୱେବସାଇଟ ତଥା ସେଲ ମେଡିକ୍ଲେମ ପୋର୍ଟାଲରେ ଉପଲବ୍ଧ ରହିଛି। ମେଡିକ୍ଲେମ ବ୍ୟବଧାନ କେସ୍ ନିମନ୍ତେ ଯୋଗ୍ୟ ପୂର୍ବତନ କର୍ମଚାରୀମାନେ ସମ୍ପର୍କ ୱେବସାଇଟରୁ ଆବେଦନ ଫର୍ମ ଡାଉନ୍‌ଲୋଡ୍ କରି ପୂରଣ କରିବେ ଏବଂ ଡିଡି/ବ୍ୟାଙ୍କ ଚେକ୍ ମାଧ୍ୟମରେ ଦେୟ ପୈଠ କରିବେ। ଦସ୍ତଖତ ସହିତ ସମ୍ପୂର୍ଣ୍ଣ ଆବେଦନ ପତ୍ରକୁ ପ୍ରଶାସନିକ ଭବନ ଏଚ୍‌ଆର ଇଆର୍ ଆଣ୍ଡ୍ ସି ବିଭାଗ କିମ୍ବା ସେକ୍ଟର-୫ ସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ କମ୍ପ୍ଲେକ୍ସ ସ୍ଥିତ ମେଡିକ୍ଲେମ ଅଫିସରେ ୨୦୨୫ ଅଗଷ୍ଟ ୧୦ତାରିଖ ସୁଦ୍ଧା ଦାଖଲ କରିବେ। ବ୍ୟବଧାନ କେସ୍‌ଗୁଡିକର ଆବେଦନ ଫର୍ମ ସମ୍ପର୍କ ୱେବସାଇଟରୁ ଡାଉନଲୋଡ୍ କରାଯାଇପାରିବ। ସେଲ୍ ମେଡିକ୍ଲେମ ଯୋଜନାରେ ନବୀକରଣ ଏବଂ ବ୍ୟବଧାନ କେସ୍‌ଗୁଡିକର ପଞ୍ଜୀକରଣ ଶେଷ ତାରିଖ ୨୦୨୫ ଅଗଷ୍ଟ ୧୦ତାରିଖକୁ ଧାର୍ଯ୍ୟ କରାଯାଇଥିବା ସୂଚନା ଦିଆଯାଇଛି।


ଲୋକେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ସମସ୍ୟା ଉପସ୍ଥାପନ କରୁଛନ୍ତି।

## ଲୋକଙ୍କ ସମସ୍ୟା ବୁଝିଲେ କେନ୍ଦ୍ରମନ୍ତ୍ରୀ

ରାଉରକେଲା, ୧୫।୭(ବିପ୍ଳବ ରଞ୍ଜନ ଦାଶ): କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ରାଉରକେଲା ସେକ୍ଟର-୩ ଭାଜପା ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଉପରେ ଅବଗତ ହୋଇଛନ୍ତି। କାର୍ଯ୍ୟକ୍ରମରେ ରାଉରକେଲା ସାଙ୍ଗଠନିକ ଜିଲା ଭାଜପା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା ଯୋଗଦେଇ ଲୋକଙ୍କ ବିଭିନ୍ନ ସମସ୍ୟା ବିଷୟରେ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ରାଉରକେଲା ପୁରୁଣା ରେଲୱେ ସଫେଇ କେନ୍ଦ୍ରରୁ ପାୱାର ହାଉସ ଗ୍ରୀଡ୍ ସବ୍‌ଷ୍ଟେଶନ ପର୍ଯ୍ୟନ୍ତ ଓଭରହେଡ୍ କେବୁଲ ଲମ୍ବିଛି। ବାରମ୍ବାର ଦାବି ସତ୍ତ୍ୱେ ବିଭାଗ ପକ୍ଷରୁ ଉକ୍ତ କେବୁଲ ହଟାଯାଉନାହିଁ। ଏଥିପ୍ରତି ବିହିତ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ମନୋଜ ମାହେଶ୍ୱରୀ ଓ ବିନୋଦ ଅଗ୍ରୱାଲ କେନ୍ଦ୍ରମନ୍ତ୍ରୀଙ୍କୁ ଫେରାଦ ହୋଇଥିଲେ। ବହୁଲୋକ ମନ୍ତ୍ରୀଙ୍କୁ ନିଜ ନିଜ ଅଞ୍ଚଳର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ଓରାମଙ୍କୁ ସମର୍ଥନ କରି ବହୁ ଲୋକ ଭାଜପାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସହରାଞ୍ଚଳ ଓ ଶିଳ୍ପାଞ୍ଚଳର ବହୁ ନେତାକର୍ମୀ ଉପସ୍ଥିତ ଥିଲେ। ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଯୁବ ଦକ୍ଷତା ଦିବସରେ ଶୋଭାଯାତ୍ରା

ରାଉରକେଲା,୧୫।୭(ବିପ୍ଳବ ରଞ୍ଜନ ଦାଶ)

ୱାର୍ଲଡ ୟୁଥ୍ ସ୍କିଲ୍‌ସ ଡେ ଅବସରରେ ମଙ୍ଗଳବାର ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ରାଉରକେଲା ପରିସରରୁ ସ୍କୁଲ ଛାତ୍ରୀଛାତ୍ରମାନଙ୍କର ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ଆମ୍ବେଡ଼କର ଛକରେ ପହଞ୍ଚିବା ପରେ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଶୋଭାଯାତ୍ରା ପୁଣି ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଶ୍ରମ କାର୍ଯ୍ୟାଳୟ ଓ ନିୟୋଜନ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ସ୍କୁଲ, ଆଇଟିଆଇ ଏବଂ ଡିପ୍ଲୋମା ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରୀଛାତ୍ର ଉପଯୁକ୍ତ ଶିକ୍ଷା, ଦକ୍ଷତା ବିକାଶ, ଜ୍ଞାନକୌଶଳ ଗ୍ରହଣ କରି ରାଜ୍ୟ ତଥା ଦେଶର ବିକାଶ କରିବା। ସ୍କିଲ୍‌ଡ ଇନ୍ ଓଡିଶା ଏବଂ ସ୍କିଲ୍‌ଡ ଇନ୍ ଇଣ୍ଡିଆ ପଦକ୍ଷେପକୁ ସୁଦୃଢ କରିବା। ବିଶ୍ୱ ଯୁବ ଦକ୍ଷତା ଦିବସ ଶୋଭାଯାତ୍ରାରେ ଡିଭିଜନ ଶ୍ରମ ଆୟୁକ୍ତ ରାଉରକେଲା, ୟୁଜିଆଇ ପ୍ରିନ୍ସିପାଲ ପ୍ରଗତି ଦାସ, ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ରମେଶ ଚନ୍ଦ୍ର କିଷାନ, ଏସ୍‌କେଡିଏଭି ପଲିଟେକନିକ୍ ପ୍ରିନ୍ସିପାଲ ଏସ୍. କେ. ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ।



ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।


ଦାଣ୍ଡିଆପାଲି ବସ୍ତିରେ ପାଣି ଜମି ରହିଛି।


ବିମାନ ବନ୍ଦର ପାର୍କିଂ ଏରିଆରେ ପାଣି ।

# ଏବେବି ପାଣି ଘେରରେ ବସ୍ତିବାସୀ

ରାଉରକେଲା,୧୫।୭(ଦିନେଶ ମିଶ୍ର)

**ଲଘୁଚାପ ବର୍ଷା ପ୍ରଭାବ**

- ବିମାନ ବନ୍ଦର ପାର୍କିଂ ଏରିଆ କୃତ୍ରିମ ପୋଖରୀ
- ଦାଣ୍ଡିଆପାଲୀ ବସ୍ତିରୁ ନିଷ୍କାସନ ହୋଇପାରୁନି ବର୍ଷାଜଳ

ରାଉରକେଲା ସହରରେ ଲଘୁଚାପ ବର୍ଷା ଜନଜୀବନକୁ ବ୍ୟାପକ ଭାବେ ପ୍ରଭାବିତ କରିଛି। ସହରରେ ଲଗାଣ ବର୍ଷା ଯୋଗୁ ବିଭିନ୍ନ ବସ୍ତିରେ ପାଣି ଜମିରହିଛି। ବେଦବ୍ୟାସସ୍ଥିତ ଦାଣ୍ଡିଆପାଲୀ ବସ୍ତିରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ସ୍ଥାନୀୟ ବସ୍ତିବାସୀ ହଇରାଣ ହେଉଛନ୍ତି। ବସ୍ତି ଲୋକଙ୍କ ଘରେ ବ୍ରାହ୍ମଣୀ ନଦୀ ଜଳ ସାଙ୍ଗକୁ ବର୍ଷାପାଣି ପଶିଯାଇଥିବା ଯୋଗୁ ସେମାନେ ଅବସୁଧବା ଭୋଗୁଛନ୍ତି। ବିଭିନ୍ନ ସ୍ଥାନରେ ବର୍ଷାଜଳ ଜମି ରହିଥିବାରୁ ବସ୍ତି ଭିତରେ ଯାତାୟାତ ପାଇଁ ସମସ୍ୟା ହେଉଛି। ସେହିପରି ରାଉରକେଲା ବିମାନ ବନ୍ଦର ପାର୍କିଂ ଏରିଆ କୃତ୍ରିମ ପୋଖରୀ ପାଲଟିଛି। ଏଠାରେ ବର୍ଷାଜଳ ଜମି ରହିଥିବାରୁ ଗାଡି ପାର୍କିଂ କରିବାରେ ସମସ୍ୟା ହେଉଛି। ପାର୍କିଂ ଏରିଆ ନିକଟରେ ଥିବା ଆକାଂକ୍ଷା ଛାତ୍ର ନିବାସରେ ଏହାର ପ୍ରଭାବ ପଡୁଛି। ସେହିଭଳି ପାନପୋଷ ପ୍ରବେଶ ପଥ ରେଳ ଷ୍ଟେଶନ ଅଞ୍ଚଳରେ ବର୍ଷାଜଳ ଜମି ରହିଛି। ପାନପୋଷ ଷ୍ଟେଶନକୁ ପ୍ରବେଶ କରିବାର ମୁଖ୍ୟପଥରେ ଆଣ୍ଠୁଏ ପାଣି ଥିବାରୁ ଏହି ରାସ୍ତାରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସ୍ଥିତି ଅନୁଧ୍ୟାନ କରିଛନ୍ତି। ୨ ଦିନ ଧରି ପାଣି ଘେରରେ ଥିବା ଟୁଙ୍ଗରୀଟୋଲା, ମାଲଗୋଦାମ, ଶୀତଳପଡା, କୁଷ୍ଠ କଲୋନି, ପାନପୋଷ ଜାମିଆ କଲୋନି ବସ୍ତିବାସୀଙ୍କୁ ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି। ଏଥସଂସହ ପମ୍ପ ଯୋଗେ ବସ୍ତି ଓ ତଳି ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ କରାଯାଉଛି। ଆରଏମ୍‌ସି କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ତଳି ଓ ବସ୍ତି ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡିଛି।

## ସଂକ୍ଷେପରେ

### ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ଦେବଗଡ଼,୧୫।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ବିଶ୍ୱ ଜନସଂଖ୍ୟା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରି ଉକ୍ତ ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କ ସୂଚନା ଦେଇଥିଲେ। ଜିଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମୁଖ୍ୟ ଚିକିତ୍ସାଳୟରେ ପରିବାର ନିୟୋଜନ ଓ ବିଭିନ୍ନ ପଦ୍ଧତି, ଅସ୍ଥାୟୀ ଗର୍ଭ ନିରୋଧକ, ଅନ୍ତରା ସେବାଗୁଡ଼ିକ ମାଗଣାରେ ଉପଲବ୍ଧ କରାଯାଇଛି। ନୂତନ ଅସ୍ଥାୟୀ ଗର୍ଭ ନିରୋଧକ ଇଞ୍ଜେକ୍ସନ ଓ ସାପ୍ତାହିକ ଗର୍ଭ ନିରୋଧକ ବଟିକା ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗଚ୍ଛିତ ଅଛି। ମହିଳା ବନ୍ଧ୍ୟାକରଣ ଅପରେଶନ କରାଇଥିବାରୁ ଆଶାକର୍ମୀ ଗୀତାଞ୍ଜଳି ନାଏକଙ୍କ ସମେତ ଛତାବର, ବାରକୋଟ, ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ କାଦପଡ଼ା ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରକୁ ପୁରସ୍କୃତ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଧନଞ୍ଜୟ ମହନ୍ତ, ବଂଶୀଧର ପାତ୍ର, ବାବୁ ସିଂ, ଡିପିଏମ୍ ସୁଶାନ୍ତ ପ୍ରହରାଜ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଆଶାକର୍ମୀ ଉପସ୍ଥିତ ଥିଲେ। ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଙ୍ଗଠନ ସୁଦୃଢ଼ ପାଇଁ ଜିଲାସ୍ତରୀୟ ସମନ୍ୱୟ କମିଟି ଗଠିତ

ଝାରସୁଗୁଡ଼ା,୧୫।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଓବିସି ମଞ୍ଚ ପକ୍ଷରୁ ସହରସ୍ଥିତ ତାରିଣୀ ମନ୍ଦିର ଧର୍ମଶାଳାଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓବିସି ମଞ୍ଚ ଉପଦେଷ୍ଟା ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓବିସି ସମୁଦାୟର ସାମ୍ବିଧାନିକ ଅଧିକାର ଓ ହକ୍ ସମ୍ପର୍କରେ ପ୍ରତ୍ୟେକ ଗ୍ରାମର ଲୋକଙ୍କ ମଧ୍ୟରେ ସଚେତନତା ଆଣିବା ପାଇଁ ଅଭିଯାନ ଚଳାଇବା ଏବଂ ଲୋକପ୍ରତିନିଧିଙ୍କ ଜରିଆରେ ସରକାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିସହ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ଜିଲାସ୍ତରୀୟ ସମନ୍ୱୟ କମିଟି ଗଠନ କରାଯାଇଛି। ଏଥିରେ ବିରଞ୍ଚି ସାହୁ ସଭାପତି, ନୃପଲାଲ ପଶାୟତ ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ, ତେଜରାଜ ପଧାନ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ, ଗୋପୀନାଥ ବେହେରା ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ ଭାବେ ହେମରାଜ ଷଣ୍ଢଙ୍କ ନାମ ଘୋଷଣା କରାଯାଇଛି। ସେହିପରି ବ୍ଲକ, ମ୍ୟୁନିସିପାଲିଟି ଓ ପଞ୍ଚାୟତସ୍ତରରେ ସଂଯୋଜକଙ୍କ ନାମ ଘୋଷଣା କରାଯାଇଛି। ସଂଯୋଜକ ଭାବେ ସିର୍ଜୁ ଖମାରୀ, ଅମିତ୍ ବାଗ, ଗଣ୍ଡାରାମ ବେହେରା, ମିତ୍ରଭାନୁ ସାହୁ, କାହ୍ନୁଚରଣ ଭୋଇ, ବିଭୀଷଣ ରାଉତ, ଭୁବନେଶ୍ୱର ସାହୁ, ଚେତାନନ୍ଦ ପଟେଲ, ତୁଳେଶ୍ୱର ପଟେଲ, ପିଣ୍ଟୁ ସାହୁ, ରିଙ୍କୁ ସାହୁ, ବଂଶୀଧର ମେହେର, ନିରଞ୍ଜନି ପଟେଲ, ଲୋଚନ ସାହୁ ଓ ନେପାଳ ବାରିକଙ୍କୁ ମନୋନୀତ କରାଯାଇଛି। ଏହି କମିଟି ଓବିସି ମଞ୍ଚର ଆଗାମୀ କାର୍ଯ୍ୟନୀତି ଓ ଆନ୍ଦୋଳନକୁ ଗତିଶୀଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଜିଲା ଓବିସି ମଞ୍ଚ ପକ୍ଷରୁ ଆଶାପ୍ରକଟ କରାଯାଇଛି।

# ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକୋ

ଝାରସୁଗୁଡ଼ା,୧୫।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅଧୀନ ଅର୍ଡା-ଧୁତୁରା ମୁଖ୍ୟରାସ୍ତା ନିର୍ମାଣ ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ମଙ୍ଗଳବାର ଧୁତୁରା ଛକଠାରେ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବାବେଳେ ବର୍ଷାହେଲେ ସେଥିରେ ପାଣି ଜମିରହୁଛି। ଫଳରେ ଯାତାୟାତରେ ସମସ୍ୟା ହେଉଛି। ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଜନପ୍ରତିନିଧି ଓ ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଏହାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଗତ ୨ ତାରିଖ ସକାଳେ ଗ୍ରାମବାସୀ କାଦୁଅ ରାସ୍ତାରେ ଶୋଇ ରାସ୍ତାରୋକୋ କରିଥିଲେ। ଫଳରେ କାରଖାନାର ଶତାଧିକ ଯାନବାହନ ରାସ୍ତାରେ ଅଟକି ରହିବାରୁ ଯାତାୟାତରେ ସମସ୍ୟା ହୋଇଥିଲା। ଖବରପାଇ ଏଲ୍ଏନ୍ଏଟି କାରଖାନା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଜିଲା


ରାସ୍ତା ନିର୍ମାଣ ପାଇଁ ଧୁତୁରା ଛକଠାରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ପ୍ରଶାସନର ଅନୁମତିକ୍ରମେ ରାସ୍ତା ମରାମତି ପାଇଁ ପ୍ରତିଶ୍ରୁତି ଦେବାପରେ ଲୋକମାନେ ରାସ୍ତାରୋକୋରୁ ଓହରି ଯାଇଥିଲେ। ହେଲେ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପାଳନ ହେଲାନାହିଁ। ଅପରପକ୍ଷେ ଗତ ୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଧ ହୋଇ ସ୍ଥାନୀୟ ଅଞ୍ଚଳବାସୀ ମଙ୍ଗଳବାର ସକାଳ ୮ଟାରେ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଗାଡ଼ି ଚଳାଚଳ ଓ ଯାତାୟାତରେ ସମସ୍ୟା ହୋଇଥିଲା। ଖବରପାଇ ପୂର୍ତ୍ତ ବିଭାଗ ଏସ୍ଡିଓ ଆଶିଷ ଲେଙ୍କା ପହଞ୍ଚି ଆନ୍ଦୋଳନରତ ଲୋକଙ୍କ ସହ ଆଲୋଚନା କରିଥିଲେ। ବର୍ଷା ଯୋଗୁ ମରାମତି କାମ ହୋଇପାରି ନାହିଁ। ଆସନ୍ତା ୧୫ ଦିନ ମଧ୍ୟରେ ଏହି କାମ ଆରମ୍ଭ ହେବ। ବର୍ଷାଋତୁ ପରେ ନୂତନ ରାସ୍ତା ନିର୍ମାଣ କରାଯିବ ବୋଲି ଲେଙ୍କା ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୧ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଅର୍ଡା ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ସରପଞ୍ଚ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷଙ୍କ ସମେତ ଗ୍ରାମର ଶତାଧିକ ଜନସାଧାରଣ ରାସ୍ତାରୋକୋରେ ସାମିଲ ହୋଇଥିଲେ।

# ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ଉଚ୍ଛେଦ ପ୍ରସ୍ତାବକୁ ବିରୋଧ

ଝାରସୁଗୁଡ଼ା,୧୫।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ଉଚ୍ଛେଦ ପ୍ରସ୍ତାବକୁ ଜିଲା ଓକିଲ ସଂଘ ଦୃଢ଼ ବିରୋଧ କରିଛି। ଏନେଇ ମଙ୍ଗଳବାର ଓକିଲ ସଂଘ ପକ୍ଷରୁ ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବହୁ ପୁରାତନ ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ଉପରେ ପ୍ରାୟ ୪୦ ହଜାର ଶ୍ରମିକଙ୍କ ଜୀବନଜୀବିକା ନିର୍ଭର କରୁଛି। ଯଦି ଏହି ଡିଭିଜନକୁ ଅନ୍ୟ ଡିଭିଜନ ସହ ମିଶାଇବା ପାଇଁ ପ୍ରୟାସ କରାଯାଏ, ତା'ହେଲେ ଜିଲା ଓକିଲ ସଂଘ ପକ୍ଷରୁ ଦୃଢ଼ ବିରୋଧ କରାଯିବା ସହ ଜିଲାବ୍ୟାପୀ ଆନ୍ଦୋଳନ ହେବ ବୋଲି ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ କହିଛନ୍ତି।

# ପୋଲ ଉପରେ ୩ ଫୁଟ୍‌ର ବର୍ଷାପାଣି


ପୋଲ ଉପରେ ପ୍ରବାହିତ ହେଉଥିବା ବର୍ଷାଜଳ।

ଦେବଗଡ଼,୧୫।୭(ଶଶାଙ୍କ ଶେଖର ଝାଙ୍କର)

**ଯାତାୟାତ ବାଧାପ୍ରାପ୍ତ**

ପ୍ରବଳ ବର୍ଷା ଯୋଗୁ ବାରକୋଟ ବ୍ଲକ ଅନ୍ତର୍ଗତ କାଳିଆପାଳ ଟାଙ୍କଜୁରା ନାଳ ଉପରେ ମଙ୍ଗଳବାର ପ୍ରାୟ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ସହ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଉକ୍ତ ଅଞ୍ଚଳରେ ମଙ୍ଗଳବାର ଅତି ପ୍ରବଳ ବର୍ଷାହେବାରୁ ନାଳରେ ହଠାତ୍ ପ୍ରବଳ ପାଣି ମାଡ଼ିଆସିବା ସହ ପୋଲ ଉପରେ ପ୍ରାୟ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ବାରକୋଟ ବ୍ଲକରେ ଚଳିତବର୍ଷର ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି।

# ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ


ବୈଠକରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟ ଅଧିକାରୀ।

ଦେବଗଡ଼,୧୫।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରି ଜିଲାରେ ଜୁନ୍‌ରେ ଧାର୍ଯ୍ୟ ଥିବା ଭୂ-ରାଜସ୍ୱ, ରୟାଲ୍ଟି, ଜଳକର ଭଳି ଅନ୍ୟାନ୍ୟ କର ଆଦାୟ କରିବାକୁ ଥିବା ତହସିଲଦାର, ଅତିରିକ୍ତ ତହସିଲଦାର, ଡେପୁଟି କଲେକ୍ଟର (ରାଜସ୍ୱ) ଓ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଡେପୁଟି କଲେକ୍ଟର (ରାଜସ୍ୱ) ଲକ୍ଷ୍ମଣ ଓମାତ, ଏସିଏଫ୍ ଅରୁଣ କୁମାର ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱମୋହନ ମିଶ୍ର, ସହକାରୀ ଜିଲାପାଳ ସୁଶ୍ରୀରେଖା ମହନ୍ତ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲିକ, ବାରକୋଟ ଭାରପ୍ରାପ୍ତ ତହସିଲଦାର ଶିବବ୍ରତ ନାୟକ, ରିଆମାଳ ଭାରପ୍ରାପ୍ତ ତହସିଲଦାର ପ୍ରେମ ପ୍ରକାଶ ହର, ସହକାରୀ ଜିଲାପାଳ ହେମନ୍ତ ସିଂ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### କ୍ଷତିପୂରଣ ଦାବିରେ କମ୍ପାନୀ ସମ୍ମୁଖରେ ବିକ୍ଷୋଭ

ଝାରସୁଗୁଡ଼ା,୧୫।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ନିକଟ ଛୁଆଲିବେର୍ଣ୍ଣା ଗ୍ରାମସ୍ଥିତ ଏକ କମ୍ପାନୀ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନରେ ଡମପଡ଼ାବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କିଛିଦିନ ତଳେ ହୋଇଥିବା ଲଗାଣ ବର୍ଷାରେ କମ୍ପାନୀର କୋଲ୍ ୱାସରୀରୁ ପାଣି ମାଡି ଆସି ଡମପଡା ଗ୍ରାମର ଲୋକଙ୍କ ଘର ଭାଙ୍ଗି ଯାଇଥିଲା। ଏଥିସହ ସେମାନେ ବ୍ୟବହାର କରୁଥିବା କୂଅରେ କୋଇଲା ପାଣି ପଶିଯାଇଥିଲା। ସେହିପରି କୋଇଲା ପାଣି ମାଡ଼ିଯିବାରୁ ଅନେକ ଲୋକଙ୍କ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ଦାବିରେ ଡମପଡ଼ାବାସୀ ଉକ୍ତ କମ୍ପାନୀ ସମ୍ମୁଖରେ ଧାରଣା ଦେଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିବା ସହ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

# ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘ ବୈଠକ


ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ବ୍ରଜରାଜନଗର,୧୫।୭ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଇବ୍ ଭ୍ୟାଲି ଜିଏମ୍ ଅଫିସ ରବୀନ୍ଦ୍ର ଭବନଠାରେ ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶତାଧିକ ସଦସ୍ୟା, ସଦସ୍ୟ ଇବ୍ ଭ୍ୟାଲି ଗେଷ୍ଟ ହାଉସ୍‌ରୁ ବାଇକ୍ ଶୋଭାଯାତ୍ରାରେ ବାହାରି ରବୀନ୍ଦ୍ର ଭବନଠାରେ ପହଞ୍ଚିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଏମ୍ଏସ୍‌ର କୋଲ୍ ଇଣ୍ଡିଆ ପ୍ରଭାରୀ କେ. ଲକ୍ଷ୍ମା ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ଖାଦାନ ମଜଦୁର ସଂଘର କାର୍ଯ୍ୟକାରୀ ସଭାପତି ରଞ୍ଜନ ବେହେରା, ଭାରତୀୟ ଖାଦାନ ମଜଦୁର ସଂଘ ସମ୍ପାଦିକା ସସ୍ମିତା ପଟେଲ, ତାଳଚେର କୋଇଲା ଖଣି ମଜଦୁର ସଂଘର ସାଧାରଣ ସମ୍ପାଦକ ବୀରେନ ଖିଲାର, ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘ ସଭାପତି ଗୋବିନ୍ଦ ସିଂ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ବ୍ରଜରାଜନଗର କୋଇଲା ଖଣିଗୁଡ଼ିକରେ ନିଜ ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ଚମତ୍କାର ପ୍ରଦର୍ଶନ କରି ଇତିହାସରେ ପ୍ରଥମଥର ପାଇଁ ଆଇଆର୍ ଫୋରମ୍ ହାସଲ କରିଥିବାରୁ ବହୁତ ଖୁସି ଅଛି ବୋଲି କହିବା ସହ ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘର ସମସ୍ତ ସଦସ୍ୟା, ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତ ମଞ୍ଚ ପରିଚାଳନା ଓ ସଭାପତି ଗୋବିନ୍ଦ ସିଂହ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁଜିତ୍ ଝା, ସଞ୍ଜୀବ ସିଂହ, କେ. ସି. ପ୍ରଧାନ, ସଞ୍ଜିତ ବନ୍‌ଛୋର୍, ଅବନୀ କୁମାର ଦାସ, ପ୍ରଦୀପ ମିତ୍ର, ମିଥିଲେଶ ସିଂ, ପ୍ରଭାକର ସିଂ, ଋଷଭ କୁମାର ଖାରେ, ରବି ରୋହିଦାସ, ପ୍ରଫୁଲ୍ଲ ସାହୁ, ଶିବରାମ ପ୍ରଧାନ, କିରଣ ରାୟକର, ଅଂଶୁମାନ୍ ସାହୁ, ଅରିନ୍ଦମ ମଲ୍ଲିକ, ଏକଲବ୍ୟ ସାହୁ, ମନୋଜ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ଦେବଗଡ଼/ଝାରସୁଗୁଡ଼ା,୧୫।୭(ଶଶାଙ୍କ ଶେଖର ଝାଙ୍କର/ଆଶିଷ ରଞ୍ଜନ ଦାଶ)

ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାକୁ କଂଗ୍ରେସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଦେବଗଡ଼ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ କର୍ମୀମାନେ ମଙ୍ଗଳବାର ସ୍ଥାନୀୟ ମଡେଲ ଡିଗ୍ରୀ କଲେଜ ସମ୍ମୁଖରେ ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମହିଳା କଂଗ୍ରେସ ସଭାପତି ଲିତା ଆଚାର୍ଯ୍ୟ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ଶ୍ରୀତମ କୁମାର ସାହୁ, ପୂର୍ବତନ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ସଲ୍‌ମାନ୍ ହେନେଜ, ଆନନ୍ଦ କୁଲା, ରମେଶ ଚନ୍ଦ୍ର ପାତ୍ର, ଆକାଶ ଦାସ, ଜିତେନ୍ଦ୍ର ବେହେରା, ବୁଲୁ ଧଳ, ସାଗର ପ୍ରଧାନ, ସୁମନ୍ତ ବେହେରା, ଦୁଃଖବନ୍ଧୁ ମୁଣ୍ଡା, ସୁଶୀଲ ଗୁଡିଆଙ୍କ ସମେତ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ଫକୀର ମୋହନ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା**

ସେହିପରି ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାକୁ ନେଇ ଝାରସୁଗୁଡ଼ା ଜିଲା କଂଗ୍ରେସ ପକ୍ଷରୁ ସହରର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ବାଲେଶ୍ୱର ଏମ୍‌ପିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ଘଟଣାକୁ ନେଇ ଆସନ୍ତା ୧୭ରେ ରାଜ୍ୟ କଂଗ୍ରେସ ପକ୍ଷରୁ ହେବାକୁ ଥିବା ବନ୍ଦ ପାଳନକୁ ଝାରସୁଗୁଡ଼ା ଜିଲାରେ ସଫଳ କରିବା ଏବଂ ରାଜ୍ୟର ମହିଳାଙ୍କ ସୁରକ୍ଷା ପାଇଁ ସରକାରଙ୍କଠାରେ ଦାବି ରଖିବା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କଂଗ୍ରେସର ଜିଲା ସଂଯୋଜକ ଜୀବନ ସାର୍ଥକ ଦାସଙ୍କ ସମେତ ଦଳୀୟ ନେତା ଉପସ୍ଥିତ ଥିଲେ।

### ଶୋଭାଯାତ୍ରାରେ ସଚେତନତା

ଲଇକେରା,୧୫।୭(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅନ୍ତର୍ଗତ ନିକ୍ତିମାଲ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସମ୍ପର୍କିତ ସଚେତନତା ଶୋଭାଯାତ୍ରା ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତରେ ସାମାଜିକ ସମୀକ୍ଷକଙ୍କ ଦ୍ୱାରା ଜନଜାଗରଣ ସଚେତନତା ଅଭିଯାନ କରାଯାଇଥିଲା। ବ୍ଲକ ସାମାଜିକ ସମୀକ୍ଷକ ମଧୁସୂଦନ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ସଚେତନତା ଶୋଭାଯାତ୍ରାରେ ପ୍ରତ୍ୟେକ ପଞ୍ଚାୟତସ୍ତରରେ କାର୍ଯ୍ୟ କରୁଥିବା ସାମାଜିକ ସମୀକ୍ଷକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶ୍ରମିକଙ୍କ ଅଧିକାର ଓ ନ୍ୟାଯ୍ୟ ଦାବି ବିଷୟରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସାବିତ୍ରୀ ସିଂ ବରିହା, ନାଏବ ସରପଞ୍ଚ ଅକ୍ଷୟ କୁମାର ଖର୍ସେଲ, ଏଡିଇଓ ଶିବରାମ ପ୍ରଧାନ, ଯୋଗାଣ ସହାୟିକା ସୁନିତା ବେହେରା, ଜିଲା ସାମାଜିକ ସମୀକ୍ଷକ ତୋଫାନ କୁମାର ନାଏକଙ୍କ ସମେତ ଜିଆର୍‌ଏସ୍, ଏମ୍‌ଜିଏନ୍‌ଆରଇଜିଏସ୍ ହିତାଧିକାରୀ, ୱାର୍ଡ ସଭ୍ୟାସଭ୍ୟ, ସିଆର୍‌ପି, ଗ୍ରାମବାସୀ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ହେବ ଇଏସ୍‌ଆଇ ହସ୍ପିଟାଲ

ଝାରସୁଗୁଡ଼ା,୧୫।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାରେ ୧୦୦ ୱାର୍ଡ ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ ନିର୍ମାଣ କରାଯିବ। ଏନେଇ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଇଏସ୍‌ଆଇ ବିଭାଗ ଅଧିକାରୀ ଯୋଗଦେଇଥିଲେ। ଏଥିରେ ଉକ୍ତ ହସ୍ପିଟାଲ ସମ୍ପର୍କିତ ପ୍ରସ୍ତାବ ଓ ତାହାର କାର୍ଯ୍ୟାନ୍ୱୟନର ସମୟସୀମା ବିଷୟରେ ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାର ବୁଧବାର ଔପଚାରିକ ଭାବେ ଏହି ହସ୍ପିଟାଲ ପାଇଁ ଇଏସ୍‌ଆଇ ବିଭାଗକୁ ଜମି ହସ୍ତାନ୍ତର କରିବେ, ଯାହାକି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବର ପ୍ରତିଶ୍ରୁତି ପୂରଣ ଦିଗରେ ଆଗକୁ ବଢୁଛି। ଏହି ହସ୍ପିଟାଲ ନିର୍ମାଣ ହେଲେ ଝାରସୁଗୁଡ଼ା ସମେତ ଅନ୍ୟ ଜିଲା କ୍ଷେତ୍ରର କର୍ମଚାରୀ ଓ ତାଙ୍କ ପରିବାର ଲୋକ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବେ ବୋଲି ବିଧାୟକ କହିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ବୈଠକରେ ମନ୍ତ୍ରୀ, ବିଧାୟକଙ୍କ ସମେତ ଇଏସ୍‌ଆଇ ବିଭାଗର ଅଧିକାରୀ।

# ଯୁବଗୋଷ୍ଠୀ ସ୍ୱାବଲମ୍ବୀ ହୁଅନ୍ତୁ

ଦେବଗଡ଼,୧୫।୭(ଶଶାଙ୍କ ଶେଖର ଝାଙ୍କର)

**ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ**

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ମେରା ଯୁବା ଭାରତ ଓ ଜନଶିକ୍ଷଣ ସଂସ୍ଥାନର ମିଳିତ ସହଯୋଗରେ ରିଆମାଳ ବ୍ଲକ ଅଞ୍ଚଳର ପଞ୍ଚପାଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଯୁବ ଦକ୍ଷତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ମେରା ଯୁବା ଭାରତର ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚପାଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ତପନ କୁମାର ବେହେରା ଯୋଗଦେଇ ବର୍ତ୍ତମାନର ଯୁବଗୋଷ୍ଠୀ ସ୍ୱାବଲମ୍ବୀ ହେବା ପାଇଁ ବିଭିନ୍ନ ପ୍ରକାରର ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ନେବାକୁ ଆହ୍ୱାନ ଦେଇଥିଲେ। ପ୍ରଶିକ୍ଷକ ସୂର୍ଯ୍ୟକାନ୍ତ ମିଶ୍ର କହିଛନ୍ତି, ଯୁବତୀ ଯୁବକ ଧନ୍ଦାମୂଳକ ତାଲିମ ଗ୍ରହଣ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦିଅନ୍ତୁ। ଜନଶିକ୍ଷଣ ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ହୃଷୀକେଶ ସାହୁ ଗ୍ରାମାଞ୍ଚଳରେ ବେକାର ଯୁବତୀ, ଯୁବକଙ୍କୁ ମାଗଣାରେ ତାଲିମ ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଯୁଗଳ କିଶୋର କିଷାନ, ଅଧ୍ୟାପିକା ବନିତା ମାଝୀ, ଲଳିତା ପ୍ରଧାନ, ବର୍ଷା ବନ୍ଦିତା ଗଡ଼ନାୟକ ପ୍ରମୁଖ ଯୋଗଦେଇ ଯୁବାଶକ୍ତିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜନଶିକ୍ଷଣ ସଂସ୍ଥାନର ସୁଧୀର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ୫ ବର୍ଷରେ ୬୫ ଥର ବନ୍ଦ ହୋଇଛି ବିମାନ ଇଞ୍ଜିନ

## ୧୭ ମାସରେ ୧୧ ଥର ମେ'ଡେ କଲ୍



ନୂଆଦିଲ୍ଲୀ,୧୫।୭

ଭାରତରେ ୨୦୨୦ରୁ ୨୦୨୫ ବର୍ତ୍ତମାନ ସୁଦ୍ଧା ଅର୍ଥାତ୍ ୫ ବର୍ଷ ମଧ୍ୟରେ ଉଡୁଥିବା ଅବସ୍ଥାରେ ୬୫ ଥର ବିମାନ ଇଞ୍ଜିନ୍ ଶଟ୍‌ଡାଉନ୍ ହୋଇଛି। ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆବେଦନ ବଳରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏକ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି। ଅର୍ଥାତ୍ ପ୍ରତି ମାସରେ ପାଖାପାଖି ଗୋଟିଏ ଇଞ୍ଜିନ୍ ଅଚଳ ଘଟଣା ଘଟୁଛି। ତେବେ ଉକ୍ତ ସମସ୍ତ ଘଟଣାରେ ପାଇଲଟ୍ ନିରାପଦର ସହ ଗୋଟିଏ ଇଞ୍ଜିନରେ ବିମାନକୁ ସୁରକ୍ଷିତ ଅବତରଣ କରାଇପାରିଛନ୍ତି। ଏଥିସହିତ ଗତ ୧୭ ମାସ ମଧ୍ୟରେ ବିଭିନ୍ନ ବିମାନର କକ୍‌ପିଟ୍‌ରୁ ୧୧ ଥର 'ମେଡେ' ସଙ୍କଟକାଳୀନ କଲ୍ କରାଯାଇଛି। ଉପରୋକ୍ତ ତଥ୍ୟରୁ ଭାରତରେ ବିମାନ ସେବା ଯୋଗାଉଥିବା ଏୟାରଲାଇନ୍ସଗୁଡ଼ିକ ଯାତ୍ରୀଙ୍କ ସୁରକ୍ଷା ପ୍ରତି କେତେ ସଚେତନ ତାହା ପରିଲକ୍ଷିତ ହେଉଛି।

ଡିଜିସିଏ ତଥ୍ୟ ଅନୁଯାୟୀ, ୨୦୨୪ ଜାନୁଆରୀ ୧ରୁ ୨୦୨୫ ମେ' ୩୧ ମଧ୍ୟରେ ୧୧ଟି ବିମାନରୁ ସଙ୍କଟକାଳୀନ କଲ୍ ହୋଇଛି। ପାଇଲଟ୍‌ମାନେ ବିଭିନ୍ନ ପ୍ରଯୁକ୍ତିଗତ ତ୍ରୁଟି ଦର୍ଶାଇ ଜରୁରୀ ଅବତରଣ ଚାହିଁଛନ୍ତି। ତେବେ ଉକ୍ତ ତଥ୍ୟରେ ଜୁନ୍ ୧୨ ଅହମଦାବାଦ ବିମାନ ଦୁର୍ଘଟଣା ଏବଂ ଜୁନ୍ ୧୯ରେ ଇଣ୍ଡିଗୋ ବିମାନର ରୁଟ୍ ପରିବର୍ତ୍ତନ ବିଷୟ ଉଲ୍ଲେଖ ନାହିଁ। ସୂଚନା ଅନୁଯାୟୀ, ୧୧ଟି ବିମାନ ମଧ୍ୟରୁ ୪ଟି ବୈଷୟିକ ତ୍ରୁଟି ଦର୍ଶାଇ ମେଡେ କଲ୍ କରିଥିଲେ ଏବଂ ହାଇଦ୍ରାବାଦରେ ଜରୁରୀ ଅବତରଣ କରିଥିଲେ। ବିମାନରେ ନିଆଁ ଲାଗିବା, ଇଞ୍ଜିନ ଅଚଳ ହେବା କିମ୍ବା ବିପଦ ନିଶ୍ଚିତ ଭଳି ପରିସ୍ଥିତି ଉପୁଜିଲେ ଉଡ଼ାଣ ଜାରି ରଖିବା ସୁରକ୍ଷିତ ନୁହେଁ ଦର୍ଶାଇ ତୁରନ୍ତ ଅବତରଣ ପାଇଁ କ୍ରିଉ ସଦସ୍ୟ ମେଡେ କଲ୍ କରିଥାନ୍ତି ବୋଲି ଏୟାରଲାଇନ୍ସ ପାଇଲଟ୍ସ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ଅନିଲ ରାଓ କହିଛନ୍ତି।

ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏଆଇ ୭୮୭୦୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନିକଟରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ପ୍ରକାଶ କରିଥିବା ପ୍ରାରମ୍ଭିକ ରିପୋର୍ଟରେ କହିଛି, ଇଞ୍ଜିନକୁ ଇନ୍ଧନ ବନ୍ଦ ହୋଇଯିବାରୁ ୨ଟି ଯାକ ଇଞ୍ଜିନ୍ ଅଚଳ ହୋଇ ଦୁର୍ଘଟଣା ଘଟିଥିଲା। ଏହି ରିପୋର୍ଟ ଆସିବାର ୨ ଦିନ ପରେ ଡିଜିସିଏ ସମସ୍ତ ବୋଇଂ ୭୮୭ ଏବଂ ୭୩୭ ବିମାନର ଫୁଏଲ୍ ସୁଇଚ୍ ଲକିଂ ସିଷ୍ଟମ୍‌ର ଯାଞ୍ଚ କରାଇବାକୁ ସୋମବାର ଏୟାରଲାଇନ୍ସଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଭାରତୀୟ ଏୟାରଲାଇନ୍ସ ୧୫୦ରୁ ଊର୍ଦ୍ଧ୍ୱ ବୋଇଂ ୭୩୭ ଏବଂ ୭୮୭ ବିମାନ ଚଳାଉଛନ୍ତି। ଏୟାର ଇଣ୍ଡିଆ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଆକାଶ ଏୟାର, ସ୍ପାଇସ୍‌ଜେଟ୍ ଏବଂ ଇଣ୍ଡିଗୋ ପାଖରେ ଏହି ବିମାନ ରହିଛି। ଇଣ୍ଡିଗୋ ପାଖରେ ୭ଟି ବି୭୩୭ ଏବଂ ଗୋଟିଏ ବି୭୮୭-୯ ବିମାନ ରହିଛି। ଏଗୁଡ଼ିକୁ ଉକ୍ତ ଏୟାରଲାଇନ୍ସ ଲିଜ୍‌ରେ ଆଣି ଚଳାଉଥିବାରୁ ଭାରତରେ ପଞ୍ଜୀକୃତ ହୋଇନାହିଁ।

# କଲେଜ ଛାତ୍ରୀଙ୍କୁ ବଳାତ୍କାର

## ୨ ଅଧ୍ୟାପକଙ୍କ ସମେତ ୩ ଗିରଫ

ବେଙ୍ଗାଲୁରୁ,୧୫।୭

ବେଙ୍ଗାଲୁରୁର ଜଣେ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ କଲେଜର ୨ ଅଧ୍ୟାପକ ଓ ସେମାନଙ୍କ ବନ୍ଧୁ ଗିରଫ ହୋଇଛନ୍ତି। ସେମାନେ ଛାତ୍ରୀଙ୍କୁ ଅନେକ ଥର ବଳାତ୍କାର କରିବା ସହ ବ୍ଲାକ୍‌ମେଲ୍ କରୁଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ନରେନ୍ଦ୍ର, ଜୀବବିଜ୍ଞାନ ଅଧ୍ୟାପକ ସନ୍ଦୀପ୍ ଓ ସେମାନଙ୍କ ବନ୍ଧୁ ଅନୁପ ବେଙ୍ଗାଲୁରୁର ଏକ ଘରୋଇ କଲେଜରେ କାର୍ଯ୍ୟ କରୁଥିବାବେଳେ ପୀଡ଼ିତା ଉକ୍ତ କଲେଜର ଛାତ୍ରୀ।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ନରେନ୍ଦ୍ର ଛାତ୍ରୀ ଜଣକୁ ନୋଟ୍ ଦେବା ବାହାନାରେ ତାଙ୍କ ସହ ବନ୍ଧୁତା କରିଥିଲେ ଓ ପରସ୍ପର ମଧ୍ୟରେ ବାର୍ତ୍ତା ବିନିମୟ ହେଉଥିଲା। ସେ ଛାତ୍ରୀଙ୍କୁ ଅନୁପଙ୍କ ଘରକୁ ଡାକି ସେଠାରେ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାକୁ କହିଲେ ପରିଣାମ ଭୟାବହ ହେବ ବୋଲି ନରେନ୍ଦ୍ର ଧମକ ଦେଇଥିଲେ। କିଛିଦିନ ପରେ ସନ୍ଦୀପ୍ ଛାତ୍ରୀଙ୍କ ନିକଟତର ହେବାକୁ ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ବିରୋଧ କରିବାରୁ ସନ୍ଦୀପ୍ ତାଙ୍କୁ ବ୍ଲାକ୍‌ମେଲ୍ କରିଥିଲେ। ନରେନ୍ଦ୍ରଙ୍କ ସହ ଛାତ୍ରୀଙ୍କ ଫଟୋ ଓ ଭିଡିଓଗୁଡ଼ିକ ତାଙ୍କ ପାଖରେ ଥିବା ସନ୍ଦୀପ କହିଥିଲେ। ପରେ ସେ ଛାତ୍ରୀଙ୍କୁ ଅନୁପଙ୍କ ଘରକୁ ନେଇ ବଳାତ୍କାର କରିଥିଲେ। ଅନୁପ ମଧ୍ୟ ସିସିଟିଭି ଫୁଟେଜ୍‌ର ଭୟ ଦେଖାଇ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଆଘାତପ୍ରାପ୍ତ ଛାତ୍ରୀଙ୍କୁ ଭେଟିବା ପାଇଁ ତାଙ୍କ ମା'ବାପା ବେଙ୍ଗାଲୁରୁ ଆସିଥିବାବେଳେ ସେ ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ପକ୍ଷରୁ କର୍ନାଟକ ରାଜ୍ୟ ମହିଳା କମିଶନଙ୍କୁ ଅବଗତ କରାଯିବା ପରେ ଘଟଣା ପଦାକୁ ଆସିଥିଲା। ମହିଳା କମିଶନଙ୍କ ନିର୍ଦ୍ଦେଶ କ୍ରମେ ମରାଠାହଲ୍ଲି ଥାନା ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ସହ ୨ ଅଧ୍ୟାପକ ଓ ଅନୁପଙ୍କୁ ଗିରଫକରି କୋର୍ଟରେ ହାଜର କରାଇଛି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଜୁଲାଇ ୫ରେ ମାମଲା ରୁଜୁହେବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଙ୍ଗାଲୁରୁ ଇଷ୍ଟ ଡିଭିଜନ ଯୁଗ୍ମ ପୋଲିସ କମିଶନର ରମେଶ ବନୋଥ କହିଛନ୍ତି।

# ୭ ବର୍ଷ ବୟସ ପରେ ପିଲାଙ୍କ ଆଧାର ବାୟୋମେଟ୍ରିକ୍ ସଂଶୋଧନ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୧୫।୭

ବର୍ତ୍ତମାନର ନିୟମାବଳୀ ଅନୁଯାୟୀ ପିଲାଙ୍କୁ ୭ ବର୍ଷ ହେଲେ ମା'ବାପା ସେମାନଙ୍କ ଆଧାର ବାୟୋମେଟ୍ରିକ୍‌କୁ ସଂଶୋଧନ କରାଇବା ବାଧ୍ୟତାମୂଳକ ବୋଲି ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ମନେପକାଇ ଦେଇଛନ୍ତି। ଯେକୌଣସି ଆଧାର ସେବା କେନ୍ଦ୍ର କିମ୍ବା ନିର୍ଦ୍ଦିଷ୍ଟ କେନ୍ଦ୍ରରେ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ଅପ୍‌ଡେଟ୍ (ଏମ୍‌ବିୟୁ) କରାଯାଇପାରିବ। ଆଧାର କାର୍ଡ ଭାରତ ସରକାରଙ୍କ ଦ୍ୱାରା ନାଗରିକମାନଙ୍କୁ ଦିଆଯାଉଥିବା ୧୨ ଅଙ୍କ ବିଶିଷ୍ଟ ଅନନ୍ୟ ପରିଚୟ ନମ୍ବର। ଏହା ନାଗରିକଙ୍କ ପରିଚୟ ସମେତ ବିଭିନ୍ନ ଉଦ୍ଦେଶ୍ୟ ଯଥା ସରକାରୀ ଯୋଜନା ଓ ସବ୍‌ସିଡିର ସୁଫଳ ପାଇବା, ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଓ ପାସ୍‌ପୋର୍ଟ ପାଇବା ପାଇଁ ବ୍ୟବହାର କରାଯାଇଥାଏ। ଛୋଟ ପିଲାଙ୍କ ଆଧାର କାର୍ଡ ପାଇଁ ସେମାନଙ୍କ ଜନ୍ମ ପ୍ରମାଣପତ୍ର କିମ୍ବା ସ୍କୁଲ୍ ପ୍ରମାଣପତ୍ର, ମା'ବାପାଙ୍କ ଆଧାର କିମ୍ବା ଅନ୍ୟ ବୈଧ ସରକାରୀ ପରିଚୟ ପ୍ରମାଣ, ପିଲାର ପାସ୍‌ପୋର୍ଟ ସାଇଜ୍ ଫଟୋ ଆବଶ୍ୟକ ହୋଇଥାଏ। ପିଲାକୁ ୫ ବର୍ଷରୁ କମ୍ ହୋଇଥିଲେ ଆଖି ସ୍କାନ୍ କିମ୍ବା ଫିଙ୍ଗରପ୍ରିଣ୍ଟ ଆବଶ୍ୟକ ହୋଇ ନ ଥାଏ। ୫ ବର୍ଷ ହେବା ପରେ ବାୟୋମେଟ୍ରିକ୍ ଅପ୍‌ଡେଟ୍ ଆବଶ୍ୟକ ପଡ଼େ।



ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ମଙ୍ଗଳବାର ଏକ ଟେମ୍ପୋ ଟ୍ରାଭେଲର ଗଭୀର ଖାତରେ ଖସି ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୧୭ ଜଣ ଆହତ ହୋଇଛନ୍ତି।

# ନର୍ସ ନିମିଶାଙ୍କ ଫାଶୀ ସ୍ଥଗିତ

ନୂଆଦିଲ୍ଲୀ/ଥିରୁଭାନନ୍ତପୁରମ୍,୧୫।୭



କେରଳ ନର୍ସ ନିମିଶା ପ୍ରିୟାଙ୍କୁ ଦିନକ ପରେ ଫାଶୀ ଦିଆଯିବାକୁ ଥିବାବେଳେ ୟେମେନ୍ କର୍ତ୍ତୃପକ୍ଷ ଏହାକୁ ସ୍ଥଗିତ ରଖିଛନ୍ତି। ଫଳରେ ମୃତ୍ୟୁଦଣ୍ଡ ବିବାଦ ମଧ୍ୟରେ ଥିବା ନିମିଶାଙ୍କ ପରିବାର ଆଶ୍ୱସ୍ତ ହୋଇଛନ୍ତି। ସରକାର ଓ ଅନ୍ୟ ସଂଗଠନଗୁଡ଼ିକର ମିଳିତ ଉଦ୍ୟମ ପାଇଁ ନିମିଶାଙ୍କ ସ୍ୱାମୀ ସନ୍ତୋଷ ବ୍ୟକ୍ତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଖବର ଶୁଣି ଆମେ ବହୁତ ଖୁସି ଓ ଆଶ୍ୱସ୍ତ। ନିମିଶାଙ୍କୁ ମୃତ୍ୟୁଦଣ୍ଡରୁ ମୁକୁଳାଇ ସୁରକ୍ଷିତ ଫେରାଇଆଣିବା ଦିଗରେ ଏଭଳି ଉଦ୍ୟମ ଜାରି ରହିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ବିଭିନ୍ନ ମହଲରୁ ଦୀର୍ଘଦିନର କୂଟନୈତିକ ଉଦ୍ୟମ ପରେ ମୃତ୍ୟୁଦଣ୍ଡ କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ପାଇଁ ୟେମେନ୍ କର୍ତ୍ତୃପକ୍ଷ ରାଜି ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ଶେଷ ଉଦ୍ୟମ ସ୍ୱରୂପ ସୁନ୍ନୀ ମୁସଲମାନ୍ ଧର୍ମଗୁରୁ କନ୍ଥପୁରମ୍ ଏ.ପି. ଅବୁବକର ମୁସ୍‌ଲିୟାର ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିଥିଲେ। ସେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କ ନିକଟରେ ପହଞ୍ଚିବା ସହ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଧର୍ମୀୟ ନେତାମାନଙ୍କୁ ସହାୟତା ପାଇଁ ନିବେଦନ କରିଥିଲେ।

ସୂଚନାଯୋଗ୍ୟ, ୨୦୧୭ରେ ୟେମେନ୍‌ରେ ନିଜ ବ୍ୟବସାୟିକ ସହଯୋଗୀ ତଲାଲ ଅବଡୋ ମେହଦିଙ୍କୁ ହତ୍ୟା ଅଭିଯୋଗରେ ନିମିଶାଙ୍କୁ ୨୦୨୦ରେ ସ୍ଥାନୀୟ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ।

# କାର୍ଟୁନିଷ୍ଟଙ୍କୁ ସୁରକ୍ଷା ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୭(ପି.ଟି.)

## ପ୍ରଧାନମନ୍ତ୍ରୀ, ଆର୍‌ଏସ୍‌ଏସ୍ ଉପରେ ଆପତ୍ତିଜନକ ବ୍ୟଙ୍ଗଚିତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) କର୍ମୀଙ୍କ ଉପରେ ଅନ୍‌ଲାଇନରେ ଆପତ୍ତିଜନକ ବ୍ୟଙ୍ଗଚିତ୍ର ଶେୟାର କରିଥିବା କାର୍ଟୁନିଷ୍ଟ ହେମନ୍ତ ମାଲବ୍ୟଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ବଳପୂର୍ବକ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେଇଛନ୍ତି। ତେବେ ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ ବଢୁଥିବାରୁ ସର୍ବୋଚ୍ଚ ଅଦାଲତ କ୍ଷୋଭ ପ୍ରକାଶ କରିଛନ୍ତି। ଏଗୁଡ଼ିକର ନିୟନ୍ତ୍ରଣ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମାର ଆବଶ୍ୟକତା ଉପରେ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି। ଲୋକେ ଯେକୌଣସି ବ୍ୟକ୍ତିଙ୍କୁ ଯାହା କିଛି କହିଦେଉଛନ୍ତି ବୋଲି ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ଅରବିନ୍ଦ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ବ୍ୟଙ୍ଗ ଚିତ୍ରକର ମାଲବ୍ୟଙ୍କ ବିରୋଧରେ ମଧ୍ୟପ୍ରଦେଶରେ ଏତଲା ଦାଏର ହୋଇଥିବାରୁ କୌଣସି ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନରୁ ଖଣ୍ଡପୀଠ ତାଙ୍କୁ ସୁରକ୍ଷା ଦେଇଛନ୍ତି। ଯଦି କାର୍ଟୁନିଷ୍ଟ ଏହିଭଳି ଆପତ୍ତିଜନକ ବ୍ୟଙ୍ଗଚିତ୍ର ପୋଷ୍ଟ ବା ଶେୟାର ଜାରି ରଖନ୍ତି, ତେବେ ରାଜ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

# ମାନହାନି ମାମଲାରେ ରାହୁଲଙ୍କୁ ଜାମିନ

ଲକ୍ଷ୍ନୌ,୧୫।୭(ପି.ଟି.)

ଏକ ମାନହାନି ମାମଲାରେ ଲକ୍ଷ୍ନୌ କୋର୍ଟ ମଙ୍ଗଳବାର କଂଗ୍ରେସ ଏମ୍‌ପି ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ୨୦୨୨ରେ ଭାରତ ଯୋଡ଼ୋ ଯାତ୍ରା ବେଳେ ସେନା ଯବାନଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ ରାହୁଲଙ୍କ ବିରୋଧରେ ମାନହାନି ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ରାହୁଲ କୋର୍ଟରେ ହାଜର ହେବା ପରେ ଜାମିନ ମଞ୍ଜୁର କରାଯାଇଥିବା ତାଙ୍କ ଓକିଲ ପ୍ରାନ୍ସୁ ଅଗ୍ରୱାଲ କହିଛନ୍ତି।

# 'ଗଗନୟାନ' ପାଇଁ ଗୁରୁତ୍ୱପୂର୍ଣ୍ଣ ଶୁଭାଂଶୁଙ୍କ ମହାକାଶ ଅଭିଜ୍ଞତା

ନୂଆଦିଲ୍ଲୀ/ୱାଶିଂଟନ୍, ୧୫।୭

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ହାସଲ କରିଥିବା ଅଭିଜ୍ଞତା ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ ଗଗନୟାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମଙ୍ଗଳବାର ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) କହିଛି। ଅହମଦାବାଦସ୍ଥିତ ଇସ୍ରୋର ସ୍ପେସ୍ ଆପ୍ଲିକେଶନ ସେଣ୍ଟରର ଡାଇରେକ୍ଟର ନିଲେଶ ଏମ୍ ଦେଶାଇ କହିଛନ୍ତି, ଆକ୍ସିଓମ୍-୪ ମିଶନ ନିଶ୍ଚିତ ଭାବେ ଶୁଭାଂଶୁଙ୍କ ପାଇଁ ଏକ ଅବିସ୍ମରଣୀୟ ଅଭିଜ୍ଞତା ହୋଇ ରହିବ। ଭାରତର ବହୁ ପ୍ରତୀକ୍ଷିତ ଗଗନୟାନ କାର୍ଯ୍ୟକ୍ରମ ପାଇଁ ତାଙ୍କର ଏହି ଅଭିଜ୍ଞତା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଶୁଭାଂଶୁ ମହାକାଶରେ ବିଭିନ୍ନ ସୁରକ୍ଷା ନିୟମକୁ ଅନୁପାଳନ କରିବା ସହ ସେଠାରେ ସେ ସୂକ୍ଷ୍ମ ଗୁରୁତ୍ୱାକର୍ଷଣର ପ୍ରଭାବ ସହ ଏକାଧିକ ବୈଜ୍ଞାନିକ ପରୀକ୍ଷଣ କରିଛନ୍ତି। ଆଇଏସ୍‌ଏସ୍‌ରେ ଶୁଭାଂଶୁଙ୍କ ଅଭିଜ୍ଞତାକୁ ଇସ୍ରୋ ନିଜର ଗଗନୟାନ କାର୍ଯ୍ୟକ୍ରମରେ ବିନିଯୋଗ କରିବ। ଆକ୍ସିଓମ୍-୪ ମିଶନ ଇସ୍ରୋ ପାଇଁ ଏକ ପ୍ରମୁଖ ଶିକ୍ଷଣୀୟ ସୁଯୋଗ ବୋଲି ସେ କହିଛନ୍ତି। ୨୦୨୭ରେ ଲକ୍ଷ୍ୟ ରଖାଯାଇଥିବା ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ ଗଗନୟାନ ପାଇଁ ପ୍ରସ୍ତୁତ ହେବାକୁ ଏହି ମିଶନ ଇସ୍ରୋକୁ ସାହାଯ୍ୟ କରିବ। ଗଗନୟାନ ମିଶନରେ ମହାକାଶ ଯିବାକୁ ଥିବା ୪ ଭାରତୀୟ ମହାକାଶଚାରୀଙ୍କ ମଧ୍ୟରେ ଶୁଭାଂଶୁ ରହିଛନ୍ତି। ତେଣୁ ମହାକାଶରେ ବିଭିନ୍ନ ଜରୁରିକାଳୀନ ପରିସ୍ଥିତିର କିପରି ମୁକାବିଲା କରାଯିବ, ଆଇଏସ୍‌ଏସ୍‌ରେ ବିଭିନ୍ନ ଉପକରଣଗୁଡ଼ିକୁ କିପରି ବ୍ୟବହାର କରାଯିବ ଆଦି ନେଇ ଶୁଭାଂଶୁଙ୍କ ବିଭିନ୍ନ ଅନୁଭବ ଆଗାମୀ ଗଗନୟାନ ମିଶନରେ ଭାରତକୁ ଲାଭଦାୟକ ହେବ। ଚଳିତବର୍ଷର ଶେଷ ଭାଗରେ ଏକ ମାନବବିହୀନ ଉଡ଼ାଣ ସହ ଇସ୍ରୋର ଗଗନୟାନ ମିଶନର ଶୁଭାରମ୍ଭ ହେବ ବୋଲି ସେ କହିଛନ୍ତି।



ଡ୍ରାଗନ୍ ସ୍ପେସକ୍ରାଫ୍ଟରୁ ଶୁଭାଂଶୁ ବାହାରୁଛନ୍ତି।



ଜଳାବତରଣର ଠିକ୍ ପୂର୍ବରୁ ଡ୍ରାଗନ୍ ସ୍ପେସକ୍ରାଫ୍ଟ ୪ ପାରାଚ୍ୟୁଟ୍ ନିୟୋଜିତ କରିଛି।



ଜଳାବତରଣ ପରେ ସାନୋନ୍ ରିକୋଭରି ଜାହାଜରେ ଡ୍ରାଗନ୍ ସ୍ପେସକ୍ରାଫ୍ଟକୁ ରଖାଯାଇଛି।

# ୭ ଦିନ ରିହାବିଲିଟେଶନରେ ରହିବେ

ମହାକାଶରେ ପ୍ରାୟ ୩ ସପ୍ତାହ ରହିବା ପରେ ଶୁଭାଂଶୁଙ୍କୁ ମିଶାଇ ଆକ୍ସିଓମ୍-୪ ମିଶନର ୪ ମହାକାଶଚାରୀ ମଙ୍ଗଳବାର ପୃଥିବୀରେ ଅବତରଣ କରିଛନ୍ତି। ଅବତରଣ ପରେ ସେମାନଙ୍କର ମେଡିକାଲ ଚେକ୍‌ଅପ୍ କରାଯାଇଛି। ଦୀର୍ଘ ୩ ସପ୍ତାହ ପରେ ଫେରିଥିବାରୁ ପୃଥିବୀର ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ପାଇଁ ଶୁଭାଂଶୁଙ୍କୁ କିଛିଦିନ ସମୟ ଲାଗିବ। ତେଣୁ ଶୁଭାଂଶୁ ଏବଂ ମିଶନର ୩ ଅନ୍ୟ ମହାକାଶଚାରୀ ଏକ ୭ ଦିନିଆ ରିହାବିଲିଟେଶନ୍ ପ୍ରୋଗ୍ରାମରେ ରହିବେ। ପୃଥିବୀର ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ପାଇଁ ଏହି କାର୍ଯ୍ୟକ୍ରମରେ ଜଣେ ଫ୍ଲାଇଟ ସର୍ଜନଙ୍କ ତତ୍ତ୍ୱାବଧାନରେ ଶୁଭାଂଶୁ ଏବଂ ୩ ଅନ୍ୟ ମହାକାଶଚାରୀ ତାଲିମ ନେବେ।

"ସଫଳ ମହାକାଶ ଯାତ୍ରା ପାଇଁ ଶୁଭାଂଶୁଙ୍କୁ ଅଭିନନ୍ଦନ। ତାଙ୍କର ଏହି ଯାତ୍ରା ଦ୍ୱାରା ମହାକାଶ ଅନୁସନ୍ଧାନ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିଛି।

**- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ**

"ଶୁଭାଂଶୁଙ୍କୁ ପୃଥିବୀକୁ ସ୍ୱାଗତ। ଆକ୍ସିଓମ୍-୪ ମିଶନରେ ସେ ଇତିହାସ ରଚିବା ସହ ଭାରତକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ଏହି ଯାତ୍ରା ଅନେକଙ୍କୁ ପ୍ରେରଣା ଯୋଗାଇଛି।

**-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି**

"ଭାରତ ପାଇଁ ଗର୍ବର ମୁହୂର୍ତ୍ତ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ନୂତନ ସୋପାନକୁ ଅତିକ୍ରମ କରିଛି।

**- କେନ୍ଦ୍ର ମହାକାଶ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ**

"ଶୁଭାଂଶୁଙ୍କ ଏହି ସଫଳତା ଭାରତୀୟମାନଙ୍କ ଆକାଂକ୍ଷାକୁ ଏକ ନୂତନ ଉଚ୍ଚତାରେ ପହଞ୍ଚାଇଛି।

**- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ**

"ଭାରତର ଆଗାମୀ ମାନବ ମହାକାଶ ଉଡ଼ାଣ କାର୍ଯ୍ୟକ୍ରମ ଗଗନୟାନ ନିଜ ଟ୍ରାକ୍‌ରେ ରହିଛି। ଏହି ମିଶନ ପାଇଁ ଗଗନଯାତ୍ରୀଙ୍କୁ ତାଲିମ ଦିଗରେ ଇସ୍ରୋ କାର୍ଯ୍ୟ କରୁଛି।

**- ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ**

# ଆଇଏସ୍‌ଏସ୍‌ରେ ଶୁଭାଂଶୁ କ'ଣ କଲେ



**ଆ**କ୍ସିଓମ୍-୪ ମିଶନ ଅଧୀନରେ ୪ କ୍ରିଉ ସଦସ୍ୟ ଆଇଏସ୍‌ଏସ୍‌ରେ ଔଷଧ, କୃଷି, ମହାକାଶ ଅନୁସନ୍ଧାନ ଆଦି ବିଭିନ୍ନ କ୍ଷେତ୍ରରେ ୬୦ରୁ ଅଧିକ ପରୀକ୍ଷଣ କରିଥିଲେ। ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ୭ଟି ପରୀକ୍ଷଣ କରିଥିବା ଇସ୍ରୋ ସୂଚନା ଦେଇଛି। ମହାକାଶରେ ରହିବା ଦ୍ୱାରା ମଣିଷଙ୍କଠାରେ ମାୟୋଜେନେସିସ୍ ନାମରେ ଜଣାଶୁଣା ମାଂସପେଶୀ ଟିସ୍ୟୁ ବିକାଶ କିପରି ପ୍ରଭାବିତ ହୋଇଥାଏ, ସେନେଇ ଶୁଭାଂଶୁ ପରୀକ୍ଷଣ କରିଥିଲେ। ମହାକାଶରେ ମାଂସପେଶୀ ହ୍ରାସକୁ ବୁଝିବା ପାଇଁ ସେ ଏହି ଗବେଷଣା କରିଥିଲେ। ସେହିପରି ଶୁଭାଂଶୁ ନିଜ ସହ ନେଇଯାଇଥିବା ମେଥି ଏବଂ ମୁଗ ବିହନକୁ ଏକ ପେଟ୍ରି ଡିସ୍‌ରେ ଅଙ୍କୁରିତ କରି ଏହାକୁ ଏକ ଷ୍ଟୋରେଜ ଫ୍ରିଜରରେ ଭର୍ତ୍ତି କରିଥିଲେ। ଏହି ଅବଧି ମଧ୍ୟରେ ସେ ସାଇନୋ ବ୍ୟାକ୍ଟେରିଆର ୨ଟି ପ୍ରଜାତି ଏବଂ ସୂକ୍ଷ୍ମ ଶୈବାଳ ଉପରେ ମଧ୍ୟ ପରୀକ୍ଷଣ କରିଥିଲେ। ଶୂନ୍ୟ ଗୁରୁତ୍ୱାକର୍ଷଣରେ କମ୍ପ୍ୟୁଟର ସ୍କ୍ରିନ୍ ବ୍ୟବହାରର ପ୍ରଭାବକୁ ବିଶ୍ଳେଷଣ କରିବା ପାଇଁ ଶୁଭାଂଶୁ ଭୋୟଜର ଡିସ୍‌ପ୍ଲେ ପରୀକ୍ଷଣ କରିଥିଲେ। ଏହି ପରୀକ୍ଷଣ ଇସ୍ରୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ସେ ଆଇଏସ୍‌ଏସ୍‌ରେ ଜଳ ସହ ଏକ ଶୂନ୍ୟ ଗୁରୁତ୍ୱାକର୍ଷଣ ପରୀକ୍ଷଣକୁ ମଧ୍ୟ ପ୍ରଦର୍ଶନ କରିଥିଲେ। ଜଳ ମାଧ୍ୟମରେ ସୂକ୍ଷ୍ମ ଗୁରୁତ୍ୱାକର୍ଷଣ କିପରି ଦୈନନ୍ଦିନ ପଦାର୍ଥ ବିଜ୍ଞାନକୁ ରୂପାନ୍ତରିତ କରୁଛି, ତାହା ଏହି ପରୀକ୍ଷଣ ମାଧ୍ୟମରେ ଶୁଭାଂଶୁ ଦର୍ଶାଇଥିଲେ।

# ଡେବ୍ରିଗଡ଼ରେ ବଳିଆ କୁକୁରଙ୍କ ସଂଖ୍ୟାବୃଦ୍ଧି

ସମ୍ବଲପୁର,୧୫।୭(ପ୍ରମୋଦ ବହିଦାର)

ଡେବ୍ରିଗଡ଼ ଅଭୟାରଣ୍ୟରେ ଦେଖିବାକୁ ମିଳିଛି ବିରଳ ପ୍ରଜାତିର ବଳିଆ କୁକୁର। ଗତ ସୋମବାର ଅଭୟାରଣ୍ୟ ମଧ୍ୟରେ ସ୍ୱଚ୍ଛନ୍ଦରେ ବିଚରଣ କରୁଥିବା ଦୁଇଟି ଅଣ୍ଡିରା ଓ ଗୋଟିଏ ମାଈ ବଳିଆ କୁକୁରଙ୍କୁ ଠାବ କରାଯାଇଛି ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ପ୍ରଜାତିର କୁକୁର ବର୍ତ୍ତମାନ ଲୁପ୍ତପ୍ରାୟ ସ୍ଥିତିରେ ଉପନୀତ ହୋଇଥିବା ବେଳେ ଏମାନଙ୍କ ସଂରକ୍ଷଣ ପାଇଁ ଡେବ୍ରିଗଡ଼ ଅଭୟାରଣ୍ୟ କର୍ତ୍ତୃପକ୍ଷ ବିଶେଷ ଗୁରୁତ୍ୱ ଦେଇଛନ୍ତି। ପ୍ରାୟ ଏକ ଦଶନ୍ଧି ପରେ ଗତ ୨୦୨୩ ମସିହାରେ ଏଠାରେ ଗୋଟିଏ ମାତ୍ର ବଳିଆ କୁକୁର ଠାବ କରାଯାଇଥିଲା। ସାଧାରଣତଃ ବଳିଆ କୁକୁରମାନେ ଦଳବାନ୍ଧି ରହିଥାନ୍ତି। ମାତ୍ର ଅଭୟାରଣ୍ୟର ବିଭିନ୍ନ ପର୍ଯ୍ୟଟନ ଜୋନ୍‌ରେ ମଧ୍ୟ ଦୀର୍ଘ ଦିନ ପର୍ଯ୍ୟନ୍ତ ଗୋଟିଏ ମାତ୍ର ବଳିଆ କୁକୁର ଏକାକୀ ବିଚରଣ କରୁଥିଲା। ହେଲେ ବର୍ତ୍ତମାନ ୩ଟି ଆଗପଛ ହୋଇ ବିଚରଣ କରୁଥିବା ଦେଖିବାକୁ ମିଳିଛି। ତେଣୁ ଏଠାରେ ଏମାନଙ୍କ ସଂଖ୍ୟା ଏହାଠାରୁ ମଧ୍ୟ ଅଧିକ ଥିବା କଥାକୁ ଅସ୍ୱୀକାର କରାଯାଇ ନ ପାରେ ବୋଲି ଡିଏଫ୍‌ଓ ଦାସ କହିଛନ୍ତି। ସେ କହିଛନ୍ତି, ବଳିଆ କୁକୁର ସାଧାରଣତଃ ମାଂସାସୀ। ତେବେ ଡେବ୍ରିଗଡ଼ ଅଭୟାରଣ୍ୟରେ ସେମାନଙ୍କ ଖାଦ୍ୟ ପାଇଁ ବ୍ୟାପକ ସଂଖ୍ୟକ ପଶୁପକ୍ଷୀ ରହିବା ସହିତ ଏଠାକାର ପରିବେଶ ବେଶ ଅନୁକୂଳ। ଏଣୁ ଏଠାରେ ସେମାନଙ୍କ ସଂରକ୍ଷଣ ପାଇଁ ଅଭୟାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ସେମାନଙ୍କୁ ରେବିସ୍, କେନାଇଲ୍ ପାର୍ଭୋ, ଡିଷ୍ଟେମ୍ପର, ପାର୍ଭୋ କାଶ ଆଦି ମାରାତ୍ମକ ରୋଗରୁ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ବୁଲା କୁକୁରଙ୍କ ସଂସର୍ଶରୁ ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଅଭୟାରଣ୍ୟକୁ ବୁଲା କୁକୁରଙ୍କ ପ୍ରବେଶକୁ ରୋକିବା ପାଇଁ ତାରଜାଲି ଫେନ୍ସିଂ ଦ୍ୱାରା ସଂଲଗ୍ନ ଗ୍ରାମଗୁଡ଼ିକର ସୀମାକୁ ଅବରୋଧ କରାଯାଇଛି। ସେହିପରି ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରାଯାଇ ବିଭିନ୍ନ ଗ୍ରାମର ବୁଲା କୁକୁରଙ୍କୁ ୨ମାସ ପର୍ଯ୍ୟନ୍ତ ନିୟମିତ ଭାବେ ବିଭିନ୍ନ ରୋଗ ପ୍ରତିଷେଧକ ଟିକାକରଣ କରାଯାଇଛି ବୋଲି କହିଛନ୍ତି ଡିଏଫ୍‌ଓ ଦାସ।


ଡେବ୍ରିଗଡ଼ ଅଭୟାରଣ୍ୟରେ ଦେଖାଯାଇଥିବା ବଳିଆ କୁକୁର।

■ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ସ୍ୱରୂପ ସୀମାକୁ ଫେନ୍ସିଂ
■ଅଭୟାରଣ୍ୟ ସଂଲଗ୍ନ ଗ୍ରାମର ବୁଲା କୁକୁରଙ୍କୁ ପ୍ରତିଷେଧକ ଟିକାକରଣ

# ସକାଳ ୭ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ଆଜି

ସମ୍ବଲପୁର,୧୫।୭(ବି.ଶଙ୍କର)

**ଗ୍ରୀଡ଼ ସବ୍‌ଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ**

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରକ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ୍) ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ଦେବା ଲକ୍ଷ୍ୟ ନେଇ ରକ୍ଷଣାବେକ୍ଷଣକୁ ଗୁରୁତ୍ୱାରୋପ କରିଆସୁଛି। ବୁଧବାର ୧୬ ତାରିଖ ୧୩୨/୩୩ କେ.ଭି. ସମ୍ବଲପୁର ଗ୍ରୀଡ ସବ୍‌ଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଛି। ଫଳରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସମ୍ବଲପୁର ସହର ଅନ୍ତର୍ଗତ ଚେରୁଆପଡ଼ା, ନନ୍ଦପଡ଼ା, ଖାଉଁଆପଡ଼ା, ବଡ଼ବଜାର, ବାଲିବନ୍ଧ, କୁଣ୍ଡେଇପଡ଼ା, ଦୁର୍ଗାପାଲି, ଫାର୍ମ ରୋଡ, ମୁଦିପଡ଼ା, ଲକ୍ଷ୍ମୀଟକିଜ, ପୋଲିସ ଲାଇନ, ଗୁଜରାଟୀ କଲୋନୀ, କାଇଁଚିର ରୋଡ଼, ସମଲେଶ୍ୱରୀ ମନ୍ଦିର ଅଞ୍ଚଳ, ଖେତ୍ରରାଜପୁର ଏବଂ ଏହାର ଆଖପାଖ ଅଞ୍ଚଳ ପ୍ରଭାବିତ ହେବ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିଛି ବୋଲି ମଙ୍ଗଳବାର ପ୍ରେସ ବିଜ୍ଞପ୍ତିରେ ସୂଚିତ କରିଛି।

# ପୋଲ ରାସ୍ତାରେ ଗର୍ତ୍ତ, ଘୋଘର ବ୍ରିଜରେ ଫାଟ


ଡୁଡୁଙ୍ଗନାଳା ପୋଲ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି।

ବାଲିଶଙ୍କରା,୧୫।୭ (ସତ ସେଠ୍)

ଗାଁରୁ ସହର ପର୍ଯ୍ୟନ୍ତ ସଂଯୋଗ କରିବା ପାଇଁ ସରକାର ପିଚୁ, କଂକ୍ରିଟ ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ନିମ୍ନମାନର କାମ ଯୋଗୁ ନିର୍ମାଣ ହେବାର ଦିନ କେଇଟାରେ ରାସ୍ତାରେ ଖାଲଖମା ସୃଷ୍ଟି ହେଉଛି। ସୁନ୍ଦରଗଡ ଜିଲା ବାଲିଶଙ୍କରା ଡୁଡୁଙ୍ଗନାଳା ପୋଲ ରାସ୍ତାରେ ପିଚୁ କରାଯାଇଥିଲା। ହେଲେ ୨ମାସ ଭିତରେ ପିଚୁ ଉଠିଯାଇଛି। ରାସ୍ତାରୁ ଗେଟି ପଥର ବାହାରି ଖାଲଖମା ହୋଇଛି। ଫଳରେ ଯା'ଆସରେ ସମସ୍ୟା ଦେଖାଦେଇଛି। ଖାଲଖମା ରାସ୍ତାରେ ପଡି ଲୋକେ ଖଣ୍ଡିଆ ଖାବରା ହେଉଛନ୍ତି। ଡୁଡୁଙ୍ଗନାଳା ପୋଲ ରାସ୍ତା ନିକଟରେ କରମଡ଼ିହିଠାରୁ ବାଲିଶଙ୍କରା ତେଲିଯୋର ଦେଇ ଛତିଶଗଡ଼ ରାଜ୍ୟକୁ ୩୦ନଂ. ରାଜ୍ୟ ରାଜପଥ ସଂଯୋଗ କରିଛି । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଯାନବାହନ ଯାତାୟାତ କରିଥାଏ। ଏଣୁ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ଦାବି ହେଉଛି। ଏ ନେଇ ପିଡବ୍ଲ୍ୟୁଡି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅମିତ କୁମାର ଟୁଡୁଙ୍କୁ ଯୋଗାଯୋଗ କରିବାରୁ ବର୍ଷାଦିନ ହୋଇଥିବାରୁ ଏହାର ପ୍ରତିକାର କରି ହେଉନାହିଁ। ବର୍ଷା ଛାଡିଲେ ଏହାର ତୁରନ୍ତ ମରାମତି କାର୍ଯ୍ୟ ହେବ ବୋଲି ପ୍ରକାଶ କରିଥିଲେ। ସେହିପରି ଘୋଘର ବ୍ରିଜର ମଧ୍ୟ ଭାଗରେ ପୋଲ ଫାଟି ଆଁ କରିଛି। ବ୍ଲକର ୧୦ ଟି ପଞ୍ଚାୟତ ବାସୀଏହି ବ୍ରିଜ ଦେଇ ଯିବା ଆସିବା କରିଥାନ୍ତି। ପୋଲର ମଧ୍ୟରେ ଫାଟ ସୃଷ୍ଟି ହେବା ଦ୍ୱାରା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ତୁରନ୍ତ ଏହି ରାସ୍ତାର ପୁନଃ ମରାମତି ପାଇଁ ବାଲିଶଙ୍କରା ବାସୀଙ୍କ ଦାବି କରିଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ସୁନ୍ଦରଗଡ,୧୫।୭(ଜୟ ନାରାୟଣ ମେଣ୍ଡୁଲି)

**ରାସ୍ତା ପ୍ରଶସ୍ତୀକରଣ ଆଳରେ ଗଛ କଟା ବନ୍ଦ କର**

ସୁନ୍ଦରଗଡ଼ରୁ ଗୋପାଳପୁର ଏମସିଏଲ ରାସ୍ତାର ପ୍ରଶସ୍ତି କରଣ କାର୍ଯ୍ୟ ପାଇଁ ଗଛକଟା ବନ୍ଦ ସହ ଚଳିତ ବର୍ଷାରେ କ୍ଷତିଗ୍ରସ୍ତଙ୍କୁ ଶୀଘ୍ର ସହାୟତା ପ୍ରଦାନ ପାଇଁ ମଙ୍ଗଳବାର ବିଜୁ ଜନତା ଦଳ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ବରିଷ୍ଠ ବିଜେଡି ନେତା ଜୟ ନାରାୟଣ ତ୍ରିପାଠୀ ଓ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଜିଲାପାଳ ମନୋଜ ମହାଜନଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ଆଲୋଚନା କରି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ, ଏହି ରାସ୍ତାର ଉଭୟ କଡରେ ଥିବା ବହୁତ ପୁରୁଣା ଏବଂ ବଡ଼ବଡ଼ ଗଛ ସବୁ କାଟି ଦିଆଯାଉଛି। ଗଛ ସବୁ ପାଖରେ ଥିବା ଲୋକଙ୍କ ଚାଷଜମିରେ ପଡୁଛି। ଏଥିରେ ଚାଷୀ କ୍ଷତିଗ୍ରସ୍ତ ହେଉଛି। ଏବେ କୋଇଲା ପରିବହନ ପାଇଁ କୋଲକରିଡର ରାସ୍ତାରେ ସବୁ ଗାଡି ଯାଉଥିବାରୁ ଏହି ନିର୍ମାଣଧୀନ ରାସ୍ତା ଖାଲି ରହୁଛି ଏବଂ ବର୍ତ୍ତମାନ ଏହି ରାସ୍ତା ଯେତିକି ଚଉଡ଼ା ଅଛି ଅନାବଶ୍ୟକ ଭାବେ ଆହୁରି ଚଉଡ଼ା କରିବା ଆଳରେ ପୁରୁଣା ଓ ବଡ଼ବଡ଼ ଗଛ କଟା ନ ଯିବାକୁ ଦାବି କରାଯାଇଛି। ଅନ୍ୟ ପଟେ ଗତ କିଛି ଦିନରୁ ଲାଗି ରହିଥିବା ଲଗାଣ ବର୍ଷାରେ ଅନେକ ଲୋକଙ୍କ ଘର ଭାଙ୍ଗିଯାଇଛି। ସେହି କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରଶାସନ ତରଫରୁ କେବଳ ଗୋଟିଏ ଲେଖାଏଁ ପ୍ଲାଷ୍ଟିକ ତାରପୋଲିନ ଦିଆଯାଇଛି। ଶୀଘ୍ର ସେମାନଙ୍କୁ ସମ୍ପୂର୍ଣ୍ଣ ସରକାରୀ ସହାୟତା ସହିତ ଯେଉଁଠି ଜରୁରୀ ସେଠି କ୍ଷତିଗ୍ରସ୍ତଙ୍କୁ ରନ୍ଧାଖାଦ୍ୟ, ସ୍ୱଚ୍ଛ ପିଇବା ପାଣି ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଛି। ଜିଲାପାଳ ଏହି ଦାବି ଗୁଡ଼ିକ ଉପରେ ଜରୁରୀ ପଦକ୍ଷେପ ନେବାପାଇଁ ଅଧିକ୍ଷଣ ଯନ୍ତ୍ରୀ, ଗୃହ ଓ ରାସ୍ତା ବିଭାଗ ଏବଂ ଜରୁରୀକାଳୀନ ଅଧିକାରୀ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

# ଯୁବ ପ୍ରତିଭାଙ୍କ ପବନ ଶକ୍ତି ମଡେଲ ପ୍ରଦର୍ଶିତ


ବିଶ୍ୱ ଯୁବ ଦକ୍ଷତା ଦିବସ ସମାରୋହରେ ଅତିଥିମାନେ।

ସମ୍ବଲପୁର,୧୫।୭(ବି.ଶଙ୍କର)

**ହିଣ୍ଡାଲକୋ ଦକ୍ଷତା ବିକାଶ କେନ୍ଦ୍ରରେ ବିଶ୍ୱ ଯୁବ ଦକ୍ଷତା ଦିବସ**

ବିଶ୍ୱ ଯୁବ ଦକ୍ଷତା ଦିବସ ସମାରୋହ ସମ୍ବଲପୁର ବରେଇପାଲିସ୍ଥିତ ହିଣ୍ଡାଲକୋ ଦକ୍ଷତା ବିକାଶ କେନ୍ଦ୍ରରେ ମଙ୍ଗଳବାର ପାଳିତ ହୋଇଯାଇଛି। ସମ୍ବଲପୁର ଡେପୁଟି କଲେକ୍ଟର ବିକାଶ ରଞ୍ଜନ ସବର ମୁଖ୍ୟ ଅତିଥି ଏବଂ ହିରାକୁଦ ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଦେ ସମ୍ମାନୀତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡେପୁଟି କଲେକ୍ଟର ସବର ହିଣ୍ଡାଲକୋର ଦକ୍ଷତା ବିକାଶ କେନ୍ଦ୍ରରେ ଯୁବଶକ୍ତିର ଦକ୍ଷତା ବିକାଶ ପାଇଁ କରିଥିବା ପ୍ରାୟସକୁ ସାଧୁବାଦ ଜଣାଇଥିଲେ। ଯୁବ ସମାଜ ଏହାର ସୁଯୋଗ ନେବାକୁ ଆହ୍ୱାନ କରିଥିଲେ। ଆଦିତ୍ୟ ବିର୍ଲା ସ୍କିଲସ ସେଣ୍ଟର ମୁଖ୍ୟ ମନୋରଞ୍ଜନ ମାହାକୁଡ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲ୍ୟାଣ୍ଡ ଏବଂ କର୍ପୋରେଟ ବ୍ୟାପାର ମୁଖ୍ୟ ବିମ୍ବେଶ୍ୱର ପଣ୍ଡା, ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ଆନନ୍ଦ ଚକ୍ରବର୍ତ୍ତୀ, ଆଦିତ୍ୟ ଆଲୁମିନିୟମର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ରବି ନିବାସ ଓ ମନୋରଞ୍ଜନ ବେହେରା ଉପସ୍ଥିତ ଥିଲେ । ଆଦିତ୍ୟ ବିର୍ଲା ସ୍କିଲ୍‌ସେଣ୍ଟର ଯୁବ ପ୍ରତିଭାମାନେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବ୍ୟବହାରିକ ଦକ୍ଷତାକୁ ପ୍ରଦର୍ଶନ କରି ବ୍ୟାଙ୍କିଙ୍ଗର ନେଣଦେଣ ସହ ଅନ୍ୟ ବ୍ୟବସ୍ଥା ଉପରେ ତଥ୍ୟ ଉପସ୍ଥାପନା କରିଥିଲେ। ମିନି ଏସି ଏବଂ ପବନ ଶକ୍ତି ଉତ୍ପାଦନର ଉପରେ ମଡେଲ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟ ଦର୍ଶକ ଓ ଅତିଥିମାନଙ୍କୁ ମନମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମଗୁଡିକ ମଧ୍ୟରେ ଫ୍ୟାଶନ୍ ଶୋ ବିଶେଷ ଆକର୍ଷଣୀୟ ହୋଇଥିଲା।

# ପ୍ରଯୁକ୍ତିବିଦ୍ୟା ଦ୍ୱାରା ଗ୍ରାହକ ସେବା ବୃଦ୍ଧିହେବ

**ସମ୍ବଲପୁର ଡାକ ବିଭାଗରେ ଉନ୍ନତ ପ୍ରଯୁକ୍ତିବିଦ୍ୟା ଶୁଭାରମ୍ଭ**

ସମ୍ବଲପୁର,୧୫।୭(ଭବାନୀ ଶଙ୍କର ଭୋଇ)

ଭାରତୀୟ ଡାକ ବିଭାଗ ଗ୍ରାହକ ମାନଙ୍କୁ ଅଧିକ ସୁବିଧା ଏବଂ ଉତ୍କୃଷ୍ଟ ସେବା ପ୍ରଦାନ କରିବା ପାଇଁ ମଙ୍ଗଳବାର ଉନ୍ନତ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଆରମ୍ଭ ହୋଇଛି। ସମ୍ବଲପୁରର ବିଭିନ୍ନ ଡାକ ଓ ଶାଖା ଡାକ ଘରମାନଙ୍କରେ ଆଇଟି ୨.୦ ଉନ୍ନତ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କାର୍ଯ୍ୟକ୍ରମକୁ ସମ୍ବଲପୁର ଡାକ ନିର୍ଦ୍ଦେଶକ ସୁରେଶ କୁମାର ଠାକରେ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଡାକ ଅଧୀକ୍ଷକ ବସନ୍ତ କୁମାର ସିଂହଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏହାଦ୍ୱାରା ଗୋଟିଏ ପ୍ଲାଟଫର୍ମ ତଳେ ଗ୍ରାହକମାନେ ଏବେ ଅଧିକ ଦୃତ, ସୁରକ୍ଷିତ ଓ ସହଜ ଡାକ ସେବା ପାଇପାରିବେ। ଭାରତୀୟ ଡାକ ବିଭାଗ ଆଧୁନିକ ଏବଂ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ଗ୍ରାହକମାନଙ୍କୁ ସହଜରେ ସେବା ଯୋଗାଇ ଦେବାକୁ ଚେଷ୍ଟା କରୁଥିବା ସମ୍ବଲପୁର ଡାକ ନିର୍ଦ୍ଦେଶକ ଠାକରେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଆୟୋଜନରେ ଡାକ ବିଭାଗର ସମସ୍ତ କର୍ମଚାର ଏବଂ ଅଧିକାରୀମାନେ ସହଯୋଗ କରିଥିଲେ।


ସମ୍ବଲପୁର ଡାକ ଡାକ ନିର୍ଦ୍ଦେଶକ ସୁରେଶ କୁମାର ଠାକରେ ଉନ୍ନତ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରର ଉଦ୍‌ଘାଟନ କରୁଛନ୍ତି।

# ଓଏସ୍‌ଓୟୁ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର,୧୫।୭(ବି.ଶଙ୍କର)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଇକୋ କ୍ୟାସ ଫରେଷ୍ଟ ଶୀର୍ଷକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ବିଶ୍ୱବିଦ୍ୟାଳୟ ପରିସରରେ ସାମୂହିକ ବୃକ୍ଷରୋପଣ କରାଯାଇଥିଲା । ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପାଇଁ ଦୀର୍ଘକାଳୀନ ପରିବେଶଗତ ଏବଂ ଆର୍ଥିକ ଲାଭକୁ ପ୍ରୋତ୍ସାହିତ କରିବା ପାଇଁ ଏହି ବୃକ୍ଷରୋପଣ ଅଭିଯାନ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଏସଓୟୁ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳସଚିବ ଡ. ଚିତ୍ତ ରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡଙ୍ଗୀ, ଇଞ୍ଜିନିୟର ରାକେଶ ଗୋଏଲ ଏବଂ ଅବସରପ୍ରାପ୍ତ ହିଣ୍ଡାଲକୋ ଅଧିକାରୀ ଇଞ୍ଜକଜିନିୟର ସୁଶାନ୍ତ କୁମାର ଗୁରୁ, ରୋଟାରୀ କ୍ଲବର ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ରାୟଗୁରୁ ଏବଂ ସଂଗିତା ଚାନ୍ଦଙ୍କ ସମେତ କର୍ମଚାରୀ ଏବଂ ଅଧ୍ୟାପକମାନେ ଉପସ୍ଥିତ ଥିଲେ । ହିଣ୍ଡାଲକୋ ଦ୍ୱାରା ପ୍ରାୟୋଜିତ ଓଏସଓୟୁ କ୍ୟାମ୍ପସ ଭିତରେ ୧୦୦ଟି ନଡ଼ିଆ ଚାରା ରୋପଣ କରାଯାଇଥିଲା । ଏହି ନୂତନ ଚାରାଗୁଡ଼ିକ କ୍ୟାମ୍ପସର ସବୁଜ ଆବରଣ ଏବଂ ଭବିଷ୍ୟତର ଫଳ ଉତ୍ପାଦନକାରୀ ସମ୍ପଦରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ । ଏହା ପୂର୍ବରୁ ୧୦୦ଟି ଆମ୍ବ ଗଛ ଏବଂ ୫୦ଟି ଗୁଆ ଚାରା ରୋପଣ କରାଯାଇଥିଲା । ଏହି ଗତିକୁ ଆଧାର କରି, ଓଏସଓୟୁ ଇକୋ କ୍ୟାସ ଫରେଷ୍ଟ ଧାରଣା ଅଧିନରେ ଅଧିକ ଆମ୍ବ ଏବଂ ନଡ଼ିଆ ଗଛ ସହିତ ଆହୁରି ସମ୍ପ୍ରସାରଣ ସହିତ ହରଡା, ବାହାଡା, ଅଳାଁ, କାକଫୁଟ, ଜାମୁନ ଗଛ ଲଗାଇବାକୁ ଯୋଜନା କରୁଛି ବୋଲି କୁଳପତି ପ୍ରଫେସର ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ।


ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ଅତିଥି, କର୍ମଚାରୀ, ଅଧ୍ୟାପକମାନେ।

# ବରେଇପାଲି ଯୁବସଙ୍ଗଠନ ପକ୍ଷରୁ ବୃକ୍ଷରୋପଣ

ସମ୍ବଲପୁର,୧୫।୭(ବି.ଶଙ୍କର)

ବରେଇପାଲି ଯୁବସଙ୍ଗଠନ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ୱାର୍ଡ ନମ୍ବର ୨୦ ଡେଙ୍ଗସର୍ଗୀ ଗ୍ରାମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିକାଶ ଖାତି ଓ ହୀରା ସିଂଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଅଞ୍ଚଳର ଅନେକ ଯୁବକମାନେ ଏକତ୍ରିତ ହୋଇ ଚାରା ରୋପଣ କରିଥିଲେ। ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ ସଙ୍ଗଠନ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ ବରେଇପାଲି ଆଖପାଖ ଅଞ୍ଚଳରେ ୫୦୦ଡ୍‌ଟି ବୃକ୍ଷ ଚାରା ରୋପଣ କରିବା ସହିତ ତାର ରକ୍ଷଣାବେକ୍ଷଣ ମଧ୍ୟ କରିବାକୁ ସଙ୍ଗଠନ ଶପଥ କରିଛି । କାର୍ଯ୍ୟକ୍ରମ ପରିଚାଳନାରେ ଉତ୍ତମ ବାଗ, ମଞ୍ଜୁ ଓରାମ, ସୁରଜ ଓରାମ, ମୁକେଶ ସାହୁ, ମନଦୀପ ସାହୁ, ଆନନ୍ଦ ଖାତି, ଶ୍ୟାମ ଓରାମ, କାହ୍ନା ସ୍ୱାଇଁ, ସୁରଜ ହରିପାଳ, ସିଦ୍ଧେଶ୍ୱର ସୁନା, ରୋଶନ ସିଂ, ସଦାନନ୍ଦ ସାହୁଙ୍କ ସମେତ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ପ୍ରକୃତିପ୍ରେମୀ ଉପସ୍ଥିତ ରହି ସହଯୋଗ କରିଥିଲେ ।


ଡେଙ୍ଗସର୍ଗୀଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ପରିବେଶ ପ୍ରେମୀ ଓ ଅତିଥିମାନେ ।

# ଜିଲାସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ

**ସମ୍ବଲପୁର, ୧୫।୭(ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ଜିଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ତରଫରୁ ମଙ୍ଗଳବାର ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି । ସମ୍ବଲପୁର ନିଯୋଜନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ସତୀଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ବଲପୁରର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ, ଓରମାସ ଯୁଗ୍ମ ସିଇଓ ଶ୍ରୀମନ୍ତ ହୋତା, ଜିଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସମ୍ମାନୀତ ଅତିଥିଭାବେ ଆମନ୍ତ୍ରିତ ହୋଇଥିଲେ । ଜିଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ, ସମ୍ବଲପୁରର ଉପ ନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସଭାରେ ବିଶ୍ୱ ଯୁବ ଦକ୍ଷତା ଦିବସର ମହତ୍ତ୍ୱ ଏବଂ ରାଷ୍ଟ୍ରଗଠନ କ୍ଷେତ୍ରରେ ଯୁବସମାଜର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ କୁଇଜ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତୀଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କନିଷ୍ଠ ନିଯୋଜନ ଅଧିକାରୀ ଲମ୍ବୋଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 08/2025-26**

**No. 2501 / Date : 10.07.2025**

**No.B-296** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.23.07.2025 at 05.00 P.M. to dt.06.08.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.07.08.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR

OIPR-34006/11/0040/2526

**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR-751001 (UNIT-IV, SACHIVALAYA MARG, BHUBANESWAR)**

E-mail ID : cerwbuilding_bbsr@yahoo.com

File No.Bld.215/2024 22232 Date : 10.07.2025

**Bid Identification No.-01-Bld.-2025-26**

**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**

**No.O-420** : Chief Engineer, Buildings & Bridges, O/o the EIC, Rural Works, Odisha, Bhubaneswar invites technical and financial proposals from reputed Architectural and Planning consulting firms for **"Engagement of Consultant for Preparation of Plan, DPR (CIVIL+EI+PH), BOQ, bid Documents & Construction Monitoring for Construction of Block Level Stadiums (componets like Football / Cricket Field, Clay Athletic Track with throw and jump area, Volleyball / Kho Kho / Kabaddi Court, Indoor Hall (Badminton, Table Tennis etc.), Common facility centre etc.) in different Districts of Odisha (Eastern Zone, Southern Zone, Western Zone & Northern Zone)."** Details are as follows :

| | | |
|---|---|---|
| 1. | Bid documents such as RFP etc. can be seen/downloaded during the period | 16.07.2025 to 30.07.2025 upto 05:30 P.M. |
| 2. | Deadline for Submission of Pre-Bid Queries to **cerwbuilding_bbsr@yahoo.com** | Upto 05:30 P.M. on 24.07.2025 |
| 3. | Online bids shall be received till | Upto 05:30 P.M. on 30.07.2025 |
| 4. | Date of opening of technical bids | At 11:30 A.M. on 31.07.2025 |
| 5. | Date of opening of financial Bid | To be intimated later |
| 6. | Bid Processing Fee (Non-Refundable) | Rs.10000/- (Rupees Ten Thousand) only |

Chief Engineer, Buildings & Bridges has the right to accept or reject the Notice/RFP without assigning any reasons thereof.

Sd./- Chief Engineer, Buildings & Bridges
Rural Works, Odisha, Bhubaneswar

OIPR-25191/11/0007/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, CUTTACK**

E-Mail I.D.- rw_cuttack@yahoo.co.in, Ph.No.0671-2440662

**1st Corrigendum to Tender Call Notice No. Tender-Online-RWD Ctc-02/2025-26, dt.02.07.2025**

No.O-428: Due to unavoidable circumstances the dates are changing as follow:-

| Procurement Officer | Bid Identification No. | Availability of tender On-line for bidding | | | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| | | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to |
| Superintending Engineer, Rural Works Division, Cuttack | RWD Ctc-02/2025-26 | 11.07.2025 At 11.00 AM | 21.07.2025 At 11.00 AM | 22.07.2025 upto 5.00 PM | 02.08.2025 upto 5.00 AM | 21.07.2025 upto 5.00 AM | 01.08.2025 upto 5.00 AM | 23.07.2025 upto 11.00 AM | 04.08.2025 upto 11.00 AM | Will be intimated later | Will be intimated later |

All other terms & conditions remain unchanged.

OIPR-25053/11/0034/2526

Sd./- Superintending Engineer, Rural Works Division, Cuttack

# ସିପିଆଇଏମ୍‌ର ବିକ୍ଷୋଭ ପ୍ରଦର୍ଶନ

## ଏଫଏମ୍ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣା

ରାଉରକେଲା,୧୫।୭(ଦିନେଶ ମିଶ୍ର)

ବାଲେଶ୍ୱର ଏଫ୍‌ଏମ୍ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଆତ୍ମହତ୍ୟା ନୁହଁ ଏହା ଏକ ବ୍ୟବସ୍ଥାକୃତ ହତ୍ୟା ବୋଲି ସିପିଆଇଏମ୍ ପକ୍ଷରୁ ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ସାରନଗରୀଠାରେ ମଙ୍ଗଳବାର ରଘୁନାଥପାଲ୍ଲୀ ଆଞ୍ଚଳିକ କମିଟି ଓ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ସମ୍ପାଦକ ହୃଦୟାନନ୍ଦ ଯାଦବ ଅଧ୍ୟକ୍ଷତା କରିଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ କିଭଳି ଉଚିତ ନ୍ୟାୟ ମିଳିପାରିବ ସେ ନେଇ କର୍ମୀମାନେ ଦାବି କରିବା ସହ ଆସନ୍ତା ୧୭ ତାରିଖ ଓଡିଶା ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଜଣେ ଛାତ୍ରୀଙ୍କ ସହ ହୋଇଥିବା ଘୃଣ୍ୟ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଦାୟୀ। ଏଥିପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀ, ବାଲେଶ୍ୱର ଏମ୍‌ପିଙ୍କ ସହ ବାଲେଶ୍ୱର ବିଧାୟକ ତାଙ୍କ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଏହି ଘଟଣା ସମଗ୍ର ରାଜ୍ୟକୁ ସ୍ତମ୍ଭୀଭୂତ କରିଛି। ଉକ୍ତ ଘଟଣାରେ ବାଲେଶ୍ୱର ଏମ୍‌ପି, ଜିଲ୍ଲାପାଳ, ବିଧାୟକ ଓ ଏସ୍‌ପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସିପିଆଇଏମ୍‌ର ନେତାମାନେ ଦାବି କରିଥିଲେ। ଏଥିସହ ସୌମ୍ୟାଶ୍ରୀ ବିଶିଙ୍କ ସ୍ମୃତିରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସାରନଗରୀ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି ବିକ୍ଷୋଭରେ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ଅରୁ ଦାସ, ବିନୟ ବେହୁରିଆ, ସୁବାସ ବର୍ଦ୍ଧନ, ବି. ବି. ଗିରି, କେଶବ ସାହୁ, ରତ୍ନାକର ଲେଙ୍କା, ଅଜୟ ଶର୍ମା, ଶକୁନ୍ତଳା ମହାକୁଡ, ମଞ୍ଜୁ ଓରାମ, ପାରଦନ ଟୋପ୍ପୋ, ସାବିତ୍ରୀ ଭୂମିଜ ପ୍ରମୁଖ ଉପସ୍ଥିତ ଥିଲେ।



ସିପିଆଇଏମ୍ କର୍ମୀମାନେ ସାରନଗରୀଠାରେ ବିକ୍ଷୋଭ କରୁଛନ୍ତି।

# ପୋଲ ରାସ୍ତାରେ ଗର୍ତ୍ତ, ଘୋଘର ବ୍ରିଜ୍‌ରେ ଫାଟ


ରାସ୍ତାରେ ଖାଲଖମା।

ବାଲିଶଙ୍କରା,୧୫।୭ (ସତ ସେଠ)

ଗାଁରୁ ସହର ପର୍ଯ୍ୟନ୍ତ ସଂଯୋଗ କରିବା ପାଇଁ ସରକାର ପିଚୁ, କଂକ୍ରିଟ ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ନିମ୍ନମାନର କାମ ଯୋଗୁ ନିର୍ମାଣ ହେବାର ଦିନ କେଇଟାରେ ରାସ୍ତାରେ ଖାଲଖମା ସୃଷ୍ଟି ହେଉଛି। ସୁନ୍ଦରଗଡ ଜିଲା ବାଲିଶଙ୍କରା ଡୁଡୁଙ୍ଗନାଳା ପୋଲ ରାସ୍ତାରେ ପିଚୁ କରାଯାଇଥିଲା। ହେଲେ ୨ମାସ ଭିତରେ ପିଚୁ ଉଠିଯାଇଛି। ରାସ୍ତାରୁ ଗେଟି ପଥର ବାହାରି ଖାଲଖମା ହୋଇଛି। ଫଳରେ ଯା'ଆସରେ ସମସ୍ୟା ଦେଖାଦେଇଛି। ଖାଲଖମା ରାସ୍ତାରେ ପଡି ଲୋକେ ଖଣ୍ଡିଆ ଖାବରା ହେଉଛନ୍ତି। ଡୁଡୁଙ୍ଗନାଳା ପୋଲ ରାସ୍ତା ନିକଟରେ କରମଡ଼ିହିଠାରୁ ବାଲିଶଙ୍କରା ତେଲିଯୋର ଦେଇ ଛତିଶଗଡ଼ ରାଜ୍ୟକୁ ୩୦ନଂ. ରାଜ୍ୟ ରାଜପଥ ସଂଯୋଗ କରିଛି । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଯାନବାହନ ଯାତାୟାତ କରିଥାଏ। ଏଣୁ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ଦାବି ହେଉଛି। ଏ ନେଇ ପିଡବ୍ଲ୍ୟୁଡି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅମିତ କୁମାର ଟୁଡୁଙ୍କୁ ଯୋଗାଯୋଗ କରିବାରୁ ବର୍ଷାଦିନ ହୋଇଥିବାରୁ ଏହାର ପ୍ରତିକାର କରି ହେଉନାହିଁ। ବର୍ଷା ଛାଡିଲେ ଏହାର ତୁରନ୍ତ ମରାମତି କାର୍ଯ୍ୟ ହେବ ବୋଲି ପ୍ରକାଶ କରିଥିଲେ। ସେହିପରି ଘୋଘର ବ୍ରିଜର ମଧ୍ୟ ଭାଗରେ ପୋଲ ଫାଟି ଆଁ କରିଛି। ବ୍ଲକର ୧୦ ଟି ପଞ୍ଚାୟତ ବାସୀ ଏହି ବ୍ରିଜ ଦେଇ ଯିବା ଆସିବା କରିଥାନ୍ତି। ପୋଲର ମଧ୍ୟରେ ଫାଟ ସୃଷ୍ଟି ହେବା ଦ୍ୱାରା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ତୁରନ୍ତ ଏହି ରାସ୍ତାର ପୁନଃ ମରାମତି ପାଇଁ ବାଲିଶଙ୍କରା ବାସୀଙ୍କ ଦାବି କରିଛନ୍ତି।

# ରାସ୍ତା ପ୍ରଶସ୍ତୀକରଣ ଆଳରେ ଗଛ କଟା ବନ୍ଦ କର

## ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ସୁନ୍ଦରଗଡ,୧୫।୭(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ରୁ ଗୋପାଳପୁର ଏମସିଏଲ ରାସ୍ତାର ପ୍ରଶସ୍ତି କରଣ କାର୍ଯ୍ୟ ପାଇଁ ଗଛକଟା ବନ୍ଦ ସହ ଚଳିତ ବର୍ଷାରେ କ୍ଷତିଗ୍ରସ୍ତଙ୍କୁ ଶୀଘ୍ର ସହାୟତା ପ୍ରଦାନ ପାଇଁ ମଙ୍ଗଳବାର ବିଜୁ ଜନତା ଦଳ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ବରିଷ୍ଠ ବିଜେଡି ନେତା ଜୟ ନାରାୟଣ ତ୍ରିପାଠୀ ଓ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଜିଲାପାଳ ମନୋଜ ମହାଜନଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ଆଲୋଚନା କରି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ, ଏହି ରାସ୍ତାର ଉଭୟ କଡରେ ଥିବା ବହୁତ ପୁରୁଣା ଏବଂ ବଡ଼ବଡ଼ ଗଛ ସବୁ କାଟି ଦିଆଯାଉଛି। ଗଛ ସବୁ ପାଖରେ ଥିବା ଲୋକଙ୍କ ଚାଷଜମିରେ ପଡୁଛି। ଏଥିରେ ଚାଷୀ କ୍ଷତିଗ୍ରସ୍ତ ହେଉଛି। ଏବେ କୋଇଲା ପରିବହନ ପାଇଁ କୋଲକରିଡର ରାସ୍ତାରେ ସବୁ ଗାଡି ଯାଉଥିବାରୁ ଏହି ନିର୍ମାଣଧୀନ ରାସ୍ତା ଖାଲି ରହୁଛି ଏବଂ ବର୍ତ୍ତମାନ ଏହି ରାସ୍ତା ଯେତିକି ଚଉଡ଼ା ଅଛି ଅନାବଶ୍ୟକ ଭାବେ ଆହୁରି ଚଉଡ଼ା କରିବା ଆଳରେ ପୁରୁଣା ଓ ବଡ଼ବଡ଼ ଗଛ କଟା ନ ଯିବାକୁ ଦାବି କରାଯାଇଛି। ଅନ୍ୟ ପଟେ ଗତ କିଛି ଦିନରୁ ଲାଗି ରହିଥିବା ଲଗାଣ ବର୍ଷାରେ ଅନେକ ଲୋକଙ୍କ ଘର ଭାଙ୍ଗିଯାଇଛି। ସେହି କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରଶାସନ ତରଫରୁ କେବଳ ଗୋଟିଏ ଲେଖାଏଁ ପ୍ଲାଷ୍ଟିକ ତାରପୋଲିନ ଦିଆଯାଇଛି। ଶୀଘ୍ର ସେମାନଙ୍କୁ ସମ୍ପୂର୍ଣ୍ଣ ସରକାରୀ ସହାୟତା ସହିତ ଯେଉଁଠି ଜରୁରୀ ସେଠି କ୍ଷତିଗ୍ରସ୍ତଙ୍କୁ ରନ୍ଧାଖାଦ୍ୟ, ସ୍ୱଚ୍ଛ ପିଇବା ପାଣି ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଛି। ଜିଲାପାଳ ଏହି ଦାବି ଗୁଡ଼ିକ ଉପରେ ଜରୁରୀ ପଦକ୍ଷେପ ନେବାପାଇଁ ଅଧିକ୍ଷଣ ଯନ୍ତ୍ରୀ, ଗୃହ ଓ ରାସ୍ତା ବିଭାଗ ଏବଂ ଜରୁରୀକାଳୀନ ଅଧିକାରୀ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।


ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣା ପ୍ରତିବାଦରେ ମଙ୍ଗଳବାର ସୁନ୍ଦରଗଡ ବିଜୁ ଯୁବ ଛାତ୍ର ଓ ମହିଳା ସଙ୍ଗଠନ ପକ୍ଷରୁ ସରକାରୀ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । **(ଫଟୋ: ଜୟ ନାରାୟଣ ମେଣ୍ଟୁଲି)**

# ଜିଲାସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ

ସମ୍ବଲପୁର, ୧୫।୭(ଭବାନୀ ଶଙ୍କର ଭୋଇ): ସମ୍ବଲପୁର ଜିଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ତରଫରୁ ମଙ୍ଗଳବାର ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି । ସମ୍ବଲପୁର ନିୟୋଜନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ସତୀଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁରର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ, ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସମ୍ମାନୀତ ଅତିଥି ଭାବେ ଆମନ୍ତ୍ରିତ ହୋଇଥିଲେ। ଜିଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ, ସମ୍ବଲପୁରର ଉପ ନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୌନ ନିର୍ଯାତନା ନିରାକରଣ ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ,୧୫।୭(ଜୟ ନାରାୟଣ ମେଣ୍ଟୁଲି)

ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ଓ ସରକାରୀ ମହାବିଦ୍ୟାଳୟରେ ଯୌନ ନିର୍ଯାତନା ନିରାକରଣ ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଭିଯୋଗ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରେ ମହିଳା ଓ ପୁରୁଷଙ୍କ କାର୍ଯ୍ୟ କ୍ଷେତ୍ରରେ ତଥା ଛାତ୍ରୀ ମାନଙ୍କ ପ୍ରତି ଯୌନ ନିର୍ଯ୍ୟାତନାକୁ ରୋକିବା ନିମନ୍ତେ ରହିଥିବା ସରକାରୀ ଆଇନ ଓ ନିୟମ ସହିତ ମହାବିଦ୍ୟାଳୟରେ ଏକ ନିରାପଦ ଓ ସମ୍ମାନ ଜନକ ପରିବେଶ ସୃଷ୍ଟି ଉପରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷତା ଡକ୍ଟର ଇନ୍ଦିରା ଗଡନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ମଧୁସ୍ମିତା ମହାପାତ୍ର, ଜୟ ନାରାୟଣ ତ୍ରିପାଠୀ ବକ୍ତାଭାବେ ଯୋଗ ଦେଇଥିଲେ। ଅନ୍ତର୍ନିହିତ ଅଭିଯୋଗ କମିଟିର ସଂଯୋଜକ ଡକ୍ଟର ଭାନୁପ୍ରିୟା, ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡକ୍ଟର ସଞ୍ଜିତା ଅଭିଜୀତା, ସଞ୍ଜୟ କୁମାର ବେହେରା ପରିଚାଳନା କରିଥିଲେ। ସେହିପରି ସରକାରୀ ମହାବିଦ୍ୟାଳୟଠାରେ ଅଧ୍ୟକ୍ଷ ଡକ୍ଟର କୁଳମଣି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ, ମୁଖ୍ୟ ଅତିଥି ଓ ଜିଲା ମହିଳା ନିର୍ଯାତନା ନିରାକରଣ ସେଲର ଅଧ୍ୟକ୍ଷ ସସିମା ବେଗମ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସହକାରୀ ପ୍ରଫେସର ସେବତୀ ପ୍ରଧାନ ମହାବିଦ୍ୟାଳୟକୁ ରାଗିଂ ମୁକ୍ତ କରିବା ଓ ଯୌନ ଉତ୍ପୀଡନକୁ ରୋକିବା ପାଇଁ ରହିଥିବା ଆଇନ ଉପରେ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ଆଞ୍ଜେଲିନା କିଣ୍ଡୋ ଧନ୍ୟବାଦ ଦେଇଥିଲେ। ସହକାରୀ ପ୍ରଫେସର ଅନୀତା କୁମାରୀ ପରଜା, ଡକ୍ଟର ବିନୋଦ ମଲ୍ଲିକ, ବରିଷ୍ଠ ପ୍ରଧାପକ ଆଲୋକ ନାଏକ, ସେକସନ ଅଫିସର ପ୍ରଦୀପ ବହିଦାରଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ କର୍ମଚାରୀ, ଛାତ୍ରୀ ଛାତ୍ର ମାନେ ଉପସ୍ଥିତ ହୋଇଥିଲେ।

# ଓଏସ୍‌ଓୟୁ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର,୧୫।୭(ବି.ଶଙ୍କର)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଇକୋ କ୍ୟାସ ଫରେଷ୍ଟ ଶୀର୍ଷକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ବିଶ୍ୱବିଦ୍ୟାଳୟ ପରିସରରେ ସାମୂହିକ ବୃକ୍ଷରୋପଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପାଇଁ ଦୀର୍ଘକାଳୀନ ପରିବେଶଗତ ଏବଂ ଆର୍ଥିକ ଲାଭକୁ ପ୍ରୋତ୍ସାହିତ କରିବା ପାଇଁ ଏହି ବୃକ୍ଷରୋପଣ ଅଭିଯାନ ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଏସଓୟୁ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳସଚିବ ଡ. ଚିତ୍ତ ରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡଙ୍ଗୀ, ଇଞ୍ଜିନିୟର ରାକେଶ ଗୋଏଲ ଏବଂ ଅବସରପ୍ରାପ୍ତ ହିଣ୍ଡାଲକୋ ଅଧିକାରୀ ଇଞ୍ଜିନିୟର ସୁଶାନ୍ତ କୁମାର ଗୁରୁ, ରୋଟାରୀ କ୍ଲବର ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ରାୟଗୁରୁ ଏବଂ ସଂଗିତା ଚାନ୍ଦଙ୍କ ସମେତ କର୍ମଚାରୀ ଏବଂ ଅଧ୍ୟାପକମାନେ ଉପସ୍ଥିତ ଥିଲେ । ହିଣ୍ଡାଲକୋ ଦ୍ୱାରା ପ୍ରାୟୋଜିତ ଓଏସଓୟୁ କ୍ୟାମ୍ପସ ଭିତରେ ୧୦୦ଟି ନଡ଼ିଆ ଚାରା ରୋପଣ କରାଯାଇଥିଲା । ଏହି ନୂତନ ଚାରାଗୁଡ଼ିକ କ୍ୟାମ୍ପସର ସବୁଜ ଆବରଣ ଏବଂ ଭବିଷ୍ୟତର ଫଳ ଉତ୍ପାଦନକାରୀ ସମ୍ପଦରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ । ଏହା ପୂର୍ବରୁ ୧୦୦ଟି ଆମ୍ବ ଗଛ ଏବଂ ୫୦ଟି ଗୁଆ ଚାରା ରୋପଣ କରାଯାଇଥିଲା । ଏହି ଗତିକୁ ଆଧାର କରି, ଓଏସଓୟୁ ଇକୋ କ୍ୟାସ ଫରେଷ୍ଟ ଧାରଣା ଅଧିନରେ ଅଧିକ ଆମ୍ବ ଏବଂ ନଡ଼ିଆ ଗଛ ସହିତ ଆହୁରି ସମ୍ପ୍ରସାରଣ ସହିତ ହରଡା, ବାହାଡା, ଅଳାଁ, କାକଫୁଟ, ଜାମୁନ ଗଛ ଲଗାଇବାକୁ ଯୋଜନା କରୁଛି ବୋଲି କୁଳପତି ପ୍ରଫେସର ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ।


ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ଅତିଥି, କର୍ମଚାରୀ, ଅଧ୍ୟାପକମାନେ।

# ବରେଇପାଲି ଯୁବସଙ୍ଗଠନ ପକ୍ଷରୁ ଚାରାରୋପଣ

ସମ୍ବଲପୁର,୧୫।୭(ବି.ଶଙ୍କର)

ବରେଇପାଲି ଯୁବସଙ୍ଗଠନ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୨୦ ଡେଙ୍ଗସର୍ଗୀ ଗ୍ରାମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିକାଶ ଖାତି ଓ ହୀରା ସିଂଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଅଞ୍ଚଳର ଅନେକ ଯୁବକମାନେ ଏକତ୍ରିତ ହୋଇ ଚାରା ରୋପଣ କରିଥିଲେ। ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ ସଙ୍ଗଠନ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ ବରେଇପାଲି ଆଖପାଖ ଅଞ୍ଚଳରେ ୫୦୦ଝ୍ଟି ବୃକ୍ଷ ଚାରା ରୋପଣ କରିବା ସହିତ ତାର ରକ୍ଷଣାବେକ୍ଷଣ ମଧ୍ୟ କରିବାକୁ ସଙ୍ଗଠନ ଶପଥ କରିଛି । କାର୍ଯ୍ୟକ୍ରମ ପରିଚାଳନାରେ ଉତ୍ତମ ବାଗ, ମଞ୍ଜୁ ଓରାମ, ସୁରଜ ଓରାମ, ମୁକେଶ ସାହୁ, ମନଦୀପ ସାହୁ, ଆନନ୍ଦ ଖାତି, ଶ୍ୟାମ ଓରାମ, କାହ୍ନା ସ୍ୱାଇଁ, ସୁରଜ ହରିପାଳ, ସିଦ୍ଧେଶ୍ୱର ସୁନା, ରୋଶନ ସିଂ, ସଦାନନ୍ଦ ସାହୁଙ୍କ ସମେତ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ପ୍ରକୃତିପ୍ରେମୀ ଉପସ୍ଥିତ ରହି ସହଯୋଗ କରିଥିଲେ ।


ଡେଙ୍ଗସର୍ଗୀଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ପରିବେଶ ପ୍ରେମୀ ଓ ଅତିଥିମାନେ।

# ବର୍ଷାରେ ଭାଙ୍ଗିଲା ଘର କାନ୍ଥ

କୁତ୍ରା,୧୫।୭(ଦେବାଶିଷ ସାହୁ)

ଲଗାଣ ବର୍ଷା ଯୋଗୁ କୁତ୍ରା ବ୍ଲକ ଅନ୍ତର୍ଗତ ଗଡପୋଷ ଛକରେ ଥିବା ଛବିଲ ଏକ୍କା ଓ ବସନ୍ତ କୁଜୁରଙ୍କ ଘର କାନ୍ଥ ଧସି ପଡିଛି। ସେମାନେ ସରକାରୀ ସହାୟତା ଦାବି କରିଛନ୍ତି। କୁତ୍ରା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମଧ୍ୟ ଏଭଳି ଘର ତଥା ଘର କାନ୍ଥ ଭାଙ୍ଗିଥିବା ଦେଖିବାକୁ ମିଳିଛି। ଆଗକୁ ବର୍ଷା ଲାଗି ରହିଲେ ଘର ଗୁଡିକର ଅବସ୍ଥା ଆହୁରି ଖରାପ ହେବ ବୋଲି ଲୋକେ ମତବ୍ୟକ୍ତ କରିଛନ୍ତି।




**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 08/2025-26**

**No. 2501 / Date : 10.07.2025**

**No.B-296** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.23.07.2025 at 05.00 P.M. to dt.06.08.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.07.08.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR

OIPR-34006/11/0040/2526

**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR-751001 (UNIT-IV, SACHIVALAYA MARG, BHUBANESWAR)**

E-mail ID : cerwbuilding_bbsr@yahoo.com

File No.Bld.215/2024 22232 Date : 10.07.2025

**Bid Identification No.-01-Bld.-2025-26**

**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**

**No.O-420** : Chief Engineer, Buildings & Bridges, O/o the EIC, Rural Works, Odisha, Bhubaneswar invites technical and financial proposals from reputed Architectural and Planning consulting firms for **"Engagement of Consultant for Preparation of Plan, DPR (CIVIL+EI+PH), BOQ, bid Documents & Construction Monitoring for Construction of Block Level Stadiums (componets like Football / Cricket Field, Clay Athletic Track with throw and jump area, Volleyball / Kho Kho / Kabaddi Court, Indoor Hall (Badminton, Table Tennis etc.), Common facility centre etc.) in different Districts of Odisha (Eastern Zone, Southern Zone, Western Zone & Northern Zone)."** Details are as follows :

| | | |
|---|---|---|
| 1. | Bid documents such as RFP etc. can be seen/downloaded during the period | 16.07.2025 to 30.07.2025 upto 05:30 P.M. |
| 2. | Deadline for Submission of Pre-Bid Queries to **cerwbuilding_bbsr@yahoo.com** | Upto 05:30 P.M. on 24.07.2025 |
| 3. | Online bids shall be received till | Upto 05:30 P.M. on 30.07.2025 |
| 4. | Date of opening of technical bids | At 11:30 A.M. on 31.07.2025 |
| 5. | Date of opening of financial Bid | To be intimated later |
| 6. | Bid Processing Fee (Non-Refundable) | Rs.10000/- (Rupees Ten Thousand) only |

Chief Engineer, Buildings & Bridges has the right to accept or reject the Notice/RFP without assigning any reasons thereof.

Sd./- Chief Engineer, Buildings & Bridges
Rural Works, Odisha, Bhubaneswar

OIPR-25191/11/0007/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, CUTTACK**

E-Mail I.D.- rw_cuttack@yahoo.co.in, Ph.No.0671-2440662

**1st Corrigendum to Tender Call Notice No. Tender-Online-RWD Ctc-02/2025-26, dt.02.07.2025**

**No.O-428: Due to unavoidable circumstances the dates are changing as follow:-**

| Procurement Officer | Bid Identification No. | Availability of tender On-line for bidding | | | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| | | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to |
| Superintending Engineer, Rural Works Division, Cuttack | RWD Ctc-02/2025-26 | 11.07.2025 At 11.00 AM | 21.07.2025 At 11.00 AM | 22.07.2025 upto 5.00 PM | 02.08.2025 upto 5.00 AM | 21.07.2025 upto 5.00 AM | 01.08.2025 upto 5.00 AM | 23.07.2025 upto 11.00 AM | 04.08.2025 upto 11.00 AM | Will be intimated later | Will be intimated later |

All other terms & conditions remain unchanged.

Sd./- Superintending Engineer, Rural Works Division, Cuttack

OIPR-25053/11/0034/2526

# ଡେବ୍ରିଗଡ଼ରେ ବଳିଆ କୁକୁରଙ୍କ ସଂଖ୍ୟାବୃଦ୍ଧି

ସମ୍ବଲପୁର,୧୫।୭(ପ୍ରମୋଦ ବହିଦାର)



ଡେବ୍ରିଗଡ଼ ଅଭୟାରଣ୍ୟରେ ଦେଖାଯାଇଥିବା ବଳିଆ କୁକୁର।

ଡେବ୍ରିଗଡ ଅଭୟାରଣ୍ୟରେ ଦେଖିବାକୁ ମିଳିଛି ବିରଳ ପ୍ରଜାତିର ବଳିଆ କୁକୁର। ଗତ ସୋମବାର ଅଭୟାରଣ୍ୟ ମଧ୍ୟରେ ସ୍ୱାଚ୍ଛନ୍ଦରେ ବିଚରଣ କରୁଥିବା ଦୁଇଟି ଅଣ୍ଡିରା ଓ ଗୋଟିଏ ମାଇ ବଳିଆ କୁକୁରଙ୍କୁ ଠାବ କରାଯାଇଥିବା ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ(ଡିଏଫ୍ଓ) ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ପ୍ରଜାତିର କୁକୁର ବର୍ତ୍ତମାନ ଲୁପ୍ତପ୍ରାୟ ସ୍ଥିତିରେ ଉପନୀତ ହୋଇଥିବା ବେଳେ ଏମାନଙ୍କ ସଂରକ୍ଷଣ ପାଇଁ ଡେବ୍ରିଗଡ଼ ଅଭୟାରଣ୍ୟ କର୍ତ୍ତୃପକ୍ଷ ବିଶେଷ ଗୁରୁତ୍ୱ ଦେଇଛନ୍ତି। ପ୍ରାୟ ଏକ ଦଶନ୍ଧି ପରେ ଗତ ୨୦୨୩ ମସିହାରେ ଏଠାରେ ଗୋଟିଏ ମାତ୍ର ବଳିଆ କୁକୁର ଠାବ କରାଯାଇଥିଲା। ସାଧାରଣତଃ ବଳିଆ କୁକୁରମାନେ ଦଳବାନ୍ଧି ରହିଥାନ୍ତି। ମାତ୍ର ଅଭୟାରଣ୍ୟର ବିଭିନ୍ନ ପର୍ଯ୍ୟଟନ ଜୋନ୍‌ରେ ମଧ୍ୟ ଦୀର୍ଘ ଦିନ ପର୍ଯ୍ୟନ୍ତ ଗୋଟିଏ ମାତ୍ର ବଳିଆ କୁକୁର ଏକାକୀ ବିଚରଣ କରୁଥିଲା। ହେଲେ ବର୍ତ୍ତମାନ ୩ଟି ଆଗପଛ ହୋଇ ବିଚରଣ କରୁଥିବା ଦେଖିବାକୁ ମିଳିଛି। ତେଣୁ ଏଠାରେ ଏମାନଙ୍କ ସଂଖ୍ୟା ଏହାଠାରୁ ମଧ୍ୟ ଅଧିକ ଥିବା କଥାକୁ ଅସ୍ୱୀକାର କରାଯାଇ ନ ପାରେ ବୋଲି ଡିଏଫ୍ଓ ଦାସ କହିଛନ୍ତି। ସେ କହିଛନ୍ତି, ବଳିଆ କୁକୁର ସାଧାରଣତଃ ମାଂସାସୀ। ତେବେ ଡେବ୍ରିଗଡ଼ ଅଭୟାରଣ୍ୟରେ ସେମାନଙ୍କ ଖାଦ୍ୟ ପାଇଁ ବ୍ୟାପକ ସଂଖ୍ୟକ ପଶୁପକ୍ଷୀ ରହିବା ସହିତ ଏଠାକାର ପରିବେଶ ବେଶ ଅନୁକୂଳ। ଏଣୁ ଏଠାରେ ସେମାନଙ୍କ ସଂରକ୍ଷଣ ପାଇଁ ଅଭୟାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ସେମାନଙ୍କୁ ରେବିସ୍, କେନାଇଲ୍ ପାର୍ଭୋ, ଡିସଟେମ୍ପର, ପାର୍ଭୋ କାଶ ଆଦି ମାରାତ୍ମକ ରୋଗରୁ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ବୁଲା କୁକୁରଙ୍କ ସଂସ୍ପର୍ଶରୁ ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଅଭୟାରଣ୍ୟକୁ ବୁଲା କୁକୁରଙ୍କ ପ୍ରବେଶକୁ ରୋକିବା ପାଇଁ ତାରଜାଲି ଫେନ୍ସିଂ ଦ୍ୱାରା ସଂଲଗ୍ନ ଗ୍ରାମଗୁଡ଼ିକର ସୀମାକୁ ଅବରୋଧ କରାଯାଇଛି। ସେହିପରି ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରାଯାଇ ବିଭିନ୍ନ ଗ୍ରାମର ବୁଲା କୁକୁରଙ୍କୁ ୨ମାସ ପର୍ବରୁ ନିୟମିତ ଭାବେ ବିଭିନ୍ନ ରୋଗ ପ୍ରତିଷେଧକ ଟିକାକରଣ କରାଯାଉଛି ବୋଲି କହିଛନ୍ତି ଡିଏଫ୍ଓ ଦାସ।

**■ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ସ୍ୱରୂପ ସୀମାକୁ ଫେନ୍ସିଂ**

**■ଅଭୟାରଣ୍ୟ ସଂଲଗ୍ନ ଗ୍ରାମର ବୁଲା କୁକରଙ୍କୁ ପ୍ରତିଷେଧକ ଟିକାକରଣ**

## ସାଧାରଣରେ ଆତଙ୍କ ସୃଷ୍ଟି କରୁଥିବା ୨ ଯୁବକ ଗିରଫ



ମାରଣାସ୍ତ୍ର ସହିତ ପୋଲିସ ଗିରଫ କରିଥିବା ୨ ଅଭିଯୁକ୍ତ।

ସମ୍ବଲପୁର,୧୫।୭(ପ୍ରମୋଦ ବହିଦାର)

**ମାରଣାସ୍ତ୍ର ଜବତ**

ସୋମବାର ମଧ୍ୟରାତିରେ ସାଧାରଣରେ ବନ୍ଧୁକ ଓ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରୁଥିବା ୨ ଯୁବକଙ୍କୁ ଗିରଫ କରିଛି ବୁର୍ଲା ଥାନା ପୋଲିସ। ସେମାନେ ହେଲେ ବୁର୍ଲା ୱାନ୍‌ଆର୍ କଲୋନୀର ଶ୍ୟାମ ପଞ୍ଚବିହାର(୨୬) ଓ ଅଟାଚକିପଡ଼ାର ରାଜକୁମାର ମହାନନ୍ଦ(୨୦)। ବୁର୍ଲା ଥାନା ଏଏସ୍ଆଇ ଏ.କେ. ନାଏକଙ୍କ ନେତୃତ୍ୱରେ ଚାଲିଥିବା ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ସାଧାରଣରେ ଉକ୍ତ ଯୁବକଙ୍କ ଆତଙ୍କରାଜ ସମ୍ପର୍କରେ ସୂଚନା ପାଇଥିଲେ। ତତ୍‌କ୍ଷଣାତ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯୁବକଦ୍ୱୟଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଏକ ଦେଶୀ ବନ୍ଧୁକ, ଗୋଟିଏ ଭୁଜାଲି, ଗୋଟିଏ ଛୁରି, ଗୋଟିଏ ସର୍ଜିକାଲ ଛୁରି, ଗୋଟିଏ ବାଇକ୍(ଓଡି-୧୫-୪୮୬୯)କୁ ପୋଲିସ ଜବତ କରିଛି। ଏ ନେଇ ବୁର୍ଲା ଥାନାରେ ଅସ୍ତ୍ରଶସ୍ତ୍ର ନିଷେଧ ଆଇନରେ ଏକ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଶ୍ୟାମ ପଞ୍ଚବିହାରଙ୍କ ନାମରେ ପୂର୍ବରୁ ବୁର୍ଲା ଥାନାରେ ୭ଟି ଆପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ରୋଟାରି କ୍ଲବ୍ ସମ୍ବଲପୁର ଗ୍ରେଟରର ଅଧିଷ୍ଠାନ ଦିବସ

ସମ୍ବଲପୁର,୧୫।୭(ବି.ଶଙ୍କର)

ରୋଟାରି କ୍ଲବ ସମ୍ବଲପୁର ଗ୍ରେଟର ପକ୍ଷରୁ ୨୭ତମ ଅଧିଷ୍ଠାନ ଦିବସ ସମାରୋହ ସୋମବାର ରାତି ୯ଟାରେ ଚାରଭାଟି ଛକଠାରେ ପାଳିତ ହୋଇଯାଇଛି। ଉତ୍ସବରେ ନୂତନ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ରୋଟାରି ବର୍ଷ ୨୦୨୫-୨୬ ସକାଶେ ତାଙ୍କର ଦାୟିତ୍ୱ ଗ୍ରହଣ କରିଥିଲେ। ରାଜୀବ ଜେନ ଅଧ୍ୟକ୍ଷ, ସଞ୍ଜୟ ମିତ୍ତଲ ସଚିବ ଏବଂ ଲିପିକା ଦାସ କୋଷାଧ୍ୟକ୍ଷଭାବେ ଶପଥ ଗ୍ରହଣ କରିଛନ୍ତି। ଜିଲା ଗଭର୍ନର ଅନିତ ଜୟସ୍ୱାଲ ମୁଖ୍ୟ ଅତିଥି, ପଲ୍ଲବୀ ଜୟସ୍ୱାଲ ଏବଂ ଶିବ ପାଢ଼ୀ ସମ୍ମାନିତ ଅତିଥିଥିଲେ । ପୂର୍ବତନ ଅଧ୍ୟକ୍ଷ ମହମ୍ମଦ ପରଭେଜ ଅଲି ଖାନ ଓ ନନିନ ଭବସାର ମଞ୍ଚାସୀନ ଥିଲେ। ପୂର୍ବତନ ଅଧ୍ୟକ୍ଷ ବିଲାଲ ମଲିକ ଓ ଦଳ ୨୦୨୪-୨୫ର ସମସ୍ତ ପ୍ରକଳ୍ପ ଓ ସେବା କାର୍ଯ୍ୟର ରିପୋର୍ଟ ଉପସ୍ଥାପନ କରିଥିଲେ। ସମ୍ବଲପୁର ଓ ବୁର୍ଲାର ସମସ୍ତ ରୋଟାରି କ୍ଲବର କର୍ମକର୍ତ୍ତା ଓ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ପୂର୍ବତନ ଜିଲା ଗଭର୍ନର ଶମ୍ଭୁ ଜଗତରାମକା, ଏଜି ଅରୁଣ ତିବ୍ରେୱାଲ ଓ ଏଜି ରଞ୍ଜିତ ସିଂହ ହୁରା ଉପସ୍ଥିତ ରହି ସଭ୍ୟମାନଙ୍କୁ ଉତ୍ସାହିତ କରିଥିଲେ।

# ଯୁବ ପ୍ରତିଭାଙ୍କ ପବନ ଶକ୍ତି ମଡେଲ ପ୍ରଦର୍ଶିତ



ବିଶ୍ୱ ଯୁବ ଦକ୍ଷତା ଦିବସ ସମାରୋହରେ ଅତିଥିମାନେ।

ସମ୍ବଲପୁର,୧୫।୭(ବି.ଶଙ୍କର)

**ହିଣ୍ଡାଲକୋ ଦକ୍ଷତା ବିକାଶ କେନ୍ଦ୍ରରେ ବିଶ୍ୱ ଯୁବ ଦକ୍ଷତା ଦିବସ**

ବିଶ୍ୱ ଯୁବ ଦକ୍ଷତା ଦିବସ ସମାରୋହ ସମ୍ବଲପୁର ବରେଇପାଲିସ୍ଥିତ ହିଣ୍ଡାଲକୋ ଦକ୍ଷତା ବିକାଶ କେନ୍ଦ୍ରରେ ମଙ୍ଗଳବାର ପାଳିତ ହୋଇଯାଇଛି। ସମ୍ବଲପୁର ଡେପୁଟି କଲେକ୍ଟର ବିକାଶ ରଞ୍ଜନ ସବର ମୁଖ୍ୟ ଅତିଥି ଏବଂ ହିରାକୁଦ ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଦେ ସମ୍ମାନୀତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡେପୁଟି କଲେକ୍ଟର ସବର ହିଣ୍ଡାଲକୋର ଦକ୍ଷତା ବିକାଶ କେନ୍ଦ୍ରରେ ଯୁବଶକ୍ତିର ଦକ୍ଷତା ବିକାଶ ପାଇଁ କରିଥିବା ପ୍ରାୟସକୁ ସାଧୁବାଦ ଜଣାଇଥିଲେ। ଯୁବ ସମାଜ ଏହାର ସୁଯୋଗ ନେବାକୁ ଆହ୍ୱାନ କରିଥିଲେ। ଆଦିତ୍ୟ ବିର୍ଲା ସ୍କିଲସ ସେଣ୍ଟର ମୁଖ୍ୟ ମନୋରଞ୍ଜନ ମାହାକୁଡ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲ୍ୟାଣ୍ଡ ଏବଂ କର୍ପୋରେଟ ବ୍ୟାପାର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା, ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ଆନନ୍ଦ ଚକ୍ରବର୍ତ୍ତୀ, ଆଦିତ୍ୟ ଆଲୁମିନିୟମର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ରବି ନିବାସ ଓ ମନୋରଞ୍ଜନ ବେହେରା ଉପସ୍ଥିତ ଥିଲେ । ଆଦିତ୍ୟ ବିର୍ଲା ସ୍କିଲ୍ସସେଣ୍ଟର ଯୁବ ପ୍ରତିଭାମାନେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବ୍ୟବହାରିକ ଦକ୍ଷତାକୁ ପ୍ରଦର୍ଶନ କରି ବ୍ୟାଙ୍କିଙ୍ଗର ନେଣଦେଣ ସହ ଅନ୍ୟ ବ୍ୟବସ୍ଥା ଉପରେ ତଥ୍ୟ ଉପସ୍ଥାପନା କରିଥିଲେ। ମିନି ଏସି ଏବଂ ପବନ ଶକ୍ତି ଉତ୍ପାଦନର ଉପରେ ମଡେଲ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟ ଦର୍ଶକ ଓ ଅତିଥିମାନଙ୍କୁ ମନମୁଗ୍ଧ କରିଥିଲା। ଏହି କାର୍ଯକ୍ରମଗୁଡିକ ମଧ୍ୟରେ ଫ୍ୟାଶନ୍ ଶୋ ବିଶେଷ ଆକର୍ଷଣୀୟ ହୋଇଥିଲା।

# ସକାଳ ୭ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ଆଜି

ସମ୍ବଲପୁର,୧୫।୭(ବି.ଶଙ୍କର)

**ଗ୍ରୀଡ଼ ସବ୍‌ଷ୍ଟେଶନରେ ରକ୍ଷଣାବେକ୍ଷଣ କାର୍ଯ୍ୟ**

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରକ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ୍) ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ଦେବା ଲକ୍ଷ୍ୟ ନେଇ ରକ୍ଷଣା ବେକ୍ଷଣକୁ ଗୁରୁତ୍ୱାରୋପ କରିଆସୁଛି । ବୁଧବାର ୧୬ ତାରିଖ ୧୩୨/୩୩ କେ.ଭି. ସମ୍ବଲପୁର ଗ୍ରୀଡ ସବ୍‌ଷ୍ଟେଶନରେ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଛି । ଫଳରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ । ସମ୍ବଲପୁର ସହର ଅନ୍ତର୍ଗତ ଚେରୁଆପଡ଼ା, ନନ୍ଦପଡ଼ା, ଝାରୁଆପଡ଼ା, ବଡ଼ବଜାର, ବାଲିବନ୍ଧା, କୁଞ୍ଜେଲପଡ଼ା, ଦୁର୍ଗାପାଲି, ଫାର୍ମ ରୋଡ, ମୁଦିପଡ଼ା, ଲକ୍ଷ୍ମୀଟକିଜ, ପୋଲିସ ଲାଇନ, ଗୁଜରାଟୀ କଲୋନୀ, କାଇଁସିର ରୋଡ୍, ସମଲେଶ୍ୱରୀ ମନ୍ଦିର ଅଞ୍ଚଳ, କ୍ଷେତ୍ରରାଜପୁର ଏବଂ ଏହାର ଆଖପାଖ ଅଞ୍ଚଳ ପ୍ରଭାବିତ ହେବ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରୁଛି ବୋଲି ମଙ୍ଗଳବାର ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

# ୨ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୧୪।୭(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରୁ ବର୍ତ୍ତମାନ ୨ଟି ସ୍ଲୁଇସ୍ ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ମଙ୍ଗଳବାର ରାତି ସାଢ଼େ ୯ଟାର ସୂଚନା ଅନୁସାରେ ଜଳଭଣ୍ଡାରର ଜଳପତ୍ତନ ୬୦୭.୯୩ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ୯୫ ହାଜର ୦୯୧ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ପ୍ରତିସେକେଣ୍ଡରେ ହାରାହାରି ୬୭ ହଜାର ୮୭୪ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ଉଭୟ ପାର୍ଶ୍ୱସ୍ଥ ଗୋଟିଏ ଲେଖାଏ ମିଶି ମୋଟ ୨ଟି ଗେଟ୍‌ରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ୨୯ ହଜାର ୩୮୨ ଘନଫୁଟ, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୪ ହଜାର ୨୩୯ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ୍ ଏବଂ ଜଳ ସେଚନ ପାଇଁ ବରଗଡ଼ କେନାଲରେ ୩୪୨୯, ଶାସନ କେନାଲରେ ୫୦୨ ଓ ସମ୍ବଲପୁର କେନାଲରେ ୮୮ ଘନଫୁଟ୍ ଜଳ ମିଶି ମୋଟ୍ ୪୦୧୯ ଘନଫୁଟ୍ ଫୁଟ୍ ଜଳ ନିଷ୍କାସନ କରାଯାଉଛି।

# ପ୍ରଯୁକ୍ତିବିଦ୍ୟା ଦ୍ୱାରା ଗ୍ରାହକ ସେବା ବୃଦ୍ଧିହେବ

**ସମ୍ବଲପୁର ଡାକ ବିଭାଗରେ ଉନ୍ନତ ପ୍ରଯୁକ୍ତିବିଦ୍ୟା ଶୁଭାରମ୍ଭ**

ସମ୍ବଲପୁର,୧୫।୭(ଭବାନୀ ଶଙ୍କର ଭୋଇ)



ସମ୍ବଲପୁର ଡାକ ଡାକ ନିର୍ଦ୍ଦେଶକ ସୁରେଶ କୁମାର ଠାକରେ ଉନ୍ନତ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରର ଉଦ୍‌ଘାଟନ କରୁଛନ୍ତି।

ଭାରତୀୟ ଡାକ ବିଭାଗ ଗ୍ରାହକ ମାନଙ୍କୁ ଅଧିକ ସୁବିଧା ଏବଂ ଉତ୍କୃଷ୍ଟ ସେବା ପ୍ରଦାନ କରିବା ପାଇଁ ମଙ୍ଗଳବାର ଉନ୍ନତ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଆରମ୍ଭ ହୋଇଛି। ସମ୍ବଲପୁରର ବିଭିନ୍ନ ଡାକ ଓ ଶାଖା ଡାକ ଘରମାନଙ୍କରେ ଆଇଟି ୨.୦ ଉନ୍ନତ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କାର୍ଯ୍ୟକ୍ରମକୁ ସମ୍ବଲପୁର ଡାକ ନିର୍ଦ୍ଦେଶକ ସୁରେଶ କୁମାର ଠାକରେ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଡାକ ଅଧୀକ୍ଷକ ବସନ୍ତ କୁମାର ସିଂହଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏହାଦ୍ୱାରା ଗୋଟିଏ ପ୍ଲାଟଫର୍ମ ତଳେ ଗ୍ରାହକମାନେ ଏବେ ଅଧିକ ଦୃତ, ସୁରକ୍ଷିତ ଓ ସହଜ ଡାକ ସେବା ପାଇପାରିବେ। ଭାରତୀୟ ଡାକ ବିଭାଗ ଆଧୁନିକ ଏବଂ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ଗ୍ରାହକମାନଙ୍କୁ ସହଜରେ ସେବା ଯୋଗାଇ ଦେବାକୁ ଚେଷ୍ଟା କରୁଥିବା ସମ୍ବଲପୁର ଡାକ ନିର୍ଦ୍ଦେଶକ ଠାକରେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଆୟୋଜନରେ ଡାକ ବିଭାଗର ସମସ୍ତ କର୍ମଚାର ଏବଂ ଅଧିକାରୀମାନେ ସହଯୋଗ କରିଥିଲେ।

# ଓଏସ୍‌ଓୟୁ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ



ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ଅତିଥି, କର୍ମଚାରୀ, ଅଧ୍ୟାପକମାନେ।

ସମ୍ବଲପୁର,୧୫।୭(ବି.ଶଙ୍କର)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଇକୋ କ୍ୟାସ ଫରେଷ୍ଟ ଶୀର୍ଷକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ବିଶ୍ୱବିଦ୍ୟାଳୟ ପରିସରରେ ସାମୂହିକ ବୃକ୍ଷରୋପଣ କରାଯାଇଥିଲା । ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପାଇଁ ଦୀର୍ଘକାଳୀନ ପରିବେଶଗତ ଏବଂ ଆର୍ଥିକ ଲାଭକୁ ପ୍ରୋତ୍ସାହିତ କରିବା ପାଇଁ ଏହି ବୃକ୍ଷରୋପଣ ଅଭିଯାନ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଏସଓୟୁ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳସଚିବ ଡ. ଚିତ୍ତ ରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡଙ୍ଗୀ, ଇଞ୍ଜିନିୟର ରାକେଶ ଗୋଏଲ ଏବଂ ଅବସରପ୍ରାପ୍ତ ହିଣ୍ଡାଲକୋ ଅଧିକାରୀ ଇଞ୍ଜକଜିନିୟର ସୁଶାନ୍ତ କୁମାର ଗୁରୁ, ରୋଟାରୀ କ୍ଲବର ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ରାୟଗୁରୁ ଏବଂ ସଂଗିତା ଚାନ୍ଦଙ୍କ ସମେତ କର୍ମଚାରୀ ଏବଂ ଅଧ୍ୟାପକମାନେ ଉପସ୍ଥିତ ଥିଲେ । ହିଣ୍ଡାଲକୋ ଦ୍ୱାରା ପ୍ରାୟୋଜିତ ଓଏସଓୟୁ କ୍ୟାମ୍ପସ ଭିତରେ ୧୦୦ଟି ନଡ଼ିଆ ଚାରା ରୋପଣ କରାଯାଇଥିଲା । ଏହି ନୂତନ ଚାରାଗୁଡ଼ିକ କ୍ୟାମ୍ପସର ସବୁଜ ଆବରଣ ଏବଂ ଭବିଷ୍ୟତର ଫଳ ଉତ୍ପାଦନକାରୀ ସମ୍ପଦରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ । ଏହା ପୂର୍ବରୁ ୧୦୦ଟି ଆମ୍ବ ଗଛ ଏବଂ ୫୦ଟି ଗୁଆ ଚାରା ରୋପଣ କରାଯାଇଥିଲା । ଏହି ଗତିକୁ ଆଧାର କରି, ଓଏସଓୟୁ ଇକୋ କ୍ୟାସ ଫରେଷ୍ଟ ଧାରଣା ଅଧିନରେ ଅଧିକ ଆମ୍ବ ଏବଂ ନଡ଼ିଆ ଗଛ ସହିତ ଆହୁରି ସମ୍ପ୍ରସାରଣ ସହିତ ହରଡା, ବାହାଡା, ଅଳାଁ, କାକଫୁଟ, ଜାମୁନ ଗଛ ଲଗାଇବାକୁ ଯୋଜନା କରୁଛି ବୋଲି କୁଳପତି ପ୍ରଫେସର ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ।

# ବରେଇପାଲି ଯୁବସଙ୍ଗଠନ ପକ୍ଷରୁ ବୃକ୍ଷରୋପଣ

ସମ୍ବଲପୁର,୧୫।୭(ବି.ଶଙ୍କର)



ଡେଙ୍ଗସର୍ଗୀଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ପରିବେଶ ପ୍ରେମୀ ଓ ଅତିଥିମାନେ।

ବରେଇପାଲି ଯୁବସଙ୍ଗଠନ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ୱାର୍ଡ ନମ୍ବର ୨୦ ଡେଙ୍ଗସର୍ଗୀ ଗ୍ରାମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିକାଶ ଖାତି ଓ ହୀରା ସିଂଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଅଞ୍ଚଳର ଅନେକ ଯୁବକମାନେ ଏକତ୍ରିତ ହୋଇ ଚାରା ରୋପଣ କରିଥିଲେ। ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ ସଙ୍ଗଠନ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ ବରେଇପାଲି ଆଖପାଖ ଅଞ୍ଚଳରେ ୫୦୦ଟି ବୃକ୍ଷ ଚାରା ରୋପଣ କରିବା ସହିତ ତାର ରକ୍ଷଣାବେକ୍ଷଣ ମଧ୍ୟ କରିବାକୁ ସଙ୍ଗଠନ ଶପଥ କରିଛି । କାର୍ଯ୍ୟକ୍ରମ ପରିଚାଳନାରେ ଉତ୍ତମ ବାଗ, ମଞ୍ଜୁ ଓରାମ, ସୁରଜ ଓରାମ, ମୁକେଶ ସାହୁ, ମନଦୀପ ସାହୁ, ଆନନ୍ଦ ଖାତି, ଶ୍ୟାମ ଓରାମ, କାହ୍ନା ସ୍ୱାଇଁ, ସୁରଜ ହରିପାଳ, ସିଦ୍ଧେଶ୍ୱର ସୁନା, ରୋଶନ ସିଂ, ସଦାନନ୍ଦ ସାହୁଙ୍କ ସମେତ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ପ୍ରକୃତିପ୍ରେମୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଜିଲାସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ

**ସମ୍ବଲପୁର, ୧୫।୭(ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ଜିଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ତରଫରୁ ମଙ୍ଗଳବାର ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି । ସମ୍ବଲପୁର ନିୟୋଜନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ସତୀଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ବଲପୁରର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ, ଓରମାସ ଯୁଗ୍ମ ସିଇଓ ଶ୍ରୀମନ୍ତ ହୋତା, ଜିଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସମ୍ମାନୀତ ଅତିଥିଭାବେ ଆମନ୍ତ୍ରିତ ହୋଇଥିଲେ । ଜିଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ, ସମ୍ବଲପୁରର ଉପ ନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସଭାରେ ବିଶ୍ୱ ଯୁବ ଦକ୍ଷତା ଦିବସର ମହତ୍ତ୍ୱ ଏବଂ ରାଷ୍ଟ୍ରଗଠନ କ୍ଷେତ୍ରରେ ଯୁବସମାଜର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ କୁଇଜ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତୀଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କନିଷ୍ଠ ନିଯୋଜନ ଅଧିକାରୀ ଲମ୍ବୋଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 08/2025-26**
No. 2501 / Date : 10.07.2025
**No.B-296** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.23.07.2025 at 05.00 P.M. to dt.06.08.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.07.08.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.
Sd./- Superintending Engineer Electrical Circle (R&B) Odisha, BBSR
OIPR-34006/11/0040/2526

**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR-751001 (UNIT-IV, SACHIVALAYA MARG, BHUBANESWAR)**
E-mail ID : cerwbuilding_bbsr@yahoo.com
File No.Bld.215/2024 22232 Date : 10.07.2025
**Bid Identification No.-01-Bld.-2025-26**
**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**
**No.O-420** : Chief Engineer, Buildings & Bridges, O/o the EIC, Rural Works, Odisha, Bhubaneswar invites technical and financial proposals from reputed Architectural and Planning consulting firms for **"Engagement of Consultant for Preparation of Plan, DPR (CIVIL+EI+PH), BOQ, bid Documents & Construction Monitoring for Construction of Block Level Stadiums (componets like Football / Cricket Field, Clay Athletic Track with throw and jump area, Volleyball / Kho Kho / Kabaddi Court, Indoor Hall (Badminton, Table Tennis etc.), Common facility centre etc.) in different Districts of Odisha (Eastern Zone, Southern Zone, Western Zone & Northern Zone)."** Details are as follows :

| | | |
|---|---|---|
| 1. | Bid documents such as RFP etc. can be seen/downloaded during the period | 16.07.2025 to 30.07.2025 upto 05:30 P.M. |
| 2. | Deadline for Submission of Pre-Bid Queries to cerwbuilding_bbsr@yahoo.com | Upto 05:30 P.M. on 24.07.2025 |
| 3. | Online bids shall be received till | Upto 05:30 P.M. on 30.07.2025 |
| 4. | Date of opening of technical bids | At 11:30 A.M. on 31.07.2025 |
| 5. | Date of opening of financial Bid | To be intimated later |
| 6. | Bid Processing Fee (Non-Refundable) | Rs.10000/- (Rupees Ten Thousand) only |

Chief Engineer, Buildings & Bridges has the right to accept or reject the Notice/RFP without assigning any reasons thereof.
Sd./- Chief Engineer, Buildings & Bridges Rural Works, Odisha, Bhubaneswar
OIPR-25191/11/0007/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, CUTTACK**
E-Mail I.D.- rw_cuttack@yahoo.co.in, Ph.No.0671-2440662
1st Corrigendum to Tender Call Notice No. Tender-Online-RWD Ctc-02/2025-26, dt.02.07.2025
**No.O-428: Due to unavoidable circumstances the dates are changing as follow:-**

| Procurement Officer | Bid Identification No. | Availability of tender On-line for bidding: From | | To | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| | | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to |
| Superintending Engineer, Rural Works Division, Cuttack | RWD Ctc-02/2025-26 | 11.07.2025 At 11.00 AM | 21.07.2025 At 11.00 AM | 22.07.2025 upto 5.00 PM | 02.08.2025 upto 5.00 AM | 21.07.2025 upto 5.00 AM | 01.08.2025 upto 5.00 AM | 23.07.2025 upto 11.00 AM | 04.08.2025 upto 11.00 AM | Will be intimated later | Will be intimated later |

All other terms & conditions remain unchanged.
Sd./- Superintending Engineer, Rural Works Division, Cuttack
OIPR-25053/11/0034/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆୟ ଉପରେ ଟର୍ମ ଇନ୍‌ସ୍ୟୁରାନ୍ସର ଆବଶ୍ୟକତା

ଭୁବନେଶ୍ୱର,୧୫।୭

ବର୍ତ୍ତମାନ ସମୟରେ ବୀମାର ଆବଶ୍ୟକତା ଓ ଚାହିଦାର ବୃଦ୍ଧି ଘଟିଛି। ଆଜି ମଧ୍ୟ ଅନେକ ଭାରତୀୟ ପରିବାର ପ୍ରାୟତଃ ସୀମିତ ସଚେତନତା କିମ୍ବା ଗୁଜବ କାରଣରୁ ଟର୍ମ ଇନ୍‌ସ୍ୟୁରାନ୍ସକୁ ଅଣଦେଖା କରିବା ଜାରି ରଖିଛନ୍ତି। କିନ୍ତୁ ଟର୍ମ ଇନ୍‌ସ୍ୟୁରାନ୍ସ କେବଳ ଏକ ଖର୍ଚ୍ଚ ନୁହେଁ, ଏହା ଏକ ସୁରକ୍ଷାକବଚ ପାଲଟିଛି। ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ ଇନ୍‌ସ୍ୟୁରାନ୍ସର ଜୋନାଲ ଡାଇରେକ୍ଟର ସନ୍ତୋଷ ଚାକୋ କହିଛନ୍ତି, ଅଧିକାଂଶ ଭାରତୀୟ ପରିବାର ପାଖରେ ଏକାଧିକ ଲୋକ ଗୋଟିଏ ଆୟ ଉପରେ ନିର୍ଭର କରିଥାନ୍ତି। ଯଦି ସେହି ଗୋଟିଏ ଆୟ ହଠାତ୍ ଜୀବନର କୌଣସି ଅନିଶ୍ଚିତତା କାରଣରୁ ବନ୍ଦ ହୋଇଯାଏ, ତେବେ ତାହାର ପ୍ରଭାବ ସାରା ପରିବାର ଉପରେ ପଡ଼ିଥାଏ। ଏଭଳି କ୍ଷେତ୍ରରେ ଟର୍ମ ଇନ୍‌ସ୍ୟୁରାନ୍ସ ଜରୁରୀ ହୋଇପଡିଥାଏ। ଏହା ମୃତକଙ୍କ ପରିବାର ସଦସ୍ୟଙ୍କୁ ନିଜର ଜୀବନଶୈଳୀ ବଜାୟ ରଖିବା, ଋଣ ପଇଠ କରିବା ଓ ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ। ଏପରିକି ଆୟ ଉପରେ ଟର୍ମ ଇନ୍‌ସ୍ୟୁରାନ୍ସର ଆବଶ୍ୟକତା ନିର୍ଭର କରିଥାଏ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଟର୍ମ ଇନସ୍ୟୁରାନ୍ସ ଆପଣଙ୍କ ପ୍ରିୟଜନଙ୍କ ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ ରଖିଥାଏ। ଏହା ହିଁ ଟର୍ମ ଇନ୍‌ସ୍ୟୁରାନ୍ସର ସବୁଠାରୁ ବଡ ଶକ୍ତି ଏବଂ ଏହା ଶୁଦ୍ଧ ଲାଇଫ କଭର ପ୍ରଦାନ କରିଥାଏ, ଯାହାର ଅର୍ଥ ହେଉଛି ଯଦି ଶୀଘ୍ର କ୍ରୟ କରାଯାଏ ତେବେ କମ୍ ପ୍ରିମିୟମରେ ଅଧିକ କଭରେଜ ରହିଥାଏ। ଏଥିରେ କୌଣସି ମାଚ୍ୟୁରିଟି କିମ୍ବା ସର୍ଭାଇଭାଲ ବେନିଫିଟ ନ ଥାଏ, ଯାହା ଏହାକୁ ଅତୁଳନୀୟ ଭାବେ ସୁଲଭ ଓ ଦକ୍ଷ କରିଥାଏ। ଏହା ରିଟର୍ନ କିମ୍ବା ବୋନସ ଉପରେ ନୁହେଁ ବରଂ କେବଳ ଆପଣଙ୍କ ପ୍ରିୟଜନଙ୍କ ଆର୍ଥିକ କଲ୍ୟାଣ ଉପରେ ଧ୍ୟାନ ଦେଇଥାଏ। ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ ଟର୍ମ ପ୍ଲାନ୍ କ୍ରୟ କରିବାର ଦୁଇଟି ପ୍ରମୁଖ ଲାଭ ରହିଛି, ଯଥା ସମ୍ପୂର୍ଣ୍ଣ ଅବଧି ପାଇଁ କମ୍ ପ୍ରିମିୟମ ଲକ୍ ଇନ ଏବଂ ଆପଣଙ୍କ ପରିବାର ସବୁବେଳେ ସୁରକ୍ଷିତ ରହିବ ବୋଲି ସୁନିଶ୍ଚିତ ରହିବା। ଜଣେ ଯୁବ ବୟସ୍କ ବ୍ୟକ୍ତି ଭାବେ ଆପଣଙ୍କର ପ୍ରଥମ ଆର୍ଥିକ ନିଷ୍ପତ୍ତି ଏକ ଟର୍ମ ଇନ୍‌ସ୍ୟୁରାନ୍ସ ହେବା ଉଚିତ ବୋଲି ଚାକୋ କହିଛନ୍ତି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୫।୭

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୧୭.୪୫ ପଏଣ୍ଟ ବୃଦ୍ଧି ଘଟି ୮୨,୫୭୦.୯୧ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ରେ ମଧ୍ୟ ୧୧୩.୫୦ ପଏଣ୍ଟ ବଢି ୨୫,୧୯୫.୮୦ ଅଙ୍କରେ କାରବାର ଶେଷ ହୋଇଥିଲା।

# ବେଦାନ୍ତ ପକ୍ଷରୁ ମେଗା ଆଲୋକୀକରଣ

ଭୁବନେଶ୍ୱର,୧୫।୭ (ଅଭୟ ଦାଶ)



ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ୍ ପକ୍ଷରୁ ଏକ ମେଗା ଆଲୋକୀକରଣ କାର୍ଯ୍ୟକ୍ରମ ନିକଟରେ ଶେଷ ହୋଇଛି। ବିଶେଷକରି କଳାହାଣ୍ଡି ଏବଂ ରାୟଗଡ଼ା ଜିଲାର ୨୧ଟି ଗ୍ରାମରେ ୯୬ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ ସ୍ଥାପନ କରାଯାଇଛି। ଏହି ଷ୍ଟ୍ରିଟ୍ ଲାଇଟ ପୂର୍ବରୁ ଆଲୋକିତ ହୋଇ ନ ଥିବା ଅଞ୍ଚଳରେ ଆଲୋକୀକରଣର ଏକମାତ୍ର ଉତ୍ସ ଭାବେ କାର୍ଯ୍ୟ କରିଛି। ଏହି ସବୁଜ ପଦକ୍ଷେପ ବାର୍ଷିକ ପ୍ରାୟ ୨୨ଟନ୍ ସିଓ୨ ସମକକ୍ଷ ନିର୍ଗମନ ହ୍ରାସ କରିବାରେ ଯୋଗଦାନ ଦେବା ସହିତ ୫,୦୦୦ରୁ ଅଧିକ ବାସିନ୍ଦାଙ୍କୁ ନିର୍ଭରଯୋଗ୍ୟ,ଶକ୍ତି-ଦକ୍ଷ ଆଲୋକ ପ୍ରଦାନ କରିବ। ଏହା ବଜାର, ଗ୍ରାମ ପ୍ରବେଶ ପଥ, ବସଷ୍ଟାଣ୍ଡ, ସମ୍ପ୍ରଦାୟ କେନ୍ଦ୍ର, ସ୍କୁଲ ଏବଂ ମୁଖ୍ୟ ରାସ୍ତା ଭଳି ପ୍ରମୁଖ ସ୍ଥାନଗୁଡ଼ିକୁ ଲକ୍ଷ୍ୟକରି ଅଞ୍ଚଳରେ ୧୫୦ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି। ସେହିଭଳି ଗ୍ରାମୀଣ ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ସମ୍ପ୍ରଦାୟଗୁଡ଼ିକୁ ଉନ୍ନତ କରିବା ପାଇଁ ବେଦାନ୍ତ ଆଲୁମିନିୟମର ବ୍ୟାପକ ମିଶନ ସହ ସମନ୍ୱୟ ରଖିବା ସହ ମିଳିତ ଜାତିସଂଘର ଏହା ସ୍ଥାୟୀ ବିକାଶ ଲକ୍ଷ୍ୟ ହୋଇଛି। ବିଶେଷ କରି ଏସ୍‌ଡିଜି୭ , ଏସ୍‌ଡିଜି୧୧ ଏବଂ ଏସଡିଜି ୧୩ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ମଧ୍ୟ ସୁଦୃଢ଼ କରିଥାଏ।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମର ସମ୍ପ୍ରଦାୟ ବିକାଶ କାର୍ଯ୍ୟକ୍ରମଗୁଡ଼ିକ ଆମେ ସେବା କରୁଥିବା ଅଞ୍ଚଳଗୁଡ଼ିକର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରାଯାଇଛି। କଳାହାଣ୍ଡି ଏବଂ ରାୟଗଡ଼ାରେ ସୌର ଆଲୋକ ପ୍ରକଳ୍ପ ସ୍ଥାୟିତ୍ୱ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଆମର ପ୍ରତିବଦ୍ଧତାର ପ୍ରମାଣ। ସୁରକ୍ଷା ବୃଦ୍ଧି, ଗତିଶୀଳତାରେ ଉନ୍ନତି ଏବଂ ସମ୍ପ୍ରଦାୟ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ ଏହି ସଂସ୍ଥାଗୁଡ଼ିକ ପୂର୍ବରୁ ଯେଉଁ ସକାରାତ୍ମକ ପ୍ରଭାବ ପକାଇ ଆସୁଛନ୍ତି, ତାହା ଦେଖିବା ଉତ୍ସାହଜନକ। ଗ୍ରାମାଞ୍ଚଳରେ ସବୁଜ ଭିତ୍ତିଭୂମିକୁ ସମନ୍ୱିତକରି ଆମେ ଏକ ଉଜ୍ଜ୍ୱଳ, ସୁରକ୍ଷିତ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିବାକୁ ପ୍ରୟାସ କରିଥାଉ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ୨୦୨୭ ସୁଦ୍ଧା ୧,୦୦୦ କୋଟିର ଟର୍ନଓଭର

## ହାର୍ଭାର୍ଡ ବିଜ୍‌ନେସ ସ୍କୁଲର କେସ୍ ଷ୍ଟଡିରେ ଜେଡ୍ ବ୍ଲାକ୍

ନୂଆଦିଲ୍ଲୀ,୧୫।୭



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମହୀଶୂର ଡିପ୍ ପରଫ୍ୟୁମେରି ହାଉସ୍ (ଏମ୍‌ଡିପିଏଚ୍)ର ଧୂପ ବ୍ରାଣ୍ଡ 'ଜେଡ୍ ବ୍ଲାକ୍'କୁ ନିକଟରେ ଆଉ ଏକ ସଫଳତା ଓ ସ୍ୱୀକୃତି ମିଳିଛି। ବର୍ତ୍ତମାନ ସମୟରେ ଭାରତୀୟ ଉଦ୍ୟୋଗ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ ଓ କ୍ରିକେଟ କିମ୍ବଦନ୍ତୀ ଏମ୍ ଏସ୍ ଧୋନିଙ୍କ ଦ୍ୱାରା ଅନୁମୋଦିତ ଧୂପ ବ୍ରାଣ୍ଡ 'ଜେଡ୍ ବ୍ଲାକ୍' ହାର୍ଭାର୍ଡ ବିଜ୍‌ନେସ ସ୍କୁଲରେ ଏକ କେସ୍ ଷ୍ଟଡି ଭାବେ ପ୍ରଦର୍ଶିତ ହୋଇଛି। ସେହିଭଳି ଏସ୍‌ପି ଜୈନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚର ପ୍ରଫେସର ତୁଳସୀ ଜୟକୁମାରଙ୍କ ଦ୍ୱାରା ଲିଖିତ ଏହି କେସ/ଘଟଣା ଫ୍ୟାଶନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏଫ୍‌ଆଇଟି) ନ୍ୟୁୟର୍କ ସମେତ ବିଶ୍ୱସ୍ତରୀୟ ପ୍ରତିଷ୍ଠାନଗୁଡ଼ିକରେ ମଧ୍ୟ ପଢ଼ାଯାଉଛି। ୧୯୯୦ ଦଶକର ପ୍ରାରମ୍ଭରେ ପ୍ରକାଶ ଅଗରୱାଲଙ୍କ ଦ୍ୱାରା ପ୍ରତିଷ୍ଠିତ ଏମ୍‌ଡିପିଏଚ୍ ବର୍ତ୍ତମାନ ୯.୪ ଲକ୍ଷ ବର୍ଗଫୁଟ ଉତ୍ପାଦନ ସ୍ଥାନରେ କାର୍ଯ୍ୟ କରୁଛି। ୩.୫ କୋଟି ଧୂପକାଠି ଉତ୍ପାଦନ ସହ ପ୍ରତିଦିନ ୧୫ ଲକ୍ଷ ଜେଡ୍ ବ୍ଲାକ୍ ପ୍ୟାକ୍ ବିକ୍ରି କରୁଛି। ୪୫ରୁ ଅଧିକ ଦେଶକୁ ରପ୍ତାନି ସହିତ କମ୍ପାନୀ ୪,୦୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ମଧ୍ୟ ଦେଇଛି, ଯାହାଙ୍କ ମଧ୍ୟରୁ ୮୦% ମହିଳା ସାମିଲ ଅଛନ୍ତି। ଏହାର ପ୍ରମୁଖ ବ୍ରାଣ୍ଡଗୁଡ଼ିକ ମଧ୍ୟରେ ଜେଡ୍ ବ୍ଲାକ୍ ଅଗରବତି, ମନ୍ଥନ ଧୂପ, ସମର୍ପଣ ଏବଂ ଓରଭା ଆଦି ସାମିଲ ରହିଛି।

ଏ ସମ୍ପର୍କରେ ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଅଙ୍କିତ ଅଗରୱାଲ କହିଛନ୍ତି,ଏହି କେସ୍ ଆମ ପାଇଁ ଏକ ମାଇଲଖୁଣ୍ଟଠାରୁ ଅଧିକ ହୋଇଥିଲାବେଳେ ଏହା ମୂଲ୍ୟବୋଧରେ ମୂଳ ଏବଂ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହେଉଛି। ଏପରିକି ଭାରତୀୟ ଉଦ୍ୟୋଗର ଏକ ଉତ୍ସବ ଭାବେ ଆମେ ଏହାକୁ ପାଳନ କରୁଛୁ। ଏହାର ଡିଜିଟାଲ୍ ଭିତ୍ତିଭୂମି ଭୌଗୋଳିକ ଏବଂ ବର୍ଗଗୁଡ଼ିକରେ ସ୍କେଲେବିଲିଟି ସୁନିଶ୍ଚିତ କରିଛି, କାରଣ କମ୍ପାନୀ ୨୦୨୭ ଆର୍ଥିକ ବର୍ଷ ସୁଦ୍ଧା ପ୍ରାୟ ୧,୦୦୦ କୋଟି ଟର୍ନଓଭର ପାଇଁ ଲକ୍ଷ୍ୟ ରଖିଛି। ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ (ଅପରେଶନ୍ସ ଏବଂ ଏଚ୍‌ଆର୍) ଅଂଶୁଲ ଅଗରୱାଲ କହିଛନ୍ତି, ଇନ୍ଦୋରର ଏକ ଗ୍ୟାରେଜରୁ ସାରା ବିଶ୍ୱରେ ଏହି ବ୍ରାଣ୍ଡ ପରିଚିତ।

# ୪୨ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଭୁବନେଶ୍ୱର,୧୫।୭

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ(ଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ଆୟୋଜିତ ୪୨ତମ ବାର୍ଷିକ ଖଣି (ଧାତୁ) ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଦିବସ ବଡ଼ବିଲଠାରେ ପାଳିତ ହୋଇଯାଇଛି। ଭୁବନେଶ୍ୱର କ୍ଷେତ୍ରର ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମ୍‌ଏ)ର ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣିକ୍ଷେତ୍ରରେ ସଚେତନତାର ପ୍ରସାର ଏବଂ ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ମାଧ୍ୟମରେ ସୁରକ୍ଷା ମାନଦଣ୍ଡକୁ ପ୍ରୋତ୍ସାହିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଚଳିତ ବର୍ଷ ବିକଶିତ ଖାଦାନ, ବିକଶିତ ଭାରତ ଶୀର୍ଷକ ବିଷୟବସ୍ତୁ ସହ ଏହି କାର୍ଯ୍ୟକ୍ରମ ଦୀର୍ଘସ୍ଥାୟୀ ଖନନର ଏକ ଅତ୍ୟାବଶ୍ୟକ ଉପାଦାନ ଭାବେ ସୁରକ୍ଷା ସଂସ୍କୃତିକୁ ବିକଶିତ କରିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲା ଏବଂ ନିରନ୍ତର ଉତ୍କର୍ଷକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବୋତ୍ତମ ପଦକ୍ଷେପଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଜୋନ୍ ୧ ର ଖଣି ସୁରକ୍ଷା (ଡିଏମ୍‌ଏସ୍) ନିର୍ଦ୍ଦେଶକ ଅବନିଶ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୁରକ୍ଷା ପତାକା ଉତ୍ତୋଳନ କରିବା ସହ ସୁରକ୍ଷା ବାର୍ତ୍ତା ବହନ କରୁଥିବା ବେଲୁନଗୁଡ଼ିକୁ ଉଡ଼ାଇଥିଲେ। ଏହି ଅବସରରେ ଭୁବନେଶ୍ୱର କ୍ଷେତ୍ର୨ ଡିଏମ୍‌ଏସ୍ ନାସିନା ବାଲାସୁବ୍ରମଣ୍ୟମଙ୍କ ସମେତ ଡିଜିଏମ୍‌ଏସ୍ ନିର୍ଦ୍ଦେଶକ ଏବଂ ଉପନିର୍ଦ୍ଦେଶକ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଖଣି ଏବଂ ରଣନୈତିକ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ କୁମାର ମେହେଟା, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଖଣି ମୁଖ୍ୟ ଶରଣପ୍ପା କାମ୍ବାଲି ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ।

ଏ ନେଇ ଶରଣପ୍ପା କାମ୍ବାଲି କହିଛନ୍ତି, ଏଏମ୍‌ଏନ୍‌ଏସ୍ ଇଣ୍ଡିଆରେ ସୁରକ୍ଷା ହେଉଛି ଏକ ପ୍ରମୁଖ ମୂଲ୍ୟବୋଧ। ମୁଁ ଠାକୁରାଣୀ ଏବଂ ସାଗାସାହି ଖଣିର ଟିମ୍‌ଗୁଡ଼ିକୁ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ଏବଂ ସ୍ୱୀକୃତି ପାଇଁ ଅଭିନନ୍ଦନ ଜଣାଉଛି। ଏହି ସଫଳତାଗୁଡ଼ିକ ଏକ ସଂସ୍କୃତି ସୃଷ୍ଟିକରିବା ପାଇଁ ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଯେଉଁଠାରେ ସୁରକ୍ଷା ଆମ କାର୍ଯ୍ୟର ପ୍ରତ୍ୟେକ ଦିଗରେ ସମ୍ପୂର୍ଣ୍ଣ ଭାବରେ ସନ୍ନିହିତ ରହିଛି।


# Classified Everyday

0674-2580101, 9692975378



MATRIMONIAL

## BRIDE WANTED

Govt. Civil Contractor କୁମୁଟି ଜାତିର ଏକମାତ୍ର ପୁଅ 1987, 5'6" ପାଇଁ ସୁନ୍ଦରୀ ପାତ୍ରୀ ଆବଶ୍ୟକ। 9337186871, 9861834722. D-76291

## GROOM WANTED

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D- 1050



REAL ESTATE

## SALE

Book fully furnished super luxury tetraplex, GA freehold plots, Bhubaneswar, 8.9cr, Biswakarma Constructions 9040059040. D-1274

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

**Duplex sale near AIIMS Hospital Bhubaneswar, apartment Sum Hospital. 9777433701.** D-76285

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ଗୃହୋପଯୋଗି **Single** ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ **2100sqft. area** ବିକ୍ରିହେବ। **6370469894.** D-76292

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/- . 8328868883. D-76284





5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

ବିବାହ ମଣ୍ଡପ ଚନ୍ଦ୍ରଶେଖରପୁରଠାରେ ଭଡ଼ା ଦିଆଯିବ, ସାଜସଜା ଅଡ଼ିଓ ଏବଂ କ୍ୟାଟରିଂ ସାମଗ୍ରୀ। **9437008388.** D-1294





Newly open Jyoti SPA positively health benefits (expert therapist). 8458067955. D-76927

Newly open health benefits SPA by expert therapist. Contact- 8280961126. D-76928

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, date- 14.07.2025, I, Dillip Kumar Nayak, Address: Vill.- Baliapata Basti, Rasulgarh, near Jagannath nagar, Bhubaneswar, Dist.- Khurda, Odisha, PIN- 751025, declare that I have changed my name from Dillip Nayak to Dillip Kumar Nayak. Henceforth, I shall be known as Dillip Kumar Nayak for all purposes.
Dillip Kumar Nayak
D-1300

By virtue of an affidavit No.- 5168, dt.- 14.07.25, before Executive Magistrate, Tirtol. Dist.- Jagatsinghpur state that now onwards I shall be known as Samir Kumar Rout for all purposes. D-1309

By virtue of an affidavit sworn in the Court of Executive Magistrate, Bhubaneswar dated- 14.07.2025, I Smaran Pradhan resident of At- Prahadipanga Ganduri, P.O.- Saramuli, P.S.- Brahmunigaon, Dist.- Kandhamal, Odisha, PIN- 762021, declare that I have changed my name from Sumaran Pradhan to Smaran Pradhan and also changed my date of birth from 11.08.2006 to 11.08.2008. Henceforth, I shall be known as Smaran Pradhan for all purpose. D- 1293

By virtue of an affidavit sworn before the Executive Magistrate, Boudh, No.- 1029, date- 14.07.25, I Dinabandhu Pradhan, R/o. Village- Balianta, P.O.- Bamanda, P.S./ Dist.- Boudh, Odisha, PIN- 762024, declare that I have changed my daughter's name from Prati Pradhan to Priti Pradhan. Henceforth, she shall be known as Priti Pradhan for all purposes.
Dinabandhu Pradhan
D-1305

ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, କଣାସ, ଜି- ପୁରୀଙ୍କ ପାଖରେ ଶପଥ କରୁଅଛି କି ମୁଁ ଅଭିନ ଜେନା, ପି- ପ୍ରକାଶ କୁମାର ଜେନା, ଗ୍ରା- ଖୁଣ୍ଟିଆବାଣପୁର, ପୋ- ଓହ୍ଲାଣ, ଥା- ଗାଡ଼ିଶାଗୋଦା, ଜି- ପୁରୀ, ମୋର ଆଧାର ନମ୍ବର- XXXX XXXX 7885 ମୋର ଆଗ ନାମକୁ ବଦଳାଇ ଅଭିନ କୁମାର ଜେନା କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୧୩୦୨

By virtue of an affidavit sworn before the Executive Magistrate, Angul dated- 15th July 2025, I, Santosh Sahoo, S/o- Kandarpa Sahoo, permanet resident of Vill- Kanyabeda, P.O.- Kandasar, P.S.- Nalco Nagar, Dist.- Angul, declare that I have changed my name from Santosh Kumar Sahu to Santosh Sahoo. Henceforth, I shall be known as Santosh Sahoo for all purpose. D-1304

By virtue of an affidavit sworn before Executive Magistrate(K), Phulbani 1868/ 14.07.25, I Natia Kanhar permanent resident of Patamaha, Kailamba, P.O.- Seskajodi, P.S.- Phiringia, Kandhmal, declared that my daughter's name was wrongly mentioned in Aadhaara Card Kapati Kanhar as male instead of female & also Date of Birth. I have changed my daughter's name from Kapati Kanhar to Nabanita Kanhar. Henceforth, my daughter shall be known as Nabanita Kanhar for all purposes.
Natia Kanhar
D-1303

By virtue of an affidavit sworn before the Notary Public, Rourkela date- 30.12.2022, I Pinki Samal, W/o. Sukanta Kumar Samal, R/o. Qtr. No.F/49, Sector-1, Rourkela-6, P.S. Sector- 03, Dist.- Sundargarh, Odisha, PIN- 769006 do hereby declare that I have changed my parental surname from 'Nayak' to my in- law's surname 'Samal'. Henceforth, I shall be known as Pinki Samal for all purposes.
Pinki Samal
D-1301


## ମନେ ପଡ଼ନ୍ତି

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



**୰ସରୋଜ କୁମାର ମହାନ୍ତି**

ପତ୍ନୀ: ଶାନ୍ତିଧରା ମହାନ୍ତି
Plot No.- 1377, ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ-୦୨।୦୮।୧୯୩୮
ତିରୋଧାନ- ୦୨।୦୮।୨୦୧୮

ଆପଣଙ୍କ ସମସ୍ତଙ୍କ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଆମର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ, ମା' ଶାରଳାଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୩୦୮

### ଶ୍ରାଦ୍ଧବାର୍ଷିକୀ



**୰ ଆର୍ତ୍ତ ପଣ୍ଡା**

ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ

ଚାହିଁ ଚାହିଁ ବର୍ଷ ପରେ ବର୍ଷ ବିତିଗଲା ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି । ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ । ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ :
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୪୪୦୫

### ଏକାଦଶାହ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰କ୍ଷେତ୍ରମୋହନ ଦୀକ୍ଷିତ**

ଓରଣ୍ଡ, ବାଲିକୁଦା, ଜଗତ୍‌ସିଂହପୁର
ଆବିର୍ଭାବ: ତା ୨୭ । ୦୬ । ୧୯୪୬
ତିରୋଧାନ: ତା ୦୬ । ୦୭ । ୨୦୨୫

ତୁମ ବିୟୋଗରେ ପରିବାରବର୍ଗ, ବନ୍ଧୁବାନ୍ଧବ ମର୍ମାହତ, ତୁମର ବଳିଦାନ, ତ୍ୟାଗ, ସ୍ନେହ ମମତା କେବେ ଭୁଲିପାରିବୁ ନାହିଁ । ତୁମ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ପ୍ରାର୍ଥନା ।

ଶୋକସନ୍ତପ୍ତ :
ପତ୍ନୀ-ଟୁନିଲତା, ପୁତ୍ର-ଅନୁପମ, ଆଶିଷ, ପୁତ୍ରବଧୂ-ଅରୁଣା, ଆରତୀ, ଝିଅ-ଜୟନ୍ତୀ, ମମତା, କୁନା, ଜ୍ୱାଇଁ-ପଞ୍ଚାନନ, ପ୍ରଦୀପ୍ତ, ଜ୍ୟୋତିରଂଜନ, ନାତିନାତୁଣୀ-ପରୀ, ପଲ୍ଲୁ, ଆଦି, ରୁଦ୍ର, ରାନୀ, ଲାଲୁ, ମିକୁ, ସୁବ୍ରତ, ଲଭ୍‌ଲୀ ଓ ସାନୁ
ଧ-୧୩୦୬

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଅଙ୍କୁରେ...



➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍‌ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

# ବର୍ଷାଋତୁରେ ପ୍ରାଣୀଙ୍କ ସୁରକ୍ଷା



ଡା. ନିରାକାର ଜେନା

ସାଧାରଣତଃ ଜୁନ୍ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଆମ ରାଜ୍ୟରେ ବର୍ଷାଋତୁ ଅନୁଭୂତ ହୋଇଥାଏ। ଏହି ସମୟରେ ବେଳେବେଳେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଅନେକ ସମୟରେ ଲଗାଣ ବର୍ଷା ଯୋଗୁ ଉପକୂଳବର୍ତ୍ତୀ ତଳିଆ ଅଞ୍ଚଳରେ ବର୍ଷାଜଳ ଜମି ରହିଥାଏ। ଫଳରେ ଗୃହପାଳିତ ପ୍ରାଣୀମାନଙ୍କର ଚାରଣ ଭୂମି ଏବଂ ଚାଷ କରାଯାଉଥିବା ସବୁଜ ଘାସ ପ୍ଲଟ୍‌ରେ ପାଣି ବୁଡ଼ି ରହିଥାଏ। ତେଣୁ ଏହି ୪ ମାସରେ ସେମାନଙ୍କୁ ଖାଦ୍ୟ କଷ୍ଟ ଦେଖାଦେଇଥାଏ। ସେହିପରି ଏହି ସମୟରେ ଅନେକ ପ୍ରକାର ଜଳବାହିତ ରୋଗ ହେବା ଆଶଙ୍କା ଥାଏ। ତେଣୁ ଏହି ୪ ମାସ ଗୋପାଳକ ଭାଇ ଏବଂ ଭଉଣୀମାନଙ୍କ ପାଇଁ ଅତି କଷ୍ଟଦାୟକ ପରିସ୍ଥିତି ସୃଷ୍ଟି କରିଥାଏ। ତେଣୁ ଏହି ୪ମାସରେ ଅର୍ଥାତ୍, ବର୍ଷାଦିନରେ ସାଧାରଣ କେତୋଟି ଦିଗ ପ୍ରତି ଧ୍ୟାନ ଦେଇ ପ୍ରାଣୀଧନ ପରିପାଳନ କଲେ ନିଶ୍ଚିତ ଭାବରେ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ଓ ଉତ୍ପାଦିକା କ୍ଷମତା ଅବ୍ୟାହତ ରହିବା ସହ ଚାଷୀମାନେ କ୍ଷତିରୁ ବର୍ତ୍ତିଯାଇପାରିବେ।

ସାଧାରଣତଃ ବର୍ଷାଦିନର ପ୍ରତିକୂଳ ପ୍ରଭାବକୁ ପ୍ରତିହତ କରିବା ପାଇଁ ହେଲେ ବର୍ଷାଦିନ ପୂର୍ବରୁ ପ୍ରସ୍ତୁତ ରହିବାକୁ ପଡିବ। ସେଭଳି କେତୋଟି ପ୍ରମୁଖ ଦିଗ ବିଷୟରେ ନିମ୍ନରେ ସୂଚନା ଦିଆଯାଇଛି।

**ଟିକାକରଣ ଓ କୃମିନାଶକ ପ୍ରଦାନ**

ବର୍ଷାଦିନ ପୂର୍ବରୁ ସାଧାରଣତଃ ଗାଇ ଏବଂ ମଇଁଷିମାନଙ୍କୁ ସାହାଣା, ବଜବଜିଆ, ଫାଟୁଆ ଆଦି ଟିକା ଦେଇଦେବା ଦରକାର। ସେହିପରି ଛେଳିମାନଙ୍କୁ ପିପିଆର୍, ଇଏନ୍‌ଟି ଏବଂ ଗୋଟ୍ ପକ୍ସ ଟିକା ଏବଂ କୁକୁଡ଼ାମାନଙ୍କୁ ରାଣୀକ୍ଷେତ ଟିକା ଆଦି ଦେବା ଉଚିତ। ସେହିପରି ବର୍ଷାଦିନେ ଗୃହପାଳିତ ପ୍ରାଣୀମାନେ ଅଧିକ କୃମିରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ତେଣୁ ବର୍ଷାଦିନ ପୂର୍ବରୁ ସେମାନଙ୍କର ମଳ ପରୀକ୍ଷାକରି ସମସ୍ତ ଗୃହପାଳିତ ପ୍ରାଣୀଙ୍କୁ କୃମିନାଶକ ଲିଭର ଟନିକ୍ ସହ ଦେଇଦେବା ଉଚିତ।

**ଘର ମରାମତି**

ବର୍ଷାଦିନ ପୂର୍ବରୁ ଗୃହପାଳିତ ପ୍ରାଣୀମାନେ ରହୁଥିବା ସ୍ଥାନ ଅର୍ଥାତ୍ ଗୁହାଳରେ ଥିବା କଣା, ଫାଟ ଏବଂ କାନ୍ଥ ଆଦିକୁ ମରାମତିକରି ଦେବା ଉଚିତ। ଗୁହାଳ ଭିତରେ ଏବଂ ବାହାରକୁ ଭଲ ଭାବରେ ସଫାସୁତରା କରିଦେବା ଉଚିତ।

**ଖାଦ୍ୟ ପରିଚାଳନା**

ବର୍ଷାଦିନ ପୂର୍ବରୁ ଆକଳନକରି ପର୍ଯ୍ୟାପ୍ତ ପରିମାଣର ଶୁଖିଲା ନଡ଼ା, ଦାନା, କୁଣ୍ଡା ଆଦି ମହଜୁଦ ରଖିବା ଉଚିତ। ବର୍ଷାଦିନକୁ ଆଖି ଆଗରେ ରଖି ସବୁଜ ଗୋଖାଦ୍ୟ ଫସଲ ଚାଷ ଆବଶ୍ୟକତା ଅନୁସାରେ କିଛି ପ୍ରସ୍ତୁତ ରହିବା ଉଚିତ। ବର୍ଷାଦିନ ପୂର୍ବରୁ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରିବା ଦରକାର।

> "ବର୍ଷାଦିନେ ପ୍ରତିକୂଳ ପାଗରୁ ପ୍ରାଣୀଙ୍କୁ ରକ୍ଷାକରିବା ପାଇଁ ସେମାନଙ୍କର ତଥା ସେମାନଙ୍କର ଉତ୍ପାଦିକା କ୍ଷମତା ବଜାୟ ରଖିବା ପାଇଁ ଗୁହାଳ ଶୁଖିଲା ରଖନ୍ତୁ। ଗୁହାଳର ଛପର, ଝରକା ଏବଂ କବାଟ କଣାରହିତ ହେବା ଉଚିତ। ଗୁହାଳ ଚଟାଣ ସଫାସୁତରା ରହିବା ସହ ମଳମୂତ୍ର ନିର୍ଗମନ ପାଇଁ ଉଚିତ ବ୍ୟବସ୍ଥା କରାଯିବା ଦରକାର। ଗୁହାଳରେ ଆବଶ୍ୟକ ଆଲୋକ ଏବଂ ପଙ୍ଖାର ବ୍ୟବସ୍ଥା ରହିବା ଉଚିତ। ଗୁହାଳକୁ ସ୍ୱଚ୍ଛ ପାଣି ଆଦିର ବ୍ୟବସ୍ଥା କରନ୍ତୁ।"



**ରୋଗ ନିରାକରଣ**

ବର୍ଷାଦିନ ପୂର୍ବରୁ ରୋଗର ଲକ୍ଷଣ ଦେଖାଯାଉଥିବା ପ୍ରାଣୀମାନଙ୍କୁ ଚିହ୍ନଟକରି ସେମାନଙ୍କୁ ଅଲଗାକରି ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଇ ସୁସ୍ଥ କରନ୍ତୁ। ସନ୍ତସନ୍ତିଆ ଜାଗାରେ ଗୃହପାଳିତ ପ୍ରାଣୀମାନଙ୍କୁ ଛାଡ଼ନ୍ତୁ ନାହିଁ।

**ଟିଙ୍କ ନିୟନ୍ତ୍ରଣ**

ଟିଙ୍କମାନେ ଗୃହପାଳିତ ପ୍ରାଣୀମାନଙ୍କ ଠାରେ ଥାଲେରିଆ, ବାବେସିଆ ଏବଂ ଟ୍ରିମାନୋସୋମା ଆଦି ରୋଗର ବାହକ ଅଟନ୍ତି। ଏହିସବୁ ରୋଗର ଚିକିତ୍ସା ବ୍ୟୟସାପେକ୍ଷ। ତେଣୁ ବର୍ଷାଦିନର ଯଥେଷ୍ଟ ପୂର୍ବରୁ ଗୃହପାଳିତ ପ୍ରାଣୀମାନଙ୍କୁ ଟିଙ୍କ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଇବା ଉଚିତ।

**ଚାପ ନିୟନ୍ତ୍ରଣ**

ବର୍ଷାଦିନ ପୂର୍ବରୁ ଗୃହପାଳିତ ପ୍ରାଣୀମାନଙ୍କୁ ପରିବହନ, ଅପପୁଷ୍ଟି ଏବଂ ପରିବେଶଜନିତ ଚାପରୁ ମୁକ୍ତ ରଖିବା ଉଚିତ।

**ବର୍ଷାଦିନେ ଗୁହାଳ ପରିଚାଳନା**

➤ଗୃହପାଳିତ ପ୍ରାଣୀମାନଙ୍କୁ ସୁରକ୍ଷିତ ତଥା ଆରାମ ପାଇଁ ଏକ ଭଲ ଗୁହାଳର ଆବଶ୍ୟକତା ରହିଛି।

➤ବର୍ଷାଦିନେ ପ୍ରତିକୂଳ ପାଗରୁ ସେମାନଙ୍କୁ ରକ୍ଷାକରିବା ପାଇଁ ସେମାନଙ୍କର ତଥା ସେମାନଙ୍କର ଉତ୍ପାଦିକା କ୍ଷମତା ବଜାୟ ରଖିବା ପାଇଁ ସେମାନଙ୍କର ଗୁହାଳ ଶୁଖିଲା ରଖନ୍ତୁ। ଗୁହାଳର ଛପର, ଝରକା ଏବଂ କବାଟ କଣାରହିତ ହେବା ଉଚିତ। ଗୁହାଳ ଚଟାଣ ସଫାସୁତରା ରହିବା ସହ ମଳମୂତ୍ର ନିର୍ଗମନ ପାଇଁ ଉଚିତ ବ୍ୟବସ୍ଥା କରାଯିବା ଦରକାର। ଗୁହାଳରେ ଆବଶ୍ୟକ ଆଲୋକ ଏବଂ ପଙ୍ଖାର ବ୍ୟବସ୍ଥା ରହିବା ଉଚିତ। ଗୁହାଳକୁ ସ୍ୱଚ୍ଛ ପାଣି ଆଦିର ବ୍ୟବସ୍ଥା କରନ୍ତୁ।

➤ଗୁହାଳ ଚାରିପଟେ ବଢ଼ିଥିବା ଅନାବନା ଘାସକୁ ସଫା କରିଦେବା ଉଚିତ।

➤ଗୁହାଳ ଚାରିପାଖରେ ଅଳିଆ ଆବର୍ଜନା ଜମା କରନ୍ତୁ ନାହିଁ। ଯଦି ଜମା ଅଛି ତେବେ ସେଗୁଡିକୁ ଭଲ ଭାବରେ ସଫା କରି ଦିଅନ୍ତୁ।

➤ଗୁହାଳଟି ଉଚ୍ଚ ସ୍ଥାନରେ ଅବସ୍ଥିତ ହେବା ଦରକାର।

➤ଗୁହାଳଟି ଯଦି ଖୋଲା ଭାବରେ ତିଆରି ହୋଇଥିବ, ତା' ହେଲେ ବର୍ଷାଜଳ, ଥଣ୍ଡା ପବନ ଭିତରକୁ ନ ଯିବା ପାଇଁ ବ୍ୟବସ୍ଥା କରିବା ଉଚିତ।

**ଖାଦ୍ୟ ପରଚାଳନା**

➤ବର୍ଷାଦିନେ ସାଇତା ଖାଦ୍ୟରେ ଫିମ୍ପି ଲାଗି ଯିବାର ଅଧିକ ଆଶଙ୍କା ରହିଛି। ତେଣୁ ଖାଦ୍ୟକୁ ବର୍ଷାଦିନେ ସାଇତି ରଖିବା ସମୟରେ ଅଧିକ ଧ୍ୟାନ ଦେବା ଉଚିତ।

➤ବର୍ଷାଦିନେ ଘାସରେ ଅଧିକ ଜଳୀୟ ଅଂଶ ଥାଏ। ତେଣୁ ଏହାକୁ ସଙ୍ଗେ ସଙ୍ଗେ କାଟି ଖାଇବାକୁ ଦେବା ଅନୁଚିତ। ଏହାକୁ ଖରାରେ ଶୁଖାଇ କିମ୍ବା ଶୁଖିଲା କୁଟା/ନଡା ମିଶାଇ ଖାଇବାକୁ ଦିଅନ୍ତୁ। ନଚେତ୍ ପ୍ରାଣୀଙ୍କୁ ଥଣ୍ଡା ଜ୍ୱର କିମ୍ବା ପତଳା ଝାଡା ହୋଇଥାଏ।

➤ବର୍ଷାଦିନେ ପ୍ରାଣୀଙ୍କ ଶରୀରରେ ତାପମାତ୍ରା ଠିକ୍ ରଖିବା ପାଇଁ ଶ୍ୱେତସାର, ସ୍ନେହସାର ଏବଂ ଭିଟାମିନ୍ ଖାଦ୍ୟ ଦିଅନ୍ତୁ।

**ମନେରଖନ୍ତୁ**

➤ବର୍ଷାଦିନେ ପ୍ରାଣୀଙ୍କୁ ଗଛତଳେ ବାନ୍ଧନ୍ତୁ ନାହିଁ। କାରଣ ଏହି ସ୍ଥାନଟି ବିଜୁଳି ଘଡ଼ଘଡ଼ି ପାଇଁ ଅଧିକ ବିପଜ୍ଜନକ ହୋଇଥାଏ।

➤ବର୍ଷା ସମୟରେ ପ୍ରାଣୀମାନଙ୍କୁ ବାହାରକୁ ଚରିବାକୁ ଛାଡନ୍ତୁ ନାହିଁ।

➤ବର୍ଷାଦିନରେ ପ୍ରାଣୀମାନଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧନ୍ତୁ ନାହିଁ।

➤ବର୍ଷାଦିନେ ଖାଦ୍ୟ ନଷ୍ଟ ଦୂରକରିବା ପାଇଁ ଭିଟାମିନ୍ ଏବଂ ଖଣିଜ ଲବଣଯୁକ୍ତ ଖାଦ୍ୟ ଖାଇବାକୁ ଦେବା ଦରକାର।

➤ଫାର୍ମ ବା ଗୁହାଳକୁ ସର୍ପମାନଙ୍କ କବଳରୁ ରକ୍ଷା କରିବା ପାଇଁ କାର୍ବୋଲିକ ଏସିଡ୍ ବ୍ୟବହାର କରନ୍ତୁ।

➤ବନ୍ୟା, ବାତ୍ୟା ଆଦି ଖବର ଜାଣିବା ପାଇଁ ସଦାସର୍ବଦା ତତ୍ପର ରୁହନ୍ତୁ।

➤ଯେକୌଣସି ସ୍ୱାସ୍ଥ୍ୟଗତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ସହ ସବୁବେଳେ ସମ୍ପର୍କରେ ରହିବା ଆବଶ୍ୟକ।

–ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ, ତିହିଡ଼ି, ଭଦ୍ରକ, ମୋ : ୯୪୩୯୮୯୦୦୨୬



## ଫଳ ବଗିଚା କାର୍ଯ୍ୟ

**ଆମ୍ବ**, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛି ଦିନ ପାଇଁ ଛାଡ଼ି ଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି., ନଡ଼ିଆ – ୧ ମି. x ୧ ମି.x୧ ମି., କଦଳୀ – ୦.୪ ମି. x ୦.୪ ମି. x ୦.୪ ମି. , କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି. ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ। ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ।

## ପନିପରିବା ତଳି ପଟି ପ୍ରସ୍ତୁତି



**ତ**ଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ। ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନକରି ବୁଣନ୍ତୁ । ମଞ୍ଜି ବୁଣିବା ପରେ ଛଣ ବା ନଡ଼ା ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ । ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ଛଣ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ । ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନକରି ଜମିରେ ଲଗାନ୍ତୁ। ୧ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାରର ତଳିପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳିଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ। ବାଇଗଣ ମଞ୍ଜି ହେକ୍ଟର ପ୍ରତି ୫୦୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୧ କି.ଗ୍ରା. ଆବଶ୍ୟକ । ଯଦି ସଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ।

## ଅଣଧାନ ଫସଲ ଚାଷ କରୁଥିଲେ...



**ବ**ର୍ଷାଧାର ଜମିରେ ଧାନ ବଦଳରେ ବିଭିନ୍ନ ଅଣଧାନ ଫସଲ ଯଥା– ମକା, ମାଣ୍ଡିଆ, ମୁଗ, ବିରି, ଝୁଡ଼ଙ୍ଗ, ହରଡ଼, ଚିନାବାଦାମ, ରାଶି, ପନିପରିବା ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ିପ୍ରବଣ ଢିପ ଜମିରେ ଧାନ କିମ୍ବା ହରଡ଼ ସହ ବିଭିନ୍ନ ଅନ୍ତଃଫସଲ (ପନିପରିବା, ମକା, ଡାଲିଜାତୀୟ ଫସଲ) ଚାଷ କରନ୍ତୁ। ଗୋଟିଏ ଜମିରେ ବାରମ୍ବାର ଗୋଟିଏ ଫସଲ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ତଥା ପରାଗ ସଙ୍ଗମକୁ କ୍ଷତି କରିବ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ। ପରାଶ୍ରୟୀ ପୋକମାନଙ୍କୁ ପ୍ରୟୋଗକରି କୀଟ ନିୟନ୍ତ୍ରଣ କରିବା ପାଇଁ କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରନ୍ତୁ ।

## ମାଛ ଯାଆଁଳ ଛାଡ଼ିବା ସମୟରେ...

**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲା ପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଜାତିଆ ମାଛ ଯଥା– ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛ ଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ ।



# ମହିଳା କୃଷକଙ୍କ ଶ୍ରମ ହ୍ରାସ ପାଇଁ କୃଷି ଯାନ୍ତ୍ରିକୀକରଣ



ଡ. ଶିବାନୀ ମହାପାତ୍ର

**ଭା**ରତର କୃଷି ବ୍ୟବସ୍ଥାର ମୂଳ ଶକ୍ତି ମହିଳା କୃଷକ। ଅନେକ ଅଞ୍ଚଳରେ ସେମାନେ କୃଷି, ଆନୁଷଙ୍ଗିକ କୃଷି ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ରହିଥାନ୍ତି। ଓଡ଼ିଶା ରାଜ୍ୟର ଅନେକ ଜିଲାରେ ମହିଳା ଶ୍ରମିକମାନେ ବହୁ ପରିମାଣରେ କୃଷି କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। କିନ୍ତୁ ଏହି ମହିଳା କୃଷକଙ୍କ ଶାରୀରିକ ଶ୍ରମ, ଦୀର୍ଘ ସମୟ ଧରି ବକ୍ର ହୋଇ ବା ନଇଁ କାମ କରିବା ଏବଂ ବେଳେବେଳେ ଅଯଥା ଭାର ଉଠାଇବା ପରିସ୍ଥିତି ତାଙ୍କ ସ୍ୱାସ୍ଥ୍ୟକୁ ଗମ୍ଭୀର ଭାବେ ପ୍ରଭାବିତ କରିଥାଏ। ଏହି ସମସ୍ୟା ପାଇଁ ଦୀର୍ଘକାଳୀନ ଯନ୍ତ୍ରଣା, ମାଂସପେଶୀ ଅସୁବିଧା ଏବଂ କାମରୁ ଅନୁପସ୍ଥିତି ରହି ସେମାନଙ୍କ ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଥାଏ।

ମହିଳା ଶ୍ରମିକମାନେ ବୃହତ୍ ପରିମାଣରେ କୃଷି କାମରେ ନିଯୁକ୍ତ ହେଉଛନ୍ତି, କିନ୍ତୁ ସେମାନଙ୍କ ପାଇଁ ଉପଯୁକ୍ତ ଯନ୍ତ୍ର ବା ଉପକରଣ ମିଳୁନାହିଁ। ପୁରୁଷଙ୍କ ଶରୀର ଗଠନ ଦୃଷ୍ଟିରୁ ତିଆରି ହୋଇଥିବା ଅଧିକାଂଶ ଉପକରଣ ମହିଳାମାନେ ସହଜରେ ବ୍ୟବହାର କରିପାରୁନାହାନ୍ତି। ଏହି ଅନୁପଯୁକ୍ତ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ତାଙ୍କର ଶାରୀରିକ ଅସୁବିଧା ଅଧିକ ବୃଦ୍ଧି ପାଉଛି। ଅନୁସନ୍ଧାନରୁ ଦେଖାଯାଇଛି ଯେ ମହିଳା ଶ୍ରମିକଙ୍କ ମଧ୍ୟରେ ୭୦%ରୁ ଅଧିକ ଲୋକ ମାଂସପେଶୀ ଯନ୍ତ୍ରଣାରେ ଭୋଗୁଛନ୍ତି। ଏହି ପ୍ରସଙ୍ଗରେ ଏକ ନୂଆ ଆଶା ଉଭା ହୋଇଛି। ମହିଳାଙ୍କ ଲାଗି ଉପଯୁକ୍ତ ଯାନ୍ତ୍ରିକ ଉପକରଣ ଓ ସେମାନଙ୍କ ନିଜ ଶାରୀରିକ ଆକୃତି ଅନୁଯାୟୀ ଉନ୍ନତ ଡିଜାଇନରେ ତିଆରି କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଦରକାର। ଏହା ସହ ବେଳେବେଳେ ସ୍ଥାନୀୟ କାରିଗର ଓ ଶିଳ୍ପୀମାନଙ୍କ ସହଯୋଗରେ ଉପକାରୀ ଉପକରଣମାନ ତିଆରି କରାଯାଉଛି। ଏ ପର୍ଯ୍ୟନ୍ତ ମହିଳାଙ୍କ ଶରୀର ଓଜନ ଓ ଆକୃତିକୁ ଆଖି ଆଗରେ ରଖି ମଞ୍ଜି ବୁଣା, ତଳି ରୁଆ, ଧାନ ଅମଳ ଯନ୍ତ୍ର, କୋଡ଼ା ଖୁସା ଖୁର୍ପି, ଦା, ବାଦାମ ଛଡ଼ା ଯନ୍ତ୍ର ଆଦି ବାହାରିଲାଣି । ଛୋଟ ଟ୍ରାକ୍ଟର, ପାୱାର ଟିଲର, ଘାସ ସଫା ଯନ୍ତ୍ର ମଧ୍ୟ ତିଆରି ହେଲାଣି ।

> "କୃଷି କର୍ମ କରୁଥିବା ମହିଳାମାନେ ନିଜ ଅଭିଜ୍ଞତା ଓ ଦୃଷ୍ଟିକୋଣ ନେଇ ସମୂହ ଭିତ୍ତିକ ଉଦ୍ୟମରେ ଅଂଶଗ୍ରହଣ କରୁଛନ୍ତି। ସ୍ୱୟଂ ସହାୟକ ଦଳ ଓ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ ମାଧମରେ ମହିଳାମାନେ ବିଭିନ୍ନ ଟ୍ରେନିଂ ଦେଉଛନ୍ତି, ଯନ୍ତ୍ର ବ୍ୟବହାର ବିଷୟରେ ଶିଖାଉଛନ୍ତି। ଏହି ପଦକ୍ଷେପମାନ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରୁଛି ଏବଂ ଗ୍ରାମରେ ତାଙ୍କ ସ୍ଥିତିକୁ ଉନ୍ନତ କରୁଛି।"



କୃଷି କର୍ମ କରୁଥିବା ମହିଳାମାନେ ନିଜ ଅଭିଜ୍ଞତା ଓ ଦୃଷ୍ଟିକୋଣ ନେଇ ସମୂହ ଭିତ୍ତିକ ଉଦ୍ୟମରେ ଅଂଶଗ୍ରହଣ କରୁଛନ୍ତି। ସ୍ୱୟଂ ସହାୟକ ଦଳ ଓ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ ମାଧମରେ ମହିଳାମାନେ ବିଭିନ୍ନ ଟ୍ରେନିଂ ଦେଉଛନ୍ତି, ଯନ୍ତ୍ର ବ୍ୟବହାର ବିଷୟରେ ଶିଖାଉଛନ୍ତି। ଏହି ପଦକ୍ଷେପମାନ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରୁଛି ଏବଂ ଗ୍ରାମରେ ତାଙ୍କ ସ୍ଥିତିକୁ ଉନ୍ନତ କରୁଛି। ଏକ ସର୍ଭେରୁ ଜଣାପଡ଼ିଛି ଯେ, ମହିଳାମାନଙ୍କ ପାଇଁ ନିର୍ମିତ କୃଷି ଯନ୍ତ୍ର ସେମାନେ ବ୍ୟବହାର କରିବା ଦ୍ୱାରା ସେମାନଙ୍କର ଶାରୀରିକ କଷ୍ଟ କମିଛି। ଦୁର୍ଗମ କୃଷି କର୍ମ ଅଧିକ ସହଜ ଓ ଦ୍ରୁତ ହୋଇପାରିଛି। ସେମାନେ ଅନ୍ୟ ମହିଳାଙ୍କୁ ଉତ୍ସାହିତ କରୁଛନ୍ତି। ନୂଆ ଉପକରଣ ବିକାଶ ପାଇଁ ମତ ଦେଉଛନ୍ତି ଏବଂ ନିଜ ଅଭିଜ୍ଞତା ଆଧାରିତ ଉପାୟ ଉପସ୍ଥାପନ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଏକ ନୀତି ବଦଳ ପାଇଁ ଆହ୍ୱାନ । ଦେଖାଯାଇଛି, ମହିଳା ଶ୍ରମ ଓ ସ୍ୱାସ୍ଥ୍ୟ ଅନ୍ତର୍ଭୁକ୍ତ କରିବା ଦ୍ୱାରା କୃଷି ଉତ୍ପାଦନକୁ ଉନ୍ନତ କରାଯାଇପାରିବ। ରାଜ୍ୟ ଓ ଜାତୀୟ ସ୍ତରରେ ଯାନ୍ତ୍ରିକୀକରଣ ନୀତିରେ କୃଷି ସହାୟତା ଯୋଜନାରେ ଅନୁଭବ ଆଧାରିତ ଟ୍ରେନିଂ ଦେବା ଏବଂ ଦୀର୍ଘମିଆଦୀ ବିକାଶ କାର୍ଯ୍ୟକ୍ରମରେ ଏହି ଉଦ୍ୟମକୁ ଅଂଶୀଦାର କରିବା ଆବଶ୍ୟକ। ମହିଳା କୃଷକଙ୍କ ଶାରୀରିକ ଶ୍ରମ କମାଇବାରେ ଯାନ୍ତ୍ରିକୀକରଣ ଓ ସମୟ ଉପଯୋଗୀ ଉଦ୍ୟମ ଏକ ନୂଆ ଦିଗ୍‌ଦର୍ଶନ, ଯାହା ମହିଳାଙ୍କୁ କେବଳ ଶ୍ରମିକ ଭାବରେ ନୁହେଁ, ବିକାଶର ନେତା ଭାବେ ପରିଚିତ କରାଉଛି। ଦେଖାଯାଇଛି, ଏହା ଏକ ସହଯୋଗମୂଳକ, ଗ୍ରାମ ପ୍ରତିଭା ଆଧାରିତ ପଦ୍ଧତି ଯାହା ଦ୍ୱାରା କୃଷି ଶ୍ରମ ଓ ସ୍ୱାସ୍ଥ୍ୟ ଉପରେ ସାର୍ବଭୌମ ପରିବର୍ତ୍ତନ ଆଣିବାରେ ନିଶ୍ଚିତ ସହାୟକ ହେବ ।

–ସହକାରୀ ପ୍ରଫେସର (ଗବେଷଣା)
ଜୈବ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୬୩୭୨୫୯୮୯୯୩

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁଲାଇ ୧୬/୨୦୨୫ Bhubaneswar, Wedensday, July 16/ 2025

**ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍**

# ଓପନ ୱାଟର ସୁଇମିଂ ସ୍ଥଗିତ

ସିଙ୍ଗାପୁର, ୧୫।୭ (ଏପି)

ଜଳର ମାନ ଖରାପ ଥିବାରୁ ସିଙ୍ଗାପୁରରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପର ଓପନ ୱାଟର ସୁଇମିଂକୁ ସ୍ଥଗିତ ରଖାଯାଇଛି। ୱାର୍ଲ୍ଡ ଆକ୍ୱାଟିକ୍ସର ପରିଚାଳନା ପରିଷଦ ପକ୍ଷରୁ ଏହା ଘୋଷଣା କରାଯାଇଛି। ମଙ୍ଗଳବାର ମହିଳା ୧୦ କିଲୋମିଟର ରେସ୍ ଅନୁଷ୍ଠିତ ହୋଇଥାନ୍ତା, ମାତ୍ର ତାହା ବୁଧବାରକୁ ଘୁଞ୍ଚାଇ ଦିଆଯାଇଛି। ଏହିଦିନ ପୁରୁଷ ୧୦ କି.ମି. ଇଭେଣ୍ଟ ଅନୁଷ୍ଠିତ ହେବ। ଅନ୍ୟ ଓପନ ୱାଟର ଇଭେଣ୍ଟଗୁଡ଼ିକ ଶୁକ୍ର, ଶନି ଓ ରବିବାର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସ ସିନ୍ ନଦୀ ଜଳର ମାନକୁ ନେଇ ଚିନ୍ତା ପ୍ରକଟ କରାଯିବା ସହ ଖୁବ୍ ଚର୍ଚ୍ଚା ହୋଇଥିଲା। ୨୦୨୧ ଟୋକିଓ ଅଲିମ୍ପିକ୍ସ ଓ ୨୦୧୬ ରିଓ ଡି' ଜେନିରୋ ଅଲିମ୍ପିକ୍ସ ବେଳେ ଏହି ପ୍ରସଙ୍ଗ ଉଠିଥିଲା। ବିଶ୍ୱ ଚାମ୍ପିୟନଶିପ୍‌ର ୱାଟର ପୋଲୋ ପ୍ରତିଯୋଗିତା ଏକ ଇନ୍‌ଡୋର ଭେନ୍ୟୁରେ ଅନୁଷ୍ଠିତ ହେଉଛି।

# ଈଶାରାଣୀ, ଗିନ୍‌ପଲ ଚାମ୍ପିୟନ



ପଦକ ବିଜୟୀ ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ସର୍ବଭାରତୀୟ ସିନିୟର ର‍୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ**

ଭୁବନେଶ୍ୱର, ୧୫।୭ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମସ୍ଥିତ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମ 'ସଟଲ'ରେ ୟୋନେକ୍ସ ସନ୍‌ରାଇଜ ସର୍ବଭାରତୀୟ ସିନିୟର ର‍୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ସିଙ୍ଗଲ୍ସରେ ଆସାମର ଈଶାରାଣୀ ବରୁଆ ଓ ପୁରୁଷ ସିଙ୍ଗଲ୍ସରେ ଦିଲ୍ଲୀର ଗିନପଲ ଏସ୍. ଚାମ୍ପିୟନ ହୋଇଛନ୍ତି। ଈଶାରାଣୀ ଫାଇନାଲରେ ଟପ୍ ସିଡ୍ ଉତ୍ତର ପ୍ରଦେଶର ମାନସି ସିଂଙ୍କୁ ୨୩-୨୧,୨୧-୧୦ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଗିନପଲ୍ ଫାଇନାଲରେ ହରିୟାଣାର ମନରାଜ ସିଂଙ୍କୁ ସିଧାସଳଖ ୨୧-୧୭, ୨୧ -୧୬ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲରେ ସାତ୍ତ୍ୱିକ ରେଡ୍ଡୀ ଓ ରାଧିକା ଶର୍ମା ୧୭-୨୧, ୨୧-୧୬, ୨୧-୧୨ ସେଟ୍‌ରେ ନୀତୀନ ଏଚ୍.ଭି. ଓ ଶ୍ରୀନିଧି ନାରାୟଣଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ମହିଳା ଡବଲ୍ସ ଫାଇନାଲରେ ଶ୍ରେୟା ବାଲାଜୀ ଓ ଦୀପ୍ତା ଏସ୍. ୨୧-୧୩, ୧୮-୨୧, ୨୧-୧୯ ସେଟ୍‌ରେ ଆନ୍ୟା ବିସ୍ତ ଓ ଆଞ୍ଜେଲ ପୁନେରାଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ପୁରୁଷ ଡବଲ୍ସ ଫାଇନାଲରେ ସୂରଜ ଗୋଆଲା ଓ ଧ୍ରୁବ ରାୱତ ଯୋଡ଼ି ୨୧-୧୨, ୨୧-୧୪ ସେଟ୍‌ରେ ନୀତୀନ ଏଚ୍.ଭି. ଓ ଭେଙ୍କଟ ହର୍ଷବର୍ଦ୍ଧନ ଭି.ଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘ, ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହଯୋଗରେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ବିଏମସି କମିଶନର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଓସ୍‌ବା ସଭାପତି ରାଜେଶ ପ୍ରଭାକର ପାଟିଲ, କ୍ରୀଡା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟାନନ୍ଦ ନାୟକ, ଓସ୍‌ବା ସମ୍ପାଦକ ନିଳିନ କୁମାର ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ସର୍ବଭାରତୀୟ ପ୍ରତିଯୋଗିତାର ବିଭିନ୍ନ ବିଭାଗର ସୁପରିଚାଳନା ପାଇଁ ଆୟୋଜନ କମିଟିରେ ଥିବା ପ୍ରଦୀପ ପଟ୍ଟନାୟକ, ମନୋରଞ୍ଜନ ପଣ୍ଡା, ଶୈଳେନ୍ଦ୍ର ଚୌଧୁରୀ, କମଲ ଦାସ, ସୁରୁଲାଲ ମଟାରୀ, ଦୀପକ ମହାନ୍ତି, ସମୀର ଦାସ, ପ୍ରୀତପାଲ ସିଂ, ଶୁଭମ ଶର୍ମା, ଶୁଭମ ନାୟକ, ମନୋରଞ୍ଜନ ଦାସ, ସନ୍ଦୀପ ମିଶ୍ର, ଶୁଭ୍ରାଂଶୁ ପଣ୍ଡା, ଅନନ୍ତ ବେହେରା ଓ ଅଜିତ ମହାନ୍ତି ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। । ମୁଖ୍ୟ ରେଫରି ଭାବରେ ବିଡବ୍ଲ୍ୟୁଏଏଫ ମାନ୍ୟତାପ୍ରାପ୍ତ ରେଫରି ସି.ଆର. ରାଜୀବ, ଅନ୍ତର୍ଜାତୀୟ ରେଫରି ଗୌରବ ଖାନ୍ନା ମ୍ୟାଚ ପରିଚାଳନା କରିଥିବାବେଳେ ସହକାରୀ ରେଫରି ଭାବରେ ବିଜୟ କୁମାର ବାଗ, ମନୋଜସାବତପ୍ରମୁଖସହଯୋଗକରିଥିଲେ।

# ଇଂଲଣ୍ଡ, ନ୍ୟୁଜିଲାଣ୍ଡ ବିପକ୍ଷରେ ୱାର୍ମଅପ୍ ଖେଳିବ ଭାରତ

**ମହିଳା କ୍ରିକେଟ ବିଶ୍ୱକପ୍**

ଦୁବାଇ, ୧୫।୭

ଚଳିତବର୍ଷ ସେପ୍ଟେମ୍ବର-ଅକ୍ଟୋବରରେ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛନ୍ତି। ପାକିସ୍ତାନ ଏହାର ଉଭୟ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ସହମତିରେ ଏହା ଆୟୋଜନ କରାଯାଉଛି। ଇଂଲଣ୍ଡ ବିପକ୍ଷରେ ଭାରତ ୱାର୍ମଅପ୍ ସେପ୍ଟେମ୍ବର ୨୫ରେ ବିସିସିଆଇର ସେଣ୍ଟର ଫର୍ ଏକ୍ସେଲେନ୍ସ ଗ୍ରାଉଣ୍ଡରେ ଏବଂ ସେପ୍ଟେମ୍ବର ୨୭ରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳିବ। ଏହି ସମାନ ଭେନ୍ୟୁରେ ୩ ଦିନ ପରେ ଅର୍ଥାତ ସେପ୍ଟେମ୍ବର ୩୦ରେ ଟୁର୍ନାମେଣ୍ଟ ଆରମ୍ଭ ହେବ। କଲମ୍ବୋ କ୍ରିକେଟ କ୍ଲବଠାରେ ପାକିସ୍ତାନ ଏହାର ଦୁଇଟି ୱାର୍ମଅପ୍ ମ୍ୟାଚ ସେପ୍ଟେମ୍ବର ୨୫ ଓ ୨୮ରେ ଯଥାକ୍ରମେ ଶ୍ରୀଲଙ୍କା ଓ ଶ୍ରୀଲଙ୍କା 'ଏ' ଦଳ ବିପକ୍ଷରେ ଖେଳିବ। ସମସ୍ତ ୯ଟି ଯାକ ଦିବାରାତ୍ର ମ୍ୟାଚ୍ ସେପ୍ଟେମ୍ବର ୨୫ରୁ ୨୮ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ, ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ-୧ (ଉଭୟ ବେଙ୍ଗାଲୁରୁରେ) ଏବଂ କଲମ୍ବୋସ୍ଥିତ ଆର୍ ପ୍ରେମାଦାସା ଷ୍ଟାଡିୟମ ଓ କଲମ୍ବୋ କ୍ରିକେଟ କ୍ଲବଠାରେ ଅନୁଷ୍ଠିତ ହେବ। ଆଠଟି ଦଳ ରାଉଣ୍ଡ-ରବିନ୍ ଫର୍ମାଟରେ ବେଙ୍ଗାଲୁରୁ ଓ କଲମ୍ବୋରେ ୪ଟି ଭେନ୍ୟୁରେ ଖେଳାଯିବ। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଏକମାତ୍ର ଦଳ ଭାବେ ୱାର୍ମଅପ୍‌ର ପ୍ରଥମ ଦିବସରେ ଖେଳିବ ନାହିଁ। ସେପ୍ଟେମ୍ବର ୨୭ରେ ଦଳ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡକୁ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ-୧ରେ ଖେଳିବ। ୧୨ବର୍ଷ ପରେ ୫୦ଓଭର ବିଶ୍ୱକପ୍ ଉପମହାଦେଶକୁ ଫେରିଛି। ଏହା ସେପ୍ଟେମ୍ବର ୩୦ରୁ ନଭେମ୍ବର୨ ପର୍ଯ୍ୟନ୍ତ ୫ଟି ଭେନ୍ୟୁ ଯଥା ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ (ବେଙ୍ଗାଲୁରୁ), ଏସିଏ ଷ୍ଟାଡିୟମ (ଗୁଆହାଟୀ), ହୋଲ୍‌କର ଷ୍ଟାଡିୟମ (ଇନ୍ଦୋର), ଏସିଏ-ଭିଡିସିଏ ଷ୍ଟାଡିୟମ (ବିଶାଖାପାଟଣା) ଓ ଆର୍. ପ୍ରେମାଦାସା ଷ୍ଟାଡିୟମ (କଲମ୍ବୋ)ଠାରେ ଖେଳାଯିବ।

# କିଙ୍ଗ୍ ଚାର୍ଲ୍ସଙ୍କୁ ଭେଟିଲେ ଭାରତୀୟ ଦଳ


ସେଣ୍ଟ ଜେମ୍ସ ପ୍ୟାଲେସରେ ମଙ୍ଗଳବାର କିଙ୍ଗ୍ ଚାର୍ଲ୍ସ-୩'ଙ୍କ ସହ ଭାରତୀୟ ମହିଳା ଓ ପୁରୁଷ କ୍ରିକେଟ୍ ଦଳ।

ଲଣ୍ଡନ,୧୫।୭

ଉଭୟ ପୁରୁଷ ଓ ମହିଳା ଭାରତୀୟ କ୍ରିକେଟ୍ ଦଳ ମଙ୍ଗଳବାର ସେଣ୍ଟ ଜେମ୍ସ ପାଲେସରେ କିଙ୍ଗ୍ ଚାର୍ଲ୍ସ ୩'ଙ୍କୁ ଭେଟିଛନ୍ତି। ଏହି ଅବସରରେ ଯଶପ୍ରୀତ ବୁମରା, ରିଷଭ ପନ୍ତ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ଭଳି ପ୍ରମୁଖ ଖେଳାଳିଙ୍କ ସହ ଚାର୍ଲ୍ସ କଥା ହୋଇଥିଲେ। ଲର୍ଡ୍ସଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌ର ହାଇଲାଇଟ୍ସ ଦେଖିଥିବା କିଙ୍ଗ୍ ଚାର୍ଲ୍ସ ପ୍ରକାଶ କରିଥିଲେ।

'କିଙ୍ଗ୍ ଚାର୍ଲ୍ସଙ୍କୁ ଭେଟିବା ଏକ ଚମତ୍କାର ଅନୁଭୂତି ଥିଲା। ଆମେ ତାଙ୍କ ସହ କଥା ହୋଇଥିଲୁ। କିଙ୍ଗ୍ ଚାର୍ଲ୍ସ ୩' ଆମକୁ କହିଥିଲେ ଯେ, ଲର୍ଡ୍ସ ଟେଷ୍ଟରେ ଯେଉଁଭଳି ଆମର ଅନ୍ତିମ ବ୍ୟାଟ୍ସମ୍ୟାନ ଆଉଟ୍ ହୋଇଥିଲେ, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଥିଲା। ଆମେ ତାଙ୍କୁ କହିଥିଲୁ ଯେ, ତାହା ଆମ ପାଇଁ ଏକ ଦୁର୍ଭାଗ୍ୟପୂର୍ଣ୍ଣ ମ୍ୟାଚ୍ ଥିଲା ଏବଂ ନହେଲେ ମ୍ୟାଚ୍‌ର ଫଳାଫଳ କିଛି ବି ହୋଇପାରିଥାନ୍ତା। ଆଶା କରୁଛୁ, ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ଭାଗ୍ୟ ଆମକୁ ସହାୟକ ହେବ' ବୋଲି ଗିଲ କହିଛନ୍ତି। ଏହି ଅବସରରେ ଭାରତୀୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ସହ ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଲା ଓ ଭାରତର ହାଇ କମିଶନର ବିକ୍ରମ ଦୋରାଇସ୍ୱାମୀ ମଧ୍ୟ ଉପସ୍ଥିତ ଥିଲେ।

**ଜାପାନ ଓପନ ବ୍ୟାଡ୍‌ମିଣ୍ଟନ**

# ପ୍ରଥମ ରାଉଣ୍ଡରୁ ରତପର୍ଣ୍ଣା, ଶ୍ୱେତପର୍ଣ୍ଣାଙ୍କ ବିଦାୟ

**ଟୋକିଓ, ୧୫।୭:** ଓଡ଼ିଶାର ମହିଳା ଡବଲ୍ସ ଯୋଡ଼ି ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ଜାପାନ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୩୯ତମ ର‍୍ୟାଙ୍କିଙ୍ଗପ୍ରାପ୍ତ ଭାରତୀୟ ଜାପାନୀ ଯୋଡ଼ି କୋକୋନା ଇଶିକାୱା ଓ ମାଇକୋ କାୱାଜୋଙ୍କ ନିକଟରୁ ୨୧-୧୩, ୨୧-୭ରେ ପରାଜିତ ହୋଇଯାଇଛନ୍ତି। ମ୍ୟାଚଟି ମାତ୍ର ୩୨ ମିନିଟରେ ଶେଷ ହୋଇଯାଇଥିଲା। ବୁଧବାର ଭାରତର ଟପ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଡବଲ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ, ଲକ୍ଷ୍ୟ ସେନ୍ ଏବଂ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରମୁଖ ସେମାନଙ୍କର ଅଭିଯାନ ଆରମ୍ଭ କରିବେ।


ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ଜୁନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ରନରଅପ୍ ହୋଇ ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଶା ପୁରୁଷ ରଗ୍‌ବୀ ଦଳକୁ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ସମ୍ବର୍ଦ୍ଧିତ କରିଛନ୍ତି।

# ୮ବର୍ଷ ପରେ ଡସନଙ୍କୁ ଡକରା

**ଭାରତ-ଇଂଲଣ୍ଡ ୪ର୍ଥ ଟେଷ୍ଟ**

ଲଣ୍ଡନ, ୧୫।୭ (ପି.ଟି.)

ମାଞ୍ଚେଷ୍ଟରରେ ଜୁଲାଇ ୨୩ରେ ଆରମ୍ଭ ହେବାକୁଥିବା ଭାରତ ବିପକ୍ଷ ୪ର୍ଥ ଟେଷ୍ଟ ପାଇଁ ଇଂଲଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ୮ବର୍ଷ ପରେ ବାମହାତୀ ବୋଲର ଲିଆମ ଡସନ୍‌ଙ୍କୁ ସ୍ଥାନ ମିଳିଛି। ଆଘାତପ୍ରାପ୍ତ ଶୋଏବ ବଶିରଙ୍କ ସ୍ଥାନରେ ତାଙ୍କୁ ଦଳରେ ନିଆଯାଇଛି। ତୃତୀୟ ଟେଷ୍ଟରେ ଭାରତର ପ୍ରଥମ ଇନିଂସରେ ନିଜ ବୋଲିଂରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କ ବାମହାତ ଆଙ୍ଗୁଠି ହାଡ଼ ଭାଙ୍ଗି ଯାଇଥିଲା। ଏହି ମ୍ୟାଚରେ ଇଂଲଣ୍ଡ ୨୨ ରନରେ ବିଜୟ ଲାଭ କରିଛି। ଆଘାତପ୍ରାପ୍ତ ଥାଇ ମଧ୍ୟ ସେ ଭାରତର ଦ୍ୱିତୀୟ ଇନିଂସରେ ବୋଲିଂ କରିଥିଲେ। ମହମ୍ମଦ ସିରାଜଙ୍କ ଉଇକେଟ ଅକ୍ତିଆର କରି ସେ ତାଙ୍କ ଦଳକୁ ରୋମାଞ୍ଚକ ବିଜୟୀ କରିଥିଲେ। ୩୫ ବର୍ଷୀୟ ଡସନ ତାଙ୍କ ଗତ ତିନୋଟି ଟେଷ୍ଟ ୨୦୧୭ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲେ। ସେ ୭ଟି ଉଇକେଟ ଅକ୍ତିଆର କରିଥିଲେ। ସେ ଆହୁରି ମଧ୍ୟ ତାଙ୍କ ଜାତୀୟ ଦଳ ପାଇଁ ୬ଟି ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୪ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସେ ବହୁ ବର୍ଷ ଧରି ହାମ୍ପଶାୟାର ତରଫରୁ ଭଲ ପ୍ରଦର୍ଶନ କରିଆସୁଛନ୍ତି। ସେ ୨୦୨୩ ଓ ୨୦୨୪ରେ ପିସିଏ ପ୍ଲେୟର ଅଫ୍ ଇୟର ପୁରସ୍କାର ଜିତିଥିଲେ। ଡସନ ଆହୁରି ମଧ୍ୟ ତାଙ୍କ ୨୧୨ ପ୍ରଥମ ଶ୍ରେଣୀ ଗେମ୍‌ରେ ୩୭୧ ଉଇକେଟ ନେଇ ସାରିଛନ୍ତି। ୧୮ ଶତକ ସମେତ ସେ ୧୦,୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଅନ୍ୟପକ୍ଷରେ ସିମ୍ ବୋଲର ସାମ୍ କୁକ୍ ଓ ଜେମି ଓଭରଟନ ସେମାନଙ୍କ କାଉଣ୍ଟି ଦଳକୁ ଫେରିଛନ୍ତି।

**ଇଂଲଣ୍ଡ ଟେଷ୍ଟ ଦଳ:** ବେନ୍ ଷ୍ଟୋକ୍ସ (ଅଧିନାୟକ), ଜୋଫ୍ରା ଆର୍ଚର, ଗସ୍ ଆଟକିନ୍‌ସନ, ଜାକବ ବେଥେଲ, ହ୍ୟାରି ବ୍ରୁକ୍, ବ୍ରାଇଡନ କାର୍ସି, ଜ୍ୟାକ୍ କ୍ରଲି, ଲିଆମ ଡସନ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ଜେମି ସ୍ମିଥ୍, ଜୋଶ ଟଙ୍ଗ୍ ଓ କ୍ରିସ୍ ଓକ୍ସ।

# ମାରାଥନର ଫୌଜା ସିଂଙ୍କ ଦେହାନ୍ତ

**ନୂଆଦିଲ୍ଲୀ,୧୫।୭:** ବିଶ୍ୱର ବୟୋଜ୍ୟେଷ୍ଠ ମାରାଥନର ଫୌଜ ସିଂ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୧୧୪ ବର୍ଷ ହୋଇଥିଲା। ସେ ପଞ୍ଜାବର ଜଳନ୍ଧରସ୍ଥିତ ବେୟାସ ଗ୍ରାମରେ ୧୯୧୧, ଏପ୍ରିଲ ୧ ତାରିଖରେ ଜନ୍ମ ହୋଇଥିଲେ। ଜଳନ୍ଧର-ପଠାନକୋର୍ଟ ହାଇୱେରେ ସୋମବାର ଅପରାହ୍ନରେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ହେଲେ ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ତାଙ୍କ ମରଶରୀରକୁ ଶବାଗାରରେ ରଖାଯାଇଛି। ବିଦେଶରେ ରହୁଥିବା ତାଙ୍କ ପିଲାମାନେ ପଞ୍ଜାବରେ ପହଞ୍ଚିବା ପରେ ହିଁ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ହେବ।

ଫୌଜା ସିଂଙ୍କ ବିୟୋଗକୁ ନେଇ ପଞ୍ଜାବ ରାଜ୍ୟପାଳ ଗୁଲାବ ଚାନ୍ଦ କାଟାରିଆ ଶୋକ ପ୍ରକାଶ କରିଛନ୍ତି। ସର୍ଦ୍ଦାର ଫୌଜା ସିଂ ଜୀଙ୍କ ପରଲୋକରେ ଗଭୀର ମର୍ମାହତ। ଏହି କିମ୍ବଦନ୍ତୀ ମାରାଥନ ରନର ଧୈର୍ଯ୍ୟ ଓ ଆଶାର ପ୍ରତୀକ ଥିଲେ। ଏପରିକି ୧୧୪ ବର୍ଷ ବୟସରେ ନିଜର ଶକ୍ତି ଓ ପ୍ରତିବଦ୍ଧତା ବଳରେ ସେ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଦେଉଥିଲେ। ଗତ ବର୍ଷ ଡିସେମ୍ବରରେ ଦୁଇ ଦିନିଆ 'ନିଶା ମୁକ୍ତ-ରଙ୍ଗଲା ପଞ୍ଜାବ' ଅଭିଯାନ ବେଳେ ମୋତେ ତାଙ୍କ ସହ ଚାଲିବାର ସମ୍ମାନ ମିଳିଥିଲା। ତାଙ୍କ ଗାଁରେ ଏକ ସଡ଼କ ଦୁର୍ଘଟଣାରେ ସେ ପ୍ରାଣ ହରାଇବା ଏକ ହୃଦୟ ବିଦାରକ ଖବର। ତାଙ୍କ ପରିବାର ଓ ବନ୍ଧୁମାନଙ୍କ ପ୍ରତି ମୋର ସମବେଦନା ରହିଛି ବୋଲି ରାଜ୍ୟପାଳ ଗୁଲାବ ଫେସବୁକ୍‌ରେ ପୋଷ୍ଟ କରିଛନ୍ତି।

# ୱେଷ୍ଟଇଣ୍ଡିଜ୍ ୨୭ରେ ଅଲଆଉଟ୍



ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ବିଜୟୀ ଅଷ୍ଟ୍ରେଲିଆ ଦଳ।

- ବୋଲାଣ୍ଡଙ୍କ ହ୍ୟାଟ୍ରିକ୍: ସିରିଜ୍ ପୋଛିଲା ଅଷ୍ଟ୍ରେଲିଆ
- ୧୫ ବଲରେ ୫ ଉଇକେଟ ନେଲେ ମିଚେଲ ଷ୍ଟାର୍କ

କିଙ୍ଗଷ୍ଟନ,୧୫।୭

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅନୁଷ୍ଠିତ ତୃତୀୟ କ୍ରିକେଟ୍ ଟେଷ୍ଟକୁ ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ବଳରେ ଅଷ୍ଟ୍ରେଲିଆ ଅଢ଼େଇ ଦିନ ମଧ୍ୟରେ ୧୭୬ ରନରେ ଜିତି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଅଷ୍ଟ୍ରେଲିଆ ୩-୦ରେ ମୂଳପୋଛ କରିଛି। ଷ୍ଟାର୍କଙ୍କୁ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ବିବେଚିତ କରାଯାଇଛି।

ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୨୫ ରନ କରିଥିବା ବେଳେ ୱେଷ୍ଟଇଣ୍ଡିଜ ୧୪୩ ରନ କରିଥିଲା। ମଙ୍ଗଳବାର ଅଷ୍ଟ୍ରେଲିଆ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯୯/୬ରୁ ବ୍ୟାଟିଂ ଆରମ୍ଭ କରି ବଳକା ୪ ଉଇକେଟରେ ମାତ୍ର ୨୨ ରନ ଯୋଡ଼ିଥିଲା। ଫଳରେ ଘରୋଇ ୱେଷ୍ଟଇଣ୍ଡିଜ୍ ଆଗରେ ୨୦୪ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ହେଲେ ଷ୍ଟାର୍କଙ୍କ ଘାତକ ବୋଲିଂ ଆଗରେ ୱେଷ୍ଟଇଣ୍ଡିଜର ବ୍ୟାଟିଂ ଲାଇନ୍‌ଅପ୍ ତାସ ଘର ଭଳି ଭୁଷୁଡ଼ି ଯାଇଥିଲା। ୩୫ ବର୍ଷୀୟ ଷ୍ଟାର୍କ ମାତ୍ର ୭.୩ ଓଭର ବା ୧୫ ବଲରେ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହି ଇନିଂସରେ ସେ ୭.୩-୪-୯-୬ ସ୍ପେଲ ପକାଇ କ୍ୟାରିୟରର ୧୦୦ତମ ଟେଷ୍ଟକୁ ସ୍ମରଣୀୟ କରାଇଛନ୍ତି। ଏତଦ୍‌ବ୍ୟତୀତ ସେ ଟେଷ୍ଟରେ ୪୦୦ ଉଇକେଟ୍ ପୂରଣ କରିବା ସହ ଶେନ ୱର୍ଣ୍ଣ, ଗ୍ଲେନ ମ୍ୟାକଗ୍ରାଥ ଓ ନାଥନ ଲାୟନଙ୍କ ଭଳି ମହାନ ଅଷ୍ଟ୍ରେଲିଆନ ବୋଲରଙ୍କ କ୍ଲବରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ସ୍କଟ୍ ବୋଲାଣ୍ଡ କ୍ରମାଗତ ବଲରେ ଜଷ୍ଟିସ ଗ୍ରେଭ୍ସ, ଶାମର ଯୋଶେଫ ଓ ଜୋମେଲ ୱାରିକାନଙ୍କୁ ଆଉଟ୍ କରି ହ୍ୟାଟ୍ରିକ ନେଇଥିଲେ। ଏଥିଯୋଗୁ ୱେଷ୍ଟଇଣ୍ଡିଜ ମାତ୍ର ୧୪.୩ ଓଭରରେ ୨୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଗ୍ରେଭ୍ସ (୧୧)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଏପରିକି ୭ ଜଣ ଖେଳାଳି ଖାତା ଖୋଲିପାରି ନଥିଲେ। ଏହା ୱେଷ୍ଟଇଣ୍ଡିଜ୍ ଲାଗି ଟେଷ୍ଟରେ ସର୍ବନିମ୍ନ ଦଳଗତ ସ୍କୋର। ଟେଷ୍ଟ କ୍ରିକେଟ ଇତିହାସରେ ସର୍ବନିମ୍ନ ଦଳଗତ ସ୍କୋର ତାଲିକାରେ ୱେଷ୍ଟଇଣ୍ଡିଜର ଏହି ଇନିଂସ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଅଲୋଡ଼ା ରେକର୍ଡ ନ୍ୟୁଜିଲାଣ୍ଡ ନାମରେ ରହିଛି। ୧୯୫୫ରେ ଅକ୍‌ଲାଣ୍ଡଠାରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୨୬ ରନରେ ଅଲଆଉଟ୍ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୨୫। ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୧୪୩। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୨୧/ଅଲଆଉଟ୍ (କାମେରନ ଗ୍ରୀନ-୪୨, ଟ୍ରାଭିସ ହେଡ୍-୧୬, ଅଲଜାରି ଯୋଶେଫ-୫/୨୭, ଶାମର ଯୋଶେଫ-୪/୩୪)। ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୨୭/ଅଲଆଉଟ୍(ମିଚେଲ ଷ୍ଟାର୍କ-୬/୯, ସ୍କଟ ବୋଲାଣ୍ଡ-୩/୨, ଜୋଶ ହାଜେଲଉଡ୍-୧/୧୦)।

# ଦୟାଲଙ୍କୁ ଗିରଫଦାରିରୁ ଅନ୍ତରୀଣ ସୁରକ୍ଷା

**ଲକ୍ଷ୍ନୌ,୧୫।୭:** ଏକ ଯୌନ ନିର୍ଯାତନା ମାମଲାରେ ଭାରତ ତଥା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପେସର ଯଶ ଦୟାଲଙ୍କୁ ମଙ୍ଗଳବାର ଆଲାହାବାଦ୍ ହାଇକୋର୍ଟ ଗିରଫଦାରିରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଜଷ୍ଟିସ ସିଦ୍ଧାର୍ଥ ବର୍ମା ଓ ଜଷ୍ଟିସ ଅନୀଲ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଦୟାଲଙ୍କୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କରିଛନ୍ତି। କୋର୍ଟ ପ୍ରତାରଣାର ସମୟସୀମା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣି ଦେଇଛନ୍ତି। ତୁମେ ଦିନେ କିମ୍ବା ଦୁଇ ଦିନ କିମ୍ବା ୩ ଦିନ ପାଇଁ ବୋକା ବନି ପାରିବ। କିନ୍ତୁ ୫ ବର୍ଷ ପାଇଁ ନୁହେଁ। ତୁମେ ୫ ବର୍ଷ ପାଇଁ ସମ୍ପର୍କରେ ରହୁଛ। ଜଣଙ୍କୁ ୫ ବର୍ଷ ଧରି ବୋକା ବନା ଯାଇପାରିବ ନାହିଁ ବୋଲି ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି। ଦୟାଲଙ୍କ ପାଇଁ ବରିଷ୍ଠ ଓକିଲ ଗୋପାଳ ସ୍ୱରୂପ ଚତୁର୍ବେଦୀ ଆଇନଗତ ପକ୍ଷ ରଖୁଛନ୍ତି। ୨୭ ବର୍ଷୀୟ ଦୟାଲଙ୍କ ବିରୋଧରେ ବିବାହ ପ୍ରତିଶ୍ରୁତି ଦେଇ ୫ ବର୍ଷ ଧରି ପ୍ରତାରଣା ଦେଇଥିବା ନେଇ ଜଣେ ମହିଳା ଗତ ଜୁଲାଇ ୬ ତାରିଖରେ ଗାଜିଆବାଦର ଇନ୍ଦିରାପୁରମ ଥାନାରେ ମାମଲା ରୁଜୁ କରିଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ